# ଧରିତ୍ରୀ DHARITRI

ସମ୍ବଲପୁର, ଶନିବାର, ସେପ୍ଟେମ୍ବର ୮/୨୦୧୮ (୧୬ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, September 8/ 2018 (Career & Appointment) | ★★

୧୪ଶ ଭାଗ ୨୬୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## ମହିଳାମାନେ ଆଜନ୍ମ ସଂଗ୍ରାମୀ: କରୀନା

ମହିଳାମାନେ ଆଜନ୍ମ ସଂଗ୍ରାମୀ। ଗର୍ଭଧାରଣ ସମୟରେ ଏବଂ ପ୍ରସବ ପରେ ବି କିପରି ନିଜର ଅଭିନୟ ଜାରି ରଖିଥିଲେ ତାହାର ଉଦାହରଣ ଦେଇ କରୀନା ଏହା ପ୍ରକାଶ କରିଛନ୍ତି ।

୦୨

୧୪

## ବିଶ୍ୱ ଚାମ୍ପିୟନଶିପ୍‌ରେ ହଜାରିକାଙ୍କୁ ସ୍ୱର୍ଣ୍ଣ

ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତୀୟ ଶୁଟର ହୃଦୟ ହଜାରିକା ୧୦ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।










ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

# ସମ୍ପତ୍ତି ତାଲିକା ଦେଉନାହାନ୍ତି ଖାକି ବାବୁ

- ତଥ୍ୟ ଲୁଚାଉଛି ପୋଲିସ ମୁଖ୍ୟାଳୟ
- ଦୁର୍ନୀତିଖୋର ଅଫିସରଙ୍କୁ ମଉକା

ଭୁବନେଶ୍ୱର, ୭।୯(ବ୍ୟୁରୋ)

ସରକାରୀ କର୍ମଚାରୀମାନେ ନିଜର ସମ୍ପତ୍ତି ତାଲିକା ସରକାରଙ୍କ ନିକଟରେ ଦାଖଲ କରିବା ପାଇଁ ସାମ୍ବିଧାନିକ ବିଧିବ୍ୟବସ୍ଥା ରହିଛି। ଏପରି କି ଓଡ଼ିଶା ସରକାରଙ୍କ ରୁଲ୍-୨୧(୪) ୧୯୪୯ରେ ଏକ ଆଇନ ମଧ୍ୟ ରହିଛି। ମନ୍ତ୍ରୀ, ବିଧାୟକ, ଏମ୍‌ପି, ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ସେମାନଙ୍କ ସମ୍ପତ୍ତି ତାଲିକା ଦାଖଲ କରୁଛନ୍ତି। ସେହିପରି ଆଇଏଏସ୍



ଏବଂ ଆଇପିଏସ୍ ଅଧିକାରୀଙ୍କଠାରୁ ଆରମ୍ଭ କରି ତଳ ବର୍ଗର ଅଧିକାରୀମାନେ ସେମାନଙ୍କ ସମ୍ପତ୍ତି ତାଲିକା ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ଓଡ଼ିଶା ପୋଲିସ ବିଭାଗରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅଧିକାଂଶ ଥାନା ଅଧିକାରୀ, ଡିଏସ୍‌ପିଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନେ ସମ୍ପତ୍ତି ତାଲିକା ଦାଖଲ କରୁନାହାନ୍ତି। ଏ କ୍ଷେତ୍ରରେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଉ ନାହିଁ। ଫଳରେ ଅନେକ ଅଧିକାରୀ ଲାଞ୍ଚଖୋର ପ୍ରବୃତ୍ତିର ହେଉଛନ୍ତି। କ୍ଷମତାର ଦୁରୁପଯୋଗ କରି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରୁଛନ୍ତି। ଏହାର ଅନେକ ଉଦାହରଣ ନିକଟ ଅତୀତରେ ଦେଖିବାକୁ ମିଳିଛି। ବହୁ ପୋଲିସ ଅଧିକାରୀ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହେବା ସହିତ କୋର୍ଟରେ ଦଣ୍ଡିତ ହୋଇ ଜେଲ୍‌ଦଣ୍ଡ ଭୋଗିବା ନଜିର ରହିଛି।

ସୂଚନା ଅଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ ଗତ ଜୁଲାଇ ୨୩ରେ ସୂଚନା ଅଧିକାର (ଆର୍‌ଟିଆଇ)ଆଇନ ବଳରେ ଏ ସମ୍ପର୍କିତ ତଥ୍ୟ ଗୃହ ବିଭାଗକୁ ମାଗିଥିଲେ। ୨୦୧୦ ଜାନୁୟାରୀ ୧ରୁ ୨୦୧୮ ଜୁଲାଇ ୩୧ ପର୍ଯ୍ୟନ୍ତ ☞ପୃଷ୍ଠା-୪

ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

ଶତ୍ରୁଘ୍ନ ପାଣ୍ଡବ ପାଇବେ ସାରଳା ପୁରସ୍କାର ୫

ସଚିବାଳୟ କର୍ମଚାରୀଙ୍କୁ ସତର୍କ କରାଇଲା ଗୃହ ବିଭାଗ ୩

### ଆଜିର ସମ୍ପାଦକୀୟ

ସରକାର-କର୍ମୀ ବିବାଦ

### ଆଜିର ମନ୍ତବ୍ୟ

“ଗଣତାନ୍ତ୍ରିକ ରାଜନୀତିର ମୂଲ୍ୟବୋଧକୁ ମୋଦି ସରକାର ଦୁର୍ବଳ କରିବାରେ ଲାଗିଛନ୍ତି ।

-ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

୨୦୧୪-୧୫ ଆର୍ଥିକ ବର୍ଷରେ ତୈଳଜାତ ପଦାର୍ଥରୁ ମୋଟ ୯୯,୧୮୪ କୋଟି ଟଙ୍କା ଉତ୍ପାଦ ଶୁଳ୍କ ଆଦାୟ ହୋଇଥିଲା। ୨୦୧୭-୧୮ରେ ଏହା ୨,୨୯,୦୧୯ କୋଟି ଟଙ୍କାକୁ ବୃଦ୍ଧି ପାଇଛି। -ତୈଳ ମନ୍ତ୍ରଣାଳୟ

# ବିଧାନସଭାରେ ତେଲ ତାତି

- ଶାସକଦଳର ହଟ୍ଟଗୋଳ
- ପୂରା ଦିନ ବରବାଦ
- ଶିକ୍ଷକ, ଆଇନଜୀବୀ ଆନ୍ଦୋଳନକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବି କଲେ ବିରୋଧୀ
- ସୋମବାର ଯାଏ ଗୃହ ମୁଲତବୀ

ଭୁବନେଶ୍ୱର,୭।୯(ବ୍ୟୁରୋ)

ପେଟ୍ରୋଲ ଓ ଡିଜେଲ ତାତିରେ ବିଧାନସଭା ଉତ୍ତପ୍ତ। ତୈଳ ଦର ବୃଦ୍ଧି ପ୍ରତିବାଦରେ ଶାସକ ବିଜେଡି ସଭ୍ୟମାନେ ବିଧାନସଭାକୁ ନିଜ କବ୍‌ଜାକୁ ନେଇ ଯାଇଥିଲେ। ଫଳରେ ଶୁକ୍ରବାର ଦିନ ତମାମ ଗୃହରେ କୌଣସି କାର୍ଯ୍ୟ ହୋଇ ପାରି ନ ଥିଲା।

୧୦ଟା ୩୦ ମିନିଟ୍‌ରେ ବାଚସ୍ପତି ପ୍ରଦୀପ ଅମାତ ସଭା କାର୍ଯ୍ୟ ଚଳାଇବା ପାଇଁ ଗୃହକୁ ପ୍ରବେଶ କରିଥିଲେ। ଗୃହ କାର୍ଯ୍ୟ ଆରମ୍ଭ ମାତ୍ରେ ବିଜେଡି ସଭ୍ୟମାନେ ନିଜ ନିଜ ସିଟ୍ ନିକଟରେ ଛିଡା ହୋଇ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିକୁ ଜୋରଦାର ପ୍ରତିବାଦ କରିଥିଲେ। କଂଗ୍ରେସ ଓ ଭାଜପା ସଭ୍ୟମାନେ ଗୃହ ଚାଲୁ ଓ ଶିକ୍ଷକ ସମସ୍ୟା ନେଇ ଦିଆଯାଇଥିବା ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା କରାଯାଉ ବୋଲି ଦାବି କରି ହଟ୍ଟଗୋଳ କରିଥିଲେ। ଶାସକ ଦଳର ସଭ୍ୟମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି, ନବ କିଶୋର ଦାସ, ଚିରଞ୍ଜୀବ ବିଶ୍ୱାଳ, କେ. ସୂର୍ଯ୍ୟ ରାଓ, ଅଂଶୁମାନ ମହାନ୍ତି, ଜାକୋବ ପ୍ରଧାନ, ପ୍ରଫୁଲ୍ଲ ମାଝିଙ୍କ ସମେତ ଅନ୍ୟ ସଭ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଭାଜପା ସଭ୍ୟ ପ୍ରଦୀପ ପୁରୋହିତ, ରବି ନାଏକ, ଗୋବିନ୍ଦ ଦାସ ନୀତୀଶ ଗଙ୍ଗଦେବ ପ୍ରମୁଖ କଂଗ୍ରେସ ସହ ତାଳ ମିଳାଇ ହଟ୍ଟଗୋଳ କରିଥିଲେ ।

ବାଚସ୍ପତି ନିଜ ସିଟ୍‌ରେ ବସି ବିରୋଧୀ ଓ ଶାସକ ଦଳ ସଭ୍ୟଙ୍କୁ ଚାହିଁ ରହିଥିଲେ। ହଟ୍ଟଗୋଳରେ ବିଧାନସଭା ଫାଟି ପଡିଲା। ☞ପୃଷ୍ଠା-୪

### ଝାରସୁଗୁଡ଼ା ବିମାନବନ୍ଦର ସ୍ଥିତି ପରଖିଲେ ଏଏଆଇ ଅଧ୍ୟକ୍ଷ

# ଉଡ଼ାଣ ତାରିଖ ଏବେ ବି ଅସ୍ପଷ୍ଟ



ବିମାନବନ୍ଦର ସ୍ଥିତି ସମୀକ୍ଷା କରିବାକୁ ଯାଉଛନ୍ତି ଏଏଆଇ ଅଧକ୍ଷ ଓ ଅନ୍ୟ ବରିଷ୍ଠ ଅଧିକାରୀ।

ଝାରସୁଗୁଡ଼ା ଅଫିସ,୭।୯

ଝାରସୁଗୁଡ଼ା ବିମାନବନ୍ଦର ଆସନ୍ତା ୨୨ରେ ଉଦ୍‌ଘାଟିତ ହେବ। ହେଲେ କେବେଠାରୁ ଉଡାନ୍ ଯୋଜନାରେ ଉଡ଼ାଣ ଆରମ୍ଭ ହେବ ସେ ବାବଦରେ ଏଯାଏ ସ୍ପଷ୍ଟ ହୋଇନାହିଁ। ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ) ଅଧକ୍ଷ ଗୁରୁପ୍ରସାଦ ମହାପାତ୍ର ଶୁକ୍ରବାର ଝାରସୁଗୁଡ଼ା ଗସ୍ତରେ ଆସିଥିବା ବେଳେ ଏହା କହିଛନ୍ତି। ସେ କହିଲେ, ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାରସୁଗୁଡ଼ା ବିମାନବନ୍ଦର ଉଦ୍‌ଘାଟନ କରିବେ। ହେଲେ ଏଠାରୁ ବିମାନସେବା ଆରମ୍ଭ କରିବା ଦାୟିତ୍ୱ ଏୟାର ଓଡ଼ିଶା ହାତରେ ନ୍ୟସ୍ତ। ☞ପୃଷ୍ଠା-୪





BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,200/- 10gm.
Gold 22 CT - ₹ 30,200/- 10gm.
Silver Rate - ₹ 370/- /10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE 07.09.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 57 | 102 | 112 |
| DKL | 58 | 103 | 113 |
| BDK | 57 | 102 | 112 |
| BLS | 57 | 102 | 112 |
| ANG | 58 | 103 | 113 |

*Conditions Apply
Eggs Retail Price- 43/-Dozen
Issued in the Interest of Consumers



ଭାରତ ଓ ପାକିସ୍ତାନର କେତେଜଣ ନ୍ୟସ୍ତସ୍ୱାର୍ଥ ରାଜନେତା ନିଜ ଅସ୍ତିତ୍ୱ ବଞ୍ଚାଇବା ପାଇଁ କଶ୍ମୀରରେ ଶାନ୍ତି ପ୍ରତିଷ୍ଠା ଚାହୁଁନାହାନ୍ତି।

-ଫାରୁକ୍ ଅବ୍ଦୁଲ୍ଲା, ଏନ୍‌ସି ଅଧ୍ୟକ୍ଷ



## ସଂକ୍ଷେପରେ

### ଆମେରିକା ବ୍ୟାଙ୍କ ଗୁଳିକାଣ୍ଡ ଜଣେ ଭାରତୀୟ ମୃତ

**ନ୍ୟୁୟର୍କ,୭।୯(ପି.ଟି.):**ଆମେରିକାର ସିନ୍‌ସିନାଟି ସହରରେ ଗୁରୁବାର ଘଟିଥିବା ଗୁଳିକାଣ୍ଡ ଘଟଣାରେ ପ୍ରାଣ ହରାଇଥିବା ୩ ଜଣଙ୍କ ମଧ୍ୟରେ ଜଣେ ଭାରତୀୟ ଅଛନ୍ତି। ମୃତକ ଜଣକ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲାର ୨୫ ବର୍ଷୀୟ ପୃଥ୍ୱୀରାଜ କଣ୍ଡେପି ବୋଲି ଜଣାପଡ଼ିଛି। କଣ୍ଡେପି ଉକ୍ତ ବ୍ୟାଙ୍କରେ କନ୍‌ସଲ୍‌ଟାଣ୍ଟ ଭାବେ କାର୍ଯ୍ୟରତ ଥିଲେ ବୋଲି ନ୍ୟୁୟର୍କସ୍ଥିତ ତେଲୁଗୁ ଆସୋସିଏଶନ ଅଫ୍ ନର୍ଥ ଆମେରିକାର ଜଣେ ସଦସ୍ୟ ସୂଚନା ଦେଇଛନ୍ତି। ନ୍ୟୁୟର୍କରେ ଅବସ୍ଥାପିତ ଭାରତୀୟ କୂଟନୀତିଜ୍ଞ ସନ୍ଦୀପ ଚକ୍ରବର୍ତ୍ତୀଙ୍କ ସୂଚନା ମୁତାବକ, ପୋଲିସ ଏବଂ ପୀଡ଼ିତଙ୍କ ପରିବାର ସଦସ୍ୟଙ୍କ ସହ କନ୍‌ସୁଲେଟ୍ ପକ୍ଷରୁ ଯୋଗାଯୋଗ ରହିଛି। କଣ୍ଡେପିଙ୍କ ମୃତଦେହ ଭାରତ ଆଣିବା ଲାଗି ବ୍ୟବସ୍ଥା କରାଯାଉଛି ବୋଲି ସନ୍ଦୀପ କହିଛନ୍ତି। ପ୍ରକାଶ ଯେ, ସିନ୍‌ସିନାଟି ସହରସ୍ଥିତ ଏକ ବ୍ୟାଙ୍କ କାର୍ଯ୍ୟାଳୟରେ ଗୁରୁବାର ଗୁଳିକାଣ୍ଡ ଘଟିଥିଲା। ୨୯ ବର୍ଷୀୟ ଓମାର ଏନ୍‌ରିକ୍ ସାଣ୍ଟା ପେରେଜ୍ ବ୍ୟାଙ୍କରେ ଆଖିବୁଜା ଗୁଳିଚାଳନା କରିଥିଲେ।

### ପଶ୍ଚିମବଙ୍ଗରେ ଆଉ ଏକ ବ୍ରିଜ୍ ଭୁଶୁଡ଼ିଲା

ମାଜେରହାଟ ଘଟଣାର ତଦନ୍ତ କରିବ ଏସ୍‌ଆଇଟି



**ସିଲିଗୁଡ଼ି, ୭।୯(ପି.ଟି.):**ଦକ୍ଷିଣ କୋଲ୍‌କାତାର ମାଜେରହାଟ ବ୍ରିଜ୍ ଭୁଶୁଡ଼ିବାର ତିନିଦିନ ପରେ ଶୁକ୍ରବାର ପଶ୍ଚିମବଙ୍ଗର ଉତ୍ତରାଞ୍ଚଳରେ ଥିବା ସିଲିଗୁଡ଼ି ନିକଟରେ ଆଉ ଏକ ପୁରୁଣା ବ୍ରିଜ୍ ଭୁଶୁଡ଼ିପଡ଼ିଛି। ଏଥିରେ ଜଣେ ଟ୍ରକ୍ ଡ୍ରାଇଭର ଆହତ ହୋଇଛନ୍ତି। ସିଲିଗୁଡ଼ିରେ ଥିବା ଉକ୍ତ ବ୍ରିଜ୍ ମାନଗଞ୍ଜରୁ ଫାନ୍‌ସିଡେୱାକୁ ସଂଯୋଗ କରୁଛି। ପୂର୍ବାହ୍ନ ୯ଟା ୩୦ରେ ଏକ ମାଲ୍‌ବୋଝେଇ ଟ୍ରକ୍ ଏହା ଉପର ଦେଇ ଅତିକ୍ରମ କରୁଥିବାବେଳେ ବ୍ରିଜ୍‌ଟି ଭୁଶୁଡ଼ି କେନାଲ ତଳକୁ ଖସିପଡ଼ିଥିଲା। ଏଠାରେ ଭାରି ଯାନ ଚଳାଚଳ ନିଷେଧ ହୋଇଥିଲେ ସୁଦ୍ଧା କଟକଣାକୁ ଖାତିର କରାଯାଉ ନ ଥିବାରୁ ଏହି ଦୁର୍ଘଟଣା ଘଟିଛି ବୋଲି ଅଧିକାରୀ କହିଛନ୍ତି। ସେପଟେ ମାଜେରହାଟ ବ୍ରିଜ୍ ଭୁଶୁଡ଼ିବା ଘଟଣାରେ ୩ ଜଣ ପ୍ରାଣ ହରାଇବା ପରେ ଘଟଣାର ତଦନ୍ତ ପାଇଁ ପୋଲିସ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଛନ୍ତି। ପ୍ରଥମ ଦିନରେ କେତେଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରେକର୍ଡ କରାଯାଇଛି। ଏହି ମାମଲାର ତଦନ୍ତ ଅଧିକାରୀ (ଆଇଓ) ହେଉଛନ୍ତି ଆଣ୍ଟି ରାଓଡି ସ୍କ୍ୱାଡ୍‌ର ସଦସ୍ୟ।

### ଆଇସିୟୁରେ ହାର୍ଦ୍ଦିକ

**ଅହମ୍ମଦାବାଦ, ୭।୯(ପି.ଟି.):** ସଂରକ୍ଷଣ ଦାବିରେ ୧୪ ଦିନ ହେଲା ଆମରଣ ଅନଶନ ଚଳାଇଥିବା ପଟିଦାର ନେତା ହାର୍ଦ୍ଦିକ୍ ପଟେଲ ଅସୁସ୍ଥ ହୋଇପଡ଼ିଛନ୍ତି। ଶୁକ୍ରବାର ତାଙ୍କୁ ହସ୍ପିଟାଲ ଆଇସିୟୁରେ ଭର୍ତ୍ତି କରାଯାଇଛି ବୋଲି ପଟିଦାର ଅନାମତ୍ ଆନ୍ଦୋଳନ ସମିତି (ପିଏଏସ୍) ପକ୍ଷରୁ ସୂଚନା ମିଳିଛି। ଏକ ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସା ଚଳାଇଛନ୍ତି।

## ଏପଟେ ବନ୍ଧୁତାର ଛଳନା, ସେପଟେ ପ୍ରତିଶୋଧ ଧମକ

# ଦୋମୁହାଁ ପାକିସ୍ତାନ

**ଇସ୍‌ଲାମାବାଦ,୭।୯**

ପାକିସ୍ତାନ ଗୋଟିଏପଟେ ଭାରତ ସହ ବନ୍ଧୁତା ଚାହୁଁଥିବା ନେଇ ଛଳନା କରୁଥିବାବେଳେ ଅନ୍ୟପଟେ ସୀମାରେ ପ୍ରତିଶୋଧ ନେବାକୁ ଧମକ ଦେଇଛି। ଏଥିରୁ ପଡ଼ୋଶୀ ଦେଶର ଦୋମୁହାଁ ନୀତି ପୁଣିଥରେ ପଦାରେ ପଡ଼ିଛି।

ପଞ୍ଜାବର ଶିଖ୍ ତୀର୍ଥଯାତ୍ରୀଙ୍କ ପାଇଁ ପାକିସ୍ତାନ ଖୁବ୍‌ଶୀଘ୍ର କର୍ତାର୍‌ପୁର ସୀମାରୁ ପ୍ରତିବନ୍ଧକ ହଟାଇବ। ଫଳରେ ଶିଖ୍ ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ ବିନା ଭିଜାରେ ସେଠାକୁ ଯାଇ ଐତିହାସିକ ଗୁରୁଦ୍ୱାରା ଦରବାର ସାହିବଙ୍କ ଦର୍ଶନ କରିପାରିବେ ବୋଲି ଶୁକ୍ରବାର ପାକିସ୍ତାନର ସୂଚନା ମନ୍ତ୍ରୀ ଫୱାଦ୍ ଚୌଧୁରୀ କହିଛନ୍ତି। ନିକଟରେ ପିଟିଆଇ ଅଧ୍ୟକ୍ଷ ଇମ୍ରାନ ଖାନ୍ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ। ପଞ୍ଜାବର କ୍ୟାବିନେଟ ମନ୍ତ୍ରୀ ନବଜୋତ୍ ସିଂ



ଇମ୍ରାନ ଖାନ୍



ଜେନେରାଲ କମର ଜାଭେଦ ବାଜ୍‌ୱା

ସିଦ୍ଧୁ ଅତିଥି ଭାବେ ଇମ୍ରାନଙ୍କ ଶପଥଗ୍ରହଣ ଉତ୍ସବକୁ ଯାଇଥିଲେ। ଇସ୍‌ଲାମାବାଦରେ ସିଦ୍ଧୁ ପାକିସ୍ତାନର ସେନାଧ୍ୟକ୍ଷ ଜେନେରାଲ କମର ଜାଭେଦ ବାଜ୍‌ୱାଙ୍କୁ ଆଲିଙ୍ଗନ କରିଥିଲେ। କର୍ତାର୍‌ପୁର ସୀମା ଖୋଲାଯିବା ନେଇ ପ୍ରଥମ ସଙ୍କେତ ଉଭୟଙ୍କ ସାକ୍ଷାତ୍‌ରୁ ମିଳିଥିଲା। ପାକିସ୍ତାନୀ ସେନା ଓ ସରକାର ଭାରତ ସହ ଶାନ୍ତି ଆଲୋଚନା ପାଇଁ ଆଗ୍ରହୀ। ମାତ୍ର ଭାରତ ସରକାରଙ୍କ ପକ୍ଷରୁ ଏଯାଏ କୌଣସି ସକାରାତ୍ମକ ସଙ୍କେତ ଦେଖିବାକୁ ମିଳିନାହିଁ ବୋଲି ଚୌଧୁରୀ କହିଛନ୍ତି।

ଅନ୍ୟପକ୍ଷରେ ପାକିସ୍ତାନୀ ସେନାଧ୍ୟକ୍ଷ ବାଜ୍‌ୱା କଶ୍ମୀର ପ୍ରସଙ୍ଗରେ ଭାରତକୁ ଧମକ ଦେଇଛନ୍ତି। ରାଓ୍ୱଲପିଣ୍ଡିରେ ଗୁରୁବାର ୫୩ତମ ପ୍ରତିରକ୍ଷା ଦିବସ ପାଳନ ଅବସରରେ ବାଜ୍‌ୱା କହିଛନ୍ତି, ଆମ ସୈନ୍ୟମାନେ ଦେଶ ପାଇଁ ଜୀବନ ଦେଇ ଶହୀଦ ହେଉଛନ୍ତି। ସେମାନଙ୍କ ତ୍ୟାଗ ବେକାର ଯିବନାହିଁ। ପାକିସ୍ତାନ ଭାରତଠାରୁ ସୀମାରେ ସୈନ୍ୟଙ୍କ ରକ୍ତର ପ୍ରତିଶୋଧ ନେବ। ଇସ୍‌ଲାମାବାଦ ଉପରେ ଯିଏ ମନ୍ଦ ଉଦ୍ଦେଶ୍ୟ ରଖି ନଜର ପକାଇବ ତାକୁ ମୁହଁତୋଡ ଜବାବ ଦିଆଯିବ ବୋଲି ବାଜ୍‌ୱା ଭାରତ ଉଦ୍ଦେଶ୍ୟରେ ଧମକ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସେ କଶ୍ମୀରରେ ହିଂସା ଭିଆଇ ଅସ୍ଥିରତା ସୃଷ୍ଟି କରୁଥିବା ଆତଙ୍କବାଦୀମାନଙ୍କୁ ପ୍ରଶଂସା କରିବାକୁ ପଛାଇ ନାହାନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଇମ୍ରାନ ମଧ୍ୟ ଉପସ୍ଥିତ ଥିଲେ। ନୂଆଦିଲ୍ଲୀ ଆଲୋଚନା ପାଇଁ ପାଦେ ଆଗେଇଲେ ଇସ୍‌ଲାମାବାଦ୍ ଦୁଇପାଦ ଆଗକୁ ବଢ଼ିବ ବୋଲି ଇମ୍ରାନ କହୁଥିବାବେଳେ ତାଙ୍କ ଉପସ୍ଥିତିରେ ସେନାଧ୍ୟକ୍ଷ ବାଜ୍‌ୱାଙ୍କ ଭାରତକୁ ଖୋଲା ଚ୍ୟାଲେଞ୍ଜରୁ ପଡ଼ୋଶୀ ଦେଶର ଦୋମୁହାଁ ନୀତି ପୁଣିଥରେ ସ୍ପଷ୍ଟ ହୋଇଛି।

## ୨ କଶ୍ମୀରୀ ଆଇଏସ୍ ଆତଙ୍କବାଦୀ ଗିରଫ

**ନୂଆଦିଲ୍ଲୀ,୭।୯(ପି.ଟି.)**

କଶ୍ମୀରର ୨ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀ ଦିଲ୍ଲୀ ପୋଲିସ ହାତରେ ଧରାପଡ଼ିଛନ୍ତି। ଲାଲ୍‌କିଲ୍ଲା ଅଞ୍ଚଳରୁ ଗୁରୁବାର ବିଳମ୍ବିତ ରାତିରେ ସନ୍ଦିଗ୍ଧ ଅବସ୍ଥାରେ ଉଭୟଙ୍କୁ ଗିରଫ କରାଯାଇଛି। ଦୁହିଁଙ୍କ ନିକଟରୁ ଦୁଇଟି ବନ୍ଧୁକ, ୪ ମୋବାଇଲ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିବା ସ୍ପେଶାଲ ସେଲ୍ ଡିସିପି ପି.ଏସ୍. କୁଶୱାହ ସୂଚନା ଦେଇଛନ୍ତି।

ଗିରଫ ୨ ଆତଙ୍କବାଦୀ ହେଲେ ଶୋପିଆନ୍‌ର ପରଭେଜ୍ (୨୪) ଓ ଜାମ୍‌ଶିଦ୍ (୧୯)। ଲାଲ୍‌କିଲ୍ଲା ନିକଟସ୍ଥ ଜାମା ମସ୍‌ଜିଦ୍ ବସ୍ ଷ୍ଟପ୍‌ରୁ ଉଭୟେ ଧରାପଡ଼ିଛନ୍ତି। ପରଭେଜ୍‌ଙ୍କ ଭାଇ ମଧ୍ୟ ଜଣେ ଆତଙ୍କବାଦୀ ଥିଲେ। ଗତ ଜାନୁୟାରୀ ୨୬ରେ ଶୋପିଆନ୍‌ରେ ଏକ ଏନ୍‌କାଉଣ୍ଟରରେ ସେ ନିହତ ହୋଇଥିଲେ। ଉତ୍ତରପ୍ରଦେଶର ଗଜ୍‌ରୋଲାରେ ଏମ୍‌ଟେକ୍ ପଢୁଥିବା ପରଭେଜ୍ ନିଜ ଭାଇଙ୍କ ଦ୍ୱାରା ଅନୁପ୍ରାଣିତ



ହୋଇଥିଲେ। ଜାମ୍‌ଶିଦ୍ ଜଣେ ଡିପ୍ଲୋମା ତୃତୀୟ ବର୍ଷ ଛାତ୍ର। ଉଭୟେ ଦିଲ୍ଲୀକୁ ଏକ ଟ୍ରାଞ୍ଜିଟ୍ ପଏଣ୍ଟ ଭାବେ ବ୍ୟବହାର କରୁଥିଲେ। ଏହା ପୂର୍ବରୁ ମଧ୍ୟ ଦୁହେଁ ଦିଲ୍ଲୀ ଦେଇ କଶ୍ମୀରକୁ ଯିବା ଆସିବା କରିଥିଲେ। ଇସ୍‌ଲାମିକ୍ ଷ୍ଟେଟ୍ ଇନ୍ ଜମ୍ମୁ ଆଣ୍ଡ କଶ୍ମୀର (ଆଇଏସ୍‌ଜେକେ) ବ୍ୟାନର୍‌ରେ ଇସ୍‌ଲାମିକ୍ ଷ୍ଟେଟ ଉପତ୍ୟକାରେ ନିଜ ଉପସ୍ଥିତି ଜାହିର କରିବାକୁ ଉଦ୍ୟମ ଚଳାଇଛି। ହେଲେ କଶ୍ମୀର ପୋଲିସ ଏହାକୁ ଅସ୍ୱୀକାର କରୁଛି। ଏତିକି ବେଳେ ଦିଲ୍ଲୀର ଲାଲ୍‌କିଲ୍ଲା ଭଳି ସମ୍ବେଦନଶୀଳ ଅଞ୍ଚଳରୁ ରାତିଅଧିଆ ୨ ଆଇଏସ୍ ଆତଙ୍କବାଦୀ ଧରାପଡ଼ିବା ପରେ ସୁରକ୍ଷା ବଳର ଚିନ୍ତା ବଢ଼ିଯାଇଛି।

## ଭିଡ଼ହିଂସା: ଅସନ୍ତୋଷ ବ୍ୟକ୍ତ କଲେ ସୁପ୍ରିମକୋର୍ଟ

# ଆଦେଶ ପାଳନ କରୁନାହାନ୍ତି ରାଜ୍ୟ

**ନୂଆଦିଲ୍ଲୀ,୭।୯(ପି.ଟି.)**

ଭିଡ଼ହିଂସା ଏବଂ ଗୋରକ୍ଷା ନାମରେ ଆକ୍ରମଣ ଘଟଣାରେ ରାଜ୍ୟଗୁଡ଼ିକ ଉଚିତ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏ ସମ୍ପର୍କିତ ନିଜର ଆଦେଶକୁ ମଧ୍ୟ ରାଜ୍ୟଗୁଡ଼ିକ ପାଳନ କରୁ ନାହାନ୍ତି ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। ଭିଡ଼ହିଂସା ଏବଂ ଗୋରକ୍ଷକଙ୍କ ଉତ୍ପାତ ଉପରେ ନିୟନ୍ତ୍ରଣ ଲଗାଇବା ଲାଗି କଠୋର ପଦକ୍ଷେପ ନେବାକୁ ଜୁଲାଇ ୧୭ରେ ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ମାତ୍ର ୯ ରାଜ୍ୟ ଏବଂ ୨ କେନ୍ଦ୍ରଶାସିତ ଅଞ୍ଚଳ ଅଦାଲତୀ ଆଦେଶ ପାଳନ କରିଛନ୍ତି। ଭିଡ଼ହିଂସା ରୋକିବା ଲାଗି ସେମାନେ କିଭଳି ପଦକ୍ଷେପ ନେଇଛନ୍ତି ତାହାର ଆକ୍ସନ ଟେକେନ୍ ରିପୋର୍ଟ ଦାଖଲ କରିଛନ୍ତି। କିନ୍ତୁ ବାକି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ନିକଟରୁ ଏପର୍ଯ୍ୟନ୍ତ କିଛି ଜବାବ ମିଳିନାହିଁ। ସପ୍ତାହେ ମଧ୍ୟରେ ସେମାନେ ରିପୋର୍ଟ ଦାଖଲ କରନ୍ତୁ ବୋଲି ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମକୋର୍ଟ ପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ କୌଣସି ହେଳା ସହ୍ୟ କରାଯିବ ନାହିଁ। ପଦକ୍ଷେପ ନେବାରେ ଯଦି କିଛି ବିଳମ୍ବ ହୁଏ, ତା'ହେଲେ ରାଜ୍ୟ ଗୃହ ସଚିବମାନଙ୍କୁ ପ୍ରତ୍ୟକ୍ଷ ଭାବେ କୋର୍ଟରେ ହାଜର ହେବାକୁ ପଡ଼ିପାରେ ବୋଲି ପୀଠ ତାଗିଦ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଆଦେଶ ପରେ ଏକ ମନ୍ତ୍ରୀଗୋଷ୍ଠୀ ଗଠନ କରାଯାଇଛି ବୋଲି ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ କହିଛନ୍ତି।

## ଖୋଲିବ କର୍‌ତାର୍‌ପୁର କରିଡର

# ଇମ୍ରାନଙ୍କୁ କୃତଜ୍ଞତା ଜଣାଇଲେ ସିଦ୍ଧୁ

**ନୂଆଦିଲ୍ଲୀ,୭।୯**

ଗୁରୁ ନାନକଙ୍କ ୫୫୦ତମ ଜୟନ୍ତୀ ଅବସରରେ କର୍ତାର୍‌ପୁର କରିଡର୍ ଖୋଲିବା ପାଇଁ ପାକିସ୍ତାନର ନିଷ୍ପତ୍ତିକୁ ନେଇ ପଞ୍ଜାବର କ୍ୟାବିନେଟ ମନ୍ତ୍ରୀ ନବଜୋତ୍ ସିଂ ସିଦ୍ଧୁ ଉଲ୍ଲସିତ। ସେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ପ୍ରଶଂସାରେ ଶତମୁଖ। ନଭେମ୍ବରରେ ଶିଖ୍ ଶ୍ରଦ୍ଧାଳୁଙ୍କୁ ବିନା ଭିଜାରେ କର୍ତାର୍‌ପୁରସ୍ଥିତ ଗୁରୁଦ୍ୱାରା



କର୍ତାର୍‌ପୁରସ୍ଥିତ ଗୁରୁଦ୍ୱାରା ଦରବାର ସାହିବ



ଦରବାର ସାହିବଙ୍କ ଦର୍ଶନ କରିବାର ସୁଯୋଗ ମିଳିବ ବୋଲି ଇମ୍ରାନଙ୍କୁ ସିଦ୍ଧୁ କୃତଜ୍ଞତା ଜଣାଇଛନ୍ତି। ୧୦ ଶିଖ୍ ଗୁରୁଙ୍କ ମଧ୍ୟରେ ଗୁରୁ ନାନକ ହେଉଛନ୍ତି ପ୍ରଥମ। ଗୁରୁ ନାନକ ଭ୍ରମଣ ପାଇଁ ଯାଇଥିବାବେଳେ ଲାହୋରଠାରୁ ୧୨୦ କି.ମି. ଦୂର କର୍ତାର୍‌ପୁରରେ ସ୍ଥାୟୀ ଭାବେ ଅବସ୍ଥାନ କରିଥିବା କୁହାଯାଏ। ତେଣୁ ଧର୍ମକୁ ନେଇ ରାଜନୀତି କରା ନ ଯାଉ। ଭାରତର ପ୍ରଧାନମନ୍ତ୍ରୀ ଓ ବହିର୍ବ୍ୟାପାର ମନ୍ତ୍ରୀ ମଧ୍ୟ ଇମ୍ରାନଙ୍କ ଭଳି ଅନୁରୂପ ପଦକ୍ଷେପ ନିଅନ୍ତୁ ବୋଲି ସିଦ୍ଧୁ କହିଛନ୍ତି। ଏହାକୁ ନେଇ ଭାଜପା ସିଦ୍ଧୁଙ୍କୁ ଟାର୍ଗେଟ କରିଛି। ପ୍ରକାଶ ଯେ, ସିଦ୍ଧୁ ଇସ୍‌ଲାମାବାଦ ଗସ୍ତବେଳେ ପାକିସ୍ତାନୀ ସେନାମୁଖ୍ୟଙ୍କୁ ଆଲିଙ୍ଗନ କରିବାବେଳର ଫଟୋ ଭାଇରାଲ ହୋଇଥିଲା। ସେହି ବିବାଦ ନ ତୁଟୁଣୁ ସିଦ୍ଧୁଙ୍କ ସଦ୍ୟ ପାକିସ୍ତାନ ପ୍ରୀତି ନୂଆ ବିବାଦକୁ ଜନ୍ମ ଦେଇଛି।

## ଫୁର୍‌ସତ

# ୧୬୬ ଦେହାବଶେଷ ଠାବ

**କୋଟ୍‌ଜାକୋଲ୍‌କସ୍:**ମେକ୍ସିକୋର ଭେରାକ୍ରୁଜ୍ ଷ୍ଟେଟ୍‌ରେ ମାଟିତଳୁ ୧୬୬ ଜଣଙ୍କ ଦେହାବଶେଷ ଉଦ୍ଧାର କରାଯାଇଛି। ଏଠାରେ ଏତେସଂଖ୍ୟକ ଲୋକଙ୍କୁ ସମୂହ ସମାଧି ଦିଆଯାଇଥିବା ଭେରାକ୍ରୁଜ୍ ପ୍ରସିକ୍ୟୁଟର୍ ଜର୍ଜ ୱିଙ୍କ୍‌ଲର ସୂଚନା ଦେଇଛନ୍ତି। ଷ୍ଟେଟ୍‌ର କେନ୍ଦ୍ରୀୟ ଭାଗରେ ଏହା ଠାବ ହୋଇଛି। କିନ୍ତୁ ପ୍ରକୃତ ସ୍ଥାନ ବିଷୟରେ କିଛି ସୂଚନା ଦିଆଯାଇନାହିଁ। ସରକାରଙ୍କ ପକ୍ଷରୁ କେବଳ ଏହାର କିଛି ଫଟୋ ରିଲିଜ୍ କରାଯାଇଛି। ସମାଧିସ୍ଥଳରେ ଫୋରେନ୍‌ସିକ୍ ଟିମ୍ ପହଞ୍ଚି



ଯାଞ୍ଚ ପ୍ରକ୍ରିୟା ଚଳାଇଥିବା ଜଣାପଡ଼ିଛି। ୨୦୦ ଖଣ୍ଡ କପଡ଼ା ଅଂଶ, ୧୪୪ ପରିଚୟ ପତ୍ର ଏବଂ ଅନ୍ୟାନ୍ୟ ଜିନିଷ ମଧ୍ୟ ସେଠାରୁ ଉଦ୍ଧାର ହୋଇଛି। ଅଗଷ୍ଟ ୮ରୁ ଉକ୍ତ ସ୍ଥାନରେ ଖନନ କାର୍ଯ୍ୟ ଚାଲିଛି। ଏହା ଏକ ଗୋପନ ସମାଧିସ୍ଥଳ ଏବଂ ଦୁଇବର୍ଷ ପୂର୍ବେ ଏଠାରେ ଗଣସମାଧି ଦିଆଯାଇଥିବା ସୂଚନା ମିଳିଛି। ଉକ୍ତ ଅଞ୍ଚଳରେ ୩୨ଟି ଏଭଳି ସମାଧିସ୍ଥଳ ଥିବା ମଧ୍ୟ କୁହାଯାଉଛି। ଜେଲରେ ଥିବା ଭେରାକ୍ରୁଜ୍‌ର ପୂର୍ବତନ ଗଭର୍ନର ଜାଭିଅର ଡୁଆର୍ଟଙ୍କ ମାନବାଧିକାର ଉଲ୍ଲଂଘନ ଘଟଣାର ଏହା ବର୍ବର ଚିତ୍ର ବୋଲି ଅନେକେ ଅଭିଯୋଗ ଆଣିଛନ୍ତି। ଡୁଆର୍ଟ ଏବଂ ତାଙ୍କ ବିଶ୍ୱସ୍ତ ତଥା ଷ୍ଟେଟ୍‌ର ଦୁଇଜଣ ପୂର୍ବତନ ପୋଲିସ ମୁଖ୍ୟ ୨୦୧୦ରୁ ୨୦୧୬ ମଧ୍ୟରେ ବ୍ୟାପକ ମାନବାଧିକାର ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା।

# ମତ୍ସ୍ୟଜୀବୀଙ୍କୁ ସୂଚନା ଦେବ 'ନାଭିକ୍'

**ବେଙ୍ଗାଲୁରୁ:** ଏଣିକି ମତ୍ସ୍ୟଜୀବୀମାନେ ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ସତର୍କ ହେବା ସହିତ ଇଣ୍ଟରନ୍ୟାଶନାଲ ମେରିଟାଇମ୍ ବାଉଣ୍ଡରି ଲାଇନ୍‌ର ଅବସ୍ଥିତି ସମ୍ପର୍କରେ ଅବଗତ ହୋଇପାରିବେ ବୋଲି ଜଣେ ବରିଷ୍ଠ ବୈଜ୍ଞାନିକ ସୂଚନା ଦେଇଛନ୍ତି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଜିପିଏସ୍‌କୁ ନାଭିକ୍ ସିଷ୍ଟମ୍ କୁହାଯାଏ। ୨୦୧୭ ଡିସେମ୍ବରରେ ଘୂର୍ଣ୍ଣିଝଡ଼ 'ଓଖି'ରେ ଅନେକ ମତ୍ସ୍ୟଜୀବୀ ମୃତ୍ୟୁବରଣ କରିବାପରେ କେରଳ ସରକାରଙ୍କ ଅନୁରୋଧ କ୍ରମେ ଇସ୍ରୋ ଦ୍ୱାରା ଏଭଳି ଏକ ସିଷ୍ଟମ ବିକାଶ କରାଯାଇଛି। ସମୁଦ୍ରରେ ପ୍ରଚୁର ମାଛ ମିଳିବାର ସ୍ଥାନ ସମ୍ପର୍କରେ ମଧ୍ୟ ଏହି ସିଷ୍ଟମ୍ ସୂଚନା ଦେଇପାରିବ ବୋଲି ଅହମଦାବାଦ୍‌ସ୍ଥିତ ଇସ୍ରୋ ସ୍ପେସ୍ ଆପ୍ଲିକେଶନ୍ ସେଣ୍ଟରର ଉପନିର୍ଦ୍ଦେଶକ ନିଲେଶ ଦେଶାଇ କହିଛନ୍ତି। ଗଭୀର ସମୁଦ୍ରରେ ମୋବାଇଲ୍ ନେଟ୍‌ୱର୍କ



ସୁବିଧା ମିଳେନାହିଁ। ଉକ୍ତ ସିଷ୍ଟମରେ ବ୍ଲୁଟୁଥ୍ ସଂଯୋଗ ଥିଲେ ନାଭିକ୍ ମିସେଜିଂ ଫିଚର ମାଧ୍ୟମରେ ଘୂର୍ଣ୍ଣିଝଡ ସମ୍ପର୍କରେ ଆଗୁଆ ସୂଚନା ମିଳିପାରିବ ବୋଲି ବେଙ୍ଗାଲୁରୁ ସ୍ପେସ୍ ଏକ୍ସପୋଠାରେ ଆୟୋଜିତ ବିଶେଷଜ୍ଞ ବୈଠକରେ ସେ ପ୍ରକାଶ କରିଥିଲେ।

## ଇତିହାସର ଆଇନାରେ

### ସେପ୍ଟେମ୍ବର ୮ର ପ୍ରମୁଖ ଘଟଣା

୧୯୭୮ ସେପ୍ଟେମ୍ବର ୮ରେ ଇରାନରେ ଘଟିଥିଲା ଭୟଙ୍କର ନରସଂହାର ଲୀଳା। ଏହାକୁ ଇରାନ କ୍ୟାଲେଣ୍ଡରରେ କଳା ଶୁକ୍ରବାର ବା ବ୍ଲାକ୍‌ଫ୍ରାଇଡେ ବୋଲି ଗଣନା କରାଯାଏ।

୨୦୦୪ ସେପ୍ଟେମ୍ବର ୮ରେ ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସାର ମହାକାଶ ଯାନ ଜେନେସିସ୍ ପୃଥିବୀରେ ଅବତରଣ କରିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫେରିବାବେଳେ ପୃଥିବୀ ପୃଷ୍ଠରେ ଅବତରଣ ବେଳେ ଏହା ଦୁର୍ଘଟଣାର ଶିକାର ହୋଇଥିଲା।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ପ୍ରାନ୍ତରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୯ | ୨୨.୮ |
| ଚାନ୍ଦବାଲି | ୨୫.୮ | ୨୩.୬ |
| କଟକ | ୨୬.୪ | ୨୨.୦ |
| ପାରାଦ୍ୱୀପ | ୨୬.୫ | ୨୫.୫ |
| ଭୁବନେଶ୍ୱର | ୨୭.୧ | ୨୪.୦ |
| ଗୋପାଳପୁର | ୨୭.୯ | ୨୪.୫ |
| ପୁରୀ | ୨୭.୫ | ୨୫.୮ |
| ଅନୁଗୋଳ | ୨୯.୧ | ୨୦.୬ |
| ବାରିପଦା | ୨୭.୦ | ୨୪.୪ |
| ଝାରସୁଗୁଡ଼ା | ୩୦.୨ | ୨୪.୩ |
| କେନ୍ଦୁଝର | ୨୫.୬ | ୨୩.୪ |
| ସମ୍ବଲପୁର | ୩୦.୪ | ୨୧.୫ |
| ସୁନ୍ଦରଗଡ଼ | ୩୨.୦ | ୧୮.୫ |
| ହୀରାକୁଦ | ୩୦.୧ | ୨୦.୨ |
| ତାଳଚେର | ୩୦.୧ | ୨୪.୩ |
| ଭବାନୀପାଟଣା | ୨୫.୫ | ୨୩.୦ |
| ବଲାଙ୍ଗୀର | ୨୬.୬ | ୨୩.୨ |
| କୋରାପୁଟ | ୨୨.୦ | ୧୯.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୨୭.୦ | ୨୦.୫ |
| ମାଲକାନଗିରି | ୨୯.୦ | ୨୩.୪ |
| ସୋନପୁର | ୨୬.୪ | ୨୧.୬ |
| ଦାରିଙ୍ଗିବାଡ଼ି | ୨୧.୦ | ୧୭.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ମହିଳାମାନେ ଆଜନ୍ମ ସଂଗ୍ରାମୀ

**କରୀନା କପୁର ଖାନ୍**

**ମୁମ୍ବାଇ:** ମହିଳାମାନେ ଆଜନ୍ମ ସଂଗ୍ରାମୀ। ସେ ଗର୍ଭଧାରଣ ସମୟରେ ଏବଂ ପ୍ରସବ ପରେ ବି କିପରି ନିଜର ଅଭିନୟ ଜାରି ରଖିଥିଲେ ତାହାର ଉଦାହରଣ ଦେଇ ଏହା କହିଛନ୍ତି। ଅଭିନେତା ଅଭିନେତ୍ରୀ ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଆନ୍ତି। ତେଣୁ ଜନସାଧାରଣଙ୍କ ଉଦାହରଣ ଦେବା ଏଠାରେ ଯଥାର୍ଥ ବୋଲି ସେ ପ୍ରକାଶ କରିଛନ୍ତି। ତାଙ୍କର ବ୍ୟକ୍ତିତ୍ୱ ତାଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଥିବା ସେ ବିଶ୍ୱାସ କରନ୍ତି। ଆମକୁ ରୋଲ୍ ମଡେଲ୍ ବିବେଚନା କରାଯାଏ। ତେଣୁ ଆମ ପକ୍ଷରେ ଜନସାଧାରଣଙ୍କ ଉଦାହରଣ ଦେବା ଯଥାର୍ଥ। ମୋ ମନରେ ଯେଉଁ ବିଶ୍ୱାସ ବସା ବାନ୍ଧେ, ତାହାକୁ ଅନୁସରଣ କରେ। ଏହା ହେଉଛି ମୋର ବ୍ୟକ୍ତିସତ୍ତା ଯାହା କି ମୋତେ ସ୍ୱତନ୍ତ୍ର କରିପାରିଛି। ଜୀବନରେ ସବୁକିଛି ପାଇଛି। ଦୀର୍ଘଦିନରୁ ମୁଁ ଏହା ଚାହିଁଥିଲି ଏବଂ ଏଥିପାଇଁ କଠିନ ପରିଶ୍ରମ କରୁଥିଲି ବୋଲି କରୀନା ପ୍ରକାଶ କରିଛନ୍ତି। ନିଜର ବ୍ୟକ୍ତିତ୍ୱ ଏବଂ ସ୍ୱତନ୍ତ୍ରତାକୁ ନେଇ ଅଭିନେତ୍ରୀମାନେ କିପରି ଜୀବନଯାପନ କରନ୍ତି ସେ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କରୀନା ଏହା ପ୍ରକାଶ କରିଥିଲେ।



**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ସେପ୍ଟେମ୍ବର ୮/୨୦୧୮



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ






# ଗୋପନ ରହିଲା କ୍ୟାବିନେଟ୍ ନିଷ୍ପତ୍ତି

ଭୁବନେଶ୍ୱର, ୭।୯(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ହେଲେ ବିଧାନସଭାର ମୌସୁମୀ ଅଧିବେଶନ ଜାରି ରହିଥିବାରୁ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ। ସନ୍ଧ୍ୟା ୬ଟା ୩୦ରେ ଆରମ୍ଭ ହୋଇଥିବା ବୈଠକ ପ୍ରାୟ ୩୦ ମିନିଟ୍ ଚାଲିଥିଲା। ବୈଠକ ପରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ବିଧାନସଭା ଅଧିବେଶନ ଚାଲୁ ଥିବାରୁ କୌଣସି ସୂଚନା ଦେଇ ନ ଥିଲେ। ମିଳିଥିବା ଖବର ଅନୁଯାୟୀ ୬ରୁ ଅଧିକ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ଅସମର୍ଥିତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଓଡ଼ିଶା ସରକାରୀ ଭାଷା ଆଇନ-୧୯୫୪ରେ ସଂଶୋଧନକୁ ନେଇ କ୍ୟାବିନେଟ୍‌ରେ ଆଲୋଚନା ହୋଇଥିବା ଜଣାପଡ଼ିଛି।

## ମୌସୁମୀ ଦୁର୍ବଳ: ପଶ୍ଚିମ, ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୭।୯(ବ୍ୟୁରୋ): ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପଶ୍ଚିମ ଉତ୍ତର ପଶ୍ଚିମ ଦିଗକୁ ଗତିକରି ଦୁର୍ବଳ ହୋଇ ଯାଇଛି। ତେବେ ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ୭ଟି ଜିଲା ଝାରସୁଗୁଡା, ସୁନ୍ଦରଗଡ, ବରଗଡ, ନୂଆପଡା, ନବରଙ୍ଗପୁର, କଳାହାଣ୍ଡି ଏବଂ କୋରାପୁଟରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।




## ■ତୈଳ ଦର ବୃଦ୍ଧି: ବିଜେଡିର ପ୍ରତିବାଦ, କଂଗ୍ରେସର ବନ୍ଦ ଡାକରା

# ସଚିବାଳୟ କର୍ମଚାରୀଙ୍କୁ ସତର୍କ କରାଇଲା ଗୃହ ବିଭାଗ

ଭୁବନେଶ୍ୱର,୭।୯(ବ୍ୟୁରୋ)



ଭୁବନେଶ୍ୱରର ଏକ ପେଟ୍ରୋଲ୍ ଟାଙ୍କି ସମ୍ମୁଖରେ ଶୁକ୍ରବାର ତୈଳଦର ବୃଦ୍ଧିର ପ୍ରତିବାଦ କରୁଛନ୍ତି ବିଜେଡି ନେତାମାନେ।

ତୈଳଦର ବୃଦ୍ଧିକୁ ନେଇ ଜୋର୍ ଧରିଛି ରାଜନୀତି। ଏହା ବିରୋଧରେ ବିଜେଡି ପକ୍ଷରୁ ଶୁକ୍ରବାରଠାରୁ ୨ଘଣ୍ଟିଆ ଜନସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। କେନ୍ଦ୍ର ସରକାର ତୈଳଦର ହ୍ରାସ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ବିଜେଡି ଚେତାବନୀ ଦେଇଥିବାବେଳେ ଭାଜପା ଏହାକୁ ସମାଲୋଚନା କରିଛି। ଅନ୍ୟପଟେ କଂଗ୍ରେସ ଆସନ୍ତା ୧୦ତାରିଖରେ ତୈଳଦର ବୃଦ୍ଧିକୁ ବିରୋଧ କରି ଭାରତ ବନ୍ଦ ଡାକରା ଦେଇଛି। ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ଗୃହ ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯିବା ସହ ସଚିବାଳୟର କର୍ମଚାରୀମାନଙ୍କୁ ସକାଳ ୯.୩୦ପୂର୍ବରୁ ଆସି କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ପେଟ୍ରୋଲ ଓ ଡିଜେଲ ଦର ଲଗାତର ବୃଦ୍ଧି ପାଉଥିବା ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଛି ବିଜେଡି। ଶୁକ୍ରବାର ରାଜ୍ୟର ସବୁ ପେଟ୍ରୋଲ ପମ୍ପ ସମ୍ମୁଖରେ ପୂର୍ବାହ୍ନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଦଳ ପକ୍ଷରୁ ପ୍ରତିବାଦ କରାଯାଇଛି। ଏହି ଅବସରରେ ବିଜୁ ଛାତ୍ର, ଯୁବ ଓ ମହିଳା କର୍ମୀମାନେ ରାଜ୍ୟର ସବୁ ପେଟ୍ରୋଲ ପମ୍ପରେ ଲିଫ୍‌ଲେଟ ବଣ୍ଟନ କରି ଲୋକଙ୍କୁ ସଚେତନ କରାଇଛନ୍ତି। ସମାନଭାବେ ରାଜଧାନୀର ସବୁ ପେଟ୍ରୋଲ ପମ୍ପରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି। ଅନ୍ୟପଟେ ବିଧାନସଭାରେ ଶାସକ ଦଳ ଏବଂ କଂଗ୍ରେସ ସଭ୍ୟମାନେ ତୈଳଦର ବୃଦ୍ଧିକୁ ବିରୋଧ କରି ଗୃହରେ ହୋହଲ୍ଲା କରିବା ସହ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଥିଲେ। ଉଭୟ ବିଜେଡି ଓ କଂଗ୍ରେସ ସଭ୍ୟଙ୍କ ହୋହଲ୍ଲା ଯୋଗୁ ବାଚସ୍ପତି ଗୃହକୁ ମୁଲତବୀ କରିବା ପରେ ଶାସକ ଦଳ ନେତାମାନେ ବିଧାନସଭାରୁ ବାହାରି ପ୍ରତିବାଦ କରିଥିଲେ। ରାମମନ୍ଦିର ସମ୍ମୁଖ ପେଟ୍ରୋଲ ପମ୍ପରେ ଶାସକ ଦଳ ବିଧାୟକମାନେ କେନ୍ଦ୍ର ସରକାର ବିରୋଧରେ ଗର୍ଜନ କରିବା ସହ ପେଟ୍ରୋଲିୟମ ମନ୍ତ୍ରୀଙ୍କୁ ସମାଲୋଚନା କରିଛନ୍ତି। ଶନିବାର ଏବଂ ରବିବାର ମଧ୍ୟ ବିଜେଡି ପକ୍ଷରୁ ପୂର୍ବାହ୍ନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ପେଟ୍ରୋଲ ପମ୍ପଗୁଡ଼ିକ ସମ୍ମୁଖରେ ପ୍ରତିବାଦ ସହ ଲିଫ୍‌ଲେଟ୍ ବଣ୍ଟନ କରାଯିବ ବୋଲି ପୂର୍ବରୁ ସୂଚନା ଦିଆଯାଇଛି।

ଏହି ପ୍ରସଙ୍ଗରେ ବିଜେଡି ବିଧାୟକ ସମୀର ଦାସ କହିଛନ୍ତି ଯେ, ତୈଳଦର ଯେଉଁଭଳି ଅହେତୁକ ଭାବେ ବୃଦ୍ଧି ପାଉଛି ତାକୁ ନେଇ ବିଜେଡି ରାସ୍ତାକୁ ଓହ୍ଲାଇଛି। ଯଥାଶୀଘ୍ର କେନ୍ଦ୍ର ସରକାର ତୈଳଦର ହ୍ରାସ ନ କଲେ ବିଜେଡି ଆନ୍ଦୋଳନକୁ ଜୋରଦାର କରିବ ବୋଲି ସେ କହିଛନ୍ତି।

ବିଜେଡି ପ୍ରତିବାଦକୁ ବିରୋଧ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଏହା ବିଜେଡିର ଏହା ଦେବାଳିଆପଣର ଏକ ଲକ୍ଷଣ। ୨୦୧୪ରୁ ୨୦୧୮ମଧ୍ୟରେ ଭାରତ ବର୍ଷରେ ପେଟ୍ରୋଲିୟମ ପଦାର୍ଥ ବିକ୍ରି କରି ଓଡିଶା ସବୁଠୁ ଅଧିକ ଲାଭବାନ ହୋଇଛି। ଆମେ ବାହାରୁ ୮୦ଭାଗ ତେଲ ଆମଦାନୀ କରୁଛୁ। ରାଜନୈତିକ ସଙ୍କଟ କାରଣରୁ ଏଭଳି ସମସ୍ୟା ଉପୁଜୁଛି। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଇବା ତୈଳଦର ବୃଦ୍ଧିର ମୁଖ୍ୟ କାରଣ। ରାଜ୍ୟ ସରକାର ଅଯଥା ରାଜନୀତି କରୁଛନ୍ତି। ୨୦୧୪ରେ ସେମାନେ ପେଟ୍ରୋଲ ଓ ଡିଜେଲ ଉପରେ ୨୧ପ୍ରତିଶତ ଟିକସ ଆଦାୟ କରୁଥିବା ବେଳେ ଏବେ ୨୬ପ୍ରତିଶତ ଆଦାୟ କରୁଛନ୍ତି ବୋଲି ସେ କହିଛନ୍ତି।

କଂଗ୍ରେସ ବରିଷ୍ଠ ନେତା ଶରତ ରାଉତ କହିଛନ୍ତି, ବିଜେଡି ଓ ଭାଜପା ଉଭୟ ଏଥିରେ କାନ୍ଧ ଖସାଇବାରେ ଲାଗିଛନ୍ତି। ତୈଳଦର କମାଇବାକୁ ଉଭୟ ଦଳର ଆନ୍ତରିକତା ନାହିଁ। ତୈଳ ସାମଗ୍ରୀ ଉପରେ ପ୍ରତିଦ୍ୱନ୍ଦ୍ୱିତା କରି ଉଭୟ ସରକାର ଟିକସ ବସାଇବାରେ ଲାଗିଛନ୍ତି। କଂଗ୍ରେସ ଏହାକୁ ଜିଏସ୍‌ଟି ଅନ୍ତର୍ଭୁକ୍ତ କରାଇବା ପାଇଁ ବାରମ୍ବାର ଦାବି କରୁଥିଲେ ମଧ୍ୟ ସେମାନେ ଉଦାସୀନ ରହୁଛନ୍ତି। ଏହାର ଫଳ ଖୁବ୍‌ଶୀଘ୍ର ସେମାନେ ପାଇବେ ବୋଲି ଶରତ ସମାଲୋଚନା କରିଛନ୍ତି।

ଗୃହ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ତୈଳଦର ବୃଦ୍ଧିକୁ ନେଇ କଂଗ୍ରେସ ପକ୍ଷରୁ ଆସନ୍ତା ୧୦ତାରିଖରେ ଭାରତ ବନ୍ଦ ଡାକରା ଦିଆଯାଇଛି। ବନ୍ଦ ପାଳନ ସମୟରେ ଗାଡି ମୋଟର, ରେଳ ଚଳାଚଳ, ଦୋକାନ, ବଜାର ସବୁ ବନ୍ଦ କରାଯିବାର ସମ୍ଭାବନା ରହିଛି। ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ସେମାନେ ଆନ୍ଦୋଳନ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ସଚିବାଳୟ କର୍ମଚାରୀମାନେ ୯.୩୦ପୂର୍ବରୁ କାର୍ଯ୍ୟରେ ଯୋଗଦେବେ। ସଚିବାଳୟ ସମ୍ମୁଖ ଗେଟ୍‌କୁ ୧୦.୧୫ ସୁଦ୍ଧା ବନ୍ଦ କରିଦିଆଯିବ। ସମସ୍ତ କର୍ମଚାରୀମାନଙ୍କ ପରିଚୟପତ୍ରକୁ ଯାଞ୍ଚ କରାଯିବ। ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦସ୍ତଖତ ନ ଥିବା କାର୍ ପାସକୁ ଛଡାଯିବ ନାହିଁ ବୋଲି ଜଣାଯାଇଛି। ଅନ୍ୟପଟେ କଂଗ୍ରେସ ୧୨ଘଣ୍ଟିଆ ବନ୍ଦ ପାଳନ କରିବାକୁ ଥିବାବେଳେ ଏନେଇ କେନ୍ଦ୍ର ପକ୍ଷରୁ ସମୟ ବିବରଣୀ ପ୍ରଦାନ କରାଯାଇ ନ ଥିବା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି।

## ■ ରାଜପଥରେ ଗ୍ୟାସ୍ ଲିକ୍ ଆତଙ୍କ

# ୨ ଘଣ୍ଟାରେ ଖେଳିଗଲା ୨ କି.ମି.



ଗ୍ୟାସ୍ ଲିକ୍ ହେଉଥିବା ଟ୍ୟାଙ୍କର।

- ନିକଟସ୍ଥ ଗ୍ରାମବାସୀ, ଯାତ୍ରୀ ଆତଙ୍କିତ
- ପରିସ୍ଥିତି ନିୟନ୍ତ୍ରଣ କଲା ଅଗ୍ନିଶମ ବିଭାଗ
- ପାରାଦୀପରୁ ଝାରସୁଗୁଡ଼ା ଯାଉଥିଲା ଟ୍ୟାଙ୍କର

**ଅନୁଗୋଳ ଅଫିସ/ବନ୍ତଲା, ୭।୯ (ଡି.ଏନ.ଏ):** କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଅନୁଗୋଳ ଜିଲା ରନ୍ତଲେଇ ପଞ୍ଚାୟତ ଚନ୍ଦ୍ରବାହାଳ ଗ୍ରାମ ନିକଟରେ ଟ୍ୟାଙ୍କରରୁ ଗ୍ୟାସ ଲିକ୍ ନେଇ ଶୁକ୍ରବାର ଅପରାହ୍ନରେ ଆତଙ୍କ ଖେଳିଯାଇଥିଲା। ଦୀର୍ଘ ୨ ଘଣ୍ଟା ଧରି ଏହି ଲିକେଜ ଯୋଗୁ ଆଖପାଖ ଅଞ୍ଚଳର ୨ କିଲୋମିଟର ଯାଏ ଏହା ବ୍ୟାପିଯାଇ ଥିଲା। ଫଳରେ ନିକଟସ୍ଥ ଗ୍ରାମବାସୀ ଓ ରାଜପଥରେ ଅଟକି ରହିଥିବା ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଲିକେଜ ବନ୍ଦ କରିବା ପରେ ଆତଙ୍କ ସାମାନ୍ୟ ଥମିଥିଲା। ହେଲେ ବାୟୁମଣ୍ଡଳରେ ଗ୍ୟାସ ଖେଳିଯାଇଥିବାରୁ ପ୍ରଶାସନ ପକ୍ଷରୁ ଏମର୍ଜେନ୍ସୀ ଜାରି କରାଯିବା ସହ ୨ କିମି ମଧ୍ୟରେ କେହି ଚୁଲା ନ ଲଗାଇବା ଓ ଧୂମ୍ରପାନ ନ କରିବାକୁ ପ୍ରଚାର କରାଯାଇଥିଲା। ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ଲୋକମାନଙ୍କୁ ବୁଝାଶୁଝା କରିବା ସହ ଦୂର ଓ ଖୋଲାସ୍ଥାନକୁ ଚାଲିଯିବାକୁ ପରାମର୍ଶ ଦେଇଥିଲେ। ଉକ୍ତ ଟ୍ୟାଙ୍କରକୁ ୪ କିମି ଦୂର ଜିନ୍ଦଲ ରୋଡ୍‌କୁ ସୁରକ୍ଷିତ ଭାବେ ନିଆଯିବା ପରେ ଲୋକେ ଆଶ୍ୱସ୍ତ ହୋଇଥିଲେ। କଟକ ମୁଣ୍ଡୁଳିରୁ ଓଡାଫ୍ଟ ଟିମ୍, ଝାରସୁଗୁଡ଼ାରୁ ଆଇଓସିଏଲ୍ ଅଧିକାରୀମାନେ ଘଟଣାସ୍ଥଳକୁ ଆସୁଥିବା ଖବର ମିଳିଛି। ସେମାନେ ଲିକେଜ ହୋଇଥିବା ଗ୍ୟାସର ପ୍ରଭାବ ଓ ଉକ୍ତ ଟ୍ୟାଙ୍କର ଯାଞ୍ଚ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।








ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।

- ରାମକୃଷ୍ଣ ପରମହଂସ



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ: ......................................

ଜନ୍ମ ତାରିଖ: ..................................



ଲକ୍ଷ୍ମୀପ୍ରିୟା
ପରିବାରବର୍ଗ



ଶୁଭ୍ରାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified



## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64125

Immediate ready for construction land at Rasulgarh near Hitech Square (NH-5). 16,20,000/-. 9938771877. D-64307

1300, 2500, 4500 sqft. individual boundary wall residential plot at Canal Road, Hanspal. Owner: 9437033320. D-64308

Readymade new 3BHK flat at BJB Nagar, no tax. 9439716901 (Broker not allowed). D-64143

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64144

Gharabari boundary plot infront of Krupajal Engineering College, Bhubaneswar: 9090899281, 8908805482. D-63484

Booking simplex 2BHK 1200 sqft. Tankapani road Sai Temple 26,19,000/-. 7735738102. D-8305

ପୁରୀରେ 1BHK flats କିଣିବାକୁ ଚାହୁଁଛନ୍ତି। 15.12 lacs book @ 50,000/-. 8908559558. D-8303

Sale simplex @ 19.90 lakh, Duplex @ 26.90 lakh contact Plot No.- N-1/39, IRC Village. Contact: 8480697808. 9078445982. Finance available for land and building. D-8135

1BHK, 2BHK, 3BHK approved flats at Hitech Heaven near Gudiapokhari Chowk, Bhubaneswar. 9439101498, 9861024170. D-8185

**2/3BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs. 30 Lakhs Contact: 9937059891, 8908312315, 8908292617.** D-8309

ଭୁବନେଶ୍ୱର ପଟିଆ Railway Stationରୁ 1.5km. ଘରକରିବା ପାଇଁ plot 1200 ବର୍ଗଫୁଟକୁ 4,20,000/-ରେ ମିଳୁଛି। Immediate registration/ possession. 9937032327, 9337061817. D-64311

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) x ୪ସେମି. (W) ହେବା ଆବଶ୍ୟକ।

## PURCHASE

Required developed land outright/ sharing in BDA only owner: 9861211481. D-64304



Construction of home and shop with branded materials for 450/- and 1000/-. Mob: 9176647692. D-7923

**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan- SMPL: 9439483779.** D-8310

## GENERAL

## SALE

୫ ହଜାର ଟଙ୍କା ଲେଖାଏଁ ଦେଢ ବର୍ଷର ଦୁଇଟି ଜାତିଆ ଦେଶୀ ମାଈ ବାଛୁରୀଛୁଆ ବିକ୍ରି ହେବ। ଯୋଗାଯୋଗ: ୯୦୯୦୭୯୫୫୫୪। ଧ-୮୩୦୨

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64306



All type of massage and good therapy full body massage Sai herbal spa. 7609005923. D-64201

Opening newly ayurvedic full body massage ladies & gents. 7438851534, 7609923705. D-38527

## AFFIDAVIT

I, Raj Kumar Agrawal, R/o- Ward No.-1, Nadipara, Bargarh declared that my name has been recorded as Raj Kumar Sawadia at Several documents and papers instead of Raj Kumar Agrawal. Both Raj Kumar Agrawal and Raj Kumar Sawadia are one and same person. Henceforth, I shall be known as Raj Kumar Agrawal for all purposes. D-62440

By virtue of an affidavit before The Magistrate, Bhatli on 07.09.18, I have changed my name from Prashant Agrawal to Prashant Kumar Agrawal. Henceforth, I shall be known as Prashant Kumar Agrawal for all purposes. D-8312

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ନିରୁଦ୍ଦିଷ୍ଟ



ଏହି ଛାତ୍ର ଜଣକ ରବିବାରଠାରୁ ନୟାଗଡ଼ ସହରସ୍ଥିତ ଅକ୍ସଫୋର୍ଡ କୋଚିଙ୍ଗ୍ ସେଣ୍ଟର ହଷ୍ଟେଲରୁ କେଉଁଆଡେ ଚାଲିଯାଇଛନ୍ତି। ଯଦି କୌଣସି ବ୍ୟକ୍ତି ତାଙ୍କ ଖବର ପାଆନ୍ତି। ତେବେ ନିମ୍ନ ଠିକଣାରେ ଜଣାଇବାକୁ ଅନୁରୋଧ। ନାମ- **ଶୁଭାଶିଷ ପାଇକରାୟ**, ପି- ବୁଧିନାଥ ପାଇକରାୟ, ଗ୍ରାମ- ମେଲାନ୍ଧ, ପୋ- ଚମ୍ପଉପୁର, ଥାନା- ଇଟାମାଟି, ନୟାଗଡ଼। Mob: 9938418641, 9437107711, 9437232611. D-8307

## Birthday Wish



**Laxmi Priya**

May God bless you and all your Birthday wishes come true. Best Wishes from: Sasu, Sasura, Bapa, Bou, Bicky Bhai, Biswajit, Sonu, Runu, Minu, Pupi, Kiyan, Reyansh, Gudunu, Ranjit & Bada Bhai, Bada Bhauja. D-63203

## 1st Birthday Wish



**(Anny)**

**M M Tanisha**

**D/o- Gayadhar Behera**

Ghara Bhanja Kolha, Koilipur, Rajkanika, Kendrapara D-8393

### ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ି ୩ ଗୁରୁତର

**ଭଣ୍ଡାରିପୋଖରୀ,୭।୯(ସ୍ୱ.ପ୍ର.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଝୁଟୁଣା ପଞ୍ଚାୟତ ଦାଦେଶ୍ୱର ଗାଁରେ ଗୁରୁବାର ବିଳମ୍ବିତ ରାତିରେ ଲଗାଣ ବର୍ଷା ଯୋଗୁ କାନ୍ଥ ଭୁଶୁଡ଼ି ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ଏହି ଗ୍ରାମର ବାବାଜୀ ଧଳ(୩୦), ତାଙ୍କ ସ୍ତ୍ରୀ ଯଶୋଦା ଧଳ ଏବଂ ନାତି ବିଷ୍ଣୁଚରଣ ଧଳ(୧୬)। ସେମାନଙ୍କୁ ଯାଜପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ସମ୍ପତ୍ତି ତାଲିକା...

କେଉଁ ଥାନା ଅଧିକାରୀ, ଏସ୍‌ପି, ଡିଏସ୍‌ପି ଓଡିଶା ସରକାରଙ୍କ ରୁଲ୍ ଅନୁସାରେ ସମ୍ପତ୍ତି ତାଲିକା ଦାଖଲ କରିନାହାନ୍ତି, ସେମାନଙ୍କ ତାଲିକା ଦେବା ସହ ସେମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହାର ତଥ୍ୟ ଲୋଡ଼ିଥିଲେ। ଗୃହ ବିଭାଗ ନିକଟରେ ଏହି ତଥ୍ୟ ନ ଥିବା କୁହାଯାଇ ସେହିମାସ ୨୮ ତାରିଖରେ ଡିଜି ଅଫିସକୁ ଆବେଦନକୁ ପଠାଇ ଦିଆଯାଇଥିଲା। ଡିଜି ଅଫିସ ପକ୍ଷରୁ ଆବେଦନକାରୀଙ୍କୁ ଚିଠି ନମ୍ବର ୩୨୬୫୮ରେ କୁହାଯାଇଥିଲା ଯେ, ଥାନା ଅଧିକାରୀ ଓ ଅନ୍ୟ ପୋଲିସ ଅଫିସରଙ୍କ ସମ୍ପତ୍ତି ତାଲିକା ମେଣ୍ଟେନ କରାଯାଉଛି। ପୋଲିସ ଅଧିକାରୀମାନେ ସେମାନଙ୍କ ସମ୍ପତ୍ତି ତାଲିକା ରାଜ୍ୟ ପୋଲିସ ମୁଖ୍ୟାଳୟରେ ଦାଖଲ କରୁଛନ୍ତି। କିନ୍ତୁ ମୁଖ୍ୟାଳୟରେ ସମ୍ପତ୍ତି ତାଲିକା ଦାଖଲ କରୁ ନ ଥିବା ଅଧିକାରୀଙ୍କ ତାଲିକା ନାହିଁ। ଏହାସହ ୨୦୧୬ରୁ ଅନ୍‌ଲାଇନରେ ଏସବୁ କାର୍ଯ୍ୟ କରାଯାଉଥିବା ଚିଠିରେ ଦର୍ଶାଯାଇଥିଲା।

ଚିଠିରୁ ସ୍ପଷ୍ଟ ହେଉଛି ଯେ, ଗୃହବିଭାଗ ଓ ପୋଲିସ ମୁଖ୍ୟାଳୟ ମଧ୍ୟରେ ସମନ୍ୱୟର ଅଭାବ ରହୁଛି। ଅନ୍ୟପଟେ ସମ୍ପତ୍ତି ତାଲିକା ଦେଉ ନ ଥିବା ଅଧିକାରୀଙ୍କ ବିଷୟରେ ପୋଲିସ ମୁଖ୍ୟାଳୟ ତଥ୍ୟ ଲୁଚାଉଛି। ନିୟମ ଉଲ୍ଲଂଘନ କରୁଥିବା ପୋଲିସ ଅଧିକାରୀଙ୍କୁ ଘଣ୍ଟ ଘୋଡାଇ ରଖାଯାଉଥିବା ଅଭିଯୋଗ ହେଉଛି, ଯାହାଫଳରେ ଦୁର୍ନୀତିରେ ବୁଡ଼ି ରହିବା ପାଇଁ ସେମାନଙ୍କୁ ସୁଯୋଗ ମିଳୁଛି। ବିଭିନ୍ନ ସମୟରେ ଥାନା ଅଧିକାରୀମାନେ ଲାଞ୍ଚ ନେଇ ଗିରଫ ହେବା ଘଟଣା ଏହାର ଜ୍ୱଳନ୍ତ ଉଦାହରଣ।

ପୂର୍ବରୁ ଧଉଳି ଥାନା ଅଧିକାରୀ ଦେବୀ ପ୍ରସାଦ ଦାଶ, ଜଟଣୀ ଥାନା ଅଧିକାରୀ ସଞ୍ଜୀବ ମହାନ୍ତି ଏବଂ ଉତ୍ତର ଫାଣ୍ଡିର ଦୁଇଜଣ ପୋଲିସ ଅଫିସର ଲାଞ୍ଚ ନେବା ସମୟରେ ଗିରଫ ହୋଇଛନ୍ତି। ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳକୁ ହିସାବକୁ ନେଲେ ଏଭଳି ଅଧିକାରୀଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ହେବ। ଯଦି ପୋଲିସ ଅଧିକାରୀମାନେ ସମ୍ପତ୍ତି ତାଲିକା ଠିକ୍ ଭାବେ ଦାଖଲ କରନ୍ତେ, ତେବେ ସେମାନେ ଲାଞ୍ଚ ନେବାକୁ ଭୟ କରନ୍ତେ। ପୋଲିସ ଅଫିସରମାନଙ୍କୁ ସ୍ୱଚ୍ଛ ରଖିବା ପାଇଁ ସମ୍ପତ୍ତି ତାଲିକା ଦାଖଲ କରିବାକୁ ଉପରିସ୍ଥ ଅଧିକାରୀମାନେ ତାଗିଦ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ଜରୁରୀ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ସୂଚନା ଅଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ କହିଛନ୍ତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ନିଜ ନିଜ ସମ୍ପତ୍ତି ତାଲିକା ଦେଉଥିବାବେଳେ ପୋଲିସ ବାବୁମାନେ ଦାଖଲ ନ କରିବା ଦୁର୍ଭାଗ୍ୟଜନକ। ଏଭଳି ଲାଞ୍ଚଖୋର ଅଧିକାରୀମାନଙ୍କ ନାମ ଡିଜି ଅଫିସ ଲୁଚାଉଛି। ମୋ ଆବେଦନ ଉପରେ ତଥ୍ୟ ଦିଆଯାଇ ନ ଥିବାରୁ ଏ ସମ୍ପର୍କରେ ମୁଁ କୋର୍ଟଙ୍କ ଦ୍ୱାରସ୍ଥ ହେବି ବୋଲି କାନୁନ୍‌ଗୋ କହିଛନ୍ତି। ଏ ନେଇ ପୂର୍ବତନ ପୋଲିସ ଡିଜି ବିପିନି ବିହାରୀ ମିଶ୍ର କହିଛନ୍ତି, ସମ୍ପତ୍ତି ତାଲିକା ଦେବା ସରକାରୀ କର୍ମଚାରୀଙ୍କ ଦାୟିତ୍ୱ। ଅନେକେ ଏହାକୁ ଠିକ୍ ଭାବେ ସମ୍ପନ୍ନ କରନ୍ତି ନାହିଁ। ଗତବର୍ଷ ଏକ ଅଭିଯୋଗ ଆସିଥିଲା ଯେ, କେତେଜଣ ଆଇପିଏସ୍ ଏବଂ ଆଇଏଏସ୍ ଅଧିକାରୀ ସମ୍ପତ୍ତି ତାଲିକା ଦେଇ ନ ଥିଲେ। ବର୍ତ୍ତମାନ ଡିଜି ଅଫିସରେ କୌଣସି ପୋଲିସ ଅଧିକାରୀ ସମ୍ପତ୍ତି ତାଲିକା ଦାଖଲ କରୁ ନ ଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ।

ଡିଜିପି ଦାୟିତ୍ୱରେ ଥିବା କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟଙ୍କୁ ଏ ସଂକ୍ରାନ୍ତରେ ପଚାରିବାରେ ସେ କହିଲେ, ବର୍ଷକୁ ଥରେ ଥାନା ଅଧିକାରୀ ସମ୍ପତ୍ତି ତାଲିକା ଦେଉଛନ୍ତି। ଯେଉଁମାନେ ଦେଉନାହାନ୍ତି ସେମାନଙ୍କୁ ତାଲିକା ଦାଖଲ କରିବା ଲାଗି ତାଗିଦ କରାଯିବ।

### ବିଧାନସଭାରେ...

ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ପୂର୍ବରୁ ମାତ୍ର ଅଧ ମିନିଟ ପରେ ଗୃହକୁ ଅପରାହ୍ଣ ୩ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ଗୃହ ବାହାରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଲେ ଯେ,

ସରକାରଙ୍କ ଦାୟିତ୍ୱ ଗୃହ ଚଳାଇବା। ହଟ୍ଟଗୋଳ କରି ଗୃହକୁ ବନ୍ଦ କରିବା ଅତ୍ୟନ୍ତ ନିନ୍ଦନୀୟ। ଯିଏ ରକ୍ଷକ ସିଏ ଭକ୍ଷକ। ଆମେ ଗୁହାରି କରିବା କାହାକୁ। ବାଚସ୍ପତି ମଧ୍ୟ ନିର୍ବିକାର। ଶିକ୍ଷକମାନଙ୍କ ସମସ୍ୟା ଆଲୋଚନାକୁ ଚପାଇବା ପାଇଁ ଶାସକ ଦଳ ଚକ୍ରାନ୍ତ କରିଥିଲା। ଶିକ୍ଷକମାନେ ଯାହା ଦାବି କରୁଛନ୍ତି ତାହା ଯଥାର୍ଥ। ସରକାର ସମସ୍ୟା ସମାଧାନ କରିବା ପରିବର୍ତ୍ତେ ଓଲଟା ଶିକ୍ଷକମାନଙ୍କୁ ଧମକ ଦେଲେଣି।
ଅପରାହ୍ଣ ୩ଟାରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିରୋଧୀ ଦଳ ନେତା କହିଲେ, ରାଜରାସ୍ତାରେ ଶିକ୍ଷକ। ଓକିଲମାନେ ଆନ୍ଦୋଳନ ଚଳାଇଛନ୍ତି। ନ୍ୟାୟ ପାଇବାରୁ ସାଧାରଣ ଲୋକେ ବଞ୍ଚିତ ହୋଇଛନ୍ତି। ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଏ ନେଇ ସରକାର ଗୃହରେ ବିବୃତି ଦିଅନ୍ତୁ। ପୋଲିସ ଓକିଲଙ୍କୁ ଦୁର୍ବ୍ୟବହାର କରିଛି। ହେଲେ ଏପର୍ଯ୍ୟନ୍ତ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଲାନାହିଁ। ମୁଖ୍ୟମନ୍ତ୍ରୀଙ୍କ ଉପରକୁ ଅଣ୍ଡା ପିଙ୍ଗିଲେ ୩୦୭ ଦଫାରେ ଗିରଫ କରାଯାଉଛି। ପୋଲିସ ନିଜେ ଅଭିଯୁକ୍ତ ହୋଇଥିବାରୁ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଅନ୍ୟ ପଟେ ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ କରିବା ନେଇ ଓକିଲମାନେ ଆନ୍ଦୋଳନ କରୁଛନ୍ତି। ଓକିଲମାନେ କୋର୍ଟ ବନ୍ଦ ନ କରି ଅନ୍ୟ ତରିକାରେ ମଧ୍ୟ ପ୍ରତିବାଦ କରିପାରିବେ ବୋଲି ନରସିଂହ କହିଛନ୍ତି। ବିଭିନ୍ନ ଦାବିରେ ହଜାର ହଜାର ଶିକ୍ଷକ ଆନ୍ଦୋଳନରେ ବସିଛନ୍ତି। ପ୍ରତିକୂଳ ପାଗ ସତ୍ତ୍ୱେ ସେମାନେ ଆନ୍ଦୋଳନ ଚଳାଇଛନ୍ତି। ଶିକ୍ଷକ ନ ଥିବାରୁ ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡିଲାଣି। ଶିକ୍ଷକ ଏବଂ ଆଇନଜୀବୀଙ୍କ ଆନ୍ଦୋଳନ ନେଇ ସରକାର କି ପଦକ୍ଷେପ ନେଇଛନ୍ତି ସେ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ଦିଅନ୍ତୁ ବୋଲି ଦାବି କରିଛନ୍ତି। ତୈଳ ଦର ବୃଦ୍ଧିକୁ ନେଇ ବିଜେଡି କରିଥିବା ହଟ୍ଟଗୋଳ ସମ୍ପର୍କରେ ଉଲ୍ଲେଖ କରି ନରସିଂହ କହିଲେ ଯେ, ପ୍ରଥମ ଦିନ କଂଗ୍ରେସ ଏହି ପ୍ରସଙ୍ଗ ଉଠାଇଥିଲା। କିନ୍ତୁ ଶାସକ ଦଳ ବିଧାୟକମାନେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ଆସନ୍ତା ୧୦ ତାରିଖରେ କଂଗ୍ରେସ ପକ୍ଷରୁ ବନ୍ଦ ଡାକରା ଦିଆଯିବ। ସେଦିନ ଗୃହକୁ ୩ଟା ଯାଏ ମୁଲତବୀ କରାଯିବ କି ବୋଲି ସେ ପ୍ରଶ୍ନ କରିଥିଲେ। ଶାସକ ଦଳ ମୁଖ୍ୟ ସଚେତକ ଅମର ଶତପଥୀ କହିଲେ, ତୈଳ ଦର ବୃଦ୍ଧିକୁ ବିଜେଡି ବିରୋଧ କରୁଛି। ଅତୀତରେ ମଧ୍ୟ ଆନ୍ଦୋଳନ କରାଯାଇଛି। ବିଜେଡି ଓ ଅନ୍ୟ ଛାମୁଆ ସଂଗଠନ ତୈଳ ଦର ବୃଦ୍ଧି ପ୍ରତିବାଦରେ ଆନ୍ଦୋଳନ କରିଥିଲେ। କେବଳ ବିଜେଡି ବିଧାୟକ ନୁହନ୍ତି ବିରୋଧୀ ମଧ୍ୟ ଗୃହରେ ହଟ୍ଟଗୋଳ କରିଥିଲେ ବୋଲି ଅମର କହିଥିଲେ। ବିରୋଧୀ ସଭ୍ୟମାନେ ହଟ୍ଟଗୋଳ କରିବାରୁ ବାଚସ୍ପତି ଗୃହକୁ ସୋମବାର ପୂର୍ବାହ୍ଣ ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଦେଇଥିଲେ।

### ଉଡ଼ାଣ ତାରିଖ...

ତେଣୁ ଏୟାର ଓଡ଼ିଶା କର୍ତ୍ତୃପକ୍ଷ ହିଁ କହିପାରିବେ କେବେଠାରୁ ଉଡ଼ାଣ ଆରମ୍ଭ ହେବ। ଶୁକ୍ରବାର ଏୟାର ଓଡ଼ିଶାର ଅପରେଶନ ମୁଖ୍ୟ ସନ୍ତୋଷ ପାଣି ଝାରସୁଗୁଡ଼ା ଆସିଥିଲେ ମଧ୍ୟ ଉଡ଼ାଣ ଆରମ୍ଭ ବିଷୟରେ କୌଣସି ସ୍ପଷ୍ଟ ମତାମତ ଦେଇନାହାନ୍ତି। ଏପରି କି ଉଡ଼ାଣ ଆରମ୍ଭ କରାଯିବା ବିଷୟରେ କୌଣସି ତାରିଖ ସ୍ଥିର ହୋଇ ନ ଥିବା ସେ କହିଥିଲେ। ଗୋଟିଏ ପଟେ ବିମାନବନ୍ଦର ଆରମ୍ଭକୁ ନେଇ ଲୋକଙ୍କ ମନରେ ଉତ୍ସାହ ରହିଥିବାବେଳେ ବିମାନ ସେବା ପାଇବା ସମ୍ପର୍କରେ ଏବେ ବି ଲୋକ ଅନ୍ଧାରରେ ଅଛନ୍ତି। ଶୁକ୍ରବାର ଏଏଆଇ ଅଧ୍ୟକ୍ଷ ଝାରସୁଗୁଡ଼ା ଗସ୍ତରେ ଆସିଥିଲେ। ପୂର୍ବାହ୍ଣରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡା, ଝାରସୁଗୁଡ଼ା ବିମାନବନ୍ଦର ନିର୍ଦ୍ଦେଶକ ଏସ୍.କେ. ଚୌହାନ ପ୍ରମୁଖ ଏଏଆଇ ଅଧ୍ୟକ୍ଷଙ୍କ ସହ ବିମାନବନ୍ଦର ସ୍ଥିତି ପରଖିଥିଲେ। ରୁଟିନ୍ ଭିଜିଟ୍‌ରେ ଆସି ଅଧ୍ୟକ୍ଷ ମହାପାତ୍ର ରନ୍‌ୱେ, ଟର୍ମିନାଲ, ଏଟିସି ଟାୱାର, ସୁରକ୍ଷା ଓ ଅଗ୍ନିଶମ ବ୍ୟବସ୍ଥା ଯାଞ୍ଚ କରିଥିଲେ। ଭିତ୍ତିଭୂମି ଦୃଷ୍ଟିରୁ ଝାରସୁଗୁଡ଼ା ବିମାନବନ୍ଦରକୁ ବେଶ୍ ପ୍ରଶଂସା କରିଥିଲେ ମହାପାତ୍ର। ସୂଚନାଯୋଗ୍ୟ, ଗୁରୁବାର ବିମାନବନ୍ଦର ସ୍ଥିତି ସମୀକ୍ଷା ପାଇଁ କୋଲକାତା ସ୍ଥିତ ଏଏଆଇର ଆଞ୍ଚଳିକ ନିର୍ଦ୍ଦେଶକ ଏସ୍.ପି. ଯାଦବ, ପ୍ଲାନିଂ ସଦସ୍ୟ ଅନିଲ ପାଠକ ପ୍ରମୁଖ ଆସିଥିଲେ।

## ମନେ ପଡ଼ନ୍ତି

### ଷଷ୍ଠ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଜଗନ୍ନାଥ ପ୍ରସାଦ ଜେନା**

ମା ଭଗବତୀ ଲଜ୍
ଅଶୋକ ନଗର, ଭୁବନେଶ୍ୱର
ଆବିର୍ଭାବ: ୧୧।୦୮।୧୯୫୮
(ରଥଯାତ୍ରା)
ତିରୋଧାନ: ୧୫।୦୯।୨୦୧୨

ଆପଣଙ୍କର ଅମରାତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଚିର ଶାନ୍ତି ଲାଭ କରୁ, ଏହାହିଁ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ- ସୁରେଖା ଜେନା, ଦୁଇଝିଅ- ଟିନା, ମିନା ଓ ପରିବାରବର୍ଗ। ଧ-୬୩୮୩୭

### ୧୧ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଭାଗବତ ପ୍ରସାଦ ପାତ୍ର**

ଅବସରପ୍ରାପ୍ତ ପ୍ରଫେସର
ଭୂତତ୍ତ୍ୱ ବିଭାଗ, ବାଣୀବିହାର
ଆବିର୍ଭାବ: ୧୧।୧୨।୧୯୪୨
ତିରୋଧାନ: ୧୦।୦୯।୨୦୦୭
ମିଳନ ପାରାଡାଇଜ, ଶୈଳଶ୍ରୀ ବିହାର, ଭୁବନେଶ୍ୱର

ଆପଣ ଆରପାରିକୁ ଚାଲିଯିବା ଆଜକୁ ୧୧ ବର୍ଷ ବିତିଲାଣି। ଆପଣଙ୍କ ପାର୍ଥିବ ଶରୀର ପଞ୍ଚଭୂତରେ ଲୀନ ହୋଇଛି ସତ ହେଲେ ଆଜି ବି ଆପଣ ଆମ୍ଭମାନଙ୍କ ମଧ୍ୟରେ ସଜୀବ ଅଛନ୍ତି। ଏହି ପବିତ୍ର ତିଥିରେ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ ପରିବାର ପକ୍ଷରୁ ଭକ୍ତିପୂତ ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ଧ-୫୬୧୪୭

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓ ରମେଶ ଚନ୍ଦ୍ର ସାମନ୍ତରାୟ**

DIRECTOR
State Jawahar Balbhavan, Bhubaneswar, Odisha

FOUNDER
D. P. Model Public School
Bhubaneswar, Odisha

ତିରୋଧାନ : ୨୦.୦୮.୨୦୧୭

ଚାହୁଁ ଚାହୁଁ ଏକ ବର୍ଷ ହୋଇଗଲା, ଆପଣ ଆମମାନଙ୍କୁ ଶୋକରେ ଭସାଇ ଦେଇ ଚାଲିଗଲେ। ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମ ମାନଙ୍କ ମନଭିତରେ ସର୍ବଦା ପ୍ରତିଫଳିତ ହେଉ। ଆପଣଙ୍କର ଶୂନ୍ୟତା ଆମମାନଙ୍କ ପାଇଁ ସର୍ବଦା ଅପୂରଣୀୟ।

ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ- **ବନ୍ଧୁ ଓ ପରିବାର ବର୍ଗ।** ଧ-୮୩୧୧

### ରତ୍ନଭଣ୍ଡାର ଚାବି ହଜିବା ଘଟଣା

## କମିଶନଙ୍କ କାର୍ଯ୍ୟକାଳ ୩ ମାସ ବୃଦ୍ଧି

କଟକ ଅଫିସ, ୭।୯

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣାର ନ୍ୟାୟିକ ତଦନ୍ତ କରୁଥିବା ଜଷ୍ଟିସ ରଘୁବୀର ଦାସ କମିଶନଙ୍କ କାର୍ଯ୍ୟକାଳକୁ ସରକାର ୩ ମାସ ବୃଦ୍ଧି କରିଛନ୍ତି। ଜୁନ ୮ ତାରିଖରେ ଏହି କମିଶନ ଗଠନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ କମିଶନଙ୍କ କାର୍ଯ୍ୟକାଳ ୩ ମାସ ରଖାଯାଇଥିଲା। ତେବେ ଶୁକ୍ରବାର କମିଶନଙ୍କ ୩ ମାସ ଅବଧି ପୂରୁଥିବାରୁ ଏହାକୁ ଆଉ ୩ ମାସ ବୃଦ୍ଧି କରାଯାଇଛି। ଏ ନେଇ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଶୁକ୍ରବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ଚାବି ହଜିବା ଘଟଣାରେ କମିଶନଙ୍କ ପକ୍ଷରୁ ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନକୁ ନୋଟିସ ଜାରି କରାଯାଇଛି। ଅନ୍ୟପକ୍ଷରେ ଏହି ଘଟଣାରେ ରାଜ୍ୟ ସରକାର ନିଜର ପକ୍ଷ ରଖି ସାକ୍ଷ୍ୟ ଦେବାକୁ ମନା କରିଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମସ୍ଥାନ ପ୍ରତି ଚାରୋଟି ଗ୍ରହର ସମ୍ବନ୍ଧ କାରଣରୁ ଅଫିସରେ କୌଣସି ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଂକଟ ଥିଲେ ମଧ୍ୟ ନୂତନ ଯୋଜନା ଆରମ୍ଭ କରିବା ସକାଶେ ମନ ବଳାଇବେ। ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ସମ୍ପର୍କୀୟ ଆପଣଙ୍କୁ ଅଣଦେଖା କରିପାରନ୍ତି।

**ବୃଷ** ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧ୍ୟ ହେବେ। କଳା, ସାହିତ୍ୟ, କ୍ରୀଡା ଓ ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟାର ସମାଧାନ ହୋଇଯିବ। ସଭାସମିତି, ଆନୁଷ୍ଠାନିକ କାମରେ କିମ୍ବା ରାଜନୈତିକ କ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଆର୍ଥିକ ସ୍ଥିତି କମ୍‌ଜୋର୍ ରହିବାର ସୂଚନା ରହିଛି।

**ମିଥୁନ** ସମ୍ପର୍କୀୟଙ୍କ ସହାୟତାରେ ପୂର୍ବ ଯୋଜନା ଅନୁଯାୟୀ କର୍ମ କରିବାରେ ସମର୍ଥ ହେବେ। ବିବାଦୀୟ କ୍ଷେତ୍ରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ପରିବାରରେ ପିଲାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ବିଚାରକରି ଉଚିତ ପଦକ୍ଷେପ ନିଅନ୍ତୁ। ପାଖରେ ପାଇ ପାରୁ ନ ଥିବା ଫାଇଲ୍ ପତ୍ର କିମ୍ବା କୌଣସି ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ।

**କର୍କଟ** ଚନ୍ଦ୍ର ଓ ମଙ୍ଗଳଙ୍କ ଦୃଷ୍ଟିଭେଦରୁ ସବୁ କାମ ସମ୍ପନ୍ନ ହେବାରେ କୌଣସି ଅସୁବିଧା ହେବ ନାହିଁ। ବାଣିଜ୍ୟ, ବ୍ୟବସାୟରେ ଲାଭବାନ ହେବେ, ମାତ୍ର ଆଶାନୁରୂପ ନ ହୋଇପାରେ। ଆଲୋଚନା ପରିସରରେ ନ୍ୟାୟୋଚିତ ପରାମର୍ଶ ଦେଇ ପ୍ରଶଂସିତ ହେବେ। ନିର୍ମାଣ, ବାଣିଜ୍ୟ ତଥା ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**ସିଂହ** ଆପଣ ଯାହା ପାଇବାକୁ ଇଚ୍ଛା କରୁଛନ୍ତି ତାହା ପାଇବା ଦୁଷ୍କର ହୋଇପାରେ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ ଓ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ କରିପାରନ୍ତି। ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ପ୍ରଶାସନିକ ସ୍ତରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା** କର୍ମସ୍ଥାନ ପାପଗ୍ରହ ଦୃଷ୍ଟ ହେତୁ ପ୍ରତ୍ୟେକ କାର୍ଯ୍ୟ ବିବାଦୀୟ ହେବାରୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇପାରେ। ଶୁକ୍ରଙ୍କ ଶୁଭ ସମ୍ବନ୍ଧରୁ ବିଳାସ ଉପକରଣ କିଣିବା ସକାଶେ ଘରୁ ବରାଦ ପାଇପାରନ୍ତି। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ, କାରଣ କୌଣସି କାରଣ ନ ଥାଇ ଅନ୍ୟମାନେ ଆପଣଙ୍କୁ ଦୋଷ ଦେଇପାରନ୍ତି।

**ତୁଳା** ପରିବାରରେ ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବ। ଅବଶ୍ୟ ଏହି ଦିଗରେ ଜଣେ ବାଲ୍ୟବନ୍ଧୁ ସାହାଯ୍ୟ ସହଯୋଗ ଅବଶ୍ୟ କରିବେ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ, ଅବଶ୍ୟ ଖର୍ଚ୍ଚାନ୍ତ ହୋଇ କାମକୁ ବଢାଇ ନେଇପାରନ୍ତି। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ବିଛା** ଶୁକ୍ର ଦ୍ୱାଦଶରେ ଅବସ୍ଥାନ କରିଥିବାରୁ ଆଜିର ପ୍ରତ୍ୟୁଷ ଯାତ୍ରା ମନକୁ ଆହ୍ଲାଦିତ କରିବ। ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜିଯାଇପାରେ। ଆନୁଷ୍ଠାନିକ କାମରେ ସାହସିକତା ପ୍ରଦର୍ଶନ କରି ଉଚ୍ଚପ୍ରଶଂସିତ ହେବେ। କଳା, କ୍ରୀଡା, ସଙ୍ଗୀତ, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ସୁନାମ ଅର୍ଜନ କରିବେ।

**ଧନୁ** ଶାରୀରିକ ସୁସ୍ଥତା ମାନସିକ ଶାନ୍ତିର କାରଣ ହେବ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବନ୍ଧୁମାନଙ୍କ ଜରିଆରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବିବାଦୀୟ ଘଟଣା, ପରିବହନ, ବ୍ୟବସାୟରେ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯଥାସମ୍ଭବ ଶତ୍ରୁଠାରୁ ଦୂରେଇ ରହି କାମ କରିବା ଭଲ ହେବ।

**ମକର** କର୍ମକ୍ଳାନ୍ତି ଜନିତ ସାମାନ୍ୟ ଅସୁସ୍ଥତା ଜନିତ କାରଣରୁ ମନଟା ଭଲ ଲାଗିବ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ, କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ଭୁଲ୍ ବୁଝାମଣା ଯୋଗୁ ନିଜ ଲୋକଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପାରିବାରିକ ସ୍ଥିତି ପୂର୍ବପରି ରହିବ କିନ୍ତୁ ପୂର୍ବ ଶତ୍ରୁତାରେ ମନ ବିଚଳିତ ରହିପାରେ।

**କୁମ୍ଭ** କାମଗୁଡିକ ପୂର୍ଣ୍ଣାଙ୍ଗ କରିବା ସକାଶେ ଅନ୍ୟମାନଙ୍କ ସାହାଯ୍ୟର ଆବଶ୍ୟକତା ଅନୁଭବ କରିପାରନ୍ତି। ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ନିକଟ ସମ୍ପର୍କୀୟମାନଙ୍କ ସହାୟତା ନେବାକୁ ପଡିପାରେ। ଅବଶ୍ୟ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଦୂରଯାତ୍ରା କରିବାକୁ ପଡ଼ିପାରେ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଦେଖାଦେଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ବାଧ୍ୟବାଧକତାବଶତଃ ଇଚ୍ଛା ନ ଥିଲେ ମଧ୍ୟ ବନ୍ଧୁଙ୍କ କାମରେ ବାହାରକୁ ଯିବାକୁ ପଡିପାରେ। ଅଫିସ୍ କାମରେ କିମ୍ବା ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବା କାରଣରୁ ମାନସିକ ସୁସ୍ଥତା ରହିବନାହିଁ।

ଆଜି ଭାଦ୍ରବ କୃଷ୍ଣପକ୍ଷର ଅଘୋର ଚତୁର୍ଦ୍ଦଶୀ ଶନିବାର, ଶ୍ରୀମନ୍ଦିରରେ କୃଷ୍ଣବଳରାମ ବେଶ, ସାତପୁରୀ ତାଡ ବିଜେ, ସେପ୍ଟେମ୍ବର ୮ ତାରିଖ, ବିଶ୍ୱ ସାକ୍ଷରତା ଦିବସ, ରାଶି ନକ୍ଷତ୍ର-ଦିବା ଘ୧୧।୧୧ମି. ପର୍ଯ୍ୟନ୍ତ ଅଶ୍ଳେଷା/କର୍କଟ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୪୮ମି. ଗତେ ଘ୧।୨୮ମି. ମଧ୍ୟେ, ଘ୩।୦୦ମି. ଗତେ ଘ୪।୩୭ମି. ମଧ୍ୟେ ଅମୃତ ବେଳା। ସକାଳ ଘ୬।୫୩ମି. ଗତେ ଘ୮।୩୦ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୮।୪୦ମି. ଗତେ ଘ୧୦।୧୨ମି. ମଧ୍ୟେ ରାହୁକାଳ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ




■ ୨୩ ଦିନରେ ମିଳିତ ମଞ୍ଚର ଅହୋରାତ୍ର ଆନ୍ଦୋଳନ

# ୬ହଜାର ସ୍କୁଲ, କଲେଜରେ ପାଠପଢ଼ା ଠପ୍



ଧାରଣାସ୍ଥଳରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷକଙ୍କୁ ଅବହେଳା କରାଯାଉଥିବା ନେଇ ସରକାରଙ୍କୁ ସମାଲୋଚନା କରୁଛନ୍ତି।

ଭୁବନେଶ୍ୱର, ୭।୯(ବ୍ୟୁରୋ)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଆହ୍ୱାନରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଚାଲିଥିବା ଅହୋରାତ୍ର ଆନ୍ଦୋଳନ ଶୁକ୍ରବାର ୨୩ ଦିନରେ ପହଞ୍ଚିଛି। ଏଥିରେ ହଜାର ହଜାର ଶିକ୍ଷକ ଏବଂ ଅଧ୍ୟାପକ ସାମିଲ ହୋଇଛନ୍ତି। ଫଳରେ ରାଜ୍ୟର ୬ହଜାର ସ୍କୁଲ, କଲେଜରେ ପାଠପଢ଼ା ଠପ୍ ହୋଇଯାଇଛି। ଏହାସତ୍ତ୍ୱେ ସରକାରୀ ସ୍ତରରେ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ତୁରନ୍ତ ସମସ୍ୟାର ସମାଧାନ କରା ନ ଗଲେ ପଞ୍ଚାୟତ ସ୍ତରରୁ ରାଜଧାନୀ ପର୍ଯ୍ୟନ୍ତ ସବୁ ସ୍ଥାନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ମିଳିତ ମଞ୍ଚର ଆବାହକ ମଣ୍ଡଳୀ ସଦସ୍ୟ ପବିତ୍ର ମହାଲା, ଗୋଲକ ନାୟକ ଓ ପ୍ରକାଶ ଚନ୍ଦ୍ର ମହାନ୍ତି ସରକାରଙ୍କୁ ଚେତାବନୀ ଦେଇଛନ୍ତି। ସନ୍ଧ୍ୟାରେ ମିଳିତ ମଞ୍ଚର ଏକ ଜରୁରୀ ବୈଠକ ବସିଥିଲା। ପଞ୍ଚାୟତରୁ ରାଜଧାନୀ ପର୍ଯ୍ୟନ୍ତ ଯେପରି ଆନ୍ଦୋଳନ କରିବାକୁ ପୂର୍ବରୁ ନିର୍ଦ୍ଧାରଣ କରାଯାଇଥିଲା ତାହାକୁ ବ୍ଲକ ଓ ଜିଲା ଷ୍ଟିୟରିଂ କମିଟି କଡ଼ାକଡ଼ି ପାଳନ କରିବାକୁ ଏଥିରେ ନିଷ୍ପତ୍ତି ହୋଇଛି। ସରକାର ବନ୍ଦ ରହିଥିବା ସ୍କୁଲ, କଲେଜକୁ ଖୋଲିବାର କୌଣସି ଅପକୌଶଳ ପ୍ରୟୋଗ କଲେ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିବା ପାଇଁ ୧୧ ତାରିଖରୁ ମିଳିତମଞ୍ଚ ବିଦ୍ୟାଳୟ ପରିଚାଳନା କମିଟି, ଛାତ୍ର ଓ ଅଭିଭାବକଙ୍କୁ ନେଇ ଯୋଜନା ଆରମ୍ଭ କରିବ। ଏଥିରେ ରାଜ୍ୟର ସାମଗ୍ରିକ ଶିକ୍ଷା ବ୍ୟବସ୍ଥାକୁ ଠପ୍ କରିଦିଆଯିବ ବୋଲି ମିଳିତମଞ୍ଚ ସଭାପତି ପ୍ରକାଶ ଚନ୍ଦ୍ର ଜେନା କହିଛନ୍ତି। ତେବେ ଆସନ୍ତା ସୋମବାର ରାଜ୍ୟ ସରକାର ଶିକ୍ଷକଙ୍କ ଦାବି ସମ୍ପର୍କରେ ଆଲୋଚନା କରିପାରନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ଅନ୍ୟପଟେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଧାରଣାସ୍ଥଳକୁ ଯାଇ ଆନ୍ଦୋଳନକୁ ସମର୍ଥନ ଜଣାଇବା ସହିତ ଶିକ୍ଷକଙ୍କ ଦାବିକୁ ମାନିନେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ମନ୍ତ୍ରୀ ଶିକ୍ଷକମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି, ଏହି ଆନ୍ଦୋଳନ

■ ଧାରଣାସ୍ଥଳରେ ଶିକ୍ଷକଙ୍କୁ ଭେଟିଲେ ଧର୍ମେନ୍ଦ୍ର
■ ସୋମବାର ହୋଇପାରେ ଆଲୋଚନା

କେବଳ ଶିକ୍ଷକଙ୍କ ଦରମା ସହିତ ସଂଶ୍ଳିଷ୍ଟ ନୁହେଁ, ବରଂ ୩୦ରୁ ୩୫ଲକ୍ଷ ସାଧାରଣ ଓଡ଼ିଆ ଘରର ପିଲାଙ୍କ ଭବିଷ୍ୟତ ସହ ଜଡ଼ିତ। ଯଦି ଥରେ ଅଗଷ୍ଟ ଓ ସେପ୍ଟେମ୍ବରରେ ପିଲାଙ୍କ ପାଠପଢ଼ା ବ୍ୟାହତ ହେବ, ତେବେ ସେମାନଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବ। ରାଜ୍ୟ ସରକାର ଦେଶର ସାମ୍ବିଧାନିକ ବିଧିବ୍ୟବସ୍ଥାକୁ ଭାଙ୍ଗି ଆମ ଗାଁ-ଆମ ବିକାଶ ନାଁରେ ୧୨୦୦ କୋଟି ଟଙ୍କା ଖର୍ଚ୍ଚ କରି ନିର୍ବାଚନ ଜିତିବାକୁ ଚାହୁଁଛନ୍ତି। ୪୫୦ କୋଟି ଟଙ୍କା ଖର୍ଚ୍ଚ କରି ବିଜୁ ଯୁବ ବାହିନୀ ନାଁରେ ଦଳୀୟ କର୍ମୀଙ୍କ ପକେଟ୍‌ରେ ଟଙ୍କା ଦେବାପାଇଁ ଚାହୁଁଛନ୍ତି। କିନ୍ତୁ ଶିକ୍ଷକମାନଙ୍କୁ ଦରମା ଦେବା ବାବଦରେ ୭୦୦/୮୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ କାହିଁକି କୁଣ୍ଠିତ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ତେଲ ଦର ବୃଦ୍ଧିକୁ ପ୍ରତିବାଦ କରି ବିଜେଡି ଆନ୍ଦୋଳନ କରୁଥିବା ବେଳେ ୨୦୧୪ରେ ରାଜ୍ୟ ସରକାର ତେଲରୁ ଟିକସ ୩ ହଜାର କୋଟି ଟଙ୍କା ପାଇଛନ୍ତି। ୨୦୧୮ରେ ଏହା ୭ ହଜାର କୋଟିରେ ପହଞ୍ଚିଛି। ତେଲରୁ ଏତେ ଟିକସ ନେବା ପରେ ମଧ୍ୟ ଏଥିରୁ ୭୦୦/୮୦୦ କୋଟି ଟଙ୍କା ଶିକ୍ଷକଙ୍କୁ ଦରମା ଦେବାକୁ ସରକାର କୁଣ୍ଠାବୋଧ କରନ୍ତୁ ନାହିଁ ବୋଲି ସେ ମୁଖ୍ୟମନ୍ତ୍ରୀଙ୍କୁ ଆହ୍ୱାନ ଜଣାଇଛନ୍ତି। ଅନ୍ୟପଟେ ଧର୍ମେନ୍ଦ୍ର ନିଜ ବିଭାଗ ଛାଡ଼ି ଅନ୍ୟଥିରେ ମୁଣ୍ଡ ପୂରାଉଥିବା ନେଇ ବିଜେଡି ଅଭିଯୋଗ କରିବା ସମ୍ପର୍କରେ ଖବରଦାତାମାନେ ତାଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଧର୍ମେନ୍ଦ୍ର କହିଛନ୍ତି, ରାଜ୍ୟ ଶାସକ ଦଳର ଏପରି ଆପତ୍ତି ସେମାନଙ୍କର ଅହଂକାର। ଓଡ଼ିଶାର ସବୁବର୍ଗର ଲୋକଙ୍କ ସମସ୍ୟା ବିଜେଡିର ଏକଚାଟିଆ ଅଧିକାର ନୁହେଁ। ରାଜ୍ୟର ଶାସକ ଦଳ ଓଡ଼ିଶାକୁ ସେମାନଙ୍କ ଜାଗିର ଭାବୁଥିବାରୁ ଏପରି ଅଭିଯୋଗ କରୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

# ଆଇଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୭।୯(ବ୍ୟୁରୋ): ରାଜ୍ୟ ପ୍ରଶାସନରେ କାର୍ଯ୍ୟରତ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀ ସ୍ତରରେ ଶୁକ୍ରବାର ମଧ୍ୟମ ଧରଣର ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

ନୂତନ ବିଜ୍ଞପ୍ତି ଅନୁଯାୟୀ, ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଥିବା ଧୀରେନ୍ କୁମାର ପଟ୍ଟନାୟକ ଗୋପବନ୍ଧୁ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେଶନ(ଜିଏଏ)ର ଅତିରିକ୍ତ କମିଶନର ଭାବେ କାର୍ଯ୍ୟ କରିବେ। ଏହି ପଦବୀ ଅତିରିକ୍ତ ସଚିବ ପାହ୍ୟାର ଅଟେ। ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ଏମ୍‌ଡି ଥିବା ରତ୍ନାକର ରାଉତଙ୍କୁ କଟକସ୍ଥିତ ଓରେଡାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ଏହି ପଦ ଅତିରିକ୍ତ ଶାସନ ସଚିବ ପାହ୍ୟାର ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଏହି ଦାୟିତ୍ୱ ରତ୍ନାକର ରାଉତ ଗ୍ରହଣ କରିବା ପରେ ପୂର୍ବରୁ ରୂପା ମିଶ୍ରଙ୍କ ନିକଟରେ ଥିବା ଅତିରିକ୍ତ ଦାୟିତ୍ୱ ରହିବନି।

ସେହିପରି କଟକ ଉନ୍ନୟନ ପରିଷଦ(ସିଡିଏ)ର ଉପାଧ୍ୟକ୍ଷ ଥିବା ଶରତ ଚନ୍ଦ୍ର ନାୟକଙ୍କୁ କଟକ ମହାନଗର ନିଗମ(ସିଏମ୍‌ସି)ର କମିଶନର ଭାବେ ଦାୟିତ୍ୱ ମିଳିଛି। ଏହି ପଦବୀ ଯୁଗ୍ମ ସଚିବ ପାହ୍ୟାର ବୋଲି ଉଲ୍ଲେଖ କରାଯାଇଛି। ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ଥିବା ବି. ପରମେଶ୍ୱରନ୍‌ଙ୍କୁ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଭାବେ ନୂତନ ଦାୟିତ୍ୱ ମିଳିଛି। ଯୋଜନା ଓ ସଂଯୋଜନ ବିଭାଗର ଯୁଗ୍ମ ସଚିବ ଥିବା ସ୍ୱାଧାଦେବ ବିଡିଏର ଅତିରିକ୍ତ କମିଶନର ଭାବେ ନିଯୁକ୍ତି ପାଇଛନ୍ତି।

ଅପରପକ୍ଷରେ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ରେ କାର୍ଯ୍ୟରତ ୬ ଅଫିସର ଆଇଏଏସ୍ ପାହ୍ୟାକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହି ଅଫିସରମାନେ ହେଉଛନ୍ତି-ମାଗୁଣି ଚରଣ ପାତ୍ର, ଧନଞ୍ଜୟ ହେମ୍ବ୍ରମ୍ , ଗଙ୍ଗାଧର ପାତ୍ର, ପବିତ୍ର ମଣ୍ଡଳ, ସୁନୀଲ କୁମାର ନାୟକ ଏବଂ ବଟକୃଷ୍ଣ ଦେହୁରୀ। କେନ୍ଦ୍ର କାର୍ମିକ ବିଭାଗ ପକ୍ଷରୁ ଗୁରୁବାର ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

# ଓଡ଼ିଶା ବିଧାନସଭାର ୨୭% ବିଧାୟକ ଦାଗୀ

ଭୁବନେଶ୍ୱର,୭।୯(ବ୍ୟୁରୋ): ଓଡିଶାର ୨୭ ପ୍ରତିଶତ ବିଧାୟକ ଦାଗି। ସେମାନଙ୍କ ନାମରେ ଅପରାଧିକ ମାମଲା ରହିଛି। ନିର୍ବାଚନ ଲଢିବା ବେଳେ ପ୍ରାର୍ଥିପତ୍ର ଦାଖଲ ସମୟରେ ଦେଇଥିବା ସତ୍ୟପାଠରେ ସେମାନେ ଏକଥା ଉଲ୍ଲେଖ କରିଛନ୍ତି। ଜାତୀୟ ସ୍ତରରେ ଏହି ହାର ୨୧ ପ୍ରତିଶତ ରହିଛି। ୫୪ଜଣ ବିଧାୟକ ଓ ଏମପି ନିଜ ବିରୋଧରେ ଅପରାଧିକ ମାମଲା ଥିବା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ୫୪ ଜଣଙ୍କ ମଧ୍ୟରୁ ୪୧ ଜଣ (୨୪ %) ବିଧାୟକ/ଏମପି ନିଜ ନାମରେ ସଂଗୀନ ଅପରାଧିକ ମାମଲା ରହିଛି । ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଅପରାଧି ପୃଷ୍ଠ ଭୂମି ଥିବା ବ୍ୟକ୍ତିଙ୍କୁ ପ୍ରାର୍ଥୀ ନ କରିବାକୁ ଓଡିଶା ଇଲେକ୍ସନ ୱାଚ(ଓଡଇଡ୍ଲ୍ୟୁ) ଏବଂ ଆସୋସିଏସନ ଫର ଡେମୋକ୍ରାଟିକ ରିଫର୍ମସ(ଏଡିଆର) ପକ୍ଷରୁ ସମସ୍ତ ରାଜନୈତିକ ଦଳଙ୍କୁ ନିବେଦନ କରାଯାଇଛି। ଓଡିଶା ଇଲେକ୍ସନ ୱାଚ ଏବଂ ଏଡିଆର ରାଜ୍ୟର ୧୪୭ ବିଧାୟକ ଓ ୨୧ ଏମପିମାନଙ୍କର ସତ୍ୟପାଠକୁ ବିଶ୍ଳେଷଣ କରି ଏଭଳି ତଥ୍ୟ ଗଣମାଧ୍ୟମକୁ ଦେଇଛନ୍ତି । ୨୭ ପ୍ରତିଶତ ବର୍ତ୍ତମାନର ବିଧାୟକ ନିଜ ସତ୍ୟପାଠରେ ସେମାନଙ୍କ ନାମରେ ଅପରାଧିକ ମାମଲା ଥିବା ଦର୍ଶାଇଛନ୍ତି ବୋଲି ଓଡିଶା ଇଲେକ୍ସନ ୱାଚର କନଭେନର ରଞ୍ଜନ କୁମାର ମହାନ୍ତି ଶୁକ୍ରବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଯଦି ଅପରାଧିକ ପୃଷ୍ଠ ଭୂମି ଥିବା ବ୍ୟକ୍ତିଙ୍କୁ ରାଜନୈତିକ ଦଳ ଟିକେଟ ଦେବେ ସେମାନେ ମତଦାତାଙ୍କୁ ଡରାଇ ଧମକାଇ ଅନୈତିକ ଉପାୟରେ ଭୋଟ ନେଇଯିବେ। ଯଦ୍ୱାରା ନିର୍ବାଚନରେ ଅପରାଧୀଙ୍କ ଦୌରାତ୍ମ୍ୟ ବୃଦ୍ଧି ହେବା ସହିତ ମତଦାନ ମୁକ୍ତ ଓ ଅବାଧ ହୋଇ ପାରିବ ନାହିଁ। ଏହାଦ୍ୱାରା ସମ୍ବିଧାନ ପ୍ରଦତ୍ତ ଗଣତାନ୍ତ୍ରିକ ମୌଳିକ ଅଧିକାର କ୍ଷୁର୍ଣ୍ଣ ହେବ। ଅପରାଧିମାନଙ୍କୁ ଟିକେଟ ଦେବା ପୂର୍ବରୁ ରାଜନୈତିକ ଦଳଗୁଡିକ ସେମାନଙ୍କର ଟିକେଟ ପାଇବା ପାଇଁ ଥିବା ବ୍ୟବସ୍ଥା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ଆବଶ୍ୟକ ବୋଲି ସେ କହିଛନ୍ତି। ଓଡିଶା ଇଲେକ୍ସନ ୱାଚ ଏବଂ ଏଡିଆର ଖୁବଶୀଘ୍ର ଏନେଇ ଜନସଚେତନତା କାର୍ଯ୍ୟକ୍ରମ ସୃଷ୍ଟି କରିବାକୁ ଯୋଜନା କରିଛନ୍ତି। ମୋ ଭୋଟ, ମୋ ଦେଶ, ମୋ ଭୋଟ ବିକ୍ରି ହେବ ନାହିଁ ଅଭିଯାନ ଆରମ୍ଭ କରାଯିବ। ବିଭିନ୍ନ ପଥ ପ୍ରାନ୍ତ ନାଟକ, ସାଂସ୍କୃତିକ କାର୍ଯ୍ୟକ୍ରମ, ଗଣମାଧମ ଜରିଆରେ ଜନ ସଚେତନତା ସୃଷ୍ଟି କରାଯିବ ବୋଲି ମହାନ୍ତି ଗଣମାଧମକୁ ସୂଚନା ଦେଇଛନ୍ତି।

ADMISSION OPEN 2018-20
B.Ed, B.P.Ed, B.H.Ed.
10th, +2, +3 (UG, PG, All stream) BCA, MCA, BLib, PGDCA, MSW, BBA, MEd., MPhil,
At Regular & Distance at lower rate Approved by UGC, NCTE & Equivalent to Odisha Board University
ADHYAN INSTITUTE OF EDUCATION
Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436

www.gandhiinstitute.in
B.ED.
DIRECT ADMISSION
FEW SEATS LEFT - HURRY UP!!
Helpline No.: 9777988870 9348898852

—ଇମ୍ପାକ୍ଟ ପକ୍ଷରୁ ୩୯ତମ ସାରଳା ପୁରସ୍କାର ଘୋଷଣା

# ଶତ୍ରୁଘ୍ନ ପାଣ୍ଡବ ପାଇବେ ସାରଳା ପୁରସ୍କାର

**ଭୁବନେଶ୍ୱର, ୭।୯(ବ୍ୟୁରୋ):** ଇମ୍ପା ଗ୍ରୁପ୍ ଦ୍ୱାରା ପରିଚାଳିତ ଇମ୍ପାକ୍ଟ ପକ୍ଷରୁ ଚଳିତବର୍ଷ ପାଇଁ ଶାରଳା ପୁରସ୍କାର ଘୋଷଣା କରାଯାଇଛି। ବିଶିଷ୍ଟ ଲେଖକ ତଥା ଔପନ୍ୟାସିକ ଶତ୍ରୁଘ୍ନ ପାଣ୍ଡବ ୩୯ତମ ଶାରଳା ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଲେଖକ ପାଣ୍ଡବ ତାଙ୍କ ରଚିତ 'ମିଶ୍ର ଧ୍ରୁପଦ' ପୁସ୍ତକ ନିମନ୍ତେ ଏହି ପୁରସ୍କାର ପାଇବେ। ପୁରସ୍କାର ବାବଦରେ ତାଙ୍କୁ ୫ଲକ୍ଷ ଟଙ୍କା ଓ ମାନପତ୍ର ପ୍ରଦାନ କରାଯିବ। ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ଶାରଳା ପୁରସ୍କାର ଉପଦେଷ୍ଟା ପରିଷଦ ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯାଇଛି। ଏହାବ୍ୟତୀତ ରାଜ୍ୟର ଅନ୍ୟ ଦୁଇଜଣ କୃତୀ ବ୍ୟକ୍ତିଙ୍କୁ ସଙ୍ଗୀତ ଓ ଚିତ୍ରକଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଇଲା ପଣ୍ଡା ସଙ୍ଗୀତ ସମ୍ମାନ ଏବଂ ଇଲା ପଣ୍ଡା ଚିତ୍ରକଳା ସମ୍ମାନରେ ସମ୍ମାନିତ କରାଯିବ। ଚଳିତବର୍ଷ ସଙ୍ଗୀତ କ୍ଷେତ୍ରରେ ପଣ୍ଡିତ ଉମେଶ ଚନ୍ଦ୍ର କର ଏବଂ ଚିତ୍ରକଳା କ୍ଷେତ୍ରରେ ବିନୋଦ ମହାରଣାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ଉଭୟଙ୍କୁ ୧,୫୦,୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯିବ। ଆସନ୍ତା ଅକ୍ଟୋବର ୨୬ରେ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହେବାକୁ ଥିବା ଶାରଳା ପୁରସ୍କାର ଉତ୍ସବରେ ପ୍ରତିଭାଙ୍କୁ ପୁରସ୍କୃତ କରାଯିବ। ଏହି ଉତ୍ସବରେ ବିଶିଷ୍ଟ ହିନ୍ଦୀ ଲେଖକ ଗୋବିନ୍ଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।













ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।

-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ କାର୍ ଡ୍ରାଇଭର ମୃତ

**ଦଶପଲ୍ଲା,୭।୯ (ଡି.ଏନ.ଏ.)**-ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ନୟାଗଡ ଜିଲା ଦଶପଲ୍ଲା ବ୍ଲକ ସୀମାନ୍ତ ତଥା ବୌଦ୍ଧ ଜିଲା ଚାରିଛକ ଥାନା ଅଧୀନ ବଦଲା ନିକଟରେ ଏକ ଟ୍ରକ୍ ଧକ୍କାରେ ଜଣେ କାର ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ହେଲେ କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଧୀନ ନାନ୍ଦୁଲ ଗ୍ରାମର କୁନା ମାଝି(୨୪)। ଗତ ଗୁରୁବାର ମଧ୍ୟରାତ୍ରରେ ବଦଲା ଠାରେ (ନଂ.ଓଡି ୦୨ ଏନ୍ ୭୭୧୧) ଇନୋଭା କାର୍‌ର ଚକାଟି ପଙ୍କଚର୍ ହୋଇଯିବାରୁ କୁନା କାରରେ ଅନ୍ୟଏକ ଚକା ଲଗାଉଥିଲେ। ଏହି ସମୟରେ ଦଶପଲ୍ଲାରୁ ଯାଉଥିବା ଏକ ଆଇଚର୍ ଟ୍ରକଟି କୁନାଙ୍କୁ ପଛପାଖରୁ ଧକ୍କାଦେଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା। ଘଟଣାସ୍ଥଳରେ କୁନାଙ୍କ ମୃତ୍ୟୁ ହୋଇଥିବା ବେଳେ ଟ୍ରକ୍ ଡ୍ରାଇଭର ଫେରାର ହୋଇ ଯାଇଥିବା ଜଣାପଡିଛି। କୁନାଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଦଶପଲ୍ଲା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ପିକ୍‌ଅପ୍- ଅଟୋ ମୁହାଁମୁହିଁ ଧକ୍କା, ୨ ଗୁରୁତର

**କଣ୍ଟାବାଞ୍ଜି,୭।୯(ଡି.ଏନ.ଏ.)**-କଣ୍ଟାବାଞ୍ଜି ଥାନା ବୁରୋମାଲ ପଞ୍ଚାୟତ ଅଧିନସ୍ଥ କଦଳିପଡା ଗାଁ ନିକଟ କଣ୍ଟାବାଞ୍ଜି-ଗୁଡିଘାଟ ମୁଖ୍ୟ ରାସ୍ତାରେ ଏକ ୪୦୭ ଓ ଅଟୋ ମଧରେ ଶୁକ୍ରବାର ମୁହାଁମୁହିଁ ଧକ୍କା ହୋଇ ୨ଜଣ ଗୁରୁତର ଆହତ ହୋଇଛନ୍ତି। କଣ୍ଟାବାଞ୍ଜି ଅଭିମୁଖେ ଅଟୋଟି ଯାଉଥିବାବେଳେ ଏଥିରେ ଚୈତନ୍ୟ ପୁଟେଲ, ଡ୍ରାଇଭର ହିରାଲାଲ ମାଝି, ହର୍ଷ ପୁଟେଲ, ବଲ ପୁଟେଲ, ନମିତା ଧରୁଆ, କୁମୁଦୁନି ଭୁଏ ଯାଉଥିଲେ। ଅନ୍ୟପଟେ ୪୦୭ ଗାଡ଼ିଟି କଣ୍ଟାବାଞ୍ଜିରୁ ଗୁଡିଘାଟ ଅଭିମୁଖେ ଯାଉଥିଲା। କଦଳିପଡା ଗାଁ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଚୈତନ୍ୟ ପୁଟେଲ ଓ ଡ୍ରାଇଭର ହୀରାଲାଲ ଗୁରୁତର ଆହତ ହୋଇଥିଲେ। ଅବସ୍ଥା ସଂକଟାପନ୍ନ ଥିବାରୁ ସେମାନଙ୍କୁ ବଲାଙ୍ଗୀର ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିବା ସହ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା ଭର୍ତ୍ତି କରିଥିଲେ। କଣ୍ଟାବାଞ୍ଜି ଥାନାରେ କେସ ନଂ.୧୨୦/୧୮ରେ ମାମଲା ରୁଜୁ କରାଯାଇଛି।



ବନ୍ଦପାଳନ ବେଳେ ଆନ୍ଦୋଳନକାରୀ ପିକେଟିଂ କରୁଛନ୍ତି ।

# ବୀରମହାରାଜପୁର ୧୨ ଘଣ୍ଟା ବନ୍ଦ

## ■ ୧୦ କୋଶଳ ଆନ୍ଦୋଳନକାରୀ ଅଟକ

**ଅମରପାଲି/ ବୀରମହାରାଜପୁର, ୭।୯ (ଡି.ଏନ.ଏ.)**

ବୀରମହାରାଜପୁର କୋଶଳ ଯୁବ ସମନ୍ୱୟ ସମିତି ତରଫରୁ ଦିଆଯାଇଥିବା ବନ୍ଦ ଡାକରା ଯୋଗୁ ତାର ପ୍ରଭାବ ବୀରମହାରାଜପୁରରେ ପଡିଥିଲା। କୋଶଳ ରାଜ୍ୟ ଗଠନ ଓ ଯୁବ ସମନ୍ୱୟ ସମିତିର ସଭାପତି ଆର୍ତ୍ତତ୍ରାଣ ଦାଶ ଓ ଅନ୍ୟମାନଙ୍କ ନାମରେ ଦିଆଯାଇଥିବା ମିଥ୍ୟା କେଶ ପ୍ରତ୍ୟାହାର ଦାବିରେ ସକାଳ ୬ଟାରୁ ବନ୍ଦ ପାଳନ କରାଯାଇଥିଲା । ଆନ୍ଦୋଳନକାରୀମାନେ ପିକେଟିଂ କରି ଦୋକାନ ବଜାର ଓ ଗାଡି ଚଳାଚଳ ବନ୍ଦ କରିଥିଲେ । ଫଳରେ ରାସ୍ତାରେ ବହୁ ଗାଡି ମଟର ଅଟକି ରହିଥିବା ବେଳେ ଯାତ୍ରୀବାହୀ ଯାନବାହାନ ସଂପୂର୍ଣ୍ଣ ବନ୍ଦ ରହିଥିଲା । ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ, କୋର୍ଟ କଚେରୀ ମଧ୍ୟ ବନ୍ଦ ରହିଥିଶକ ବୀରମହାରାଜପୁର ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ ବେଳେ ୧୦ ଜଣ ଆନ୍ଦୋଳନକାରୀଙ୍କୁ ପୋଲିସ ଗିରଫ କରିଥିଶକ କୋଶଳ ରାଜ୍ୟ ସମନ୍ୱୟ ସମିତି ଯୁଗ୍ମ ଆବାହକ କିଶୋର ହୋତା, ବିଭୁଦତ୍ତ ମିଶ୍ର, ବଲାଙ୍ଗିର ଜିଲା ସଂଯୋଜନ ରବିଶଙ୍କର ମିଶ୍ର, ରଣରାଜା ସିଂହଦେଓ, ଯୁବ ସମନ୍ୱୟ ସମିତିର ସାଧାରଣ ସମ୍ପାଦକ ସବ୍ୟସାଚୀ ପୂଜାହାରୀ, ସୁବେଦାର ଲଳିତ ସାହୁ, ହଜାରୀ ପଧାନ, ନବକିଶୋର ତ୍ରିପାଠୀ, ଝାଙ୍କର ପ୍ରଧାନ, ସୁବ୍ରତ ହୋତା, ଶତ୍ରୁଘ୍ନ ମେହେର ପ୍ରମୁଖଙ୍କୁ ପୋଲିସ ଗିରଫ କରି ବ୍ୟକ୍ତିଗତ ମୁଚଲକାରେ ଛାଡିଥିଲା । ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ଥିବା ବେଳେ ଉପଜିଲାପାଳ କାର୍ଯ୍ୟାଳୟ ଖୋଲାଥିଲା । ବୀରମହାରାଜପୁର କଲେଜରେ ପରୀକ୍ଷା ଚାଲୁଥିବାରୁ ତାହା ମଧ୍ୟ ଖୋଲା ଥିଲା । ଆନ୍ଦୋଳନରେ ନୀଳକମଲ ମିଶ୍ର, ମନୋରଞ୍ଜନ ଦାଶ, ଆର୍ତ୍ତତ୍ରାଣ ପାଣିଗ୍ରାହୀ, ହିମାଂଶୁ ସାହୁ, ପୂର୍ବତନ ମନ୍ତ୍ରୀ କାର୍ତ୍ତିକ ପ୍ରସାଦ ତରିଆ, ବୃନ୍ଦାବନ ଷଡଙ୍ଗୀ, ଝାରସୁଗୁଡ଼ାର କରୁଣାକର ପଟେଲ, ସମ୍ବଲପୁରର ଅମିତାଭ ମାଝୀ, ରେଢ଼ାଖୋଲର ଶ୍ରୀକାନ୍ତ ପଧାନ, ଉଲୁଣ୍ଡାର ଆଦିତ୍ୟ ପୁରୋହିତ, ବିଶ୍ୱଜିତ ପାତ୍ର, ଲକ୍ଷ୍ମୀକାନ୍ତ ପୁରୋହିତ, ଦତ୍ତାତ୍ରୟ ପଣ୍ଡା, ବଳରାମ ଦାଶ ପ୍ରମୁଖ ସାମିଲ ଥିଲେ। ଏସଡିପିଓ ଧିରଜ ଚୌପଦାର, ଆଇଆଇସି କୁଶ ପାଣିଗ୍ରାହୀ, ହେମନ୍ତ ରାଓଙ୍କ ନେତୃତ୍ୱରେ ଆଇନ ଶୃଙ୍ଖଳାକୁ ଦେଖି ୨ ପ୍ଲାଟୁନ୍ ପୋଲିସ ମୁତୟନ କରାଯାଇଥିଲା ।

# ହୀରାକୁଦ ଡ୍ୟାମ ଜଳସ୍ତର ୬୨୫.୨୧ ଫୁଟ

## ■ ୧୨ ଗେଟରୁ ଜଳ ନିଷ୍କାସନ

**ସମ୍ବଲପୁର,୭।୯(ବ୍ୟୁରୋ)**

ହୀରାକୁଦ ଡ୍ୟାମକୁ ପ୍ରତି ସେକେଣ୍ଡରେ ୨ଲକ୍ଷ ୪୪ ହଜାର ୬୬୦ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ହୀରାକୁଦ ଡ୍ୟାମର ଜଳସ୍ତର ଶୁକ୍ରବାର ରାତି ୯ଟା ସୁଦ୍ଧା ୬୨୫. ୨୧ ଫୁଟ ରହିଛି। ଏହାକୁ ଦୃଷ୍ଟିରେ ରଖି ଡ୍ୟାମ ବାମ ପାର୍ଶ୍ୱର ୮ ଓ ଡାହାଣ ପାର୍ଶ୍ୱର ୪ ସ୍ଲୁଇସ୍ ଗେଟ ଖୋଲାଯାଇଛି। ଜଳ ଭଣ୍ଡାରରୁ ପ୍ରତି ସେକେଣ୍ଡରେ ୧୨ ସ୍ଲୁଇସ ଗେଟ୍ ସହ ବରଗଡ଼, ଶାସନ, ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ, ପାୱାର ଚ୍ୟାନେଲ ମାଧ୍ୟମରେ ୨, ୬, ୫୪୧ କ୍ୟୁସେକ୍ ଜଳ ନିଷ୍କାସନ ଚାଲିଥିବା ବୁର୍ଲାସ୍ଥିତ ମୁଖ୍ୟ କଣ୍ଟ୍ରୋଲ ରୁମ ପକ୍ଷରୁ ସୂଚିତ କରାଯାଇଛି । ଗତ ୨୪ ଘଣ୍ଟା



ମଧ୍ୟରେ ସମ୍ବଲପୁର ଜିଲାରେ ୫୩୨.୪୩ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଝୁଣ୍ଟୁରାରେ ୫୧.୨, ରେଙ୍ଗାଲିରେ ୬୮.୮, ମାନେଶ୍ୱରରେ ୫୭.୮, କୁଚିଣ୍ଡାରେ ୩୧.୪, ରେଢ଼ାଖୋଲରେ ୮୬.୧୩, ନାକଟିଦେଉଳରେ ୪୬.୦, ବାମରା ୬୩.୦, ଜମନକିରା ୭୨.୮, ଧନକଉଡା ୫୫.୩ ମିମି ବର୍ଷା ହୋଇଛି। ସେହିପରି ଡ୍ୟାମର ଉପରମୁଣ୍ଡରେ ୩୪.୧୦ ଓ ତଳମୁଣ୍ଡରେ ୫୮.୮୭ ବୃଷ୍ଟିପାତ ହୋଇଛି। ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ସକାଳୁ ଲଗାଣ ବର୍ଷା ଜାରି ରହିଥିଲା। କିନ୍ତୁ ମଧ୍ୟାହ୍ନ ୧୨ ପରେ ମେଘୁଆ ପାଗ ଲାଗି ରହିଥିଲା ।

# ସୁନ୍ଦରଗଡ଼ ଜିଲାରେ ୨୬୦ରୁ ଅଧିକ ଡାକ୍ତର ପଦବୀ ଖାଲି

**ଭୁବନେଶ୍ୱର,୭।୯(ବ୍ୟୁରୋ)**

ରାଉରକେଲା ସମେତ ସୁନ୍ଦରଗଡ଼ ଜିଲାରେ ୨୬୦ରୁ ଅଧିକ ଡାକ୍ତର ପଦବୀ ଖାଲିପଡ଼ିଛି। ଭାଜପା ସଭ୍ୟ ଦିଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଗୁରୁବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ରାଉରକେଲା ଜେନେରାଲ ହସ୍ପିଟାଲ ଲାଗି ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ, ସ୍ପେଶିଆଲିଷ୍ଟ ଏବଂ ଅନ୍ୟ ପାହ୍ୟାର ୮୪ଟି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ଥିବାବେଳେ ସେଥିରେ ମାତ୍ର ୩୧ ଜଣ ଅଛନ୍ତି। ଅବଶିଷ୍ଟ ୫୩ ଡାକ୍ତର ପଦବୀ ଏହି ଗୁରୁତ୍ୱପୂର୍ଣ୍ଣ ହସ୍ପିଟାଲରେ ଖାଲିପଡ଼ିଛି। ଏହାଛଡ଼ା ଆର୍‌ଜିଏଚ୍‌ରେ ବହୁ ଅଣଡାକ୍ତର ପଦବୀ ମଧ ଖାଲି ରହିଛି। ଏ ପରିପ୍ରେକ୍ଷୀରେ ସମସ୍ତ ପଦବୀ ପୂରଣ ସହିତ ଆର୍‌ଜିଏଚ୍‌କୁ ରାଜ୍ୟ ସରକାର ମେଡ଼ିକାଲ କଲେଜରେ ପରିଣତ କରିବା ପାଇଁ ବିଧାୟକ ଶ୍ରୀ ରାୟ ଏକ ବିବୃତିରେ ଦାବି କରିଛନ୍ତି। ରାଉରକେଲାରେ ହାଇଟେକ୍ ମେଡ଼ିକାଲ କଲେଜ ପାଇଁ ସରକାର ଟଙ୍କା ଓ ଜମି ଯୋଗାଇ ଦେଇଥିଲେ ମଧ ୨ ବର୍ଷ ଧରି ନାମଲେଖା ବନ୍ଦ ରହିଥିବା ମନ୍ତ୍ରୀ କହିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ବିସ୍ତୃତ ତଥ୍ୟ ଅନୁସାରେ ସୁନ୍ଦରଗଡ଼ ସିଡିଏମ୍‌ଓଙ୍କ ଅଧୀନରେ ବିଭିନ୍ନ ଡାକ୍ତରଖାନାରେ ଥିବା ୧୬୧ଟି ଡାକ୍ତର ପଦବୀ ଖାଲିପଡ଼ିଛି। ଏହାଛଡ଼ା ରାଉରକେଲାରେ ଥିବା ହୋମିଓପାଥିକ ମେଡ଼ିକାଲ କଲେଜରେ ୨୯ ଡାକ୍ତରୀ ଶିକ୍ଷକ ଏବଂ ଜିଲାର କେତେକ ହୋମିଓପାଥିକ ଓ ଆୟୁର୍ବେଦିକ ଡାକ୍ତରଖାନାରେ ମଧ ଡାକ୍ତର ପଦବୀ ଖାଲି ପଡ଼ିଥିବା ମନ୍ତ୍ରୀଙ୍କ ପ୍ରଦତ୍ତ ତଥ୍ୟରୁ ଜଣାପଡ଼ିଛି। କେବଳ ଡାକ୍ତର ପଦବୀ ନୁହେଁ ସୁନ୍ଦରଗଡ଼ ଜିଲାର ବିଭିନ୍ନ ଚିକିତ୍ସାଳୟ ଲାଗି ଥିବା ଅଣଡାକ୍ତର ପଦବୀଗୁଡ଼ିକ ମଧ୍ୟରୁ ପ୍ରାୟ ୫୦୦ ଖାଲି ପଡ଼ିଥିବା ଜଣାପଡ଼ିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ କା'ର ପୁଅ କା'ର**
**ବାଇଦ ବାଜୁଛି ଯା'ର ତା'ର ।**

ବିବାହ ଏକ ସାମାଜିକ ବନ୍ଧନ । ଅଜଣା ଅଦେଖା ଦୁଇ ପୁରୁଷ ଓ ନାରୀ ସାରା ଜୀବନ ପାଇଁ ଏକ ସୂତ୍ରରେ ବାନ୍ଧି ହୋଇଯାଇଥାନ୍ତି। ସଂସାରରେ ପ୍ରତି ଘରର ଝିଅ ପୁଅ ବଦଳ ରୀତିରେ ଉପସ୍ଥାପିତ ହୋଇଥାନ୍ତି ଅର୍ଥାତ୍ ବୈବାହିକ ରୀତିରେ ଜୀବନ ନିର୍ବାହ କରିଥାନ୍ତି। ଝିଅ ପୁଅ ଛନ୍ଦିହେବା ଉପଲକ୍ଷେ ଯେଉଁ ସମାରୋହ ସୃଷ୍ଟି ହୁଏ ତା'ର ରୂପରେଖ ଏଠାରେ ବର୍ଣ୍ଣନା କରାଯାଇଛି।

**ଝୁମୁକି କଠଉ ମଡ଼ା**
**ଝିପିଝିପି ଯେଉଁ ମେଘ ବରଷା**
**ତହିଁକି ଖାରିଆ ଖଡ଼ା ।**

ଝିପିଝିପି ବରଷା ସହଜେ କମି ନ ଥାଏ। ବର୍ଷାଦିନେ ଯାତାୟାତ ପାଇଁ ଅସୁବିଧା ହେବା ସହ ହାଟସଉଦା କରି ହୋଇ ନ ଥାଏ। ଏପରିସ୍ଥଳେ ଖଡ଼ା ବାଡ଼ିରୁ ପାଇବା ସୁବିଧାଜନକ ହୋଇଥିବା ବେଳେ ସେଥିରେ କାମ ଚଳାଇ ନେବା ଛଡ଼ା ଅନ୍ୟ ପନ୍ଥା ନ ଥାଏ। ପରୋକ୍ଷରେ ଝୁମୁକା ଲଗା ପାଦରେ କଠଉ ମାଡ଼ିବା ଭଳି ବର୍ଷାଦିନେ ଖାରିଆ ଖଡ଼ା ପାଟିକୁ ଅରୁଚି ଲାଗିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:



ବିଧାନସଭା ପ୍ରଶ୍ନୋତ୍ତର

# ଗୋଟିଏ କଲେଜରେ ବି ନାହାନ୍ତି ନିୟମିତ ଅଧ୍ୟକ୍ଷ

**ଭୁବନେଶ୍ୱର,୭।୯(ବ୍ୟୁରୋ)**

ଓଡ଼ିଶାର ଗୋଟିଏ ହେଲେ ସରକାରୀ କିମ୍ବା ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜରେ ନିୟମିତ ଅଧ୍ୟକ୍ଷ ନାହାନ୍ତି। ଏଗୁଡ଼ିକରେ ପ୍ରାୟ ୩ ହଜାର ଶିକ୍ଷକ ପଦବୀ ଖାଲିପଡ଼ିଛି। ଏହାଛଡ଼ା ଏହି କଲେଜଗୁଡ଼ିକରେ ୨ ହଜାରରୁ ଅଧିକ ଅଣଶିକ୍ଷକ ପଦବୀ ମଧ ଖାଲି। ଭାଜପା ସଭ୍ୟ ଦିଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ବିଧାନସଭାରେ ଦେଇଥିବା ତଥ୍ୟରୁ ଏହା ଜଣାପଡ଼ିଛି।

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ୫୨ଟି ସରକାରୀ ଓ ୫୯୮ଟି ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜ ରହିଛି। ଏଥିରୁ କୌଣସି ଗୋଟିଏ ହେଲେ କଲେଜରେ ନିୟମିତ ଅଧ୍ୟକ୍ଷ ନାହାନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ସରକାରୀ ଡିଗ୍ରୀ କଲେଜଗୁଡ଼ିକରୁ ୨୯ଟିର ଅଧ୍ୟକ୍ଷ ପଦବୀ ପୂରଣ

**ଉଚ୍ଚଶିକ୍ଷା ବିପର୍ଯ୍ୟସ୍ତ**

ପାଇଁ ଲୋକସେବା ଆୟୋଗକୁ ଅନୁରୋଧ କରାଯାଇଛି। ସେହିପରି ଅନୁଦାନପ୍ରାପ୍ତ ଘରୋଇ ଡିଗ୍ରୀ କଲେଜଗୁଡ଼ିକର ଅଧ୍ୟକ୍ଷ ପଦବୀ ପୂରଣ ପାଇଁ ସରକାର ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି।

ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ସରକାରୀ ଡିଗ୍ରୀ କଲେଜଗୁଡ଼ିକ ଲାଗି ୨୩୦୬ ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦବୀ ଥିବାବେଳେ ସେଥିରେ ଏବେ କାର୍ଯ୍ୟରତ ଅଛନ୍ତି ମାତ୍ର ୧୦୨୨ ଜଣ ଅଧ୍ୟାପିକା ଓ ଅଧ୍ୟାପକ। ଏହି ୫୨ଟି ସରକାରୀ ଡିଗ୍ରୀ କଲେଜରେ ୧୨୮୪ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ୧୨୩ ଜଣ ଆଡହକ୍ ଓ ଅତିଥି ଅଧ୍ୟାପକଙ୍କୁ ନିୟୋଜନ କରି ପାଠ ପଢ଼ାଯାଉଛି। ତେବେ ୧୬୧ଟି ନିୟମିତ ଅଧ୍ୟାପକ ପଦବୀ ଚୟନ ଲାଗି ଲୋକସେବା ଆୟୋଗକୁ କୁହାଯାଇଛି। ଏହି କଲେଜଗୁଡ଼ିକ ଲାଗି ୨୨୯୯ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀ ରହିଛି। ସେଥିରେ ମାତ୍ର ୧୧୩୪ ଜଣ କାର୍ଯ୍ୟରତ ଥିବାବେଳେ ୧୧୬୫ ଖାଲିପଡ଼ିଛି।

ସେହିପରି ଅନୁଦାନପ୍ରାପ୍ତ ୫୯୮ଟି ବେସରକାରୀ ଡିଗ୍ରୀ କଲେଜରେ କେଉଁଠି ବି ହେଲେ ନିୟମିତ ଅଧ୍ୟକ୍ଷ ନାହାନ୍ତି। ଏଗୁଡ଼ିକ ପାଇଁ ୬୩୬୪ଟି ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦବୀ ଥିବାବେଳେ ସେଥିରୁ ୧୬୬୬ଟି ଖାଲିପଡ଼ିଛି। ଖାଲି ପଡ଼ିଥିବା ପଦବୀଗୁଡ଼ିକରୁ ୮୩୩ଟି ପୂରଣ ପାଇଁ ରାଜ୍ୟ ସିଲେକ୍ସନ୍ ବୋର୍ଡକୁ କୁହାଯାଇଛି। ଏହି ବେସରକାରୀ ଡିଗ୍ରୀ କଲେଜଗୁଡ଼ିକ ଲାଗି ୩୬୯୮ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀ ଥିବା ବେଳେ ସେଥିରୁ ୧୦୯୮ଟି ଖାଲିପଡ଼ିଛି। ସେଗୁଡ଼ିକୁ ପୂରଣ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

**ପୂର୍ବ ତଟ ରେଳପଥ**

**କଣ୍ଟାବାଞ୍ଜି ରେଳ ଷ୍ଟେସନ ଠାରେ ପାର୍କିଙ୍ଗ୍ ଷ୍ଟାଣ୍ଡ**

ଟେଣ୍ଡର ବିଜ୍ଞପ୍ତି ସଂ. C/SBP/Parking/KBJ/18, ତା: 05.09.2018

**କାର୍ଯ୍ୟର ନାମ :** କଣ୍ଟାବାଞ୍ଜି ରେଳ ଷ୍ଟେସନ ଠାରେ ଦୁଇ ଏବଂ ଚାରି ଚକିଆ ପାର୍କିଙ୍ଗ୍ ଷ୍ଟାଣ୍ଡ ନିମନ୍ତେ ଚୁକ୍ତି ।

**03(ତିନି)ବର୍ଷ ପାଇଁ ସଂରକ୍ଷଣ ମୂଲ୍ୟ(ଟଙ୍କାରେ) :** 8,79,320/-, EMD (ଟଙ୍କାରେ) : 44,000/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 2,360/- ।

ଟେଣ୍ଡର ଫର୍ମ ଜାରି ହେବା ଅବଧି : ତା.08.10.2018ରିଖ 1700 ଘଣ୍ଟିକା ପର୍ଯ୍ୟନ୍ତ, ଟେଣ୍ଡର ଫର୍ମ ଦାଖଲ କରାଯିବା ତାରିଖ ଓ ସମୟ : ତା.09.10.2018 ରିଖ 1600 ଘଣ୍ଟିକା ପର୍ଯ୍ୟନ୍ତ,

**ଟେଣ୍ଡର ଖୋଲା ଯିବା ତାରିଖ ଓ ସମୟ :** ତା.09.10.2018ରିଖ 1630 ଘଣ୍ଟିକାରେ ।

ଟେଣ୍ଡର ଫର୍ମ ଉପଲବ୍ଧ ହେବା ସ୍ଥାନ : ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଦ୍ୱିତୀୟ ମହଲା, ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ କମ୍ପ୍ଲେକ୍ସ, ସମ୍ବଲପୁର, ଓଡ଼ିଶାଙ୍କ କାର୍ଯ୍ୟାଳୟରୁ ଯେକୌଣସି କାର୍ଯ୍ୟଦିବସରେ ମିଳିପାରିବ । ଟେଣ୍ଡର ନଥିପତ୍ରଗୁଡ଼ିକ ୱେବ୍‌ସାଇଟ୍: www.eastcoastrail.indianrailways.gov.in ରେ ମଧ୍ୟ ଉପଲବ୍ଧ ହେବ ।

ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ (ମାନେ)ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ । ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ସମ୍ବଲପୁର

PR-342/J/18-19

**UTKAL UNIVERSITY**
(Accredited A+ by NAAC)
**NOTIFICATION**

No.CPG/Aca/11/1191/2018 Dated: 06.09.2018

**ONLINE APPLICATIONS ARE INVITED FOR ADMISSION INTO MBA IN RURAL MANAGEMENT FOR THE SESSION 2018-19 AT NEW CAMPUS, CHANDIKHOLE, UTKAL UNIVERSITY**

Application form is available in the University website (**www.utkaluniversity.nic.in**). The course will be offered in the new campus of Utkal University at Chandikhole with 24 seats in regular mode under Choice Based Credit System (4 Semesters).

**Eligibility :**

Bachelor's degree under any stream with at least 50% marks in aggregate (except AMIE) and for SC/ST/PH candidates 45% marks in aggregate.

**Important Dates :**

Availability and online submission of Application Form :
**07.09.2018 to 20.09.2018 (Mid night)**

Date of Entrance Test : **23 September, 2018 (Sunday) : 11.30 A.M. to 12.30 P.M.**
Entrance Venue : **Department of Business Administration, Utkal University**
Date of publication of Entrance Test Result : **25 September, 2018**
Date of Admission : **28 & 29 September, 2018**
Contact persons : Prof. J. Dandapat, OSD, New Campus, Chandikhole, **M-9437466087**
Prof. B.B. Mishra, Department of MBA, **M-9437134777**
Dr. R. Garada, Department of Sociology, **M-9437517126**

**NB:**

1. Hard copy of the application form along with documents to be collected from the candidates on the day of entrance **(i.e. 23.09.2018)**.
2. There is no provision for Hostel accommodation.
3. No 2nd P.G. admission is admissible.
4. Course fee Rs.25,000/- (Rupees twenty five thousand) only per annum + Admission fees per annum (as applicable).

**CHAIRMAN, P.G.COUNCIL**

# ଓଲଟିଲା ଘରୋଇ ବସ୍, ୮ ଯାତ୍ରୀ ଆହତ



ରାସ୍ତାକଡ଼କୁ ଓଲଟି ପଡ଼ିଥିବା ବସ୍ ।

**ରେଢ଼ାଖୋଲ,୭।୯(ଡିଏନଏ)**

୫୫ ନଂ ଜାତୀୟ ରାଜପଥ ରେଢ଼ାଖୋଲ ସହର ଉପକଣ୍ଠ ବର୍ଷକିଆ ନିକଟରେ ଶୁକ୍ରବାର ସନ୍ଧ୍ୟା ୬ଟା ସମୟରେ ଦୁର୍ଘଟଣା ଘଟିଛି। ଗଜଲକ୍ଷ୍ମୀ ନାମକ ଏକ ଘରୋଇ ବସ (ନଂ. ଓଆର ୦୨ ଆର ୧୮୯୯) ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଦେବଗଡ଼ ଜିଲା ଟିଙ୍କବୀର ଗ୍ରାମକୁ ଯାଉଥିବା ଏହି ବସ୍‌ରେ ଯାତ୍ରା କରୁଥିବା ୮ ଯାତ୍ରୀ ଗୌଡପଡ଼ା ଗ୍ରାମ ସୁମିତ୍ରା ସାହୁ(୪୫), ବିନ୍ଦପୁର ଗ୍ରାମର ସାଢେ ୩ ବର୍ଷର ଶିଶୁ ଲିଖି ପ୍ରଧାନ, ପତ୍ରାପାଲିର ପ୍ରମୋଦିନୀ ବିଶ୍ୱାଳ (୨୦), ବୁଟିସିଂଗା ଗ୍ରାମର ଗଣେଷ ମେହେର(୫୫), ଭଗବତୀ ମେହେର(୪୫), ରିଆମାରର କଳାକାର ବିଶ୍ୱାଳ(୪୫) ଓ ଖଣ୍ଡହତା ଗ୍ରାମର ପ୍ରହଲ୍ଲାଦ ପୁରୋହିତ(୫୦) ଗୁରୁତର ଓ ଅନ୍ୟମାନେ ସାମାନ୍ୟ ଆହତ ହୋଇଥିବା ଜଣାଯାଇଛି। ସମସ୍ତଙ୍କୁ ରେଢ଼ାଖୋଲ ଡାକ୍ତରଖାନାରେ ଚିକିତ୍ସା କରାଯାଇଛି। ପୋଲିସ ଏ ନେଇ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୯୬୬୩

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତି ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ବିକ୍ରମ କେଶରୀ ପ୍ରଧାନ**, ପିତା: ପ୍ରହଲ୍ଲାଦ ପ୍ରଧାନ, ପ୍ଲଟ୍ ନଂ.: ୫୮/୮୩(ବି), ଆର୍‌ଡି-୩, ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼ ନିକଟ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା | **ସମ୍ପତ୍ତିର ମାଲିକ: ଶ୍ରୀ ବିକ୍ରମ କେଶରୀ ପ୍ରଧାନ** | ଶ୍ରୀ ବିକ୍ରମ କେଶରୀ ପ୍ରଧାନଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଞ୍ଚଲୋ, ତହସିଲ/ଥାନା: ବାଲିଅନ୍ତା, ଖାତା ନଂ.: ୫୫/୧୮, ପ୍ଲଟ୍ ନଂ.: ୧୧, କ୍ଷେତ୍ର: ଏକର୦.୦୩୪.୪୩ ଡିସିମିଲି (୧୫୦୦ ବର୍ଗଫୁଟ), ସବ୍-ପ୍ଲଟ୍ ଡୁପ୍ଲେକ୍ସ ହାଉସ୍ ନଂ. ୨୩, ଏହାର ଚାରିପାର୍ଶ୍ୱରେ- ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ସବ୍-ପ୍ଲଟ୍ ନଂ. ୨୪, ଦକ୍ଷିଣ: ସବ୍-ପ୍ଲଟ୍ ନଂ. ୨୨ | ୧୮.୦୫.୨୦୧୮ | ୦୬.୦୯.୨୦୧୮ | **ଡିମାଣ୍ଡ ନୋଟିସ୍ ଅନୁଯାୟୀ:** ୧୮.୦୫.୨୦୧୮ ସୁଦ୍ଧା ଟ.୪୩,୯୬,୧୮୯/- + ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ / **ଦଖଲ ନୋଟିସ୍ ଅନୁଯାୟୀ:** ୦୬.୦୯.୨୦୧୮ ସୁଦ୍ଧା ଟ.୪୬,୩୯,୦୨୦/- + ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୦୬.୦୯.୨୦୧୮
ସ୍ଥାନ: ଭୁବନେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୮ ସେପ୍ଟେମ୍ବର, ୨୦୧୮



"ଜୀବନର ପ୍ରାଚୁର୍ଯ୍ୟ ଯେଉଁଠାରେ ନାହିଁ, ସେଠାରେ ଆଧ୍ୟାତ୍ମିକ ଜ୍ଞାନ ସମ୍ଭବ ହେବ ନାହିଁ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଜିଲାପାଳଙ୍କ ରିଆମାଳ ଓ ତିଲେଇବଣି ବ୍ଲକ ଅଞ୍ଚଳ ଗସ୍ତ

ଦେବଗଡ, ୭।୯(ସ୍ୱ.ପ୍ର.)
ଜିଲାପାଳ ସୁଧାଂଶୁ ମୋହନ ସାମଲ ଗୁରୁବାର ରିଆମାଳ ଏବଂ ତିଲେଇବଣି ବ୍ଲକର କେତେକ ଅଞ୍ଚଳ ଗସ୍ତ କରିଥିବା ଜଣାପଡିଛି। ଏହି ଅବସରରେ ସେ ରିଆମାଳ ବ୍ଲକ ଅନ୍ତର୍ଗତ ତାବଡା ଗ୍ରାମପଞ୍ଚାୟତର ଅଙ୍ଗନବାଡି କେନ୍ଦ୍ର-'ଖ' ପରିଦର୍ଶନ କରି ପିଲାମାନଙ୍କୁ ଦିଆଯାଉଥିବା ରନ୍ଧାଖାଦ୍ୟ ଅନୁଧ୍ୟାନ କରିଥିଲେ। ଏହା ସଙ୍ଗେ ସଙ୍ଗେ ସେମାନଙ୍କ ସହିତ କଥାବାର୍ତ୍ତା କରିଥିଲେ। ଅଙ୍ଗନୱାଡି କେନ୍ଦ୍ରରେ ରେଜିଷ୍ଟରଗୁଡିକ ଠିକ୍ ଭାବରେ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଜିଲା ସମାଜ ମଙ୍ଗଳ ଅଧିକାରୀ ଏହା ଉପରେ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଯେଭଳି ପ୍ରତ୍ୟହ ସକାଳ ୯ଟାରୁ ୧ଟା ସମୟ ପର୍ଯ୍ୟନ୍ତ ଖୋଲା ରହିବ ସେଥିପାଇଁ ବିହିତ ପଦକ୍ଷେପ ନେବାକୁ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗୋହିରା ଡ୍ୟାମକୁ ସଂଯୋଗ କରୁଥିବା ରାସ୍ତା ଅତ୍ୟନ୍ତ ଖରାପ ଥିବାରୁ ଏହାର ମରାମତି କରିବା ନିମନ୍ତେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ବୁର୍ଲା ଜଳସେଚନ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କୁ କହିଛନ୍ତି। ସେହିଭଳି ଚଟିବରଘାଟଠାରୁ ଗୋହିରା ଡ୍ୟାମକୁ ଯାଇଥିବା ରାସ୍ତାର କାମ ଶୀଘ୍ର କରିବାକୁ ନିର୍ବାହୀ ଯନ୍ତ୍ରୀ (ଆରଏଣ୍ଡବି),ଦେବଗଡଙ୍କୁ ପରାମର୍ଶ ଦେଇଛନ୍ତି। ଦେଓଧର ଜଳପ୍ରପାତର ଉନ୍ନତିକରଣ ନିମନ୍ତେ ଆବଶ୍ୟକ ଥିବା ବିଭିନ୍ନ କାର୍ଯ୍ୟ ଏବଂ ଏଥି ନିମନ୍ତେ ଆବଶ୍ୟକୀୟ ବ୍ୟୟ ଅଟକଳ ପ୍ରସ୍ତୁତ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତିଲେଇବଣିଙ୍କୁ ନିର୍ଦ୍ଦେଶ ଦେବା ସଙ୍ଗେ ସଙ୍ଗେ ଜଳପ୍ରପାତ ପରିସରର ପରିଷ୍କାର ପରିଚ୍ଛନ୍ନତା ଉପରେ ମଧ୍ୟ ଧ୍ୟାନଦେବାକୁ କହିଛନ୍ତି। ଉକ୍ତ ପର୍ଯ୍ୟଟନସ୍ଥଳୀକୁ ନିୟମିତ ବ୍ୟବଧାନରେ ପୋଲିସ ମୋବାଇଲଭେନ ପଠାଇବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

### ଯବାନ ଶହୀଦ, ଉଗ୍ରବାଦୀ ନିହତ

ଇମ୍ଫାଲ,୭।୯(ପି.ଟି.)-
ମଣିପୁରରେ ଶନିବାର ସୁରକ୍ଷା ବାହିନୀ ଏବଂ ନିଷିଦ୍ଧ ଉଗ୍ରବାଦୀ ଗୋଷ୍ଠୀ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ଜଣେ ଯବାନ ଶହୀଦ ହୋଇଥିବାବେଳେ ଜଣେ ଉଗ୍ରବାଦୀ ନିହତ ହୋଇଛନ୍ତି। ମ୍ୟାନ୍ମାର ସୀମାନ୍ତବର୍ତ୍ତୀ ଚାନ୍ଦେଲ ଜିଲାର ଜୌପୀ ଅଞ୍ଚଳରେ ଶନିବାର ସକାଳ ୫ଟାରେ ପ୍ରଥମେ ଗୁଳି ଶବ୍ଦ ଶୁଣିବାକୁ ମିଳିଥିଲା। ନିକଟରେ ଥିବା ଆସାମ ରାଇଫଲ୍ ବାଟାଲିୟନ୍ ଯବାନଙ୍କୁ ତୁରନ୍ତ ସୂଚନା ଦିଆଯାଇଥିଲା। ଏହାପରେ ଉଭୟ ପକ୍ଷ ମଧ୍ୟରେ ଗୁଳିବିନିମୟ ଜାରି ରହିଥିଲା ବୋଲି ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

### ଜିଲା ଓକିଲ ସଂଘର ସାଧାରଣ ପରିଷଦ ବୈଠକ

ଦେବଗଡ,୭।୯(ସ୍ୱ.ପ୍ର.) -ସ୍ଥାନୀୟ ଜିଲା ଓକିଲସଂଘର ସମ୍ମିଳନୀ କକ୍ଷରେ ସଂଘର ଏକ ସାଧାରଣ ପରିଷଦ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଦିଲୀପ କୁମାର ଗୁରୁ ଙ୍କ ସଭାପତିତ୍ୱରେ ସଂଘର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିଷଦ ଆଲୋଚନା କରାଯାଇଥିଲା। ଏହି ଅବସରରେ ଜିଲାରେ ଏକ ମେଡିକାଲ କଲେଜ ଏବଂ ଡାକ୍ତରଖାନା, ଏକ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଠାରେ ଦାବି ଉପସ୍ଥାପନ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏଥି ସହ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖିଥିବାରୁ ସଂଘ ତରଫରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ସେହିପରି ସଂଘର ନିର୍ବାଚନ ଅଧିକାରୀ ତଥା ଆଇନଜୀବୀ ମନୋଜ କୁମାର ପାଢୀଙ୍କ ଅନୁମୋଦନ କ୍ରମେ ସଂଘର କାର୍ଯ୍ୟନିର୍ବାହୀ ସଦସ୍ୟ ବଛାଯାଇଥିଲା। ସେମାନେ ହେଲେ ବରିଷ୍ଠ ଆଇନଜୀବୀ ପ୍ରଶନ୍ନ କୁମାର ରଥ, ଭୁପେନ୍ଦ୍ର ନାଥ ଦେବ, ଜୟଭଗବାନ ଅଗ୍ରୱାଲ, ଆଶୁତୋଷ ଶର୍ମା, ରାଜୀବ ଲୋଚନ ପ୍ରଧାନ, ପ୍ରମୋଦ ନନ୍ଦ, ସୌରେନ୍ଦ୍ରୀ ପ୍ରଧାନ, ଅବନୀକାନ୍ତ ଖଡିରତ୍ନ, ପ୍ରମଥେଶ ଗୁରୁ, ଶ୍ରୀବତ୍ସ ମିଶ୍ର, ରଞ୍ଜନ ସାହୁ, ରଜତକାନ୍ତ ପ୍ରଧାନ, ପିଙ୍କିରାଣୀ ନନ୍ଦ, ସିଦ୍ଧେଶ୍ୱର ଗୁରୁଙ୍କୁ ମନୋନୀତ କରାଯାଇଛି। ଶେଷରେ ସମ୍ପାଦକ ବିକାଶ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ସିଏଚ୍ଏସ୍ଇର ୩୬ତମ ପ୍ରତିଷ୍ଠା ଦିବସ

# ଶିକ୍ଷା ବ୍ୟବସ୍ଥାକୁ ନେଇ ଦ୍ୱନ୍ଦ୍ୱରେ ଉଚ୍ଚଶିକ୍ଷା ମନ୍ତ୍ରୀ

**ଆସିଲେନି ବିଭାଗୀୟ ମନ୍ତ୍ରୀ, ସଚିବ**

ଭୁବନେଶ୍ୱର, ୭।୯(ବ୍ୟୁରୋ)

ପୂର୍ବରୁ ଥିବା ଶିକ୍ଷା ବ୍ୟବସ୍ଥା ଏବଂ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାକୁ ନେଇ ମୋ ମନରେ ସର୍ବଦା ଅନେକ ପ୍ରଶ୍ନ ଉଙ୍କି ମାରୁଛି। ଏହାର ଉତ୍ତର ମୋ ପାଖରେ ନାହିଁ କି ବିଭାଗୀୟ ଅଧିକାରୀମାନଙ୍କୁ ପଚାରିଲେ ସେମାନେ ମଧ୍ୟ ଏହାର ଉତ୍ତର ଦେଇପାରୁନାହାନ୍ତି। ବର୍ତ୍ତମାନର ରାଜ୍ୟରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାଶ ଏଭଳି ଅସହାୟତା ପ୍ରକାଶ କରିଛନ୍ତି। ଶୁକ୍ରବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ)ର ୩୬ତମ ପ୍ରତିଷ୍ଠା ଦିବସ ପାଳନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଯେଉଁ ବକ୍ତବ୍ୟ ରଖିଥିଲେ, ସେଥିରୁ ଶିକ୍ଷା ବ୍ୟବସ୍ଥାକୁ ନେଇ ସେ ଦ୍ୱନ୍ଦ୍ୱରେ ଥିବା ଆଭାସ ମିଳୁଥିଲା।

ମନ୍ତ୍ରୀ କହିଥିଲେ, ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପାଠପଢି ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଏବଂ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) କ୍ଷେତ୍ରରେ ବହୁ ଛାତ୍ରୀଛାତ୍ର ଚାକିରି ପାଉଥିଲେ। ଏବେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଛି। ହେଲେ ସେଥିରୁ ଉତ୍ତୀର୍ଣ୍ଣ ହେଉଥିବା ଅଧିକାଂଶ ଛାତ୍ରୀଛାତ୍ର ଆଉ ଆଇଏଏସ୍ ଏବଂ ଓଏଏସ୍‌ରେ କୃତକାର୍ଯ୍ୟ ହୋଇପାରୁ ନାହାନ୍ତି। ସେ ଆହୁରି କହିଥିଲେ, ଯୁକ୍ତ୨ ଶିକ୍ଷାରେ ଉନ୍ନତି ଆଣିବାକୁ ହେଲେ ସିଲାବସ୍‌ରେ ପରିବର୍ତ୍ତନ କରିବାକୁ ପଡିବ। ତେବେ ଏଥିପାଇଁ ସିଏଚ୍ଏସ୍ଇ ଅଧ୍ୟକ୍ଷ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ନୂଆ ସିଲାବସ୍ ଆଣିବାକୁ ଉଦ୍ୟମ କରିବେ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ପ୍ରାଥମିକ ଶିକ୍ଷାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥାକୁ ସଜଡା ଗଲେ ଶିକ୍ଷାରେ ଉନ୍ନତି ଆସିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥିଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର କହିଛନ୍ତି, ଓଡ଼ିଆ ଭାଷାରେ ଅଧ୍ୟୟନ କରି ଭଲ ନମ୍ବର ରଖିଲେ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ମାଧ୍ୟମିକ ଶିକ୍ଷାରେ ସଂସ୍କାର ଆଣିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମିଶ୍ର କହିଛନ୍ତି। ସେପଟେ ସିଏଚ୍ଏସ୍ଇ ପ୍ରତିଷ୍ଠା ଦିବସ ଉତ୍ସବରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ଏବଂ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କୁ ଅତିଥିଭାବେ ନିମନ୍ତ୍ରଣ କରାଯାଇଥିଲା। ନିଜ ବିଭାଗର ମନ୍ତ୍ରୀ ଏବଂ ସଚିବ ହୋଇ ମଧ୍ୟ ଉତ୍ସବକୁ ମନ୍ତ୍ରୀ ଏବଂ ସଚିବ ଆସି ନ ଥିଲେ। ଏହା ପରିଷଦର କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କୁ ନିରୁତ୍ସାହିତ କରିଥିଲା। ଏହାକୁ ନେଇ ଉପସ୍ଥିତ ଶିକ୍ଷାବିତ୍‌ମାନେ ମଧ୍ୟ ସାମାନ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ଉତ୍ସବରେ ସିଏଚ୍ଏସ୍ଇ ଅଧ୍ୟକ୍ଷ ଅମରେନ୍ଦ୍ର କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଏବଂ ପରୀକ୍ଷା ନିୟନ୍ତ୍ରକ ବିଜୟ କୁମାର ସାହୁ ଅତିଥି ପରିଚୟ ଦେଇଥିଲେ। ସିଏଚ୍ଏସ୍ଇ ପକ୍ଷରୁ କରାଯାଇଥିବା ରାଜ୍ୟସ୍ତରୀୟ ବକ୍ତୃତା ଏବଂ ଖେଳ ଆଦି ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଏନ୍‌ସିସି ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କୁ ବିଧାୟକ ମିଶ୍ର ମାନପତ୍ର ଦେଇଥିଲେ। ସିଏଚ୍ଏସ୍ଇ ଉପ ପରୀକ୍ଷା ନିୟନ୍ତ୍ରକ ପ୍ରବୋଧ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବେସାହାରା ହରିଜନ ସାହିର ଲୋକେ

ଦେବଗଡ,୭।୯(ସ୍ୱ.ପ୍ର.)

ଦେବଗଡ ଜିଲାରେ ଗତ ତିନି ଦିନ ଧରି ଲଗାଣ ବର୍ଷା ଯୋଗୁ ବହୁ ପରିବାରର ଝାଟିମାଟି ଘର ଭାଙ୍ଗିଯାଇଛି। ଏ ସମ୍ପର୍କରେ ଜିଲା ପ୍ରଶାସନ ପାଖରେ ଖବର ପହଞ୍ଚି ନ ଥିବା ସୂଚନା ମିଳିଛି। ଏହି ପରିପ୍ରେକ୍ଷୀରେ ବାରକୋଟ ବ୍ଲକ କଣ୍ଢେଇ ବାଲିପୋଷି ହରିଜନ ସାହିର ଗେଲ ପାତ୍ରଙ୍କ ଘର ଗୁରୁବାର ରାତିରେ ପ୍ରବଳ ବର୍ଷାରେ ଭାଙ୍ଗିଯାଇଥିବା ଜଣାପଡିଛି। ଫଳରେ ସେ ବର୍ତ୍ତମାନ ବେସାହାରା ହୋଇ ସାହାଯ୍ୟ ଅପେକ୍ଷାରେ ଚାହିଁ ରହିଛନ୍ତି। ଏଣୁ ପ୍ରଶାସନ ତୁରନ୍ତ ଆକଳନ କରି ତାଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

**ଲଗାଣ ବର୍ଷାରେ ଭଜୁଡିଲା ଘର**



ପ୍ରବଳ ବର୍ଷାରେ ଭାଙ୍ଗିଯାଇଥିବା ଘର।

## ଆଜିଠାରୁ ଭାଜପା କାର୍ଯ୍ୟକାରିଣୀ ବୈଠକ

ନୂଆଦିଲ୍ଲୀ,୭।୯(ପି.ଟି.)-
ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି ଭାଜପାର ଦୁଇଦିନିଆ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ସାମାଜିକ ନ୍ୟାୟ ଏବଂ ଅର୍ଥନୈତିକ ସଫଳତା ବିଷୟରେ ଆଲୋଚନା ହୋଇପାରେ ବୋଲି କୁହାଯାଉଛି। ତୈଳ ଦରବୃଦ୍ଧି ଏବଂ ପୂର୍ବର ୟୁପିଏ ସରକାରଙ୍କ ଦ୍ୱାରା ଅର୍ଥନୀତିର କୁପରିଚାଳନା ପ୍ରସଙ୍ଗ ମଧ୍ୟ ଆଲୋଚନାରେ ସ୍ଥାନ ପାଇପାରେ। ଭାଜପାର ବରିଷ୍ଠ ନେତାଙ୍କ ଉପସ୍ଥିତିରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଶନିବାର ମଧ୍ୟାହ୍ନରେ ଉଦ୍‌ଘାଟନୀ ଅଭିଭାଷଣ ଦେବେ।

### ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ smbselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।








@ ଜ୍ୟୋତି



@ ଜ୍ୟୋତି

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**B.Ed**
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR
7682826300
7682826301
BRAHAMPUR
7682826307
7377730723

**SPOT ADMISSION**
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

**Get Instant Cash Against Gold**
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

**SMS JOB**
ବେଟିବଚାଓ ବେଟିପଢାଓ ଯୋଜନାରେ ପୁଅଝିଅ, ଗୃହିଣୀ, ଘରେବସି Part time, full time SMS କାମ କରି ମାସକୁ ଟଙ୍କା 15,000/- ରୁ 30,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ନାମ ଓ ଠିକଣା SMS କରନ୍ତୁ ।
Laptop, Mobile FREE
09135937168
07258995324

**GET INSTANT CASH AGAINST GOLD**
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

**FLY ASH BRICKS MACHINE**
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

**BARSHA FINANCE**
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
**ADARSH FINANCE**
Ram Nagar, Narnel, Haryana
7310635473
7310568831

**SMS JOBS DHAMAKA**
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

**FINANCE**
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

!! ଋଣ ଋଣ ଋଣ !!
**ମହାରାଷ୍ଟ୍ର ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339

**BUSINESS OPPORTUNITY**
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ ଦେଇ ମାତ୍ର ତିନ ଦିନରେ ଶିକ୍ଷା ଋଣ, ବ୍ୟବସାୟ ଋଣ ଏବଂ ସୁନା ଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ
9874247647
Plot No: 86, Sarkar Street, Kolkata

**Shree Ganesh Finance Ltd.**
ଋଣ ଧମାକା
ବେରୋଜଗାରଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। ମହିଳାଙ୍କ ପାଇଁ ବିଶେଷ ରିହାତି। ସବୁ ଋଣ (100000-9500000) ପର୍ଯ୍ୟନ୍ତ ପାଆନ୍ତୁ ଘରେ ବସି।
Durga Nagar, Ward 36, Ferozpur
09085463427

**GRAMIN FINANCE** 1962 ଠାରୁ ଆପଣଙ୍କ ସେବାରେ
ସରକାରୀ ଯୋଜନା ଦ୍ୱାରା ପର୍ସନାଲ, ଏଜୁକେଶନ, ପ୍ରପର୍ଟି ଋଣ ନିଅନ୍ତୁ 48 ଘଣ୍ଟାରେ।
ନୋ ଫାଇଲ୍ ଚାର୍ଜ
ନୋ ଗ୍ୟାରେଣ୍ଟର
Only Bank Fees
ଋଣ ପାସ୍ ହେଲା ପରେ
ମହିଳା ଓ Govt. Jobଧାରୀଙ୍କ ପାଇଁ ବିଶେଷ ସବ୍‌ସିଡି
AT: TARAN, PO: TAARAN, PUNJAB - 143401
Website: www.graminfinance.com
Miss Call Alerts:
18001007280

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

**ଧନଲକ୍ଷ୍ମୀ ଫାଇନାନ୍ସ**
(Govt. Regd.)
Vill: Asthawan, Dist.- Nalanda, Bihar-803107
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଆଧାରକାର୍ଡ, ରାଶନ କାର୍ଡ, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ପାଆନ୍ତୁ ୨୪ ଘଣ୍ଟାରେ ।
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
୧ ଲକ୍ଷରୁ ୫ କୋଟି ପର୍ଯ୍ୟନ୍ତ ଋଣ ସରକାରୀ ବ୍ୟାଙ୍କଗୁଡ଼ିକ ଦ୍ୱାରା।
Call Now:
07078315986

**BUSINESS**
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

ସାରା ଭାରତରେ ଖୋଲା ଆହ୍ୱାନ, ଜଣେ ଆପଣ ଚିନ୍ତିତ କି ?

ବାବା ଆରିଫ ଅଲ୍ଲୀ
9911436726, 9540938429

**JAI LAXMI FINANCE**
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979)
ସରକାରୀ ସ୍ୱୀକୃତି ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ । (ଏଜେଣ୍ଟ ଆମନ୍ତ୍ରିତ)
7455967551
9068296909

**ଦୀପାବଳି ଧମାକା**
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ


**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ୬ ହାଇସ୍କୁଲ, ୩ କଲେଜରେ ତାଲା

**ନାକଟିଦେଉଳ,୭।୯(ଡି.ଏନ.ଏ.)** ବ୍ଲକ ଗ୍ରାଣ୍ଟ ଉଚ୍ଛେଦ, ଚାକିରି ସର୍ତ୍ତାବଳୀ ନିର୍ଦ୍ଧାରଣ ଓ ପୂର୍ଣ୍ଣ ଅନୁଦାନ ପ୍ରଦାନ ଦାବି ନେଇ ରାଜ୍ୟ ମିଳିତ ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ଆନ୍ଦୋଳନ ଜୋର୍‌ଦାର୍ ହୋଇଛି। ଏ ନେଇ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସାହେବୀ, ଜାମୁଯୋରୀ, ସାଲେଭଟା, ବଳମ, ଫୁଲକୁସୁମ ଏବଂ ନାକଟିଦେଉଳ ରାଧାଦେବୀ ହେତମ ପୁରିଆ ବାଳିକା ଉଚ୍ଚ ବିଦ୍ୟାଳୟ, ବାଟଗାଁ କଲେଜ, କିସିଣ୍ଡା କଲେଜରେ ଗୁରୁବାରଠାରୁ ତାଲା ପଡ଼ିଛି। ଅଧ୍ୟାପିକା ଅଧ୍ୟାପକ, ଶିକ୍ଷୟିତ୍ରୀ ଶିକ୍ଷକମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଅଭିଭାବକଙ୍କୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଚିନ୍ତା ଘାରିଛି।

### ଭାଡ଼ିମୁରାରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ, କଂଗ୍ରେସ କର୍ମୀଙ୍କ ପ୍ରତିକ୍ରିୟା

**ସମ୍ବଲପୁର,୭।୯(ଡି.ଏନ.ଏ.)-** ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଲିପିଣ୍ଡା ପଞ୍ଚାୟତ ଭାଡ଼ିମୁରା ଗ୍ରାମରେ ବୁଧବାର ବିଜେଡି ପକ୍ଷରୁ ଜୀବନ ବିନ୍ଦୁ ରକ୍ତଦାନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲା ରେଡକ୍ରସ ସହଯୋଗ କରିଥିଲା। ସ୍ଥାନୀୟ ଜିଲା ରେଡକ୍ରସର ଜଣେ କର୍ମଚାରୀ ରକ୍ତଦାନ କରିବାକୁ କହିବାରୁ କଂଗ୍ରେସ କର୍ମୀମାନେ ମଧ ରକ୍ତଦାନ କରିଥିଲେ। ପରେ କାର୍ଯ୍ୟକ୍ରମ ସମ୍ପର୍କିତ ଏକ ବ୍ୟାନର ଲଗାଯାଇ ଫଟୋ କରାଯାଇଥିଲା। କଂଗ୍ରେସ କର୍ମୀମାନେ ଏହାକୁ ନାପସନ୍ଦ କରିଥିଲେ। ବିବେକା ବେହେରା, ଦୀପକ ପ୍ରଧାନ, ସିରାଜ ଅହମ୍ମଦ, ବିନେର ଭୋଇଙ୍କ ସମେତ ୮ କଂଗ୍ରେସ କର୍ମୀ ସେମାନଙ୍କ ପ୍ରତିକ୍ରିୟାରେ ଜଣାଇଛନ୍ତି ଯେ ରକ୍ତଦାନ କରିବା ମହତ କାମ। ମାତ୍ର ଯେ ହେତୁ ଏହା ଦଳୀୟ କାର୍ଯ୍ୟକ୍ରମ ଭୁଲବଶତଃ ଏଥିରେ ସାମିଲ ହୋଇଥିଲୁ। ଶିବିରରେ ମୋଟ ୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଜୀବନ ବିନ୍ଦୁ ଜିଲା କୋର୍ଡିନେଟର କବିତା ପୁରୋହିତ, ସମ୍ବଲପୁର ଏମ୍‌ପି ପ୍ରତିନିଧି ଯୁଯୁମୁରା ବ୍ଲକ ପ୍ରଫୁଲ୍ଲ ମିର୍ଦ୍ଧାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ନନ୍ଦପଡ଼ାରେ ନୂଆଁଖାଇ ଭେଟଘାଟ ପ୍ରସ୍ତୁତି

**ସମ୍ବଲପୁର,୭।୯(ବ୍ୟୁରୋ)-** ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ୧୪ ତାରିଖରେ ହେବ। ଏ ନେଇ ସମ୍ବଲପୁର ନନ୍ଦପଡ଼ା ଚିତ୍ରୋତ୍ପଳା ଯୁବକ ସଂଘ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଶନିବାର ପୂର୍ବାହ୍ନରେ ଚେସ୍, ୯ରେ ବେଣୁ ରଥ ସ୍ମାରକୀ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ହେବ। କୃତୀ ପ୍ରତିଯୋଗୀମାନଙ୍କୁ ନନ୍ଦପଡ଼ା ବାଲୁଙ୍କେଶ୍ୱର କଲ୍ୟାଣ ମଣ୍ଡପଠାରେ ହେବାକୁ ଥିବା ନୂଆଁଖାଇ ଭେଟଘାଟ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।



ଶୁକ୍ରବାର ସମ୍ବଲପୁର ଆଇଆଇଏମକୁ ସ୍ଥାୟୀ ପଟ୍ଟା ପ୍ରଦାନ ଦାବୀରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଦାବିପତ୍ର ଦେବାକୁ ଜିଲାପାଳ ଅଫିସ ଆସିଛନ୍ତି ।

■ ସମ୍ବଲପୁରରେ ଆଇଆଇଏମ୍

# ସ୍ଥାୟୀ ପଟ୍ଟା ସହ ଜମି ଯୋଗାଇ ଦେବାକୁ ଦାବି

**ସମ୍ବଲପୁର, ୭।୯ (ବ୍ୟୁରୋ)**

ସମ୍ବଲପୁର ଆଇଆଇଏମକୁ ରାଜ୍ୟ ସରକାର ଜମି ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଯଦ୍ୱାରା ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣରେ ବିଳମ୍ବ ହେଉଛି। ଏଣୁ ଯଥାଶୀଘ୍ର ରାଜ୍ୟ ସରକାର ସ୍ଥାୟୀ ପଟ୍ଟା ଯୋଗାଇ ଦେବାକୁ ଦାବି ହୋଇଛି। ନଚେତ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଅଜୟ ଜେନାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ସମ୍ବଲପୁର ସମେତ ପଶ୍ଚିମାଞ୍ଚଳର ବିଭିନ୍ନ ଅଞ୍ଚଳରେ ବାରମ୍ବାର ଆନ୍ଦୋଳନ ପରେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ) ପ୍ରତିଷ୍ଠା ହୋଇପାରିଛି। ସମ୍ବଲପୁର ଜିଲା ଧନକଉଡା ବ୍ଲକ ବସନ୍ତପୁରରେ ୧୮୦ ଏକର ଜମି ରାଜ୍ୟ ସରକାର ଆଇଆଇଏମକୁ ଦେବାକୁ ଘୋଷଣା କରିଥିଲେ । କିନ୍ତୁ ପ୍ରତିଷ୍ଠା ହେବାର ତିନି ବର୍ଷ ପରେ ନିର୍ମାଣ କାମ ଆରମ୍ଭ ହୋଇପାରିନାହିଁ । ଏପର୍ଯ୍ୟନ୍ତ ରାଜସ୍ୱ ବିଭାଗ ଦ୍ୱାରା ଆଇଆଇଏମ ସମ୍ବଲପୁର ନାମରେ ଜମି ହସ୍ତାନ୍ତର କରାଯାଇ ନାହିଁ । ରାଜ୍ୟ ସରକାର ଜମିକୁ ଦୀର୍ଘସୂତ୍ରୀ ଲିଜ ଆକାରରେ ଯୋଗାଇ ଦେବାକୁ ରାଜି ହୋଇଛନ୍ତି । ତେବେ ଗତ ଜୁନ ୨୨ ତାରିଖରେ ରାଜ୍ୟ କ୍ୟାବିନେଟ ଆଇଆଇଏମ ସମ୍ବଲପୁରକୁ ୧୮୧.୭୭ ଏକର ଜମି ମଞ୍ଜୁର କରିଥିବା ଜଣାପଡ଼ିଥିଲା । ୨୦୧୫ ସେପ୍ଟେମ୍ବର ୨୩ ତାରିଖରେ ରାଜସ୍ୱ ବିଭାଗ ପକ୍ଷରୁ ଆଇଆଇଏମ ସମ୍ବଲପୁର ସକାଶେ ବସନ୍ତପୁର, କଳାମାଟି ଓ ବଡ଼ସିଂହାରୀ ମୌଜାରୁ ୨୦୦ ଏକର ଜମି ହସ୍ତାନ୍ତର କରାଯାଇଥିବା ଘୋଷଣା ହୋଇଥିଲା। ତତ୍‌କାଳୀନ ବୈଷୟିକ ଶିକ୍ଷା ମନ୍ତ୍ରୀ ସଞ୍ଜୟ ଦାସବର୍ମା ଆଇଆଇଏମ ଇନ୍ଦୋର ନିର୍ଦ୍ଦେଶକଙ୍କୁ ଜମି ହସ୍ତାନ୍ତର କରାଯାଇଥିବା ନେଇ କାଗଜପତ୍ର ଦେଖାଇଥିବା ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ଉପରୋକ୍ତ ଘଟଣାକ୍ରମ ଯୋଗୁ ଆଇଆଇଏମ ସମ୍ବଲପୁର ନାମରେ ଜମି ହସ୍ତାନ୍ତରକୁ ନେଇ ବାରମ୍ବାର ବିବାଦ ସୃଷ୍ଟି ହେଉଛି । ଏହାଦ୍ୱାରା ଗତ ତିନିବର୍ଷ ମଧ୍ୟରେ ହୋଇଥିବା ଆଇଆଇଏମ ସମ୍ବଲପୁରର ସୁନାମରେ ଆଞ୍ଚ୍ ଆସିବା ସହ ଛାତ୍ରଛାତ୍ରୀ ମଧ ଶିକ୍ଷାନୁଷ୍ଠାନକୁ ନେଇ ଅସୁରକ୍ଷିତ ମନେ କରୁଛନ୍ତି ।

ଗୁରୁବାର କେନ୍ଦ୍ର କ୍ୟାବିନେଟ ନୂଆଁ ଭାବେ ଗଢ଼ି ଉଠିଥିବା ୭ ଆଇଆଇଏମର ସ୍ଥାୟୀ କ୍ୟାମ୍ପସ୍ ପାଇଁ ୩୭୭୫.୪୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଆଇଆଇଏମ ସମ୍ବଲପୁର ଲାଗି ୪୦୧.୯୪ କୋଟି ଟଙ୍କା ଅନୁମୋଦନ ହୋଇଛି। ଏଥିସହ ସ୍ଥାୟୀ କ୍ୟାମ୍ପସ୍ ଆସନ୍ତା ଜୁନ ୨୦୨୧ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ଘୋଷଣା ହୋଇଛି।। ଅନ୍ୟ ରାଜ୍ୟରେ ଆଇଆଇଏମ ପାଇଁ ସେଠାକାର ସରକାର ସ୍ଥାୟୀ ପଟ୍ଟା ସହ ଜମି ହସ୍ତାନ୍ତର କରିସାରିଛନ୍ତି। ମାତ୍ର ଆଇଆଇଏମ ସମ୍ବଲପୁରକୁ ଜମି ହସ୍ତାନ୍ତର ସମୟରେ ବିବାଦ ଅଞ୍ଚଳବାସୀଙ୍କ ଭାବାବେଗକୁ ଆଘାତ ପହଞ୍ଚାଇଥିବା ପ୍ରଦତ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଛି । ପଶ୍ଚିମାଞ୍ଚଳ ଏକତା ମଞ୍ଚର ଆବାହକ ଭବାନୀ ଶଙ୍କର ଭୋଇ, କାର୍ଯ୍ୟକ୍ରମ ସଂଯୋଜକ ସମୀର ରଞ୍ଜନ ବାବୁ, ସଂଯୋଜକ ମାନସ ରଞ୍ଜନ ବକ୍ସି, ସମ୍ବଲପୁର ସଂଯୋଜକ ଶାଶ୍ୱତ ପଣ୍ଡା, ଦେବାଶୀଷ ବେହେରା, ମୋନୁ ଶର୍ମା, ଚନ୍ଦ୍ରଶେଖର ନାୟକ, କାମେଶ ବାଗ, ଅରୁଣ ଦାସ, ଶିବାଶୀଷ ବେବର୍ତ୍ତା, କୃଷ୍ଣ ଚନ୍ଦ୍ର ଦାସ, ସୁବ୍ରତ ପଧାନ, ଆଲୋକ ବହିଦାର, ରାହୁଲ ମୋଦକ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

## ଲଗାଣ ବର୍ଷାରେ ଧସିଲା ଘର କାନ୍ଥ

■ ଅନ୍ୟ ଘରେ ଆଶ୍ରିତ ପରିବାର

**ଜମନକିରା,୭।୯(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ କସଡ଼ା ପଞ୍ଚାୟତ ମାଲିପଡ଼ାରେ ଲଗାଣ ବର୍ଷାରେ ବିନୋଦ ମହାପାତ୍ର (୪୦)ଙ୍କ ଘର କାନ୍ଥ ଧସି ପଡ଼ିଛି। ପରିବାର ଲୋକେ ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି। ଏହି ଅସହାୟ ପରିବାରଙ୍କୁ ଉକ୍ତ ବିପଦସଙ୍କୁଳ ଘରେ ମୁଣ୍ଡ ଗୁଞ୍ଜିବା ପାଇଁ ପ୍ରଶାସନ ତରଫରୁ ଖଣ୍ଡିଏ ଜରି ମିଳିଛି। ଘର ତିଆରି କରିବା ପାଇଁ ଆର୍ଥିକ ସମ୍ବଳ ନ ଥିବାରୁ ବିନୋଦ ପିଲାଛୁଆଙ୍କୁ ଧରି କିପରି ଦିନ କାଟିବେ ଚିନ୍ତାରେ ରହିଛନ୍ତି। ଖୁବ ଶୀଘ୍ର ବ୍ୟବସ୍ଥା କରାଯିବ ବୋଲି ଜମନକିରା ତହସିଲଦାର ମନୋଜ କୁମାର ମେହେର କହିଛନ୍ତି। ସୂଚନାଯୋଗ୍ୟ, ବିନୋଦ ତାଙ୍କ ସ୍ତ୍ରୀ, ପୁଅ, ଝିଅ ଓ ମା'ଙ୍କ ସହ ୩ କୋଠରୀ ଥିବା ମାଟି କାନ୍ଥ ଘରେ ରହିଆସୁଥିଲେ। ଗୁରୁବାର ବିଳମ୍ବିତ ରାତିରେ ତୁହାକୁ ତୁହା ବର୍ଷାମାଡ଼ରେ ଘରର ୩ କାନ୍ଥ ଭାଙ୍ଗି ଯାଇଥିଲା। ସୌଭାଗ୍ୟବଶତଃ ପରିବାର ଲୋକେ ଏହି ବିପତ୍ତିରୁ ରକ୍ଷା ପାଇଥିଲେ। କାନ୍ଥ ଭୁଶୁଡ଼ି ପଡ଼ିବାରୁ ଘରଟି ଆଉ ରହିବା ଯୋଗ୍ୟ ହୋଇନାହିଁ। ଘରର ପାଟି ଖୁଣ୍ଟ ମଧ୍ୟ ଝୁଲି ପଡ଼ିଛି। କେଉଁ ମୁହୂର୍ତ୍ତରେ ଏହା ଖସି ପଡ଼ି ପିଲାଛୁଆଙ୍କ ଉପରେ ପଡ଼ିବ ଆଶଙ୍କା ଦେଖାଦେଇଛି। ପ୍ରଶାସନ ତୁରନ୍ତ ସହାୟତା ରାଶି ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଭଙ୍ଗା ଘରକୁ ନେଇ ଆତଙ୍କରେ ଥିବା ପରିବାର ଲୋକେ।

## ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

**ପଡିଆବାହାଲ,୭।୯(ଡି.ଏନ.ଏ.)**

ପଡ଼ିଆବାହାଲ ବ୍ଲକ୍ ମୁଣ୍ଡେନପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ଦ୍ୱାରା ଏଥିରେ ମୋଟ ୩୭ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅନୁଷ୍ଠାନର ଉପଦେଷ୍ଟା ଅବିନାଶ ଚନ୍ଦ୍ର ଶର୍ମା ଓ ମିତ୍ରଭାନୁ ବାଘ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍କୁଲ ସଭାପତି ସରୋଜ କୁମାର ନାଥ ଓ ପ୍ରଧାନ ଆଚାର୍ଯ୍ୟ ଜ୍ୟୋତିର୍ମୟୀ ବାଘ ଜ୍ଞାନ ବିଜ୍ଞାନ ମେଳାର ଆବଶ୍ୟକତା ଓ ଉପଯୋଗିତା ଉପରେ ବୁଝାଇଥିଲେ। ବିଚାରକ ଭାବେ ଛାତ୍ରୀଛାତ୍ରଙ୍କ ପ୍ରଦର୍ଶିତ ବିଭିନ୍ନ ପ୍ରକଳ୍ପକୁ ସରୋଜ ଗର୍ଡତିଆ ଏବଂ ପ୍ରଦୀପ ପଧାନ ମୂଲ୍ୟାଙ୍କନ କରିଥିଲେ। ବାଲ୍ ବିଭାଗରେ ଅନ୍ୱେଷା ସାହୁ, ତୃପ୍ତିମୟୀ ଖମାରୀ, ଟିଙ୍କିଲାଲ ତାଣ୍ଡିଆ, ଶିଶୁ ବିଭାଗରେ ଆୟୁଷ ମଲ୍ଲିକ, ଶିଳ୍ପା ସାହୁ, ତନୁଷା ପଧାନ, ଉପ-ଶିଶୁ ବିଭାଗରେ କଙ୍କେଶ୍ୱର ଖମାରୀ, ପ୍ରତିକ୍ଷା ପଣ୍ଡା ଏବଂ ସୁହାନାସୁଚୀ ପଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମକୁ ବିଷ୍ଣୁପ୍ରିୟା ପ୍ରଧାନ, ବିନତି ମଲ୍ଲିକ, ବୁଲି ମେହେର, ରଶ୍ମିତା ସାହୁ ଓ ମନିଷା ପଧାନ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ସମ୍ପାଦକ ରଞ୍ଜନ କୁମାର ନାଥ ଧନ୍ୟବାଦ ଦେଇଥିଲେ।



ଜ୍ଞାନ ବିଜ୍ଞାନ ମେଳାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ।



ରେଙ୍ଗାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଆୟୋଜିତ ବୈଠକରେ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଅନ୍ୟମାନେ।

## ଶେଷ କିଷାନଙ୍କୁ ସମ୍ବର୍ଦ୍ଧନା

**ନାକଟିଦେଉଳ,୭।୯(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ପ୍ରଶାସନ ପକ୍ଷରୁ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଉଦାହରଣ ସାଜିଥିବା ବଲାସିଙ୍ଗା ଗ୍ରାମର ଯୁବ ବୈଜ୍ଞାନିକ ଶେଷଦେବ କିସାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଡ଼ିଓ ମେଥୋଡିସ ଲାକ୍ରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ କିସାନ କିଭଳି ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ସଫଳତା ଦିଗରେ ଆଗେଇ ପାରିଛନ୍ତି ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ସେ କାହିଁକି ଏବଂ କ'ଣ ପାଇଁ ଜର୍ମାନ ଯାଉଛନ୍ତି ଏବଂ ଭବିଷ୍ୟତରେ ତାଙ୍କର ସ୍ୱଦେଶ ପ୍ରତ୍ୟାବର୍ତ୍ତନ ନେଇ ଉପୁଜୁଥିବା ସଂଶୟକୁ ସେ ଦୂରୀଭୂତ କରିବାକୁ ଯାଇ ଉତ୍ତର ରଖିଥିଲେ। ଏହି ଅବସରରେ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉତ କିସାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ ବିକ୍ରମ ମୁର୍ମୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ରୀ ମେହେର, ଉନ୍ନୟନ ବିଭାଗର ଶରତ ପ୍ରଧାନଙ୍କ ସମେତ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ରୋଗୀ କଲ୍ୟାଣ ସମିତି ବୈଠକ

■ ପିଏଚ୍‌ସିକୁ ସିଏଚ୍‌ସି କରିବା ପାଇଁ ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ପ୍ରସ୍ତାବ

**ରେଙ୍ଗାଲି,୭।୯(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତିର ବୈଠକ ଅନୁଷ୍ଠିତ ହୋଇଥିଲା। ରେଙ୍ଗାଲି ପିଏଚସିକୁ ସିଏଚସି କରିବା ପାଇଁ ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ରେଙ୍ଗାଲି ପିଏଚସିରେ ଅଭାବ ଥିବା ପଦବୀଗୁଡ଼ିକ ଶୀଘ୍ର ପୂରଣ କରାଯିବା ସହ ୨ ସୁଇପରଙ୍କୁ ନିଯୁକ୍ତି ପାଇଁ ସିଡିଏମଓଙ୍କୁ ପ୍ରସ୍ତାବ, ଆବଶ୍ୟକ ଉପକରଣ ଯୋଗାଇଦେବା ପାଇଁ ସ୍ଥାନୀୟ କମ୍ପାନୀମାନଙ୍କୁ ଅନୁରୋଧ ଓ ୨୦୧୮-୧୯ ଆର୍ଥିକ ବର୍ଷରେ ଆସିଥିବା ପାଣ୍ଠିର ବିନିଯୋଗ ଉପରେ ଆଲୋଚନା ହୋଇଥିଲା। ସରକାରୀ ଡାକ୍ତରଖାନାକୁ ମାଗଣା ଔଷଧ ଖୁବଶୀଘ୍ର ଯୋଗାଇ ଦିଆଯିବା ସହ ରକ୍ତ ପରୀକ୍ଷାଠୁ ଆରମ୍ଭ କରି ଆନୁସଙ୍ଗିକ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ବୋଲି ଲଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଆଶୀଷ ମାଝୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ଚନ୍ଦ୍ର କୁମାର ମୋଦି, ବିପିଏମ ଜିତେନ୍ଦ୍ର କୁମାର ନନ୍ଦ, ଡା. ସୁବ୍ରତ ନନ୍ଦ, ଫର୍ମାସିଷ୍ଟ ସୁରେନ୍ଦ୍ର ମୋହନ ବେହେରା, ଶଶି ସାହୁ, ବିଶିକେସନ ପଣ୍ଡା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।




ସିଭିଲ୍ କୋର୍ଟ ସମ୍ମୁଖରେ ଧାରଣାରେ ବସି ରହିଥିବା ଓକିଲଗଣ।

## ଦ୍ୱିତୀୟ ଦିନରେ ଓକିଲଙ୍କ ଆନ୍ଦୋଳନ

■ କୋର୍ଟ ବନ୍ଦ

**ରେଢ଼ାଖୋଲ,୭।୯(ଡି.ଏନ.ଏ.)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବିରେ ସମ୍ବଲପୁର ଜିଲା ରେଢ଼ାଖୋଲ ଓକିଲ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଓକିଲମାନେ ସିଭିଲ କୋର୍ଟ, ଉପଜିଲାପାଳ, ତହସିଲଦାର ଓ ସବ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରିଥିଲେ। ସିଭିଲ କୋର୍ଟ ସମ୍ମୁଖରେ ଧାରଣାରେ ବସିଥିଲେ। ଫଳରେ ସବଜଜ୍ ବାସୁଦେବ ଆଚାର୍ଯ୍ୟ, ଏସଡିଜେଏମ ଅପୂର୍ବା ଚୌଧୁରୀ ଓ କୋର୍ଟ କର୍ମଚାରୀମାନେ କୋର୍ଟ ଭିତରକୁ ଯାଇ ପାରି ନ ଥିଲେ। ସେହିପରି ଉପଜିଲାପାଳ, ତହସିଲ ଓ ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ବନ୍ଦ ରହିଥିଲା। ସୂଚନାଯୋଗ୍ୟ ଯେ, ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରୀୟାନୁଷ୍ଠାନ କମିଟିର ସହମତିରେ ସମ୍ବଲପୁର ଜିଲା ଓକିଲ ସଂଘ ବୁଧବାରଠାରୁ ଆନ୍ଦୋଳନ ଆରମ୍ଭ କରିଥିବା ବେଳେ ରେଢ଼ାଖୋଲ ଓକିଲ ସଂଘ ଏହାକୁ ସମର୍ଥନ କରି ଗୁରୁବାରରୁ ଆନ୍ଦୋଳନକୁ ଓହ୍ଲାଇଥିଲା। ସଂଘର ସଭାପତି ଅଭୟ କୁମାର ବୀର, ସମ୍ପାଦକ ଗଣେଶ୍ୱର ପ୍ରଧାନ, ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ, ଶମ୍ଭୁ ପ୍ରସାଦ ପ୍ରଧାନ, ବିମଳ ପ୍ରଧାନ, ଜଗନ୍ନାଥ ବିଶ୍ୱାଳ, ଦୟା ସାଗର ପ୍ରଧାନ, ଅଚ୍ୟୁତାନନ୍ଦ ପୁରୋହିତ , ଜନ୍ମେଜୟ ସାହୁ, ଦେବେନ୍ଦ୍ର ନାଏକ, ସୁଜିତ ପ୍ରଧାନ, ଅନ୍ତର୍ଯ୍ୟାମୀ ସାହୁ, ବିରାମ ପ୍ରଧାନ, ଆନନ୍ଦ ସାମଲ, ତୁଷାରକାନ୍ତ କର, ଉମାକାନ୍ତ ମହାନନ୍ଦ, ନଗେନ ବିଶ୍ୱାଳ, ନୀଳମାଧବ ମହାକୁଡ, ନିମାଇଁଚରଣ ବେହେରା ଙ୍କ ସମେତ ସମସ୍ତ ଆଇନଜୀବୀ ଧାରଣାରେ ବସିଛନ୍ତି।

## ସାମାଜିକ ସମୀକ୍ଷା ବୈଠକ

■ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ବାଟବଣା ଅଭିଯୋଗ

**ଜମନକିରା,୭।୯(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନାଙ୍କ ଅଧକ୍ଷତାରେ ଶୁକ୍ରବାର ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ବାଟବଣା ହୋଇଥିବା ଅଭିଯୋଗ ହୋଇଛି। ଯୋଜନା ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଏହାକୁ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୋଷ୍ଠୀ ସାମାଜିକ ସମୀକ୍ଷକ କେଦାର ପଧାନ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ମୁରଲୀଧର ନାୟକ, ଉପଜିଲାପାଳ ବିଶ୍ୱରଞ୍ଜନ ନାଏକ, ତହସିଲଦାର ମନୋଜ କୁମାର ମେହେର, ସହକାରୀ ଯନ୍ତ୍ରୀ ହରିବନ୍ଧୁ ପଣ୍ଡା ମଞ୍ଚାସୀନ ଥିଲେ।

ଜମନକିରା ବ୍ଲକ୍ ୨୧ ପଞ୍ଚାୟତରେ ଯୋଜନା କାର୍ଯ୍ୟକାରିତା ନେଇ ସମୀକ୍ଷା ହୋଇଥିଲା। ସଭାରେ ଗ୍ରାମ୍ୟ ମହିଳା ସାଧନ କର୍ମୀ ଓ ଶ୍ରମିକମାନେ ଉପସ୍ଥିତ ରହିଥିଲେ। ଏଫ୍‌ଟିଓ, ୱେଜ୍ ଲିଷ୍ଟ, ମଷ୍ଟର ରୋଲ, ରେକର୍ଡ଼ଗୁଡ଼ିକ ଠିକ୍ ଭାବେ ନୋଟ୍ କରାଯାଉନଥିବା, ମନି ରିସିଭ୍‌ରେ ଦସ୍ତଖତ ହେଉ ନ ଥିବା, ରେକର୍ଡ ପତ୍ର ହଜିଯାଇଥିବା, ଜଣେ ଶ୍ରମିକଙ୍କ ଏକାଉଣ୍ଟରେ ଅଧିକ ଦିନର ମଜୁରୀ ଜମା ହୋଇଥିବା, ଶ୍ରମିକମାନଙ୍କ ବକେୟା ମଜୁରି ପଡ଼ି ରହିଥିବା, ସୂଚନା ଫଳକ ନଥାଇ କାମ କରାଯାଇଥିବା ଆଦି ଅଭିଯୋଗ ଉପରେ ଅତିରିକ୍ତ ଜିଲାପାଳ ଶୁଣାଣି କରିଥିଲେ। ମନରେଗା କାର୍ଯ୍ୟ ସମୀକ୍ଷା କରିବା ପାଇଁ ଯାଉଥିବା ବେଳେ ଦୁର୍ବ୍ୟବହାର କରାଯାଉଥିବା ମହିଳା କର୍ମୀମାନେ ଅତିରିକ୍ତ ଜିଲାପାଳଙ୍କୁ ଜଣାଇଥିଲେ। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲାପାଳ ବିଡ଼ିଓଙ୍କୁ ଏ ଦିଗରେ ଦୃଷ୍ଟି ଦେବାକୁ କହିଥିଲେ। ବୈଠକରେ ବନ ବିଭାଗ ଅଧିକାରୀ ଉପସ୍ଥିତ ରହିଥିଲେ ହେଁ ସେମାନଙ୍କ ଅଭିଯୋଗ ଉପରେ ଆଲୋଚନା ହୋଇନଥିବା ଯୋଗୁ ବିଭାଗ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିବା ଜଣାଯାଇଛି।



ଜମନକିରା ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଉପସ୍ଥିତ ସାଧନ କର୍ମୀ, ଶ୍ରମିକ, ମହିଳା କର୍ମୀ ଓ ବନ ବିଭାଗ ଅଧିକାରୀ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୮ ସେପ୍ଟେମ୍ବର, ୨୦୧୮



ପର ପାଇଁ ଦୁଃଖ ସହିବା ହେଉଛି ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମାଗାନ୍ଧୀ



## ସଂକ୍ଷେପରେ



### ଶ୍ରୀୟାଙ୍କୁ ସିଏଚଏସଇ ଚେୟାରମ୍ୟାନ ଟ୍ରଫି

ସମ୍ବଲପୁର,୭।୯(ବ୍ୟୁରୋ) ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ)ର ୩୬ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଚେୟାରମ୍ୟାନ ଟ୍ରଫି ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଗଙ୍ଗାଧର ମେହେର ଜୁନିୟର କଲେଜ ଛାତ୍ରୀ ଶ୍ରୀୟା ପ୍ରିୟଦର୍ଶିନୀ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏଣୁ ତାଙ୍କୁ ଚେୟାରମ୍ୟାନ ଟ୍ରଫି ପ୍ରଦାନ କରାଯାଇଛି। ଉଚ୍ଚ ଶିକ୍ଷାମନ୍ତ୍ରୀ ଅନନ୍ତ ଜେନା ଉତ୍ସବରେ ଯୋଗଦେଇ ଟ୍ରଫିରେ ସମ୍ମାନିତ କରିଥିଲେ। ଯୁକ୍ତ ୨ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ସମ୍ପ୍ରତି ଶ୍ରୀୟା ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ସୂଚନାଯୋଗ୍ୟ ଯେ, ଚେୟାରମ୍ୟାନ ଟ୍ରଫି ବକ୍ତୃତା ପ୍ରତିଯୋଗୀତା ଗତ ଜାନୁୟାରୀ ମାସରେ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ବଡ଼ବଜାର ନିବାସୀ ତଥା ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିର ସ୍କୁଲ ଅଧକ୍ଷା ଇନ୍ଦିରା ପ୍ରିୟଦର୍ଶନୀଙ୍କ ଝିଅ ଶ୍ରୀୟା ୨୦୧୭-୧୮ ବର୍ଷ ଇଂରାଜୀ ବକ୍ତୃତାରେ ଭାଗ ନେଇଥିଲେ। ଏହି ଟ୍ରଫି ହାସଲ ପରେ ସହରର ବିଭିନ୍ନ ସ୍କୁଲ, କଲେଜ ପକ୍ଷରୁ ଶ୍ରୀୟାଙ୍କୁ ଫୋନ ଯୋଗେ ଶୁଭେଚ୍ଛା ଦିଆଯାଇଛି।

### ବ୍ଲକଗ୍ରାଣ୍ଟ ଉଚ୍ଛେଦ, ପୂର୍ଣ୍ଣ ଅନୁଦାନ ଦାବିରେ ଆନ୍ଦୋଳନ

# ୭ ହାଇସ୍କୁଲ, ୨ କଲେଜରେ ତାଲା




ରେଢ଼ାଖୋଲ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ।

ରେଢ଼ାଖୋଲ, ୭।୯(ଡି.ଏନ.ଏ.)

ବ୍ଲକ ଗ୍ରାଣ୍ଟ ଉଚ୍ଛେଦ କରାଯାଇ ପୂର୍ଣ୍ଣ ଅନୁଦାନ ପ୍ରଦାନ ଓ ଚାକିରି ସର୍ତ୍ତାବଳୀ ନିର୍ଦ୍ଧାରଣ ଦାବି ନେଇ ମିଳିତ ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀମାନଙ୍କ ଆନ୍ଦୋଳନ ତେଜିବାରେ ଲାଗିଛି। ଏ ନେଇ ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକର ୭ ହାଇସ୍କୁଲ, ୨ କଲେଜରେ ଗୁରୁବାରଠାରୁ ତାଲା ପଡ଼ିଛି। ବ୍ଲକର ହରିହରାନନ୍ଦ ହାଇସ୍କୁଲ ଲୁହାପଙ୍କ, ତ୍ରିବଣପୁର ହାଇସ୍କୁଲ, ସନ୍ଥକବି ଭୀମଭୋଇ ହାଇସ୍କୁଲ କୁକୁଡାବାହାଳୀ, ସାନନୂଆପଡ଼ା ହାଇସ୍କୁଲ, ବ୍ରାହ୍ମଣୀପାଲି ହାଇସ୍କୁଲ, ଗରଗଡ଼ବାହାଲ ହାଇସ୍କୁଲ ଓ ବଡନୂଆପଡ଼ା ହାଇସ୍କୁଲର ଶିକ୍ଷକ ଓ କର୍ମଚାରୀମାନେ ଧାରଣାରେ ବସି ରହିଛନ୍ତି। ବଡ଼ମାଲସ୍ଥିତ ଜୟ ଜଗନ୍ନାଥ କଲେଜ ଓ ରେଢ଼ାଖୋଲ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ କଲେଜ ସମ୍ମୁଖରେ ଧାରଣା ଦେଇଛନ୍ତି। ଏଣୁ ଗତ ୨ ଦିନ ହେବ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାହତ ହୋଇଛି। ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଡ. ମିନତୀ ଷଡ଼ଙ୍ଗୀ, ମମତା ବିଶ୍ୱାଳ, କଳ୍ପନା ସାହୁ, ପୁଷ୍ପାଞ୍ଜଳୀ ସାମନ୍ତରାୟ, ସ୍ନେହପ୍ରଭା ନାଥ, ବବିତା ପ୍ରଧାନ, ଅଧ୍ୟାପକ ପ୍ରହ୍ଲାଦ ଦେହୁରୀ, ଭୁପେନ ପ୍ରଧାନ, ଗୋପୀନାଥ ଖିଲାରୀ, ଦିଲ୍ଲୀପ ସାମନ୍ତ, ବାସନ୍ତୀ ଭୋଇ ଓ ଜୟଜଗନ୍ନାଥ କଲେଜର ଅଧ୍ୟାପକ ରତ୍ନମଣୀ ପ୍ରଧାନ, ପ୍ରହ୍ଲାଦ ମାଝି, ରମେଶ ହୋତା, ପବିତ୍ର ମୋହନ ମେଣ୍ଡଲି ପ୍ରମୁଖ ଆନ୍ଦୋଳନରେ ସାମିଲ୍ ହୋଇଛନ୍ତି।

## କୋଇଲା ଚୋରା ଚାଲାଣ: ୪ ଅଭିଯୁକ୍ତ ଗିରଫ

ସମ୍ବଲପୁର,୭।୯(ବ୍ୟୁରୋ)
ଅଇଁଠାପାଲି ଥାନା ପୋଲିସ ଶୁକ୍ରବାର କୋଇଲା ଚୋରା ଚାଲାଣ ନେଇ କାର୍ଯ୍ୟାନୁଷ୍ଠାନ ପୂର୍ବକ ୧୨ ଟନ୍ କୋଇଲା ସହ ଟ୍ରକ ଓ ବୋଲେରୋକୁ ଜବତ କରିଛି। ଏଥିରେ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟ୍ରକ ମାଲିକ ଅନୁଗୁଳ ଜିଲା କଣିଆଁ ଥାନା ଅଞ୍ଚଳର ଉମାକାନ୍ତ ସାମଲ (୩୩), ଛେଣ୍ଡିପଦାର ଡ୍ରାଇଭର ଅନୁପମ ସାହୁ (୨୫), ଟ୍ରକ ହେଲ୍ପର ବାପୁନ ସାମଲ (୨୦) ଓ ବୋଲେରୋ ଡ୍ରାଇଭର ଆର୍ତ୍ତ ବେହେରା (୩୫)। ଏ ନେଇ ଥାନାରେ ଏକ ମାମଲା (ନଂ. ୩୨୫/୧୮) ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ହିଣ୍ଡାଲକୋର ହିଙ୍ଗୁଲାଇ କୋଇଲା ଖଣିରୁ ଟ୍ରକ ନଂ. (ଓଆର୍ ୧୪ କ୍ୟୁ- ୮୫୫୫) ଯୋଗେ କୋଇଲା ଲୋଡ ହୋଇ ହୀରାକୁଦ ହିଣ୍ଡାଲ୍‌କୋକୁ ଯାଉଥିଲା। ଏହି ସମୟରେ ପୋଲିସ ଉକ୍ତ ଗାଡ଼ିକୁ ତଲାସି କରିଥିଲା। ଡ୍ରାଇଭର ଅନୁପମ ସାହୁଙ୍କ କୋଇଲା ଲୋଡର ଆବଶ୍ୟକ ଗାଡିର କାଗଜପତ୍ର ଦେଖାଇ ପାରିନଥିଲେ। ପୋଲିସ ସନ୍ଦେହରେ ତଦନ୍ତ କରିବା ପରେ ଚୋରା ଚାଲାଣ ହେଉଥିବା ବୋଲି ଜାଣିବାକୁ ପାଇଥିଲା।

## ଦୁଇ ଠକଙ୍କୁ କାବୁ କଲେ ଗ୍ରାମବାସୀ

ରେଢ଼ାଖୋଲ,୭।୯(ଡି.ଏନ.ଏ.)
ଋଣ କରାଇ ଦେବାକୁ କହି ବିଭିନ୍ନ ଗ୍ରାମର ଲୋକଙ୍କୁ ଠକୁଥିବା ୨ ଜଣ ଠକଙ୍କୁ ଶେଷରେ ଗ୍ରାମବାସ କାବୁ କରି ପୋଲିସ ଜିମା ଦେଇଛନ୍ତି। ଏମାନଙ୍କୁ ରେଢ଼ାଖୋଲ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସୋନପୁର ଜିଲା ମ.ରାମପୁର ଚନ୍ଦନି ଗ୍ରାମର ସର୍ବେ ସୁନା (୩୫) ଓ ଡୁଙ୍ଗୁରିପାଲିଥାନା ଲରିଆବାହାଲ ଗ୍ରାମର ପ୍ରଫୁଲ୍ଲ ସୁନା (୨୭)।

ଗିରଫ ଅଭିଯୁକ୍ତ ଦ୍ୱୟ ଗତ ଦେଢ ମାସ ପୂର୍ବରୁ ଏହି ଥାନାର ତେରବେଡା ଗ୍ରାମରେ ୪୦ହଜାର ଟଙ୍କା ଋଣ କରାଇ ଦେବାକୁ କହି ୧୩ ଜଣ ମହିଳାଙ୍କ ଠାରୁ ପ୍ରସେସିଂ ବାବଦ ଖର୍ଚ୍ଚ ପାଇଁ ୧ ହଜାର ଲେଖାଏଁ ଟଙ୍କା ନେଇ ଥିଲେ। ସେହିପରି ଶିମିଳିପାଳ ଗ୍ରାମର ୧୪ ଜଣ ମହିଳାଙ୍କଠାରୁ ୭୬୦ ଟଙ୍କା ଲେଖାଏଁ ନେଇ ଫେରାର ହୋଇଯାଇଥିଲେ। ଗ୍ରାମବାସୀ ଫୋନରେ ଯୋଗାଯୋଗ କରିଥିଲେ ହେଁ ସେମାନଙ୍କ ଫୋନ ସୁଇଚ ଅଫ ଥିଲା। ଶୁକ୍ରବାର ଅପରାହ୍ନରେ ଗିରଫ ଠକ ଦ୍ୱୟ ଏହି ଥାନାର ଖଜୁରୀ ଝରଣ ଗ୍ରାମରେ ପହଞ୍ଚି ଲୋକଙ୍କୁ ଋଣ କରାଇ ଦେବାକୁ କହି କାଗଜ ପତ୍ର ବାବଦକୁ ୭ଶହ ଟଙ୍କା ଲେଖାଏଁ ଦେବାକୁ କହିଥିଲେ। କୌଣସି ସୂତ୍ରରୁ ତେରବେଡା ଗ୍ରାମର ଲୋକମାନେ ଖବର ପାଇ ଖଜୁରିଝରଣ ଗ୍ରାମରେ ପହଞ୍ଚିଥିଲେ। ଏମାନଙ୍କୁ ଦେଖି ଠକ ଦ୍ୱୟ ଦୌଡି ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀ କାବୁକରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଖଜୁରିଝରଣ ଗ୍ରାମରେ ପହଞ୍ଚି ଗିରଫ କରିଥିଲା। ତେରବେଡା ଓ ଶିମିଳିପାଳ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ରେଢ଼ାଖୋଲ ଥାନାରେ ୨ ଟି ପୃଥକ ପୃଥକ ମାମଲା ରୁଜୁ ହୋଇଛି। ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ପ୍ରଶାନ୍ତ ସାମଲ କହିଛନ୍ତି।

### ଗଛ ପଡି ରାସ୍ତା ଅବରୋଧ

## ୯ ଘଣ୍ଟା ଧରି ଗାଡି ଚଳାଚଳ ବ୍ୟାହତ

ରେଢ଼ାଖୋଲ,୭।୯(ଡି.ଏନ.ଏ.)
ରେଢ଼ାଖୋଲ ବୌଦ୍ଧ ରାସ୍ତାର କଦଳୀଗଡ ପେଟ୍ରୋଲପମ୍ପ ନିକଟରେ ଗୁରୁବାର ରାତି ପ୍ରାୟ ୧୨ ଟା ବେଳେ ଏକ ବିରାଟକାୟ ବରଗଛ ରାସ୍ତା ଉପରେ ପଡିଯିବା ଯୋଗୁ ୯ଘଣ୍ଟା ଧରି ରାସ୍ତା ବନ୍ଦ ହୋଇଯାଇଥିଲା। ଖବର ପାଇ ଶୁକ୍ରବାର ସକାଳେ ରେଢ଼ାଖୋଲ ଅଗ୍ନିଶମ ବିଭାଗ ଓ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗଛକୁ କାଟି ରାସ୍ତାରୁ ହଟାଇଥିଲେ। ପରେ ସକାଳ ପ୍ରାୟ ୯ଟା ବେଳେ ଗାଡିଚଳାଚଳ ସ୍ୱାଭାବିକ ହୋଇଥିଲା। ଗଛ ପଡିଯିବା ଯୋଗୁ ବଲାଙ୍ଗୀର, ବ୍ରହ୍ମପୁର ରାତ୍ରୀ କାଳିନ ଯାତ୍ରୀବାହୀ ବସ୍‌ଗୁଡିକ ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ଫଳରେ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

## ଭାଷା ସଙ୍ଗମର ସଙ୍ଗୀତ କାର୍ଯ୍ୟକ୍ରମ

ସମ୍ବଲପୁର,୭।୯(ବ୍ୟୁରୋ)
ଭାଷା ସଙ୍ଗମ ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ ବୁଧବାର ରାତିରେ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗୀତଜ୍ଞ ତ୍ରିଲୋଚନ ତ୍ରିପାଠୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ସହରର ବିଭିନ୍ନ ଅଞ୍ଚଳରୁ ନବୀନ ଓ ପ୍ରବୀଣ କଣ୍ଠଶିଳ୍ପୀମାନେ ସାମିଲ ହୋଇ ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ସମଲେଶ୍ୱରୀ ଓ ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ପ୍ରତିଛବିରେ ଦୀପ ପ୍ରଜ୍ଜଳନ କରାଯାଇଥିଲା।

## ଲଗାଣ ବର୍ଷାରେ ରାସ୍ତା ବେହାଲ

ସମ୍ବଲପୁର,୭।୯(ବ୍ୟୁରୋ)
ସମ୍ବଲପୁର ମହାନଗର ନିଗମ ୱାର୍ଡ ନଂ. ୩୬ ଅନ୍ତର୍ଗତ ଆମ୍ବ ବଗିଚା ରାସ୍ତା କାଦୁଅ ହୋଇଛି। ଲଗାଣ ବର୍ଷା ଯୋଗୁ ଏହା ବ୍ୟବହାର ଉପଯୋଗୀ ହୋଇନାହିଁ। ଯାତାୟତରେ ଅସୁବିଧା ହେଉଛି। ପୂର୍ବରୁ ଏ ନେଇ ଅଞ୍ଚଳବାସୀ ଜିଲାପାଳ ସମର୍ଥ ବର୍ମା ଓ ମହାନଗର ନିଗମ କମିଶନର ବିମଳେନ୍ଦୁ ରାୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ସୁଫଳ ମିଳି ନାହିଁ। ଏଣୁ ରାସ୍ତା ଦୁରବସ୍ଥା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆନ୍ଦୋଳନର ଦାନା ବାନ୍ଧିଛି। ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରା ନଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଭାଜପା ଯୁବ ମୋର୍ଚ୍ଚା ଧନୁପାଲି ମଣ୍ଡଳ ସାଧାରଣ ସମ୍ପାଦକ ପ୍ରତୀକ ମହାପାତ୍ର ଚେତାବନୀ ଦେଇଛନ୍ତି। ଅପରପକ୍ଷେ, ଅଞ୍ଚଳର ହଲାୟୁଧ ପଣ୍ଡା, ଦିଲୀପ କୁମାର ପଣ୍ଡା, ଗୋପାଳ ମୋରେ, ଅମିତ କୁମାର ବେହେରା, ବ୍ରଜବିହାରୀ ପ୍ରଧାନ, ସୁନୀଲ ମହାନ୍ତି, ରାଜେଶ ପୁରୋହିତ, ସଞ୍ଜୟ ମେହେର, ଅଲୋକ କୁମାର ମିଶ୍ର, ସଞ୍ଜୀବ ପାଣିଗ୍ରାହୀ, ଜୟକିଶୋର ଦାଶ, ସଞ୍ଜୟ ମୋଦି, ରାଜକିଶୋର ମୋଦି ପ୍ରମୁଖ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

## ବାଇକ ଧକ୍କାରେ ଗୋଡ଼ ଭାଙ୍ଗିଲା

### - ୧୦୮ ଆମ୍ବୁଲାନ୍ସ ନ ଆସିବାରୁ ଗ୍ରାମବାସୀଙ୍କ ରାସ୍ତାରୋକ

ଧମା, ୭।୯ (ଡି.ଏନ.ଏ)
ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଧମା-ସମ୍ବଲପୁର ୧୫ ନଂ. ରାଜ୍ୟରାଜପଥର ଗ୍ରୀଣ୍ଡୋଲାପାଲି ଛକଠାରେ ସମ୍ବଲପୁରରୁ ଉଲୁଣ୍ଡା ଯାଉଥିବା ବାଇକ (ନଂ.ଓଡି ୩୧ ଡି-୨୫୯୦ ) ଅଶୋକ ଭୋଇ (୫୫)ଙ୍କୁ ଧକ୍କା ଦେଇଥିଲା। ଏଥିରେ ତାଙ୍କର ଡାହାଣ ଗୋଡ଼ ଛିଣ୍ଡି ପଡ଼ିଥିଲା। ଉପସ୍ଥିତ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ହେଲେ ଆମ୍ବୁଲାନ୍ସ ଆସିନଥିଲା। ଶେଷରେ ପୋଲିସ ସହାୟତାରେ ସମ୍ବଲପୁର ସଦର ଡାକ୍ତରଖାନାକୁ ଆହତ ଅଶୋକଙ୍କୁ ନିଆଯାଇଥିଲା। ଏହାପରେ ଉତ୍ତ୍ୟକ୍ତ ଗ୍ରୀଣ୍ଡୋଲପାଲି, ହୁମା, କଇବାର, ଦଶପୁର ଅଞ୍ଚଳର ମହିଳାମାନେ ଏକଜୁଟ ହୋଇ ଛକ ରାସ୍ତାକୁ ଅବରୋଧ କରିଥିଲେ। ଆହତଙ୍କ ଚିକିତ୍ସା ଖର୍ଚ୍ଚ ସହ ଧମା ଡାକ୍ତରଖାନାରେ ୧୦୮ ଆମ୍ବୁଲାନ୍ସ ୨୪ ଘଣ୍ଟା କାର୍ଯ୍ୟକାରୀ କରିବାକୁ ଦାବି କରି କମ୍ପମାନ କରିଥିଲେ। ରାସ୍ତାରୋକୋ ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ଧମା ଥାନାଧିକାରୀ ରାଜେଶ୍ୱରୀ ଭୋଇ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବାକୁ ଯାଇ ବିଫଳ ହୋଇଥିଲେ। ଶେଷରେ ମାନେଶ୍ୱର ବ୍ଲକ ଅତିରିକ୍ତ ତହସିଲଦାର ସ୍ୱାକୃତି ବଡପଣ୍ଡା ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କ ସହ ଆଲୋଚନା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

## ଫ୍ଲାଏ ଓଭର ନିର୍ମାଣାଧୀନ ସାମଗ୍ରୀ ପଡ଼ି ୨ ଆହତ

ସମ୍ବଲପୁର,୭।୯(ବ୍ୟୁରୋ)
ଭୁବନେଶ୍ୱର ବମିଖାଲଠାରେ ଫ୍ଲାଏଓଭର ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ଦୁଇଥର ଦୁର୍ଘଟଣା ଘଟିଛି। ନିର୍ମାଣାଧିନ ଫ୍ଲାଏଓଭରର ଏହା ଏକ ଭାଗ ଧସି ପଡ଼ି ୨ଜଣଙ୍କ ଜୀବନ ଯାଇଛି। ଏଣୁ ଉକ୍ତ କାର୍ଯ୍ୟରୁ ପଣ୍ଡା ଇନ୍‌ଫୋଟେକ୍ ଠିକା କମ୍ପାନୀକୁ ବାଦ୍ ଦିଆଯାଇଛି। ଶୁକ୍ରବାର ସମ୍ବଲପୁରରେ ଉକ୍ତ ଠିକା ସଂସ୍ଥା କମ୍ପାନୀ ଫ୍ଲାଏଓଭର ନିର୍ମାଣ କାର୍ଯ୍ୟ ଚଳାଇଥିବା ବେଳେ ଅନୁରୂପ ଘଟଣା ଘଟିଛି। ନିର୍ମାଣାଧିନ ସାମଗ୍ରୀ ତଳକୁ ଖସି ପଡ଼ି ୨ ବାଳିକା ଆହତ ହୋଇଛନ୍ତି। ସେମାନେ ହେଲେ କଚେରି ଛକ ଅଞ୍ଚଳର ସୁଶୀଲା ସିଂ (୧୭) ଓ ଭଉଣୀ ପୂଜା ସିଂ (୧୫)। ସ୍ଥାନୀୟ ଲୋକେ ଉଭୟଙ୍କୁ ଜିଲା ସଦର ଡାକ୍ତରଖାନା ନେଇଥିଲେ। ପୂଜାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ସୁଶିଲା ଜିଲା ସଦର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଘଟଣାସ୍ଥଳରେ ତାଙ୍କର ସାଇକେଲ ଚୁରମାର୍ ହୋଇଛି। ଏହି ଖବର ପ୍ରଚାର ହେବାପରେ ସମ୍ବଲପୁର ସହରବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଠିକା କମ୍ପାନୀ ଧୀରମନ୍ଥର ଗତିରେ କାର୍ଯ୍ୟ କରୁଥିବା ବେଳେ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟି ଦେଉନଥିବା ପୂର୍ବରୁ ଅଭିଯୋଗ ହୋଇଆସୁଥିଲେ ମଧ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। କମ୍ପାନୀ କାମ କରୁଥିବା ସମୟରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରୁନଥିବାରୁ ଏହି ଦୁଃଖଦ ଘଟଣା ଘଟିଥିବା କୁହାଯାଉଛି। ବିଗତ ଦିନରେ ଟାଉନ ଥାନା ଓ ଆଶାପାଲି ସ୍କୁଲ ସମ୍ମୁଖରେ ୨ ଦୁର୍ଘଟଣା ଘଟିଥିବା ନଜିର ରହିଛି। ସୂଚନାଯୋଗ୍ୟ ଯେ, ସମ୍ବଲପୁରବାସୀ ଫ୍ଲାଏ ଓଭର ନିର୍ମାଣ ପାଇଁ ଦାବି କରିନଥିଲେ ମଧ ରାଜ୍ୟ ସରକାର ଏଠାରେ କାମ ଆରମ୍ଭ କରିଥିଲେ। ପଣ୍ଡା ଇନ୍‌ଫ୍ରାଟେକ୍‌କୁ ଅନୁକମ୍ପା ଦେଖାଇ କାର୍ଯ୍ୟ ହସ୍ତାନ୍ତର କରିଥିଲେ। ୨୦୧୬ ଫେବୃୟାରୀ ୧୨ ତାରିଖରୁ ଫ୍ଲାଏ ଓଭର କାମ ଆରମ୍ଭ ହୋଇଥିଲା । ୨୦୧୭ ମସିହା ମେ ୧୧ ତାରିଖରେ କାର୍ଯ୍ୟ ଶେଷ ହେବା ଧାର୍ଯ୍ୟ ହୋଇଥିଲା । ଏହାକୁ ଦେଢ଼ ବର୍ଷ ଅତିକ୍ରାନ୍ତ ହୋଇଛି। କାମ ସମ୍ପୂର୍ଣ୍ଣ ହୋଇନାହିଁ। ୧ହଜାର ୮୮୧ ମିଟର ଲମ୍ବର ଫ୍ଲାଏ ଓଭରରେ ୫୦ ପିଲର୍ ମଧ୍ୟରୁ ୪୬ରେ ଟି-ସେଫ୍ ନିର୍ମାଣ ହୋଇଛି। ୮ ପିଲର ଖାଲି ପଡ଼ିଛି । ବିଭିନ୍ନ ସ୍ଥାନରେ ପିଲର ଉଚ୍ଚତା ୫ ମିଟରରୁ ଆରମ୍ଭ କରି ୧୫ମିଟର ପର୍ଯ୍ୟନ୍ତ ରହିଛି । ପୂର୍ବରୁ ୬୬.୩୮ କୋଟି ଟଙ୍କାର ବ୍ୟୟ ଅଟକଳ ରହିଥିଲା। ଏବେ ୧୧୦ କୋଟିକୁ ବୃଦ୍ଧି ହୋଇଛି। କାର୍ଯ୍ୟରେ ବିଳମ୍ବ ସହ ରାଜସ୍ୱ ହାନୀ ହୋଇଚାଲିଛି। ୨୦୧୭ ଡିସେମ୍ବର ୧୨ ତାରିଖରେ ପଣ୍ଡା ଇନଫ୍ରାଟେକ୍ ସଂସ୍ଥାକୁ କଳା ତାଲିକା ଭୁକ୍ତ କରାଯାଇଥିଲା । ଫଳରେ ସମ୍ବଲପୁର ଫ୍ଲାଏ ଓଭର ନିର୍ମାଣ ୩ମାସ ବନ୍ଦ ରହିଥିଲା। ବର୍ତ୍ତମାନ ଫ୍ଲାଏ ଓଭର ଅଙ୍କାବଙ୍କା ରହିଥିବା ଜଣାଯାଇଛି। ଅଧିକାଂଶ ସ୍ଥାନ ଅଣ ଓସାରିଆ ରହିଛି। ଏ ସମ୍ପର୍କରେ ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀ ଗୌରାଙ୍ଗ ଚରଣ ସାହୁଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ମୋ ପାଖରେ ଅଭିଯୋଗ ହୋଇନାହିଁ। ଏବେ ବର୍ଷା ଯୋଗୁ କାମ ବନ୍ଦ ରହିଛି। କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।



ଶୁକ୍ରବାର ସମ୍ବଲପୁର ଜିଲା ସଦର ଡାକ୍ତର ଖାନାରେ ଆହତ ।

## ଗୁରୁଦିବସ ଦିନ ଖାଦ୍ୟ ଉପସ୍ଥାନ ପକାଇ ଅଡୁଆରେ ପ୍ରଧାନ ଶିକ୍ଷୟିତ୍ରୀ

ସମ୍ବଲପୁର,୭।୯(ବ୍ୟୁରୋ)
ସମ୍ବଲପୁର ମହାନଗର ନିଗମ ରାସନପୁର ୟୁଜିଏମଇ ସ୍କୁଲରେ ଗୁରୁଦିବସ ଦିନ ୮୨ ଛାତ୍ରୀଛାତ୍ରଙ୍କୁ ମଧାହ୍ନଭୋଜନ ଦିଆଯାଇଥିବା ଖାଦ୍ୟ ରେଜିଷ୍ଟ୍ରାର ଉପସ୍ଥାନରେ ଦର୍ଶାଇ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ବେହେରା ହରଡ଼ଘଣାରେ ପଡ଼ିଛନ୍ତି। ଗୁରୁ ଦିବସ ଦିନ ସ୍କୁଲରେ ରନ୍ଧା ଖାଦ୍ୟ ବନ୍ଦ ରହିଥିଲା ବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଏଭଳି ମିଥ୍ୟା ସୂଚନା ଦେଇଥିବାରୁ ବ୍ଲକ୍ ଶିକ୍ଷା ଅଧିକାରୀ, ମାନେଶ୍ୱର ସନାତନ ବିଶ୍ୱାଳ ପତ୍ର ସଂଖ୍ୟା ୯୮୯/୬.୯.୨୦୧୮ରେ ତାଙ୍କୁ ନୋଟିସ କରିଛନ୍ତି। ୩ ଦିନ ମଧ୍ୟରେ କାରଣ ଦର୍ଶାଇବାକୁ ସେଥିରେ ନିର୍ଦ୍ଦେଶ ହୋଇଛି। ଏହି ଘଟଣାକୁ ନେଇ ସ୍କୁଲ ପରିଚାଳନା କମିଟି ବୈଠକରେ ପ୍ରଧାନ ଶିକ୍ଷୟିତ୍ରୀ ଭୁଲବଶତଃ ରେଜିଷ୍ଟ୍ରାରରେ ଉପସ୍ଥାନ ପକାଇଥିବା କହିଥିଲେ।

## ସାପ କାମୁଡାରେ ନାବାଳିକା ମୃତ

ବାମରା,୭।୯(ସ୍ୱ.ପ୍ର.)

ବାମରା ବ୍ଲକ ଲରିଆପାଲି ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି। ଲରିଆପାଲି ପଞ୍ଚାୟତ କୁଲାଡେରା ଗାଁର ମାଦ୍ରି ଲାକଡାଙ୍କ ପରିବାର ବର୍ଗ ଗୁରୁବାର ଦିନ ରାତ୍ରି ୯ଟାରେ ଖିଆପିଆ ସାରି ଶୋଇଥିଲେ । ବିଳମ୍ବିତ ରାତି ପ୍ରାୟ ୧ଟା ସମୟରେ ଲାକଡ଼ାଙ୍କ ବଡ ଝିଅ ସମାରୀଙ୍କୁ (୧୨) ଏକ ବିଷାକ୍ତ ସାପ କାମୁଡିଥିଲା। ହେଲେ ତାଙ୍କୁ ପରିବାର ଲୋକେ ଡାକ୍ତରଖାନା ନ ନେଇ ଗଣିଆକୁ ଡକାଇ ଝଡ଼ାଫୁଙ୍କା କରାଇଥିଲେ। ସକାଳ ୭ଟାରେ ସମାରୀଙ୍କ ଦେହରେ ବିଷ ଚରି ଯାଇଥିଲା। ତାଙ୍କୁ ଶେଷରେ ଡାକ୍ତରଖାନା ନେବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ସେତେବେଳକୁ ସେ ଆଖି ବୁଜି ଦେଇଥିଲେ। ଏ ନେଇ ମହୁଲପାଲି ଥାନାରେ ଏକ ମାମଲା ( ନଂ. ୨୨/୧୮) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ପଠାଯାଇଛି ।

## ମୃତ ଈଶ୍ୱରଙ୍କ ପରିବାରକୁ ଭେଟିଲେ କଂଗ୍ରେସ ପ୍ରତିନିଧି



ଈଶ୍ୱରଙ୍କ ପରିବାର ସହ ଜିଲା କଂଗ୍ରେସ ପ୍ରତିନିଧି ଦଳ ।

ସମ୍ବଲପୁର,୭।୯(ବ୍ୟୁରୋ)

ସମ୍ବଲପୁର ଜିଲା କଂଗ୍ରେସ ପ୍ରତିନିଧି ଦଳ ବଜ୍ରାଘାତରେ ମୃତ ଈଶ୍ୱର ପ୍ରଧାନଙ୍କ ପରିବାରଙ୍କୁ ଭେଟିଛନ୍ତି। ଜିଲା ସଭାପତି ଅଶ୍ୱିନୀ ଗୁରୁଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଦେବେଇପାଲିସ୍ଥିତ ଈଶ୍ୱରଙ୍କ ବାସଭବନକୁ ଯାଇ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ସାମାଜିକ କର୍ମୀ ତପସ୍ୟା ନାୟକ, ବିଜୟ ଶର୍ମା, ଦିଲୀପ ମେହେର ଓ ୱାର୍ଡ ସଭ୍ୟ ମୋହନ ମହାନନ୍ଦ ଏଥିରେ ସାମିଲ ଥିଲେ। ଏ ନେଇ ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ କହିଛନ୍ତି ଯେ, ଈଶ୍ୱର କିପରି ଶୀଘ୍ର ସହାୟତା ରାଶି ପାଇବେ ସେ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ।

## ବର୍ଷା ଧୋଇନେଲା ମୁହାଣ ନାଳ ପୋଲ

- ଦେଢ଼ ବର୍ଷ ତଳେ ତିଆରି ହୋଇଥିଲା
- ଖର୍ଚ୍ଚ ହୋଇଥିଲା ୪୪ ଲକ୍ଷ ଟଙ୍କା

ରେଢ଼ାଖୋଲ, ୭।୯ (ଡି.ଏନ.ଏ.)
ରେଢ଼ାଖୋଲରେ ଗତ ୨ଦିନ ଧରି ଲଗାଣ ବର୍ଷା ଯୋଗୁ ଛୋଟବଡ ନାଳରେ ବନ୍ୟା ପାଣି ପ୍ରବାହିତ ହେଉଛି। ବଂଶାଜାଲ ପଞ୍ଚାୟତର ମହାଲିଙ୍ଗ ଗ୍ରାମରୁ ଚାରମାଳକୁ ସଂଯୋଗ କରୁଥିବା ରାସ୍ତାର ମୁହାଣ ନାଳ ଧୋଇ ନେଇଛି। ଏଥି ଯୋଗୁ ମହାଲିଙ୍ଗ, କୁଇଲି ପଦର, ଭଟକାପଡା ଆଦି ଗ୍ରାମଗୁଡିକ ପଞ୍ଚାୟତ ସଦର ମହକୁମା ବଂଶାଜାଲ ଓ ଚାରମାଳକୁ ଯାତାୟତ ବିଚ୍ଛିନ୍ନ ହୋଇଛି। ଏହି ହ୍ୟୁମପାଇପ ଯୁକ୍ତ ପୋଲଟି ଗତ ଦେଢ ବର୍ଷ ତଳେ ୪୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବ୍ଲକ ପକ୍ଷରୁ ନିର୍ମାଣ କରାଯାଇଥିଲା। ହେଲେ ବୈଷୟିକ ତ୍ରୁଟି କିମ୍ବା ନିମ୍ନମାନର କାର୍ଯ୍ୟ ଯୋଗୁ ପୋଲଟି ଧୋଇ ନେଇଛି।

### ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ଓକିଲଙ୍କ ଆନ୍ଦୋଳନ ତୃତୀୟ ଦିନରେ

ସମ୍ବଲପୁର,୭।୯(ବ୍ୟୁରୋ)
ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଜିଲା ଓକିଲ ସଂଘର ଆନ୍ଦୋଳନ ଶୁକ୍ରବାର ତୃତୀୟ ଦିନରେ ପହଞ୍ଚିଛି । ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଆନ୍ଦୋଳନକାରୀମାନେ କଚେରି ଛକଠାରେ ଧାରଣା ଦେବା ସହ ପିକେଟିଂ

**ଆନ୍ଦୋଳନରେ ସାମିଲ ହେବ ନାଗରିକ କ୍ରିୟାନୁଷ୍ଠାନ କମିଟି**

କରିଥିଲେ। ଏଣୁ ବିଭିନ୍ନ କୋର୍ଟ, କଚେରି ଓ ରାଜସ୍ୱ ବିଭାଗ ଅଫିସ କାର୍ଯ୍ୟ ବନ୍ଦ ରହିଥିଲା। ଆନ୍ଦୋଳନରେ ଶନିବାର ସମ୍ବଲପୁର ନାଗରିକ କ୍ରିୟାନୁଷ୍ଠାନ କମିଟି (ସିଏସସି) ସାମିଲ ହେବ ବୋଲି ନିଷ୍ପତ୍ତି ହୋଇଛି । ଏ ନେଇ ସନ୍ଧ୍ୟାରେ ସାଂସ୍କୃତିକ ସମାଜ ଭବନଠାରେ ସିଏସସି ଆବାହକ ଭାଗବତ ପ୍ରସାଦ ନନ୍ଦଙ୍କ ଅଧକ୍ଷତାରେ କୋର୍ କମିଟି ବୈଠକ ହୋଇଥିଲା। ଏଥିରେ ସଭ୍ୟମାନେ ସାମିଲ ହୋଇ ମତ ଉପସ୍ଥାପନ କରିଥିଲେ। ପଶ୍ଚିମ ଓଡ଼ିଶାର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସିଏସସି ସାମିଲ ହେବାର ଆବଶ୍ୟକତା ରହିଥିବା ସଭ୍ୟମାନେ ଦର୍ଶାଇଥିଲେ। ଏହାପରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା।




ଶୁକ୍ରବାର ସମ୍ବଲପୁର କଚେରି ଛକଠାରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଓକିଲମାନେ ଧାରଣାରେ ବସିଛନ୍ତି ।



ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।
- ଲର୍ଡ ବାଇରନ

**ସଂକ୍ଷେପରେ**

## ଗ୍ୟାସ୍ ନିଆଁରୁ ଅଗ୍ନିକାଣ୍ଡ: ମା', ଝିଅ ଜୀବନ୍ତ ଦଗ୍ଧ

ଭୁବନ, ୭।୯(ଡି.ଏନ.ଏ.) ଢେଙ୍କାନାଳ ଜିଲା ଭୁବନ ଏନ୍ଏସି ଅଧୀନ ୩ନଂ. ୱାର୍ଡ ଗୋଡ଼ିପାଟଣାରେ ଶୁକ୍ରବାର ସକାଳେ ଅଭାବନୀୟ ଘଟଣା ଘଟିଛି। ଲିକ୍ ହୋଇଥିବା ଗ୍ୟାସ୍ ସିଲିଣ୍ଡରରୁ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ମା', ଝିଅ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତକ ହେଲେ ଦୁର୍ଯ୍ୟୋଧନ ପୋଥାଲଙ୍କ ସ୍ତ୍ରୀ ମମତା ଏବଂ ଝିଅ ଜ୍ୟୋତ୍ସ୍ନାମୟୀ। ସ୍ତ୍ରୀ ଏବଂ ଝିଅକୁ ଉଦ୍ଧାର କରିବାକୁ ଯାଇ ଦୁର୍ଯ୍ୟୋଧନ ମଧ ପୋଡ଼ିଯାଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଶୁକ୍ରବାର ଭୋରରେ ଦୁର୍ଯ୍ୟୋଧନ ଶୌଚ ହେବା ଲାଗି ପୋଖରୀକୁ ଯାଇଥିଲେ। ଝିଅ ଜ୍ୟୋତ୍ସ୍ନାମୟୀ ଚା' କରିବାକୁ ଗ୍ୟାସ୍ ଲଗାଇବାବେଳେ ହଠାତ୍ ନିଆଁ ଲାଗି ଚାରିଆଡ଼କୁ ବ୍ୟାପି ଯାଇଥିଲା। ଏହା ଦେଖି ମା' ମମତା ତାଙ୍କୁ ଉଦ୍ଧାର କରିବାକୁ ରୋଷେଇ ଘରକୁ ଦୌଡ଼ି ଆସିଥିବା ବେଳେ ସେ ମଧ ନିଆଁ ଘେରରେ ରହିଯାଇଥିଲେ। ଘଟଣାସ୍ଥଳରେ ହିଁ ଦୁଇଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଦୁର୍ଯ୍ୟୋଧନଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହୋଇଛି।

ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ତହସିଲଦାର ଶକ୍ତିକାନ୍ତ ରାୟ, ଅଗ୍ନିଶମ ବିଭାଗ କର୍ମଚାରୀ ଏବଂ ପୋଲିସ ଉପସ୍ଥିତିରେ ମୃତଦେହ ଉଦ୍ଧାର କରାଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା ସୂଚନା ଦେଇଛନ୍ତି। ଗ୍ୟାସଜନିତ ଦୁର୍ଘଟଣାକୁ ଅତି ଗୁରୁତ୍ୱର ସହ ନେଇଛି ଭାରତ ପେଟ୍ରୋଲିୟମ।

# ଆଗୁଆ ନିର୍ବାଚନ ନେଇ ଜୋର୍ ଧରିଲା ରାଜନୀତି

ଭୁବନେଶ୍ୱର,୭।୯(ବ୍ୟୁରୋ)

ତେଲେଙ୍ଗାନା ସରକାର ଆଗୁଆ ନିର୍ବାଚନ ପାଇଁ ନିର୍ଦ୍ଧାରିତ ସମୟ ଆଗରୁ ବିଧାନସଭା ଭାଙ୍ଗିବା ପରେ ଓଡ଼ିଶା ସରକାର ସମାନ ରାସ୍ତା ଆପଣାଇ ପାରନ୍ତି ବୋଲି କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ଶାସକ ଦଳ ନେତାଙ୍କ ଗତିବିଧିରୁ ମଧ ଏନେଇ ଆଭାସ ହେଉଛି। ଆଗୁଆ ନିର୍ବାଚନ ହେବ ବୋଲି ବିଜେଡି କହିଥିବାବେଳେ ଭାଜପା ଯେତେବେଳେ ନିର୍ବାଚନ ହେଲେ ପ୍ରସ୍ତୁତ ବୋଲି ପ୍ରତିକ୍ରିୟା ରଖିଛି। ଅନ୍ୟପଟେ ଭାଜପାର ବିପଦ ସମୟରେ ବିଜେଡି ସହଯୋଗ କରିବା ନୂଆ କଥା ନୁହେଁ ବୋଲି କଂଗ୍ରେସ ଅଭିଯୋଗ କରିଛି।

ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି ଯେ, ବିଧାନସଭା ସହ ଲୋକ ସଭା ନିର୍ବାଚନ ହେଉ ବୋଲି ବିଜେଡି ସବୁବେଳେ ଚାହିଁଛି। ଯେଉଁଭଳି ଭାବେ ଚର୍ଚ୍ଚା ହେଉଛି ସେଥିରୁ ଆମେ ଅନୁମାନ କରୁଛୁ ଆଗୁଆ ନିର୍ବାଚନ ହୋଇପାରେ। ନିର୍ବାଚନ କମିଶନଙ୍କ ପ୍ରସ୍ତୁତି ଦେଖିଲେ ମଧ ସେହିପରି ଲାଗୁଛି। ସେଥିପାଇଁ ବିଜେଡି ମଧ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ସ୍ୱାଭାବିକ ଭାବେ ଓଡ଼ିଶାରେ ୨୦୦୪ରୁ ଏକାଠି ନିର୍ବାଚନ ଆରମ୍ଭ ହୋଇଛି। ଲୋକ ସଭା ନିର୍ବାଚନ ୨୦୧୯ରେ ଠିକ୍ ସମୟରେ ହେବ। ଯଦି ରାଜ୍ୟ ସରକାର ଆଗୁଆ ନିର୍ବାଚନ କରାଇବେ ଭଲ କଥା। ଯେତେବେଳେ ନିର୍ବାଚନ ହେଲେ ଭାଜପା ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି।

ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ, କେନ୍ଦ୍ରରେ ଭାଜପା ଆଗୁଆ ନିର୍ବାଚନ କରିବାକୁ ଚାହୁଁଛି। ରାଜସ୍ଥାନ, ଛତିଶଗଡ ଏବଂ ମଧ୍ୟପ୍ରଦେଶରେ ହେବାକୁ ଥିବା ନିର୍ବାଚନ ପାଇଁ ସେମାନେ ଭୟଭୀତ ଅଛନ୍ତି। କେନ୍ଦ୍ରରେ ଭାଜପା ସରକାର ଯେତେବେଳେ ଅସୁବିଧାରେ ପଡିଛି ସବୁବେଳେ ରାଜ୍ୟ ସରକାର ସେମାନଙ୍କ ପାଖରେ ଠିଆ ହୁଅନ୍ତି। ସେଥିପାଇଁ ହୁଏତ ଓଡିଶାରେ ଆଗୁଆ ନିର୍ବାଚନ ହୋଇପାରେ। ନିର୍ବାଚନ କମିଶନ ଚାହିଁଲେ ଏହା ସମ୍ଭବ ହେବ। ଆସନ୍ତା ଡିସେମ୍ବର ପରେ ନିର୍ବାଚନ କମିଶନ ଯେତେବେଳେ ଚାହିଁବେ ବିଧାନସଭା ଓ ଲୋକ ସଭା ନିର୍ବାଚନ କରାଇପାରିବେ। ମୋ ପାଖରେ ଥିବା ନିର୍ଦ୍ଦିଷ୍ଟ ଖବର ଅନୁଯାୟୀ, ଦେଶର ୧୨ ରାଜ୍ୟରେ ଏକକାଳୀନ ବିଧାନସଭା ଓ ଲୋକ ସଭା ନିର୍ବାଚନ କରାଇବା ପାଇଁ ଭାଜପା ଚାହୁଁଛି। ତେଲେଙ୍ଗାନାରେ ସେମାନେ ସଫଳ ହୋଇଥିବାବେଳେ ଓଡିଶାରେ କରିବାକୁ ଚାହୁଁଛନ୍ତି। ଏମିତି ଆଉ ୪ ରାଜ୍ୟ ଥିବାବେଳେ ବାକି ୬ ରାଜ୍ୟରେ ଏଭଳି କରିବାକୁ ସେମାନେ ଚେଷ୍ଟା କରୁଥିବା ସେ କହିଛନ୍ତି।

■ 'ମୋ ସ୍କୁଲ' ଯୋଜନା

# ୧୦ଜିଲାର ୧୭୭୨ ବିଦ୍ୟାଳୟ ସାମିଲ

ଭୁବନେଶ୍ୱର, ୭।୯(ବ୍ୟୁରୋ)

ଗୋଷ୍ଠୀ-ସମ୍ପୃକ୍ତ ଶିକ୍ଷା କାର୍ଯ୍ୟକ୍ରମ 'ମୋ ସ୍କୁଲ' ଯୋଜନାର ତୃତୀୟ ପର୍ଯ୍ୟାୟରେ ୧୦ ଜିଲାର ୧୭୭୨ ବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ସ୍ଥିର କରାଯାଇଛି। ଏଥିରେ ଅନୁଗୋଳର ୧୦୭ଟି, ବାଲେଶ୍ୱରର ୨୧୨, ଢେଙ୍କାନାଳ ୮୫, ଗଞ୍ଜାମ ୧୫୨, ଖୋର୍ଦ୍ଧା ୧୫୧, ମୟୂରଭଞ୍ଜ ୨୫୮, ନୟାଗଡ଼ ୧୧୧, ପୁରୀ ୪୮୨, ସମ୍ବଲପୁର ୧୦୦ ଓ କୋରାପୁଟର ୧୧୪ଟି ସ୍କୁଲ ରହିଛି। ଏସବୁ ଜିଲାରେ ମୋ ସ୍କୁଲ ଯୋଜନାରେ ୧୨କୋଟି ୭୭ଲକ୍ଷ ୩୨ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟ କରାଯିବ। ଏଥିରୁ ରାଜ୍ୟ ସରକାର ୮କୋଟି ୫୧ଲକ୍ଷ ୫୫ହଜାର ଟଙ୍କା ଅନୁଦାନ ଦେଇଥିବା ବେଳେ ଜନସାଧାରଣଙ୍କଠାରୁ ୪କୋଟି ୨୫ଲକ୍ଷ ୭୭ହଜାର ଟଙ୍କା ସଂଗୃହୀତ ହୋଇଛି। ଏହି ଅର୍ଥରେ ସ୍କୁଲର ଭିତ୍ତିଭୂମି, ଶ୍ରେଣୀଗୃହର ଉନ୍ନତି, ପାଠାଗାର-ପୁସ୍ତକ, ଖେଳ ସାମଗ୍ରୀ, ଶ୍ରେଣୀଗୃହର ଆସବାବପତ୍ର ଯୋଗାଣ, ସ୍କୁଲ ବଗିଚା ଆଦିର ଉନ୍ନତୀକରଣ କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମୋ ସ୍କୁଲ ଅଭିଯାନର ତୃତୀୟ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଏହା ସ୍ଥିର କରାଯାଇଛି। ବୈଠକରେ ସଚିବ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ପ୍ରକଳ୍ପ ପରିଚାଳନା ଓ ତଦାରଖ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ମୋ ସ୍କୁଲ ଯୋଜନାର ପ୍ରଥମ ପର୍ଯ୍ୟାୟରେ ୨୬୨ସ୍କୁଲ ପାଇଁ ୧କୋଟି ୭୮ଲକ୍ଷ ୩୯ହଜାର ଓ ଦ୍ୱିତୀୟ ପର୍ଯ୍ୟାୟରେ ୬୧୫ସ୍କୁଲ ପାଇଁ ୪କୋଟି ୨୭ଲକ୍ଷ ୮୩ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। ଏପର୍ଯ୍ୟନ୍ତ ୧୭ଟି ଜିଲା ଏହି ଯୋଜନାରେ ସାମିଲ ହୋଇଛି। ନିକଟରେ ଆଉ ୫ଟି ଜିଲାକୁ ଅନ୍ତର୍ଭୁକ୍ତ କରାଯିବା ନେଇ ପ୍ରସ୍ତାବ ରହିଛି ବୋଲି ମୋ ସ୍କୁଲ ଯୋଜନାର ସଦସ୍ୟ ସଚିବ ତଥା ଓପେପା ଓ ମାଧ୍ୟମିକ ଶିକ୍ଷା ମିଶନ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ସୂଚନା ଦେଇଛନ୍ତି। ଶୁକ୍ରବାର ଆୟୋଜିତ ବୈଠକରେ ପ୍ରାଥମିକ ଶିକ୍ଷା, ଏସ୍ସିଇଆର୍ଟି, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଗଣ, ରାସ୍ତା ଓ କୋଠାବାଡ଼ି ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ, ମୁଖ୍ୟ ପରିଚାଳନା ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

ବିହାରରେ ପିଲାଚୋରି ଅଭିଯୋଗ

# ତିନିଜଣଙ୍କୁ ପିଟି ହତ୍ୟା

ବେଗୁସରାଇ,୭।୯(ପି.ଟି.)-ପିଲାଚୋରି ଅଭିଯୋଗରେ ପୁଣି ଭିଡ଼ହିଂସାର ଶିକାର ହେଲା ୩ ଜୀବନ। ବିହାରର ବେଗୁସରାଇ ଅଞ୍ଚଳରେ ଜଣେ ୧୧ ବର୍ଷୀୟା ବାଳିକାଙ୍କୁ ଅପହରଣ କରି ନେଇ ଯାଉଥିବା ୩ ଜଣଙ୍କୁ ଲୋକେ ପିଟି ହତ୍ୟା କରିଛନ୍ତି। ବେଗୁସରାଇ ଏସ୍ପି ଆଦିତ୍ୟ କୁମାରଙ୍କ ସୂଚନା ମୁତାବକ ଜିଲାର ନାରାୟଣୀପୁର ଗ୍ରାମରେ ଶୁକ୍ରବାର ଅସ୍ତ୍ରଶସ୍ତ୍ର ସହ ୩ ଦୁର୍ବୃତ୍ତ ସ୍କୁଲ ଭିତରକୁ ପ୍ରବେଶ କରିଥିଲେ। ସ୍କୁଲର ଜଣେ ୧୧ ବର୍ଷୀୟା ବାଳିକାଙ୍କୁ ଅପହରଣ କରି ନେଇଯାଉଥିଲେ। ଜଣେ ଶିକ୍ଷକ ପିଲାଟିକୁ ରକ୍ଷା କରିବାକୁ ଚେଷ୍ଟା କରୁଥିବାବେଳେ ଗୁଳିମାଡ଼ କରିବା ଲାଗି ଦୁର୍ବୃତ୍ତମାନେ ଧମକ ଦେଇଥିଲେ। ଏହାପରେ ସ୍କୁଲର ଅନ୍ୟ ପିଲାମାନେ ଗ୍ରାମବାସୀଙ୍କୁ ଘଟଣା ସମ୍ପର୍କରେ ସୂଚନା ଦେବାରେ ସମର୍ଥ ହୋଇଥିଲେ। ଖବର ପାଇ ଘଟଣାସ୍ଥଳରେ ଗ୍ରାମବାସୀଙ୍କ ଭିଡ଼ ଜମିଥିଲା। ଅସ୍ତ୍ରଶସ୍ତ୍ର, ଲାଠି, ଟେକାପଥର ଧରି ଲୋକେ ଅଭିଯୁକ୍ତଙ୍କ ଉପରକୁ ଆକ୍ରମଣ କରିଥିଲେ। ଗୋଷ୍ଠୀବଦ୍ଧ ଆକ୍ରମଣ ଯୋଗୁ ଘଟଣାସ୍ଥଳରେ ଜଣେ ବ୍ୟକ୍ତି ପ୍ରାଣ ହରାଇଥିବାବେଳେ ଡାକ୍ତରଖାନା ନେବା ବାଟରେ ଆଉ ଦୁଇ ଜଣ ପ୍ରାଣ ହରାଇଥିଲେ ବୋଲି ଏସ୍ପି କହିଛନ୍ତି। ଏକ ମାମଲା ଦାଏର କରି ପୋଲିସ ତଦନ୍ତ ଆରମ୍ଭ କରିଛି।


## AUCTION

Sealed quotation is invited from interested bidders for auction of the following vehicle of Subsidiary Intelligence Bureau, Ministry of Home Affairs, Govt. of India, Bidyut Marg (Near Special Circuit House), Unit-V, Bhubaneswar-751001.

| Model/Type of Vehicle | Year of Manufacturing | Total Kms. Run |
|---|---|---|
| Maruti 800 | 2009 | 1,02,453 |

Sealed quotation will be collected between **10.00 A.M. to 1.00 P.M. on 25.09.2018 at Office Premises above** and the quotations will be opened in the presence of the bidders on same day **(25.09.2018) at 4.00 P.M.**

Intending bidders are required to deposit a Demand Draft of Rs. 5,000/- (Rupees five thousand) only as caution money with the auctioning officer while submitting sealed quotation on **25.09.2018. The Demand Draft (non A/C payee) should be drawn in favour of DDO, SIB, Bhubaneswar payable at SBI Main Branch, Bhubaneswar.** The highest bidder in whose favour the bid is knocked down will be required to deposit the full amount of the bid less caution money already deposited on the spot of the auction failing which, the caution money will be forfeited.

The undersigned is, however, not bound to accept the highest bid and he will have the right to reject any or all the bids without assigning any reason thereof.

The vehicle can be inspected on any working day between **4.00 P.M to 5.00 P.M** before the date of auction.

**Sd/- Assistant Director/E**

## ZILLA SWASTHYA SAMITI
## O/O- CHIEF DISTRICT MEDICAL AND PUBLIC HEALTH OFFICER, CUTTACK

Advt. No.-RBSK 11575 Dtd.07.09.2018

**REQUEST FOR PROPOSAL (RFP) FOR HIRING OF VEHICLE FOR RBSK**

Sealed proposals as per the prescribed RFP document are invited from interested eligible bidders (Private individuals / Tour operators / Travel Agency / Society / Firm) for hiring of vehicle for mobile medical team at Block CHCs on a monthly basis for implementation of Rasthriya Bal Swasthya Karyakram (RBSK). The eligibility criteria, the terms of reference and the formats for submission of bid are set forth in the RFP document, which can be downloaded from the website **www.cuttack.nic.in**.

Interested bidders fulfilling the eligibility criteria may submit the proposal(s) (with EMD & documents at per RFP) for one or more than one Block CHCs of their choice. The details of the Block CHC(s) are mentioned in the RFP document. The bidders have to submit their proposal(s) at the Office of the CDM & PHO, Cuttack. The proposal(s) complete in all respect should reach the O/o Chief District Medical and Public Health Officer, Cuttack on or before 18th Sept'18 (till 2.00 PM). The technical & financial bids shall be opened at the office chamber of CDM & PHO, Cuttack on 18th Sept'18 at 3.30 PM. The CDM & PHO, Cuttack reserves the right to reject any or all the proposals without assigning any reason thereof.

**Sd./- Chief District Medical and Public Health Officer Cum DMD, Cuttack**

## ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଥୁ.ରାମପୁର, ଭବାନୀପାଟଣା

ବିଜ୍ଞାପନ ସଂଖ୍ୟା: ୧୦୦୯ ତାରିଖ: ୦୫।୦୯।୨୦୧୮

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଥୁ.ରାମପୁର ତରଫରୁ ଥୁ.ରାମପୁର ଓ ଲାଞ୍ଜିଗଡ଼ ବ୍ଲକର ୧୮ବର୍ଷରୁ ୩୫ ବର୍ଷ ବୟସରେ (BPL କିମ୍ବା ବାର୍ଷିକ ଆୟ ମୋଟ ୪୦,୦୦୦/- ମଧ୍ୟରେ) ଅନୁସୂଚିତ ଜନଜାତି (ST) ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କୁ ନିମ୍ନଲିଖିତ ଦକ୍ଷତା ବୃଦ୍ଧି (SDT) ତଥା ନିଯୁକ୍ତି ଭିତ୍ତିକ (PLET) ଧନ୍ଦାମୂଳକ ତାଲିମ ଯୋଗାଇଦେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏହି ତାଲିମ ପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ପୂର୍ବରୁ ଯେଉଁମାନେ (ITDA) କିମ୍ବା କୌଣସି ସରକାରୀ ସହାୟତାରେ ଏହି ତାଲିମ ପାଇସାରିଛନ୍ତି ତଥା ବର୍ତ୍ତମାନ କୌଣସି ଶିକ୍ଷାନୁଷ୍ଠାନରେ ପଢୁଛନ୍ତି ସେମାନଙ୍କର ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ।

| କ୍ର.ନଂ. | ତାଲିମ ପାଠ୍ୟକ୍ରମ | ତାଲିମ ସମୟ | ମୋଟ ସ୍ଥାନ ସଂଖ୍ୟା | ଶିକ୍ଷାଗତ ଯୋଗ୍ୟତା |
|---|---|---|---|---|
| 01 | Electrical Maintenance (Domestic) | 2 Months | 20 | 10th Pass |
| 02 | Mobile Repairing | 2 Months | 20 | 10th Pass |
| 03 | Driver-cum-Mechanic | 3 Months | 20 | 8th Pass |
| 04 | Health Care & Multipurpose Workers | 3 Months | 20 | 10th Pass |
| 05 | Computer Hardware & Networking | 2 Months | 20 | 10th Pass |
| 06 | Plumber | 75 Days | 20 | 5th Pass |
| 07 | Basic Automotive Servicing (Two & Three Wheeler) | 3 Months | 20 | 10th Pass |
| 08 | Security Guard | 45 Days | 20 | 10th Pass |
| 09 | Mason | 75 Days | 20 | 5th Pass |
| | | ମୋଟ | ୨୦୦ | |

ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ନିଜ ବ୍ଲକର WEOଙ୍କ ପାଖରେ ଉପଲବ୍ଧ ଆବେଦନ ଫର୍ମ ପୂରଣ କରି ସମସ୍ତ ପ୍ରମାଣପତ୍ରର ନକଲ ଯଥା- ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, BPL କାର୍ଡ଼ କିମ୍ବା ବାର୍ଷିକ ଆୟର ପ୍ରମାଣପତ୍ର ଓ ନିଜର ଦୁଇଗୋଟି ରଙ୍ଗିନ ପାସ୍ପୋର୍ଟ ସାଇଜ୍ ଫଟୋ ସହିତ ନିଜ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ (WEO)ଙ୍କ ନିକଟରେ ତା୨୨।୦୯।୨୦୧୮ ସୁଦ୍ଧା ଦାଖଲ କରିପାରିବେ ଓ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ (ଥୁ.ରାମପୁର - ୨୫।୦୯।୨୦୧୮ ଓ ଲାଞ୍ଜିଗଡ଼ - ୨୬।୦୯।୨୦୧୮)ରେ ୧୧ଘଟିକା ସମୟରେ ଦରଖାସ୍ତଗୁଡ଼ିକ ଯାଞ୍ଚକରି ଚୟନ କରାଯିବ। ପ୍ରମାଣପତ୍ର ଯାଞ୍ଚ ନିମନ୍ତେ Original ପ୍ରମାଣ ପତ୍ର ସହିତ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଉପସ୍ଥିତ ରହିବା ପାଇଁ ଜଣାଇ ଦିଆଗଲା।

N.B.: The empanelled PIAs under OSFDC, Bhubaneswar & OSDA, Bhubaneswar are also requested to submit their expression of interest within 22nd September, 2018 for the said training. They are requested to see the Dist. website **www.kalahandi.nic.in**.

**ସ୍ୱା./- ପ୍ରକଳ୍ପ ପ୍ରଶାସକ**
**ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଥୁ.ରାମପୁର**

## BERHAMPUR UNIVERSITY
BHANJA BIHAR, BERHAMPUR - 760007, ODISHA

No. 6496/Welfare Date: 06.09.18

**NOTIFICATION**

Nominations are invited from reputed Artists, Educationals, Social Workers and such other persons who have made substantial contribution to the Society for their life time of devoted service for selection by the University to be honoured on Berhampur University Foundation Day i.e. on 2nd January, 2019 by way of presentation of **ANGABASTRA** along with citation mentioning the life achievement and contributions of awardees.

The Chairman P.G. Council, Berhampur University / The Principals of all colleges and Educational Institutions Affiliated to Berhampur University / President and Secretaries of Registered Cultural Associations / Organizations functioning in the State of Odisha are eligible to make nominations.

Due preference will be given to the contribution of nominees who lived and worked in the District of Ganjam, Gajapati, Koraput, Rayagada, Malkangiri, Nabarangpur and Kandhamal or whose works / contributions pertain substantially to these districts. Prescribed format for making the nominations can be downloaded from the University website **www.bu.odisha.edu.in**.

The completed nominations, format duly filled by the sponsored organization along with Bio-data of the nominee should reach the undersigned on or before **10.10.18**.

**Sd./- Registrar**

## GOVT. OF ODISHA
## DEPARTMENT OF WATER RESOURCES
**O/O THE CHIEF CONSTRUCTION ENGINEER**
**RENGALI RIGHT IRRIGATION PROJECT, DHENKANAL**
Email Id - ccerrip@gmail.com

**'e' Procurement Notice**

No.478-A: The Chief Construction Engineer, Rengali Right Irrigation Project, Mahisapat, Dhenkanal on behalf of the Governor of Odisha invites **on line percentage rate bids** for construction of the work as detailed befow:

1. Name of the work : Excavation of Darpani Branch Canal from RD 14.580 km to 16.680 km including its structures of Right Bank Canal of Rengali Irrigation Project
2. Tender Cost : Rs. 956.37 lakh
3. Bid Document Cost : Rs. 10,000.00 (online)
4. Bid Security : Rs. 9,56,400.00 (online)
5. Class of Contractor : Special and Super Class
6. Period of Completion : 11 calendar months (335 days)
7. Other details are as follows

| Procurement Officer | Bid Identification No. | Availability of Tender On- line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Construction Engineer, RRIP, Dhenkanal | CCERR IP-04/20 18-1 9 | 10.09.2018 10.00AM | 25.09.2018 5.00 PM | 26.09.2018 11 00AM |

8. For further details and on line bidding, visit Govt. website **www.tendersodisha.gov.in**.

**Sd./- Chief Construction Engineer**
**Rengali Right Irrigation Project, Dhenkanal**

32351/11/0008/1819

## 'e' PROCUREMENT NOTICE No.04 OF 2018-19

1. Name of work : Construction of Road works in the District of Cuttack for the year 2018-19
2. Total No. of Work : 06 (Six) Nos. Road
3. Estimated Cost : Rs.17.68 lakhs to 26.52 lakhs
4. Period of Completion : 03(Three) Calendar Months
5. Class of contractors : 'D', 'C' & 'B' Class only

**Other details as follows:**

a) Procurement officer : Executive Engineer, Rural Works Division, Cuttack
b) Availability of tender online for bidding : From 10.09.2018 to 24.09.2018 upto 17.00 hours
c) Last date & time of seeking of tender clarification : 22.09.2018 upto 17.00 Hours
d) Date & Time of Opening of tender : 25.09.2018 at 11.00 Hours

Further details can be seen from the Govt website **www.tendersorissa.gov.in**.

No.655-O

**Sd./- Executive Engineer**
**Rural Works Division, Cuttack**

25053/11/0010/1819

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧, ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍ସାଇଟ୍: www.oshb.org

ପତ୍ର ସଂଖ୍ୟା: 10883 **ବିଜ୍ଞାପନ** ତା 03.09.18

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କାନନ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ହାଉସିଂ ପ୍ରକଳ୍ପରେ ଘର ନଂ-ଏଚ.ଆଇ.ଜି.-୨୩୨ (HIG-232) କୁ ବିଷ୍ଣୁଚରଣ ଜେନା, ପି: ସ୍ୱର୍ଗତ ନାରାୟଣ ଜେନା, ଗ୍ରା: ମାଟିଆଶାସନ, ପୋ: ସିଂହପୁର, ଥା: ଧର୍ମଶାଳା, ଜି: ଯାଜପୁରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ବିଷ୍ଣୁଚରଣ ଜେନା ଉକ୍ତ ଘରଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଦ୍ରୌପଦୀ ସାହୁ, ସ୍ୱା: ରାମଚନ୍ଦ୍ର ସାହୁ, ଗ୍ରା/ପୋ: କରଡ଼ାଗଡ଼ିଆ, ଥା: ଅନୁଗୁଳ, ଜି: ଅନୁଗୁଳଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହ / ଫ୍ଲାଟ / ଦୋକାନ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

**ସ୍ୱା./- ସହ ପ୍ରଶାସନିକ ଅଧିକାରୀ**
**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

## ORMAS
**Odisha Rural Development & Marketing Society, Sundargarh**
**Panchayati Raj & Drinking Water Department, Govt. of Odisha**

**TENDER/QUOTATION CALL NOTICE**

Sealed tender from the firm/Agencies/Organizations are invited for Tentage & Allied works/Printing & Hoarding works/Security Services/ Documentation (Videography & photography) for the Period from 3rd to 11th October 2018.

The Tender Paper/Quotations call notice along with detail specification and eligibility criteria of the work are available at ORMAS office, DRDA Building, Sundargarh and official website http://sundargarh.nic.in/www.ormas.org/www.olm.nic.in from 7th to 18th September 2018.

The Undersigned reserved the right to accept or reject any or all the tenders/quotation without assigning any reason thereof.

**Sd./- Project Director**
**DRDA, Sundargarh**

## ODISHA STATE ROAD TRANSPORT CORPORATION, BHUBANESWAR

No. 12776/Estate-12/2018 Dt. 06.09.2018

**NOTICE INVITING TENDER**

Sealed tenders are invited in the prescribed form from the intending persons / firms / institutions for lease of vacant rooms on rent at Baramunda Bus Stand, Bhubaneswar and Badambadi Bus Stand, Cuttack.

For details of tender including tender schedule, terms and conditions, please visit our website **www.osrtc.in**.

By order of Chairman-cum-Managing Director, OSRTC

**Sd./- General Manager (Admn.)**
**OSRTC, Bhubaneswar**

## OFFICE OF THE MUNICIPAL COUNCIL, KEONJHARGARH

e-mail: keonjharm.hud@rediffmail.com

**Invitation for Bids (IFB)**
**'e' Procurement NOTICE**
**Bid Identification No. KGM-10/2018-19**

Letter No. 8448/KGM Date: 06.09.2018

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online bid in single cover system through e-Procurement.

1. Nature of work : **Civil**
2. No. of wroks : **53 Nos.**
3. Value of works : Rs. 42,600/- to Rs. 18,11,800/-
4. Date & time of availability of bid document in the portal : From **12.09.2018** at 11.00 AM upto **24.09.2018** at 05.00 PM
5. Last date & time of submission of bid in portal : Upto 5 PM of **24.09.2018**
6. Date of opening of bid in portal : **27.09.2018** at 11.00 AM
7. Name & address of the officer in Inviting Bid : EO, Keonjharagarh Municipality

Further details can be seen from website: **www.tendersorissa.gov.in**.

**Sd./- Executive Officer**
**Keonjhargarh Municipality**

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନୟାଗଡ଼
## OFFICE OF THE COLLECTOR & DISTRICT MAGISTRATE, NAYAGARH

**At/Po/Ps/Dist.- Nayagarh, State- Odisha, PIN- 752069,**
E-mail ID: dsonayagarh@gmail.com

**Tender Call Notice No.419/Sports, Dated 06.09.2018**

**TENDER CALL NOTICE**

Sealed tenders are invited by the District Sports Office, Nayagarh from reputed firms / intending Regd. Firms / Supplier/Co-Operative/DIC Regd. Units / Authorized suppliers as per tender specification for **"Supply of Sports Goods"** branded Dress Materials & Shoes Materials with Socks for the use of inmates of Sports Hostel, Nayagarh during the year, 2018-19. Date of submission of tender on or before **25.09.2018** by **05.00 PM** through Regd. Post / Speed Post only and it will be opened on **26.09.2018** at **11.00 AM**. The bid document is available in the district portal (**www.nayagarh.nic.in**) and can be downloaded of sale of bid documents or may contact to District Sports Office, Nayagarh.

**Sd./- Addl. District Magistrate, Nayagarh**

## Government of Odisha
No.704-O

**"e" Procurement Notice for Building Works**

**Bid Identification No. 9 / 2018-19**
E-mail: ee_rwbdk@yahoo.com

1. Name of the Work :- 3 Nos of Road Work (As per col.2 of Annexture available in the portal)
2. Estimated Cost :- Rs.22.10 Lakh
3. Period of Completion :- 4 Months
4. Date & Time of availability of Bid document in the Portal :- From Dt.10.09.2018 at 10.00 A.M. to Dt.24.09.18 upto 4.00 P.M.
5. Last Date & Time for receipt of Bids in the Portal :- From Dt.10.09.18 at 10.00 A.M. to Dt. 24.09.18 up to 4.00 P.M.
6. Date & Time of Opening of tender :- Dt. 25.09.18 at 11.00 A..M.
7. Name and Address of O.I.T :- Executive Engineer, R.W Division, Bhadrak

Further details can be seen from the e-procurement portal **"https://tendersorissa.gov.in"**.

**Sd./- Er. Manas Ranjan Mohanty**
**Executive Engineer,**
**R.W. Division, Bhadrak**

25060/11/0009/1819

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## R.W.S&S DIVISION, SAMBALPUR
E.mail- eerwsssbp@gmail.com

**"e" PROCUREMENT NOTICE**

**Bid Identification No. RWSS (SBP):- 09 / 2018-19**

1. Name of the Work : Construction of pump house,OHT & Distribution system, etc with supplying of all materials including pipes, valve & fittings for RPWS to different villages of Sambalpur district.
2. Total Number of Work : 02 Nos. (Two)
3. Estimated Cost : Rs. 12.05 lakhs to Rs. 26.81 lakhs
4. Class of Contractor : C
5. Period of Completion : 6 (Six)

No.723-O

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer RWSS Division, Sambalpur | **RWSS (SBP):- 09/2018-19** | **10.09.2018** | **20.09.2018 upto 5.00 PM** |

Further details can be seen from the e-procurement portal **"www.tendersorissa.gov.in"**. Subsequent corrigendum if required shall be appeared in the website only.

**Executive Engineer,**
**R.W.S&S. Division, Sambalpur**

25015/11/0004/1819

# ଟେଲି କମ୍ୟୁନିକେଶନରେ କ୍ୟାରିୟର



**ଆଗରୁ ମଣିଷ ଅପେକ୍ଷା କରୁଥିଲା। ଦୂରରେ ଥିବା ପ୍ରିୟଜନଙ୍କୁ ମନେ ପକାଉଥିଲା। ଚିଠି ଲେଖୁଥିଲା। ଚିଠିର ଉତ୍ତରକୁ ମାସ ମାସ ବର୍ଷ ବର୍ଷ ଧରି ଅପେକ୍ଷା କରୁଥିଲା। ଫଳରେ ବିରହ, ବେଦନା, ଯନ୍ତ୍ରଣା ଭଳି ଦେଖି ହେଉ ନ ଥିବା କିଛି ଚିଜ୍‌କୁ ମର୍ମେମର୍ମେ ଭେଦି ପାରୁଥିଲା। ବେଳ ଅବେଳରେ ଚାହୁଁଥିବା ଲୋକ ନିକଟରେ ମନର କଥା କହି ପାରୁ ନ ଥିବାରୁ ଭାବପ୍ରବଣତା ମଣିଷକୁ ଆହୁରି ଆବେଗିକ କରୁଥିଲା। ସ୍ମୃତିରେ ବାନ୍ଧି ରଖୁଥିଲା।**

ଆଜିର ଟେଲିକମ୍ୟୁନିକେଶନ ଯୁଗରେ ସବୁ କିଛି ବଦଳି ଯାଇଛି। ଭାବ ଓ ଆବେଗ ଆଉ ହୃଦୟରେ ସାଇତା ହୋଇ ରହୁନି। ମନକୁ ଯାହା ଆସିଲା ତାହା ଲକ୍ଷ ଲକ୍ଷ ଲୋକଙ୍କୁ କ୍ଷଣିକରେ ଜଣାଇ ଦିଆଯାଇ ପାରୁଛି। ଯୋଜନ ଯୋଜନ ଦୂରରେ ଥିବା ପ୍ରିୟ ପରିଜନଙ୍କୁ କହି ଦିଆଯାଇ ପାରୁଛି। ଟେଲିକମ୍ୟୁନିକେଶନର ସୁବିଧା ପାଇଁ ଆଜି ଏହା ସମ୍ଭବ ହୋଇ ପାରିଛି। କିଛି କଥା, କିଛି ଚିତ୍ର ବା ଛବିକୁ ତାର ହେଉ ବା ବେତାର ହେଉ; ଯେଉଁ ମାଧ୍ୟମରେ ପ୍ରେରଣ କରାଯାଇ ପାରୁଛି ତାହାକୁ ସାଧାରଣତଃ ଟେଲିକମ୍ୟୁନିକେଶନ କୁହାଯାଉଛି। ଅନ୍ୟ ଭାଷାରେ କହିଲେ କୌଣସି ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଯେତେବେଳେ ଦୁଇ ପକ୍ଷ ମଧ୍ୟରେ ସଂଯୋଗ ସ୍ଥାପନ କରାଯାଏ ତାହାକୁ ଟେଲିକମ୍ୟୁନିକେଶନ କୁହାଯାଏ।

ଆଜିର ଏକବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଟେଲିକମ୍ୟୁନିକେଶନ ନିଜର ପ୍ରଭାବ ବିସ୍ତାର କରିଛି। ପୋଷ୍ଟ କାର୍ଡ, ଇନ୍‌ଲାଣ୍ଡ୍ ଲେଟର, ଲଫାପା ଆଦି ଜନସାଧାରଣଙ୍କଠାରୁ ଦୂରେଇଯିବାକୁ ବସିଲାଣି। ଏଭଳି ସ୍ଥଳେ ଏହି ଟେଲିକମ୍ୟୁନିକେଶନ ଶିଳ୍ପ ଯୁବପିଢ଼ି ପାଇଁ ନିଯୁକ୍ତିର ଏକ ସୁଯୋଗ ହୋଇଛି। ଟେଲିଫୋନ୍, କମ୍ପ୍ୟୁଟର, ଇଣ୍ଟରନେଟ ସକାଶେ ଟେଲିକମ୍ୟୁନିକେଶନ ଆଜି ସହଜ ହୋଇଯାଇଛି। ଏହା କେବଳ ଲୋକଙ୍କୁ ନିକଟତର କରିନାହିଁ ବରଂ ଦେଶର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ପୃଷ୍ଠଭୂମିକୁ ମଧ୍ୟ ପ୍ରଭାବିତ କରିଛି।

## ଟେଲି କମ୍ୟୁନିକେଶନର ଗୁରୁତ୍ୱ

ସରକାର ସାରା ଦେଶକୁ ଡିଜିଟାଲ୍ ଇଣ୍ଡିଆରେ ପରିଣତ କରିବା ପାଇଁ ପ୍ରୟାସ କରୁଛନ୍ତି। ଟେଲିକମ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ୨୦୧୪ ମାର୍ଚ୍ଚ ବେଳକୁ ଦେଶରେ ପ୍ରାୟ ୨୩ କୋଟି ୩୦ ଲକ୍ଷ ଜନସାଧାରଣ ମୋବାଇଲ୍ ଇଣ୍ଟରନେଟ୍ ବ୍ୟବହାର କରୁଥିଲେ। ୨୦୧୭ ଡିସେମ୍ବର ବେଳକୁ ଏହା ୪୨ କୋଟି ୫୦ ଲକ୍ଷକୁ ବୃଦ୍ଧି ପାଇଛି। ସେହିପରି ବ୍ରଡ୍ ବ୍ୟାଣ୍ଡ୍ ଉପଭୋକ୍ତାଙ୍କ ସଂଖ୍ୟା ୨୦୧୪ ମାର୍ଚ୍ଚ ବେଳକୁ ୬ କୋଟି ୧୦ ଲକ୍ଷ ଥିବା ବେଳେ ୨୦୧୮ ମାର୍ଚ୍ଚ ବେଳକୁ ଏହା ୪୧ କୋଟି ୨୦ ଲକ୍ଷରେ ପହଞ୍ଚିଛି। ଅନ୍ୟ ପକ୍ଷରେ ୨୦୧୯ ମାର୍ଚ୍ଚ ସୁଦ୍ଧା ଦେଶର ୨.୫ ଲକ୍ଷ



ଗ୍ରାମପଞ୍ଚାୟତକୁ ହାଇସ୍ପିଡ୍ ଇଣ୍ଟରନେଟ୍ ସଂଯୋଗ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ସେହିପରି ବର୍ତ୍ତମାନ ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି)କୁ ଏହାର ୬% ଅବଦାନ ରହିଥିବା ବେଳେ ଏହାକୁ ୮%କୁ ବଢ଼ାଇବା ପାଇଁ ଲକ୍ଷ୍ୟ ରହିଛି ବୋଲି ସରକାର ବିଭିନ୍ନ ସମୟରେ ପ୍ରକାଶ କରିଛନ୍ତି।

## ଏହାର ପରିବ୍ୟାପ୍ତି

ଟେଲିଫୋନ୍ ଏବଂ ଇଣ୍ଟରନେଟ୍ ସେବାପ୍ରଦାନକାରୀ ସଂସ୍ଥାର ସମଷ୍ଟିକୁ ଟେଲିକମ୍ ଶିଳ୍ପ ବୋଲି ସାଧାରଣତଃ ଧରିନିଆଯାଉଛି। ଭଏସ୍ କଲ୍, ଟେକ୍ସଟ୍ ମେସେଜ, ଇ-ମେଲ୍, ଭିଡିଓ ଚାଟ୍, ଇମେଜ୍ ଶେୟାରିଂ ଆଦି ସମସ୍ତ କାର୍ଯ୍ୟ ଏହି ଶିଳ୍ପ ଅନ୍ତର୍ଭୁକ୍ତ। ଏଥିରେ ଦିନକୁ ଦିନ ନୂତନ ବୈଶିଷ୍ଟ୍ୟ ସାମିଲ ହେଉଛି। ଏହି ଶିଳ୍ପର ପ୍ରତିଯୋଗୀମାନେ ନିଜର ଅବସ୍ଥିତିକୁ ମଜଭୁତ୍ କରିବା ତଥା ବ୍ୟବସାୟକୁ ସଂପ୍ରସାରଣ କରିବା ପାଇଁ ଦକ୍ଷ ମାନବ ସମ୍ବଳ ଆବଶ୍ୟକ କରୁଛନ୍ତି।

ଏଥିରେ ବିଭିନ୍ନ ପଦପଦବୀ ରହିଛି। କାର୍ଯ୍ୟ ଅନୁସାରେ ବେସ୍ ଷ୍ଟେଶନ ସର୍ଭିସ୍ ଇଞ୍ଜିନିୟର, କୋର୍ ନେଟ୍‌ୱର୍କ ଇଞ୍ଜିନିୟର, ଫିଲ୍ଡ ମେଣ୍ଟେନାନ୍ସ ଇଞ୍ଜିନିୟର, ଟ୍ରାନ୍ସମିଶନ ଇଞ୍ଜିନିୟର, ଅପ୍ଟିକାଲ୍ ଫାଇବର ଟେକ୍ନିସିଆନ୍, ବ୍ରଡ୍ ବ୍ୟାଣ୍ଡ ଇନ୍‌ଷ୍ଟଲେଶନ ଇଞ୍ଜିନିୟର, ନେଟ୍‌ୱର୍କ ମ୍ୟାନେଜମେଣ୍ଟ ଇଞ୍ଜିନିୟର ଆଦି ବିଭିନ୍ନ ପଦବୀ ରହିଛି।

## ଶିଳ୍ପରେ ପ୍ରତିଯୋଗିତା

ବର୍ତ୍ତମାନ ପ୍ରାୟ ବିଭିନ୍ନ କ୍ଷେତ୍ରରେ ଏକଚାଟିଆ ବଜାର କାରବାର ପ୍ରାୟତଃ ବନ୍ଦ ହେବାକୁ ବସିଲାଣି। ଅର୍ଥନୀତି ଭାଷାରେ ଯାହାକୁ ମନୋପୋଲି କୁହାଯାଉଛି ତାହା ଏବେ ପର୍ଫେକ୍ଟ ମାର୍କେଟ୍ ଆଡକୁ ଅଗ୍ରସର ହେଉଛି। ସରକାରୀ ସଂସ୍ଥା ଉପରେ ବେସରକାରୀ ବିକଳ୍ପଗୁଡ଼ିକ ଭାରି ପଡୁଛି। ଟେଲିକମ୍ ଶିଳ୍ପ କ୍ଷେତ୍ରରେ ଦେଖିବାକୁ ଗଲେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବହୁ ପଛରେ ରହିଯାଇଥିବା ବେଳେ ଘରୋଇ ଉଦ୍ୟୋଗ ମଧ୍ୟରେ ଘମାଘୋଟ ପ୍ରତିଯୋଗିତା ଚାଲିଛି। ଫଳରେ ସମାନ ସେବା ପାଇଁ ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟା ମଧ୍ୟ ସକ୍ରୀୟ ହେଉଛି।

## ଯୁବପିଢ଼ି ପାଇଁ ନିଯୁକ୍ତି ସୁଯୋଗ

ଅତି ସାଧାରଣ ଭାବେ ବିଚାର କଲେ ଆଜି ସମୟରେ ପ୍ରାୟ ସମସ୍ତଙ୍କ ପାଖରେ ମୋବାଇଲ୍ ଫୋନ୍ ରହିଛି। ଅଫିସ୍‌ରେ କମ୍ପ୍ୟୁଟର, ଇଣ୍ଟରନେଟ୍ ବ୍ୟବସ୍ଥା ଥିଲେ ମଧ୍ୟ ଅନେକେ ନିଜ ଘରେ ବ୍ୟକ୍ତିଗତ ସ୍ତରରେ ମଧ୍ୟ କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍ ସୁବିଧା ରଖୁଛନ୍ତି। ଏଥିରୁ ଅନୁମାନ କରାଯାଇ ପାରେ ଯେ ଏ କ୍ଷେତ୍ରଟି ବର୍ତ୍ତମାନ କେତେ ଗୁରୁତ୍ୱପୂର୍ଣ୍ଣ ଏବଂ ଅନିବାର୍ଯ୍ୟ ହୋଇ ପଡ଼ିଛି। ବଜାର ବିଶେଷଜ୍ଞମାନଙ୍କ କହିବା ଅନୁସାରେ ଏକବିଂଶ ଶତାବ୍ଦୀ ଟେଲିକମ୍ ଶିଳ୍ପରେ କାର୍ଯ୍ୟ କରିବା ପାଇଁ ଏକ ପ୍ରକୃଷ୍ଟ ସମୟ।



# ଚାକିରି ଛାଡ଼ିବାକୁ ଚାହୁଁ ନ ଥିଲେ...

**ଉକ୍ତ ଶିରୋନାମା ଟି ପାଠକଙ୍କୁ ସାମାନ୍ୟ ଅଡୁଆ ଲାଗୁ ଥାଇ ପାରେ। ଯଦି ଚାକିରି ଛାଡ଼ିବାକୁ ଚାହୁଁ ନାହାନ୍ତି ତେବେ ସେ ବିଷୟରେ ତର୍ଜମା କରିବାର କ'ଣ ଆବଶ୍ୟକତା ରହିଛି? ତାହାକୁ ନେଇ ବିଶ୍ଲେଷଣ କରିବା କି ଜରୁରୀ? ଆମେ ଏଠାରେ ଏଭଳି କିଛି କାରଣ ଲେଖୁଛୁ ଯାହା ଚାକିରି ଛାଡ଼ିବାକୁ ଚାହୁଁ ନ ଥିବା ସମୟରେ ହିଁ ଚିନ୍ତା କରିବା ଉଚିତ।**

- ଯଦି ଆପଣ ନିଜ ନିଯୁକ୍ତି ସ୍ଥଳ ଛାଡ଼ିବାକୁ ଚାହୁଁ ନାହାନ୍ତି ତେବେ ସେତେବେଳେ ଆପଣ କ'ଣ କରିବା ଉଚିତ? ଚିରାଚରିତ ଭାବେ ବିଗତ ଦିନରେ ଯାହା କରୁଥିଲେ ସେୟା କରିବେ ନା କିଛି ନୂଆ କରିବେ ସେ ବିଷୟରେ ଚିନ୍ତା କରନ୍ତୁ।

- ଦିନକୁ ଦିନ ଦରଦାମ ବୃଦ୍ଧି ପାଉଛି। ବିଗତ ୩ ଦଶନ୍ଧିର ରେକର୍ଡ ଅନୁସାରେ ମୁଦ୍ରାସ୍ଫୀତି ବର୍ଷକୁ ପାଖାପାଖି ୭% ହାରରେ ବଢ଼ୁଛି। ତେଣୁ ଆପଣଙ୍କ ପାରିତୋଷିକ ଯଦି ବର୍ଷକୁ ୭% ଠାରୁ କମ୍ ହାରରେ ବୃଦ୍ଧି ପାଉଛି ତେବେ ଜାଣି ରଖନ୍ତୁ ଆପଣଙ୍କ ଆୟ ପ୍ରତିବର୍ଷ ହ୍ରାସ ପାଉଛି। ଏହାକୁ ଆପଣ ତର୍ଜମା କରିବା ଉଚିତ।

- ଅନେକ ସମୟରେ କେହିକେହି ନିଜ ସଂସ୍ଥାପ୍ରତି ଏକ ପ୍ରକାରର ଭାବପ୍ରବଣତାରେ ଛନ୍ଦି ହୋଇଯାଆନ୍ତି। ଯେତେ ସମସ୍ୟା ଉପୁଜିଲେ ବି ସେମାନେ ସଂସ୍ଥା ଛାଡ଼ିବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ। ସେମାନେ ଭାବନ୍ତି ଯେ, ମୁଁ ଅଲଗା କୌଣସି ବିକଳ୍ପ ସଂସ୍ଥାକୁ ଗଲେ ପୂର୍ବ ସଂସ୍ଥାକୁ ଭୁଲିପାରିବି ନାହିଁ। ମୁଁ ନୂଆ ସଂସ୍ଥାରେ କାମ କରି ପାରିବି ନାହିଁ। ବର୍ଷ ବର୍ଷ ଧରି ଯେଉଁମାନଙ୍କ ସହ କାମ କରୁଛି ସେମାନଙ୍କୁ ଛାଡ଼ି ନୂଆ ସହକର୍ମୀଙ୍କ ସହିତ ସହଜରେ ମିଶିପାରିବି ନାହିଁ। କିନ୍ତୁ ଏଭଳି ସ୍ଥଳେ ନିଜକୁ ବହୁବିଦ୍ଧ କରିବାକୁ ହେଲେ ଯଥୋଚିତ ନିଷ୍ପତ୍ତି ନେବାକୁ ପଡିବ।

- ଯଦି କୌଣସି ସଂସ୍ଥାରେ ଆପଣଙ୍କର ବିଶେଷ ଉନ୍ନତି ହେଉ ନାହିଁ ସେତେବେଳେ ଯେ ସଂସ୍ଥା ଛାଡ଼ି ଦେଲେ ଉନ୍ନତି ହେବ ତାହା ନୁହେଁ, ବରଂ ନିଜକୁ ପରିବର୍ତ୍ତନ କରିବାକୁ ପଡ଼ିପାରେ। କି ପ୍ରକାରର ପରିବର୍ତ୍ତନ ଲୋଡ଼ା ତାହା ଜାଣିବା ପାଇଁ ନିଜର ଦକ୍ଷତା ଓ କାର୍ଯ୍ୟକୁଶଳତାକୁ ନିଜେ ସମୀକ୍ଷା କରିବା ଉଚିତ।

- ନିଜର ପ୍ରଗତି ଏବଂ ଉନ୍ନତି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ଭାବାବେଗ ନିଜର ନିଷ୍ପତ୍ତିକୁ ପ୍ରଭାବିତ କରିବା ଅନୁଚିତ।

ବାରମ୍ବାର ସଂସ୍ଥା ପରେ ସଂସ୍ଥା ବଦଳାଇବା ଜଣେ କର୍ମଚାରୀଙ୍କ କ୍ୟାରିୟର ପ୍ରୋଫାଇଲ୍ ପାଇଁ ଭଲ ନୁହେଁ। ସେହିପରି ଗୋଟିଏ ସଂସ୍ଥାରେ ଦୀର୍ଘ ବର୍ଷ ଧରି ରହିବା ମଧ୍ୟ ସେତେଟା ଠିକ୍ ନୁହେଁ। ତେବେ କେଉଁ ଟି ଠିକ୍ ବା କେଉଁଟି ଭୁଲ୍ ତାହା କିପରି ନିର୍ଦ୍ଧାରଣ କରାଯିବ ତାହାର ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ସୂତ୍ର ନାହିଁ। ଏଭଳି ସ୍ଥଳେ ନିଷ୍ପତ୍ତିନେବା ସମୟରେ ଯଥେଷ୍ଟ ସମୟ ନେବା ଏକ ବିକଳ୍ପ ବୋଲି କୁହାଯାଇ ପାରେ।




## ଅନ୍ୟାନ୍ୟ ଖବର

### ୨୨ରେ ଫର୍ଟିଲାଇଜର, ଥର୍ମାଲ ନୂତନ ପ୍ଲାଣ୍ଟର ଶିଳାନ୍ୟାସ

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ କେନ୍ଦ୍ରମନ୍ତ୍ରୀଙ୍କ ସମୀକ୍ଷା

ତାଳଚେର,୭।୯(ନି.ପ୍ର.)

ତାଳଚେର ସାର କାରଖାନାର ପୁନରୁଦ୍ଧାର ହେବ। ଆସନ୍ତା ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଶିଳାନ୍ୟାସ କରିବେ। ତେବେ ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ପୂର୍ବରୁ ଶୁକ୍ରବାର କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଳଚେର ଆସି ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ, ତାଳଚେର ସାର କାରଖାନାର ନୂତନ ନାମ ରହିଛି ତାଳଚେର ଫର୍ଟିଲାଇଜର ଲିମିଟେଡ। ଗେଲ୍, କୋଲ୍ ଇଣ୍ଡିଆ, ଆର୍‌ସିଏଫ୍ ଓ ଏଫ୍‌ସିଆଇଏଲ୍‌ର ମିଳିତ ଉଦ୍ୟୋଗରେ ଏହା ନିର୍ମାଣ ହେବ। ନୂତନ ଜ୍ଞାନକୌଶଳ ବ୍ୟବହାର କରାଯାଇ ଏଠାରୁ ସାର ଉତ୍ପାଦନ କରାଯିବ। ଏଥିପାଇଁ ୧୩ ହଜାର କୋଟି ଟଙ୍କା ବ୍ୟୟ କରାଯିବ। ସେହିପରି ତାଳଚେର ଥର୍ମାଲର ୧୩ ଶହ ମେଗାୱାଟ୍ ବିଶିଷ୍ଟ ନୂତନ ପ୍ଲାଣ୍ଟର ଶିଳାନ୍ୟାସ ମଧ୍ୟ ଉକ୍ତ ଦିନ ପ୍ରଧାନମନ୍ତ୍ରୀ କରିବେ। ଏହି ପ୍ଲାଣ୍ଟ ନିମନ୍ତେ ୭ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ତେଣୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରାଯିବା ସହ ରାସ୍ତା ମରାମତି, ସୁରକ୍ଷା, ପାର୍କିଂ, ହେଲିପ୍ୟାଡ୍ ନିର୍ମାଣ ଆଦି ସମ୍ପର୍କରେ ଉକ୍ତ ବୈଠକରେ ଆଲୋଚନା ହୋଇଥିଲା।



ଏଥିରେ ଗେଲ୍ ସିଏମ୍‌ଡି ବି.ସି. ତ୍ରିପାଠୀ, ଡାଇରେକ୍ଟର ପ୍ରୋଜେକ୍ଟ ଆଶୁତୋଷ କର୍ଣ୍ଣାଟକ, ଆର୍‌ସିଏଫ୍ ସିଏମ୍‌ଡି ୟୁ.ବି. ଧତ୍ରକ, ତାଳଚେର ଫର୍ଟିଲାଇଜର ଲିମିଟେଡର ସିଇଓ ଜେ. ସାଇନି, ଆଇଜି ଏସ୍‌ପିଜି ଯଶୋବନ୍ତ ଜେଠୁଆ, ଡିଆଇଜି ନରସିଂହ ଭୋଳ, ଜିଲାପାଳ ଅନିଲ କୁମାର ସାମଲ, ଏସ୍‌ପି ମିତ୍ରଭାନୁ ମହାପାତ୍ର, ଏମ୍‌ସିଏଲ୍ ଡାଇରେକ୍ଟର (ଟେକ୍ନିକାଲ) ଜେ.ପି. ସିଂହ, ଡାଇରେକ୍ଟର (ପର୍ସୋନେଲ) ଏଲ.ଏନ. ମିଶ୍ର, ଏନ୍‌ଟିପିସି ଆର୍‌ଇଡି ଏମ୍.ପି. ସିହ୍ନା, ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ।

# କଂଗ୍ରେସର ଭାରତ ବନ୍ଦକୁ ବାମଦଳ, ଡିଏମ୍‌କେର ସମର୍ଥନ

ନୂଆଦିଲ୍ଲୀ, ୭।୯(ପି.ଟି.)

**ତୈଳ ଦର ବୃଦ୍ଧି: କେନ୍ଦ୍ର ବିରୋଧୀ ସ୍ୱର**

ତୈଳ ଦର ଆକାଶଛୁଆଁ ହେଉଥିବାରୁ ଅତ୍ୟାବଶ୍ୟକ ସାମଗ୍ରୀ ମହଙ୍ଗା ହୋଇଛି। ଫଳରେ ସାଧାରଣ ଲୋକଙ୍କୁ ଭାରି ମୂଲ୍ୟ ଦେବାକୁ ପଡୁଛି। ଏଥିପାଇଁ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଦାୟୀ କରିବା ସହ ଆସନ୍ତା ୧୦ ତାରିଖରେ ଭାରତ ବନ୍ଦ ଡାକରା ଦେଇଛି କଂଗ୍ରେସ। ବାମଦଳଗୁଡ଼ିକ ସମେତ ତାମିଲନାଡୁର ବିରୋଧୀ ଦଳ ଡିଏମ୍‌କେର ସମର୍ଥନ ମିଳିବା ପରେ କଂଗ୍ରେସର ଶକ୍ତି ବୃଦ୍ଧି ହୋଇଛି। ତେବେ ସମସ୍ତ ବିରୋଧୀ ଦଳ ରାସ୍ତାକୁ ଓହ୍ଲାଇ ତୈଳ ଦର ପ୍ରତିବାଦରେ କେନ୍ଦ୍ର ବିରୋଧରେ ସ୍ୱର ଉଠାଇବେ ବୋଲି କଂଗ୍ରେସ ମୁଖପାତ୍ର ଆର୍.ପି.ଏନ୍. ସିଂ ଶୁକ୍ରବାର କହିଛନ୍ତି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପୁଣି ଟାର୍ଗେଟ କରିଛି। ପେଟ୍ରୋଲ ଦର କ'ଣ ୧୦୦ ଟଙ୍କା ଟପିବ ଏବଂ ଟଙ୍କା ରୁଗ୍‌ଣ ହୋଇ ହସ୍ପିଟାଲରେ ଅଛି କି ବୋଲି ଦଳ ପ୍ରଶ୍ନ କରିଛି। ସୋମବାର କେବଳ କଂଗ୍ରେସ ନୁହେଁ, ବରଂ ସାଧାରଣ ଲୋକେ ଭାରତ ବନ୍ଦ ପାଳନ କରିବେ ବୋଲି ସିଂ କହିଛନ୍ତି। ଏଥର ବନ୍ଦ ପାଳନର ପ୍ରଭାବ ଅଧିକ ଦେଖିବାକୁ ମିଳିପାରେ ବୋଲି କୁହାଯାଉଛି।

ଚେନ୍ନାଇରେ ଚାକିରି / ହିନ୍ଦୀ କହିପାରୁଥିବେ / ଫ୍ରେଶର୍ ହୋଇ ନ ଥିବେ/ ଜୁନିୟର କୁକ୍ / ଗ୍ରାଜୁଏଟ ଇଂଲିଶ୍ କହିପାରୁଥିବା ଅଫିସ ଆସିଷ୍ଟାଣ୍ଟ / ବ୍ୟକ୍ତିଗତ ସେବକ /
ବେତନ: ୧୨୦୦୦-୧୭୦୦୦
ଯୋଗାଯୋଗ: ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲି଼,
9884761210

OPENING NEW OFFICE
No Donation / No Experience
ଏକ ବହୁରାଷ୍ଟ୍ରୀୟ Book Sales Company ତାର Bhubaneswar Office ରେ ୪୫ ଜଣ କର୍ମଚାରୀ Selection କରୁଅଛି।
ଯୋଗ୍ୟତା : 10th to Graduation Monthly Income- 7500/-, 9600/-, 15000/- ଏବଂ ରହିବା ସୁବିଧା। ଆସନ୍ତା ୪ ଦିନ ମଧ୍ୟରେ Bio-data ସହ ସାକ୍ଷାତ କରନ୍ତୁ। (Sunday Open for Interview)
The Manager (MICRO EXPANSION) N/6-315, Jaydev Vihar Bhubaneswar. Ph- 9238100178

REQUIRED
Well Educated Trained Teacher for CBSE play group to STD 2, SST, Hindi Teacher required for STD III to STD X for MDKs Coaching Centre, Satya Vihar, Rasulgarh, BBSR-10.
CONTACT: 9439177325, 9937160598

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. ମାସିକ ଦରମା upto Rs.25000/-.
Part Time / Full Time
Contact: 9938676412

WANTED
MARKETING EXECUTIVE - 3 Nos.
Graduate with 1 Year. Exp. in IT Field with very Good Communication Skills.
CONTACT
SONATECH INFOSOLUTIONS PVT. LTD.
H.B. Colony, C.S. Pur, Bhubaneswar
7381951030 / 7381231122
E-mail: accounts@sonatechindia.in

URGENT REQUIRED
Banking, Back Office, HR/ Admin, Sales / Marketing
Qual: 10+2 / Graduation, MBA
Male / Female
8594906311, 9777466896

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately:
Mob: 8763257042

ଆବଶ୍ୟକ
ବିଭିନ୍ନ ଚଳଚ୍ଚିତ୍ରରେ ବିଭିନ୍ନ ଭୂମିକାରେ ଅଭିନୟ କରିବା ପାଇଁ ଅଭିନେତା, ଅଭିନେତ୍ରୀ ଆବଶ୍ୟକ।
ଯୋଗାଯୋଗ: 7991067010

ବ୍ଲକ/ଜିଲ୍ଲାସ୍ତରୀୟ ନିଯୁକ୍ତି
ନିଜ ନିଜ ଅଞ୍ଚଳରେ Official Jobରେ କାମ କରିବାକୁ ପ୍ରାର୍ଥୀ ଆବଶ୍ୟକ।
Salary upto 22,000/-. Age (18-34) years, ରହିବାର ସୁବିଧା ଅଛି।
Contact: 9668051710

COOK, HELPER, WAITER Post Vacant at Hotel CHANCELLER.
CONTACT
8895444888
7077707278

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 30,500/- ରୁ 75,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
09319469228

DIRECT JOINING
CALL CENTER
DATA ENTRY
TELE CALLER
DELIVERY EXE
BACK OFFICE
AUTOCAD
Qualification +2, +3, ITI, Diploma.
SALARY Rs.6500 To Rs.16000
Age Below 32 years
9937529015, 9853844830

AEEXA
MARKETING EXECUTIVE (M/F): 15 Nos.
OFFICIAL JOB (M/F): 10 Nos.
Contact:
7978931819, 7008479200
Mail Id: hr.amrit@aeexa.com

REQUIRED
MARKETING MANAGER: 2
MARKETING EXECUTIVE: 2
Two Wheeler must.
Fixed Salary + TA + DA + Fuel Allowance Daily.
Contact: 9040076999
jena2421@gmail.com

WANTED
PROJECT MANAGER
APPAREL TRAINING CENTRE
We are a leading garment manufacturer & exporters in Tamilnadu. We need an experienced candidate for multiple location in Orissa (Bhubaneswar, Rayagada /Gajapati, Ganjam, Kandhamal(Phulbani), Malkangiri, Mayurbhanj, Balangir, Sundergarh) to handle training centre with capacity of 70-100 Sewing machines & good knowledge on implementing Government schemes like DDU-GKY,PMKVY, ISDS.
The candidate should be responsible for sourcing, train the candidates, documentation & Liaison with local government bodies.
Salary will not be a constraint for the right candidate.
Interested candidates can share their resume to
hrudt@victus.in& viji.victus@gmail.com

SALES EXECUTIVE REQUIRED
For AES INDUSTRIAL Pvt. Ltd. BBSR
Preferably B.Sc., Diploma, ITI having work experience in Industrial Sales & Field Marketing, for BBSR & Angul.
Send Resume to
info@aesindustrial.in
Contact M:
9438112545/9437679795

WANTED AUTOCAD STAFF
For Architectural/ Structural Consultancy Office.
Diploma Civil/Draftsman Civil/ Architecture Diploma Holders can apply.
9777247762

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

Brunel ମାଗଣା ନିଯୁକ୍ତି
ତୁନ୍ଦ୍‌ଲା (ଉତ୍ତରପ୍ରଦେଶ)ରେ ଓଭରହେଡ୍ ଇଲେକ୍ଟ୍ରିଫିକେଶନ୍ ରେଲ୍‌ୱେ ପ୍ରୋଜେକ୍ଟ ପାଇଁ ଆମେ କର୍ମଚାରୀ ଆବଶ୍ୟକ କରୁଛୁ
ଓଭରହେଡ୍ ଇଲେକ୍ଟ୍ରିଫିକେଶନ୍‌ରେ ଅଭିଜ୍ଞତା ବାଧ୍ୟତାମୂଳକ
ଫିଟର୍ ▶ ଆସିଷ୍ଟାଣ୍ଟ ଫିଟର୍
ଆର୍‌ଆର୍‌ଭି ଅପରେଟର୍ସ ▶ ଲୋକୋ ଅପରେଟର୍ସ
ଉପରୋକ୍ତ ସମସ୍ତ ବର୍ଗ ପାଇଁ ସର୍ବନିମ୍ନ 5 ବର୍ଷର ଅଭିଜ୍ଞତା ଆବଶ୍ୟକ
ଆଗ୍ରହୀ ପ୍ରାର୍ଥୀମାନେ 7021507193 / 7400402754 ରେ କଲ୍ କରିବା ଏବଂ ସାକ୍ଷାତ୍‌କାର ସ୍ଥାନକୁ ମୂଳ ଆଧାର କାର୍ଡ, ପ୍ୟାନ୍ କାର୍ଡ ଏବଂ ବ୍ୟାଙ୍କ ପାସ୍ ବୁକ୍ ସାଙ୍ଗରେ ଆଣିବା ଆବଶ୍ୟକ

| Dollar | Sensex | Nifty | Gold | Silver |
|---|---|---|---|---|
| 71.73 (26) | 38,389.82 (147.01) | 11,589.10 (52.20) | 31,450.00 (60) | 37,500.00 (300) |



"କଞ୍ଜ୍ୟୁମର ଡାଟା ବ୍ୟବହାର ବେଳେ ସମତୁଲତା ବଜାୟ ରଖାଯିବା ଆବଶ୍ୟକ। ଯେପରି ଏହା ବ୍ୟକ୍ତିଗତ ଗୋପନୀୟତା ଭଙ୍ଗ ନ କରିବ ଏହା ନିଶ୍ଚିତ ହେବାକୁ ପଡିବ।"
– ରବି ଶଙ୍କର ପ୍ରସାଦ, କେନ୍ଦ୍ର ଆଇନ ଓ ଆଇଟି ମନ୍ତ୍ରୀ



"କିଛି କମ୍ପାନୀ ନିଜର ହାଇବ୍ରିଡ୍ କାର୍ ବିକ୍ରିକୁ ପ୍ରୋତ୍ସାହିତ କରିବା ଲାଗି ଇଲେକ୍ଟ୍ରିକ ଗାଡି ବିକ୍ରି ବିରୋଧରେ ଅଭିଯାନ ଚଳାଇଛନ୍ତି। ଏହା ଅତ୍ୟନ୍ତ ଦୁଃଖଦାୟକ।"
– ପୀୟୂଷ ଗୋଏଲ, କୋଇଲା ଓ ରେଳୱେ ମନ୍ତ୍ରୀ

## ସଂକ୍ଷେପରେ

### ଏୟାର ଇଣ୍ଡିଆର ସହାୟକ କମ୍ପାନୀ ବିକ୍ରି ଯୋଜନା

**ନୂଆଦିଲ୍ଲୀ,୭-୯:** ଋଣଭାରକୁ ହାଲ୍କା କରିବା ତଥା ପାଣ୍ଠି ସଂଗ୍ରହ ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଏୟାର ଇଣ୍ଡିଆର ସହାୟକ କମ୍ପାନୀ ଏଆଇଏଟିଏସ୍ଏଲକୁ ବିକ୍ରି କରିବାକୁ ଯୋଜନା କରୁଥିବା ଜଣେ ସରକାରୀ ଅଧିକାରୀ ପ୍ରକାଶ କରିଛନ୍ତି। ଏୟାର ଇଣ୍ଡିଆ ଉପରେ ପ୍ରାୟ ୫୦ ହଜାର କୋଟି ଟଙ୍କାର ଋଣବୋଝ ରହିଛି। ଏହାକୁ ହ୍ରାସ କରିବା ଉଦ୍ଦେଶ୍ୟରେ କମ୍ପାନୀର ଗ୍ରାଉଣ୍ଡ ହ୍ୟାଣ୍ଡଲିଂ ସମ୍ଭାଳୁଥିବା ଏୟାର ଇଣ୍ଡିଆ ଏୟାର ଟ୍ରାନ୍ସପୋର୍ଟ ସର୍ଭିସ(ଏଆଇଏଟିଏସ୍ଏଲ)ର କୌଶଳଗତ ବିକ୍ରି କରିବା ଉପରେ ସରକାର ଜୋର୍ ଦେଉଛନ୍ତି। ମନ୍ତ୍ରୀଗୋଷ୍ଠୀଙ୍କ ଅନୁମତି ପରେ ଆଗ୍ରହ ପତ୍ର ଜାରି କରାଯିବ।

### ଜିଏସ୍ଟି ସ୍ଲାବ ୨କୁ ହ୍ରାସ ପାଇବ

**ବେଙ୍ଗାଲୁରୁ,୭-୯:** ଦେଶରେ ବର୍ତ୍ତମାନ ୪ଟି ଜିଏସ୍ଟି ସ୍ଲାବ କାର୍ଯ୍ୟକାରୀ ହେଉଛି। ଆଗାମୀ ଦିନରେ ଏହାକୁ ୨ଟିରେ ହ୍ରାସ କରାଯିବ। ଏନେଇ କେନ୍ଦ୍ର ସରକାର ବିଚାର କରୁଛନ୍ତି ବୋଲି ବେଙ୍ଗାଲୁରୁ ଜୋନ୍ର ପ୍ରିନ୍ସିପାଲ ଚିଫ୍ କମିଶନର ଏ.କେ.ଜ୍ୟୋତିଷୀ ପ୍ରକାଶ କରିଛନ୍ତି। ବାଙ୍ଗାଲୋର ଚାମ୍ବର ଅଫ ଇଣ୍ଡଷ୍ଟ୍ରି ଆଣ୍ଡ୍ କମର୍ସ(ବିସିଆଇସି) ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଛନ୍ତି ଯେ, ପ୍ରାୟ ୯୦% ସାମଗ୍ରୀ ୧୮% ସ୍ଲାବ୍ରେ ଆସିଯାଇଛି। ଏଣୁ ଦୁଇଟି ସ୍ଲାବ ରଖିବାରେ ଅସୁବିଧା ନାହିଁ। ସେ କହିଛନ୍ତି ଯେ, ଜିଏସ୍ଟି ଲାଗୁ ହେବା ବେଳେ ଅନେକଙ୍କ ମନରେ ଭୁଲ୍ ଧାରଣା ଜନ୍ମ ନେଇଥିଲା। ଏହା ଟିକସଦାତାଙ୍କ ଲାଗି ବାଧକ ନୁହେଁ, ବରଂ ଏହାକୁ ପରିବର୍ତ୍ତନଶୀଳ ଆଇନ କୁହାଯାଇପାରେ। ଏକଦା ବିରୋଧ କରୁଥିବା ଉଦ୍ୟୋଗ ଜଗତ ଏବେ ନିଜେ ହିଁ ଏହାକୁ ପାଳନ କରୁଛନ୍ତି। ତେବେ ଜିଏସ୍ଟିରେ ଥିବା ଫାଙ୍କର ଫାଇଦା ନେଇ ଯେକେହି ଏଥିରୁ ଖସିଯିବେ ବୋଲି ବିଚାର କରୁଥିଲେ ତାହା ଭୁଲ୍ ହେବ ବୋଲି ସେ ସତର୍କ କରାଇ ଦେଇଛନ୍ତି।

### ଚଳନ୍ତି ଜମା ନିଅଣ୍ଟ ୨.୪%

**ନୂଆଦିଲ୍ଲୀ,୭-୯:** ଏପ୍ରିଲ-ଜୁନ ଅର୍ଥାତ୍ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଦେଶର ଚଳନ୍ତି ଜମା ନିଅଣ୍ଟ(ସିଏଡି) ପରିମାଣ ଜିଡିପିର ୨.୪% ଥିଲା ବେଳେ ଗତବର୍ଷ ଏହା ୨.୫% ଥିଲା। ଜିଡିପି ପ୍ରତିଶତ ହାର ଦେଖିଲେ ସିଏଡି ହ୍ରାସ ପାଇଛି ବୋଲି କୁହାଯିବ। କିନ୍ତୁ ଆର୍ଥିକ ଦୃଷ୍ଟିରୁ ଦେଖିଲେ ଏହା ବୃଦ୍ଧି ପାଇଛି। ପ୍ରଥମ ତ୍ରୈମାସରେ ଦେଶର ଚଳନ୍ତି ଜମା ନିଅଣ୍ଟ ପରିମାଣ ୧୫.୮ ବିଲିୟନ ଡଲାର ରହିଛି, ଯାହା କି ଗତ ବର୍ଷର ଏହି ସମୟରେ ୧୫ ବିଲିୟନ ଡଲାର ଥିଲା। ବାଣିଜ୍ୟ ନିଅଣ୍ଟ ପରିମାଣ ବୃଦ୍ଧି ପାଇବାରୁ ସିଏଡି ବଢ଼ିଥିବା ଭାରତର ବକେୟା ଦେୟ ପ୍ରଦାନ ଉପରେ ଆର୍ବିଆଇ ରିପୋର୍ଟରେ କୁହାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଆଇଟି ଓ ଫାଇନାନ୍ସିଆଲ ସର୍ଭିସେସ୍ରୁ ଦେଶର ଆୟ ବଢ଼ିଛି। ବିଦେଶରେ କାର୍ଯ୍ୟରତ ଭାରତୀୟଙ୍କ ପକ୍ଷରୁ ଦେଶକୁ ୧୮.୮ ବିଲିୟନ ଡଲାର ପଠାଯାଇଛି। ଉକ୍ତ ସମୟରେ ୯.୭ ବିଲିୟନ ଡଲାର ଏଫ୍ଡିଆଇ ଆସିଛି। ତେବେ ଏହି ସମୟରେ ୮.୧ ବିଲିୟନ ଡଲାର ପୋର୍ଟଫୋଲିଓ ନିବେଶ ପ୍ରତ୍ୟାହାର ହୋଇଛି।

### ଦେଶର ପରବର୍ତ୍ତୀ ସିଇଏ
### ଜଲାନଙ୍କ ନେତୃତ୍ୱରେ କମିଟି ବାଛିବ

**ନୂଆଦିଲ୍ଲୀ,୭-୯:** ଅରବିନ୍ଦ ସୁବ୍ରମଣ୍ୟନ ଇସ୍ତଫା ଦେବା ପରେ ଅର୍ଥ ମନ୍ତ୍ରଣାଳୟର ପରବର୍ତ୍ତୀ ମୁଖ୍ୟ ଆର୍ଥିକ ଉପଦେଷ୍ଟା(ସିଇଏ) ବାଛିବା ଲାଗି କେନ୍ଦ୍ର ସରକାର ଏକ କମିଟି ଗଠନ କରିଛନ୍ତି। ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ବିମଳ ଜଲାନ ଏହି କମିଟିର ମୁଖ୍ୟ ରହିଛନ୍ତି। ତାଙ୍କ ବ୍ୟତୀତ କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗ ସଚିବ ସି.ଚନ୍ଦ୍ରମୌଳି ଏବଂ ଆର୍ଥିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ ଏହି କମିଟିର ସଦସ୍ୟ ରହିଛନ୍ତି। ସିଇଏ ପଦବୀ ଖାଲିପଡିବା ପରେ ସରକାର ଦୁଇମାସ ପୂର୍ବରୁ ଏଥିପାଇଁ ଦରଖାସ୍ତ ଆହ୍ୱାନ କରିଥିଲେ। ଏହି କମିଟି ମିଳିଥିବା ଦରଖାସ୍ତକୁ ଯାଞ୍ଚ କରିବା ପରେ ସାକ୍ଷାତକାର ଆୟୋଜନ କରିବେ। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗଠିତ ନିଯୁକ୍ତି ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ପରବର୍ତ୍ତୀ ସିଇଏ କିଏ ହେବ ସେ ସଂକ୍ରାନ୍ତରେ ନିଷ୍ପତ୍ତି ନେବେ। ଆସନ୍ତାବର୍ଷ ମେ' ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟକାଳ ରହିଥିଲେ ହେଁ ସୁବ୍ରମଣ୍ୟନ ବ୍ୟକ୍ତିଗତ କାରଣ ଦର୍ଶାଇ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏହାପରେ ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ ଯୋଗ ଦେଇଛନ୍ତି।

## ■ କନ୍ଦାଉଛି ଦୁର୍ବଳ ଟଙ୍କା
# ଭାରତ ଉପରେ ବଢ଼ୁଛି ବିଦେଶୀ ଋଣ

**ନୂଆଦିଲ୍ଲୀ,୭-୯**



■ ଦେଶକୁ ଅତିରିକ୍ତ ୬୮,୫୦୦ କୋଟି ଟଙ୍କା ଶୁଝିବାକୁ ପଡିବ
■ ତେଲ ବିଲ୍ ବାବଦରେ ୪୫,୭୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିବ
■ ଟଙ୍କାର ମୂଲ୍ୟ ୧୧% ହ୍ରାସ ପାଇସାରିଛି

ଟଙ୍କା ଦୁର୍ବଳ ହେବା ଯୋଗୁ ଅଶୋଧିତ ତୈଳ କିଣିବା ବାବଦରେ ଦେଶ ଅଧିକ ଡଲାର ଖର୍ଚ୍ଚ କରୁଛି ତା'ନୁହେଁ, ବରଂ ଏଥିଯୋଗୁ ବିଦେଶୀ ଋଣ ପରିମାଣ ମଧ୍ୟ ବଢ଼ିଯାଇଛି। ଟଙ୍କାର ମୂଲ୍ୟ ଇତିମଧ୍ୟରେ ୧୧ ପ୍ରତିଶତ ହ୍ରାସ ପାଇସାରିଛି, ଏହି କାରଣରୁ ଏବେ ବୈଦେଶିକ ଋଣ ବାବଦରେ ଦେଶକୁ ଅତିରିକ୍ତ ୬୮,୫୦୦ କୋଟି ଟଙ୍କା ଶୁଝିବାକୁ ପଡିବ। ଏହା ସ୍ୱଳ୍ପ ମିଆଦୀ ଋଣ ଯାହାକୁ ନିକଟ ଭବିଷ୍ୟତରେ ପରିଶୋଧ କରିବାକୁ ପଡିବ ବୋଲି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍ବିଆଇ) ରିପୋର୍ଟରେ ଦର୍ଶାଯାଇଛି।

ଗୁରୁବାର ଏକ ଡଲାର ବିନିମୟରେ ଟଙ୍କାର ମୂଲ୍ୟ ୭୨ସ୍ତର ପାର୍ କରିଯାଇଥିଲା। ଯଦି ଏହା ଆଗାମୀ ଦିନରେ ଏହା ୭୩ ସ୍ତର ଅତିକ୍ରମ କରିଯାଏ ଏବଂ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୭୬ ଡଲାର ରହିବ,ତେବେ ଦେଶକୁ ତେଲ ବିଲ୍ ବାବଦରେ ୪୫,୭୦୦କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ଏସ୍ବିଆଇର ମୁଖ୍ୟ ଆର୍ଥିକ ଉପଦେଷ୍ଟା ସୌମ୍ୟକାନ୍ତି ଘୋଷଙ୍କ ପକ୍ଷରୁ ଏପରି ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ୨୦୧୭ରେ ଦେଶ ଉପରେ ୨୧୭.୬ ବିଲିୟନ ଡଲାର ବିଦେଶୀ ଋଣ ବୋଝ ଥିଲା। ଏହା ସ୍ୱଳ୍ପ ମିଆଦୀ ଋଣ ଥିଲା, ଯେଉଁଥିରେ ଅଣ-ରେସିଡେଣ୍ଟ ଜମା ଏବଂ ବିଦେଶୀ ବାଣିଜ୍ୟିକ ଋଣ ସାମିଲ ହୋଇଛି। ଅନୁମାନ କରାଯାଉଛି, ଏହି ଋଣର ଅଧା ଚଳିତ ବର୍ଷର ପ୍ରଥମାର୍ଦ୍ଧରେ ପରିଶୋଧ କରାଯାଇଛି। ଅବଶିଷ୍ଟ ଋଣ ବାବଦରେ ଦେଶକୁ ୭.୧ ଲକ୍ଷ କୋଟି ଟଙ୍କା(୧ ଡଲାର=୬୫.୧ ଟଙ୍କା) ଶୁଝିବାକୁ ହେବ। ଚଳିତ ବର୍ଷର ଦ୍ୱିତୀୟାର୍ଦ୍ଧରେ ଟଙ୍କାର ମୂଲ୍ୟ ୭୧.୪ ସ୍ତରରେ ରହିବ ବୋଲି ଅନୁମାନ କଲେ ଦେଶର ଅବଶିଷ୍ଟ ଋଣର ପରିମାଣ ୭.୮ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ। ଏହାର ଅର୍ଥ ଦେଶକୁ ଆଗାମୀ ଦିନରେ ପ୍ରାୟ ୭୦ ହଜାର କୋଟି ଟଙ୍କାର ଅତିରିକ୍ତ ଋଣ ଶୁଝିବାକୁ ପଡିବ।

# ୧୦,୦୦୦ କୋଟିରେ ପହଞ୍ଚିବ ଇ-କମର୍ସ ବଜାର

**ନୂଆଦିଲ୍ଲୀ,୭-୯**

ଦେଶର ଇ-କମର୍ସ ବଜାର ଆସନ୍ତା ୪ ବର୍ଷ ଅର୍ଥାତ ୨୦୨୨ ସୁଦ୍ଧା ୧୦,୦୦୦କୋଟି ଟଙ୍କାରେ ପହଞ୍ଚିବ। ଏଥିଯୋଗୁ ପ୍ରାୟ ୧୦ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଏକ ରିପୋର୍ଟରେ କୁହାଯାଇଛି। ଶୁକ୍ରବାର ନାସକମ୍ ଏବଂ ପିଡବ୍ଲ୍ୟୁସି ପକ୍ଷରୁ ମିଳିତ ଭାବେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ବର୍ତ୍ତମାନ ୩୫୦୦ କୋଟି ଟଙ୍କାର ଇ-କମର୍ସ ବଜାର ରହିଛି। ଇ-ଟେଲ୍ ଏବଂ ଇ-ଟ୍ରାଭେଲ ଇ-କମର୍ସ ବ୍ୟବସାୟର ୯୦ ପ୍ରତିଶତ ଅକ୍ତିଆର କରିବ ଏବଂ ଅନଲାଇନ ଆର୍ଥିକ ସେବା ଯୋଗାଣ ଅତିଦ୍ରୁତଗତିରେ ଆଗେଇବ। ଇ-କମର୍ସ ଯୋଗୁ ୨୦୨୩ ସୁଦ୍ଧା ଦେଶରେ ପ୍ରାୟ ୧୦ ଲକ୍ଷ ନିଯୁକ୍ତି ଆଣିଦେବ। ଗ୍ରାହକ ସଂଖ୍ୟା ପ୍ରାୟ ୧୦ କୋଟିକୁ ବଢ଼ିବାକୁ ଯାଉଥିବାରୁ ଇ-ବ୍ୟବସାୟ କରୁଥିବା କମ୍ପାନୀମାନେ ମେକ୍ ଇନ୍ ଇଣ୍ଡିଆ ଉପରେ ନିଶ୍ଚିତ ଭାବେ ଗୁରୁତ୍ୱ ଦେବାକୁ ପଡିବ।

# ତଥ୍ୟ ଲୁଚାଇଲେ ୨୦୦% ଜରିମାନା

**ନୂଆଦିଲ୍ଲୀ,୭-୯**




**ବଦଳିବ ଆୟକର ଆଇନ**

କେନ୍ଦ୍ରରେ ଭାଜପା ସରକାର ଅପ୍ରତ୍ୟକ୍ଷ ଟିକସ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ଆଣି ଦେଶରେ ଏକକ ଟିକସ ବ୍ୟବସ୍ଥା ଜିଏସ୍ଟି ଲାଗୁ କଲେ। ଲାଗୁ ହେବାର ଦୀର୍ଘ ୫୦ ବର୍ଷ ପରେ ସରକାର ଆୟକର ଆଇନକୁ ବଦଳାଇବାକୁ ଯାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଶିଷ୍ଟ ଆୟକର ବିଶେଷଜ୍ଞ ଅରବିନ୍ଦ ମୋଦିଙ୍କ ନେତୃତ୍ୱରେ ସରକାର ଏକ ଟାସ୍କଫୋର୍ସ ଗତବର୍ଷ ନଭେମ୍ବରରେ ଗଠନ କରିଥିଲେ। ଏବେ ଏହା ତାଙ୍କର ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଛନ୍ତି। ଆୟକର ଆଇନରେ ପରିବର୍ତ୍ତନ ଆଣିବା ସହ ଆୟକର ତଥ୍ୟ ଲୁଚାଇବା କ୍ଷେତ୍ରରେ ଟିକସଦାତାଙ୍କଠାରୁ ୨୦୦% ଜରିମାନା ଆଦାୟ ପାଇଁ ସୁପାରିସ କରାଯାଇଛି। ତେବେ ଏହି ଜରିମାନା ବ୍ୟକ୍ତିଗତ ଅଥବା କର୍ପୋରେଟ କ୍ଷେତ୍ରରେ ଲାଗୁ କରାଯିବ ସେସଂକ୍ରାନ୍ତରେ କିଛି ସ୍ପଷ୍ଟ ହୋଇନାହିଁ। ଭୁଲ୍ ଭାବେ ଟିକସ ଦର୍ଶାଇବା ଏବଂ ଜାଣିଶୁଣି ତଥ୍ୟ ଲୁଚାଇବା ନେଇ ଟାସ୍କଫୋର୍ସ ସଜ୍ଞା ନିରୂପଣ କରିଛନ୍ତି। ତଥ୍ୟ ଲୁଚାଇବା କ୍ଷେତ୍ରରେ ୨୦୦% ଏବଂ ଭୁଲ ଭାବେ ତଥ୍ୟ ଉପସ୍ଥାପନ କରିବା କ୍ଷେତ୍ରରେ ୫୦% ଜରିମାନା ଆଦାୟ ପାଇଁ ରିପୋର୍ଟରେ ପରାମର୍ଶ ଦିଆଯାଇଛି। ନଭେମ୍ବରରେ ଗଠିତ ଏହି ଟାସ୍କଫୋର୍ସ ୬ ମାସ ମଧ୍ୟରେ ତାଙ୍କର ରିପୋର୍ଟ ଦେବେ ବୋଲି କୁହାଯାଇଥିଲା, ଯାହାକୁ ଆହୁରି ୩ ମାସ ପର୍ଯ୍ୟନ୍ତ ବଢ଼ାଯାଇଥିଲା। ଆସନ୍ତା ବର୍ଷ ଲୋକ ସଭା ନିର୍ବାଚନ ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଆୟକର ଆଇନରେ ବ୍ୟାପକ ପରିବର୍ତ୍ତନ କରିବେ ବୋଲି ମନେକରାଯାଉନି। ତେବେ ଏକାଧିକ ଛୋଟ ଛୋଟ ଧାରାରେ ସଂଶୋଧନ ଆଣିବା ଆରମ୍ଭ କରିଛନ୍ତି।

### ୭ ଦିନ ପରେ ଟଙ୍କାରେ ଉନ୍ନତି

**ନୂଆଦିଲ୍ଲୀ,୭-୯:** ରିଜର୍ଭ ବ୍ୟାଙ୍କର ହସ୍ତକ୍ଷେପ ପରେ ଶୁକ୍ରବାର ଟଙ୍କା ମୂଲ୍ୟରେ ଉନ୍ନତି ଆସିଛି। କ୍ରମାଗତ ୭ ଦିନ ଧରି ହ୍ରାସ ପରେ ଟଙ୍କାର ମୂଲ୍ୟରେ ୨୬ ପଇସା ଉନ୍ନତି ହୋଇ ୭୧.୭୩ ସ୍ତରରେ ବନ୍ଦ ହୋଇଛି। ଶୁକ୍ରବାର ସକାଳେ ଟଙ୍କା ୭୨.୦୪ରେ କାରବାର ଆରମ୍ଭ କରିଥିଲା। ତେବେ ଆର୍ବିଆଇ ପକ୍ଷରୁ ବୈଦେଶିକ ମୁଦ୍ରା ବଜାରରେ ବ୍ୟାପକ ହାରରେ ଡଲାର ବିକ୍ରି କରାଯିବା ଯୋଗୁ ଟଙ୍କାର ମୂଲ୍ୟ ଅଧିକ ହ୍ରାସକୁ ରୋକାଯାଇପାରିଥିଲା। ଏହାଛଡା କେନ୍ଦ୍ର ସରକାର ଟଙ୍କାକୁ ନେଇ ସକାରାତ୍ମକ ମନ୍ତବ୍ୟ ଦେବାରୁ ମୁଦ୍ରା ବଜାର ଆଶ୍ୱସ୍ତ ହୋଇଥିଲା। ଏହାଛଡା ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ସ୍ଥିର ରହିବା ଏବଂ ଚାଇନାର ୨୦୦ ବିଲିୟନ ଡଲାର ସାମଗ୍ରୀ ଉପରେ ଆମେରିକା ଶୁଳ୍କ ଆଦାୟକୁ ସ୍ଥଗିତ ରଖିବା ଟଙ୍କା ଉପରେ ଚାପ କମାଇଥିଲା। ଗତ ୭ କାରବାର ଦିବସରେ ଟଙ୍କାର ମୂଲ୍ୟ ୧୮୯ ପଇସା ହ୍ରାସ ପାଇଥିଲା ଏବଂ ୭୧.୯୯ରେ ଏକ ନୂଆ ରେକର୍ଡ ସୃଷ୍ଟି କରିଥିଲା।

# ବନ୍ୟା ପୀଡିତଙ୍କୁ ଆଲ୍ଲାହାବାଦ ବ୍ୟାଙ୍କର ସହାୟତା



**ଭୁବନେଶ୍ୱର, ୭-୯**

ଆଲ୍ଲାହାବାଦ ବ୍ୟାଙ୍କ କର୍ମଚାରୀଙ୍କ ପକ୍ଷରୁ ବନ୍ୟା ପ୍ରଭାବିତ କେରଳବାସୀଙ୍କୁ ୩.୩୦ କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ପୁନର୍ବାସ ତଥା ଥଇଥାନ କାର୍ଯ୍ୟ ଲାଗି ବ୍ୟାଙ୍କ କର୍ମଚାରୀମାନେ ଉକ୍ତ ଅର୍ଥ କେରଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରିଛନ୍ତି। ସାରା ଦେଶରେ କାର୍ଯ୍ୟ କରୁଥିବା ବ୍ୟାଙ୍କର କର୍ମଚାରୀମାନେ ସେମାନଙ୍କ ଗୋଟିଏ ଦିନର ବେତନ ଅର୍ଥ ଦାନ କରିଥିବା ଜଣା ଯାଇଛି। ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏସ୍. ହରି ଶଙ୍କର, କେରଳ ଶକ୍ତି ମନ୍ତ୍ରୀ ଇ.ପି. ଜୟରାଜନଙ୍କୁ ଦାନ ରାଶିର ଚେକ୍ ପ୍ରଦାନ କରିଛନ୍ତି। ଅପରପକ୍ଷରେ ବ୍ୟାଙ୍କ ପକ୍ଷରୁ ଗ୍ରାହକଙ୍କ ଲାଗି ବିଭିନ୍ନ ରିହାତି ସୁବିଧା ପ୍ରଦାନ କରାଯାଇଛି। ଏହା ମଧ୍ୟରେ ଲୋନର ରିକନଷ୍ଟ୍ରକଶନ ରିସିଡ୍ୟୁଲିଂ, ରିପେମେଣ୍ଟର ସମୟ ସୀମା ବୃଦ୍ଧି, ମୋରାଟୋରିୟରେ ବୃଦ୍ଧି, ସମୟ ଭିତ୍ତିରେ ଟପ୍ ଅପ୍ ଋଣ ସମେତ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯାଇଥିବା ବ୍ୟାଙ୍କ ସୂଚନା ଦେଇଛି।

## ■ ଗ୍ଲୋବାଲ ମୋବିଲିଟି ସମ୍ମିଳନୀ
# ଇଲେକ୍ଟ୍ରିକ ଯାନ ଲାଗି ଆସିବ ସ୍ଥିର ନୀତି

**ନୂଆଦିଲ୍ଲୀ,୭-୯**



ଦେଶରେ ଇଲେକ୍ଟ୍ରିକ ଯାନ ବ୍ୟବହାରକୁ ପ୍ରୋତ୍ସାହିତ ଲକ୍ଷ୍ୟରେ ଖୁବଶୀଘ୍ର ଏକ ସ୍ଥିର ନୀତି ଅଣାଯିବ ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଦେଶବାସୀ ବ୍ୟକ୍ତିଗତ ଗାଡି ବ୍ୟବହାର ଛାଡି ସରକାରୀ ପରିବହନ ତଥା ଇଲେକ୍ଟ୍ରିକ ସ୍କୁଟର ଓ ରିକ୍ସା ବ୍ୟବହାର କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି।

ନୀତି ଆୟୋଗ ପକ୍ଷରୁ ଆୟୋଜିତ ଗ୍ଲୋବାଲ ମୋବିଲିଟି ସମ୍ମିଳନୀ 'ମୁଭ୍'ରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଭାରତ ଅତି ଦ୍ରୁତ ଅର୍ଥନୀତି ଭାବେ ୧୦୦ ସ୍ମାର୍ଟ ସିଟି, ସଡ଼କ, ବିମାନ ବନ୍ଦର, ରେଳ ଲାଇନ ଏବଂ ବନ୍ଦର ନିର୍ମାଣ କରୁଛି। ସ୍ୱଚ୍ଛ ଇନ୍ଧନ ଜରିଆରେ ସ୍ୱଚ୍ଛ ପରିବହନ ପରିବେଶ ପ୍ରଦୂଷଣ ବିରୋଧ ଲଢ଼େଇରେ ଶ୍ରେଷ୍ଠ ଅସ୍ତ୍ର ହୋଇପାରିବ। ଏହାର ଅର୍ଥ ପ୍ରଦୂଷଣମୁକ୍ତ ସ୍ୱଚ୍ଛ ପରିବହନ ସମ୍ଭବ ହେବ ଯାହାଦ୍ୱାରା ବାୟୁ ପ୍ରଦୂଷଣକୁ ରୋକାଯାଇପାରିବ ଏବଂ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିପାରିବ। ଆମ ସମସ୍ତଙ୍କୁ କ୍ଲିନ କିଲୋମିଟର ଉପରେ ଗୁରୁତ୍ୱ ଦେବାକୁ ହେବ। ଦେଶର ଭବିଷ୍ୟତ ଗତିଶୀଳତା ୭ଟି 'ସି' ଯଥା: କମନ(ସାର୍ବଜନିକ), କନେକ୍ଟେଡ (ଯୋଡିବା), କନଭେନିଏଣ୍ଟ (ସୁବିଧା ବା ସରଳ), କନଜେଶନ ଫ୍ରି(ଭିଡ ମୁକ୍ତ),ଚାର୍ଜଡ(ଶକ୍ତିଯୁକ୍ତ),କ୍ଲିନ୍(ସ୍ୱଚ୍ଛ) ଓ କଟିଂ ଏଜ୍ (ଅତ୍ୟାଧୁନିକ) ଉପରେ ପର୍ଯ୍ୟବସିତ ବୋଲି ସେ କହିଛନ୍ତି। କାର୍ ବ୍ୟତିରେକ ଅନ୍ୟ ପରିବହନ ବ୍ୟବସ୍ଥା ଯେପରିକି ସ୍କୁଟର ଓ ରିକ୍ସା ଉପରେ ନିର୍ଭରଶୀଳତା ବଢ଼ାଇବାକୁ ହେବ। ଏହାଛଡା ସାର୍ବଜନୀନ ପରିବହନ ବ୍ୟବସ୍ଥା ଆମର ଗତିଶୀଳତା ପଦକ୍ଷେପର ମୂଳମନ୍ତ୍ର ହେବା ଉଚିତ୍। ଇଲେକ୍ଟ୍ରିକ ଯାନ ବ୍ୟବହାରକୁ ଅଧିକ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଏକ ସ୍ଥିର ନୀତି ଆଣିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହାଦ୍ୱାରା ଅଟୋମୋବାଇଲ ସେକ୍ଟର ଲାଭାନ୍ୱିତ ହେବ ବୋଲି ସେ ମତପ୍ରକାଶ କରିଛନ୍ତି। ଏଥିପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଏକ ଅଟୋମୋବାଇଲ ପ୍ରଦର୍ଶନୀରେ ଯୋଗ ଦେଇ ଇଲେକ୍ଟ୍ରିକ ଯାନ,ବ୍ୟାଟେରି ନିର୍ମାତା ତଥା ଟେକ୍ନୋଲୋଜି ପ୍ରଦର୍ଶନକାରୀଙ୍କୁ ଭେଟିଥିଲେ।

### ଇ-ଟୁ ହ୍ୱିଲର ବ୍ୟବହାରରେ ୧.୨ ଲକ୍ଷ କୋଟି ସଞ୍ଚୟ

ଦେଶବାସୀ ଇଲେକ୍ଟ୍ରୋନିକ ସ୍କୁଟର ବ୍ୟବହାର କଲେ ଆସନ୍ତା ୫ରୁ ୭ବର୍ଷ ମଧ୍ୟରେ ଅଶୋଧିତ ତୈଳ କିଣା ବାବଦରେ ୧.୨ ଲକ୍ଷ କୋଟି ଟଙ୍କା ସଞ୍ଚୟ କରାଯାଇପାରିବ ବୋଲି ନୀତି ଆୟୋଗ ପକ୍ଷରୁ କୁହାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଭାରତରେ ଏବେ ପ୍ରାୟ ୧୭ କୋଟି ଟୁ ହ୍ୱିଲର ରହିଛି। ଅନୁମାନ କରାଯାଉ ଏମାନେ ଦିନକୁ ଅଧ ଲିଟର ଏବଂ ବାର୍ଷିକ ୨୦୦ ଲିଟର ତେଲ ବ୍ୟବହାର କରନ୍ତି, ତେବେ ମୋଟ୍ ୩୪ ବିଲିୟନ ଲିଟର ତେଲ ଆବଶ୍ୟକ। ଲିଟର ପ୍ରତି ୭୦ ଟଙ୍କା ହିସାବରେ ଧରିଲେ ମୋଟ୍ ୨.୪ ଲକ୍ଷ କୋଟି ଟଙ୍କା ବ୍ୟୟ ହେବ। ଧରାଯାଉ ଏଥିରୁ ୫୦ ପ୍ରତିଶତ ଅଶୋଧିତ ତେଲ ହେଲେ ଦେଶ ପ୍ରାୟ ୧.୨ ଲକ୍ଷ କୋଟି ଟଙ୍କାର ଅଶୋଧିତ ତେଲ ସଞ୍ଚୟ କରିପାରିବ। ଏଥିପାଇଁ ଏକ ନୀତି ପ୍ରଣୟନର ଆବଶ୍ୟକତା ରହିଛି ବୋଲି ଆୟୋଗ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି।

# 'ଟ୍ରିନିଟି' ହେବ ସ୍କୋଡା ବ୍ରାଣ୍ଡର ନିର୍ଭରଯୋଗ୍ୟ ଶୋ'ରୁମ

**ଚାରିଚକିଆ ଯାନକୁ ନେଇ ଗ୍ରାହକଙ୍କ ରୁଚିରେ ଏବେ ପରିବର୍ତ୍ତନ ଆସିଲାଣି। ଅଟୋମୋବାଇଲ ବଜାରରେ ଏବେ ଆଉ ଗୋଟିଏ କମ୍ପାନୀର ଏକଚାଟିଆ କାରବାର ଦେଖିବାକୁ ମିଳୁନାହିଁ। ଅନେକ କମ୍ପାନୀ ସେମାନଙ୍କ ପ୍ରଡକ୍ଟ ତଥା ସେବା ଦ୍ୱାରା ଗ୍ରାହକଙ୍କ ମନ ଜିଣିବାକୁ ଏବେ ଦୌଡରେ ସାମିଲ ହୋଇଛନ୍ତି। କମ୍ପାନୀଗୁଡିକ ବର୍ତ୍ତମାନ ଗ୍ରାହକଙ୍କୁ ବାନ୍ଧି ରଖିବା ଲାଗି ବିଭିନ୍ନ କୌଶଳ ଆପଣେଇଛନ୍ତି। ପ୍ରମୁଖ ଅଟୋମୋବାଇଲ ମାନୁଫାକ୍ଚରର 'ସ୍କୋଡା ଅଟୋ' ଏହି ଧାରାଠାରୁ ପଛରେ ନାହିଁ। କମ୍ପାନୀ ଏହାର ନୂଆ ଶୋ'ରୁମ 'ଟ୍ରିନିଟି ସ୍କୋଡା'କଟକ ଭୁବନେଶ୍ୱର ମଧ୍ୟରେ ଅବସ୍ଥିତ ପ୍ରତାପନଗରୀଠାରେ ଖୋଲିବାକୁ ଯାଉଛି। ଏହା ସ୍କୋଡା ମଡେଲର ପୂର୍ବଭାରତରେ ସର୍ବ ବୃହତ ଶୋ'ରୁମ ହେବ। କମ୍ପାନୀ, ନୂଆ ଶୋ'ରୁମ, ସେବା ତଥା ଆଗାମୀ ଯୋଜନା ସମ୍ପର୍କରେ ଶୋ'ରୁମର ଡାଇରେକ୍ଟର ସୌରଭ କେଜ୍ରିୱାଲ 'ଧରିତ୍ରୀ'କୁ ଦେଇଥିବା ସାକ୍ଷାତକାରର କିୟଦଂଶ।**

**◆ପେସାରେ ଜଣେ ଚାର୍ଟାର୍ଡ ଆକାଉଣ୍ଟ ହୋଇଥିଲେ ମଧ୍ୟ ଅଟୋମୋବାଇଲ ବାଣିଜ୍ୟ ସହ ସଂଯୋଗ କେମିତି?**

▸▸ପେସାରେ ଚାର୍ଟାର୍ଡ ଆକାଉଣ୍ଟ ହୋଇଥିଲେ ମଧ୍ୟ ପ୍ରଥମ ପିଢିର ଉଦ୍ୟୋଗୀ ଭାବେ ଅଟୋ ଶିଳ୍ପରେ ପ୍ରବେଶ କରିଛୁ। ପରିବାରର ପୂର୍ବପିଢି କୃଷି ବାଣିଜ୍ୟ ସହ ସମ୍ପୃକ୍ତ ଥିଲେ। ବାପା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପ୍ରଫେଶନରେ ଥିଲେ। ଓଡିଶା ବଜାର ଏକ ପ୍ରମୁଖ ଅଭିବୃଦ୍ଧିଶୀଳ ବଜାର ତଥା ଟୁଇନ ସିଟିରେ ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ଅଟୋମୋବାଇଲ ବାଣିଜ୍ୟ କ୍ଷେତ୍ରକୁ ପ୍ରବେଶ କରିଛୁ।

**◆ଶୁଭାରମ୍ଭ ହେବାକୁ ଥିବା 'ଟ୍ରିନିଟି ସ୍କୋଡା' ଶୋରୁମ ସମ୍ପର୍କରେ କ'ଣ କହିବେ?**

▸▸ଏହି ଶୋ'ରୁମ ଶୀଘ୍ର ଶୁଭାରମ୍ଭ କରିବାକୁ ଯୋଜନା ରଖିଛୁ। ଏହା ପୂର୍ବ ଭାରତର ସର୍ବ ବୃହତ ଶୋ'ରୁମ ହେବ। ସେହିଭଳି ଟ୍ୱିନ ସିଟିରେ ଏହା ସ୍କୋଡାର ପ୍ରଥମ ଅତ୍ୟାଧୁନିକ ଶୋ'ରୁମ । ସ୍କୋଡାର ସେଲସ, ସର୍ଭିସ, ସ୍ପେୟାର (୩ ଏସ୍) ସୁବିଧା ଏଠାରେ ଉପଲବ୍ଧ ହେବ। ଉକ୍ତ ଶୋ'ରୁମ ୨୨,୫୦୦ ବର୍ଗ ଫୁଟରେ ଖୋଲୁଛି। ଗୋଟିଏ ଛାତ ତଳେ ଗ୍ରାହକମାନେ ବିଭିନ୍ନ ସୁବିଧା ଏଠାରେ ଲାଭ କରିପାରିବେ। ଏହା ଗ୍ରାହକଙ୍କ ବହୁବିଧ ଆବଶ୍ୟକତାକୁ ପୂରଣ କରିବାକୁ ସକ୍ଷମ ହେବ ବୋଲି ଆଶା ରହିଛି। ଏଠାରେ ପ୍ରଡକ୍ଟ ଗ୍ୟାଲେରୀ ସହ ଅନ୍ୟାନ୍ୟ ଆର୍ଟ ଅଫ୍ ସର୍ଭିସ ଉପଲବ୍ଧ ହେବ।



**◆ଗ୍ରାହକଙ୍କୁ ବାନ୍ଧି ରଖିବା ଏକ କଷ୍ଟକର ବ୍ୟାପାର। ଏହାକୁ ନେଇ କ'ଣ ମତ ଦେବେ?**

▸▸ଗ୍ରାହକଙ୍କୁ ବ୍ରାଣ୍ଡ୍ ସହ ବାନ୍ଧି ରଖିବା ନିଶ୍ଚିତ ପକ୍ଷେ ଏକ ଚ୍ୟାଲେଞ୍ଜ୍। ଚ୍ୟାଲେଞ୍ଜ୍ ଗ୍ରହଣ କରି ବିଭିନ୍ନ ପଦକ୍ଷେପ ନେବାକୁ ପଡେ। ଗ୍ରାହକ ସର୍ବଦା ପର୍ଫର୍ମାନ୍ସ,ଭାଲ୍ୟୁ ଫର୍ ମନି, ନିରାପତ୍ତା ଭଳି ଅନ୍ୟାନ୍ୟ ପ୍ରମୁଖ ପ୍ରସଙ୍ଗକୁ ବିଚାର କରିଥାନ୍ତି। ବିଭିନ୍ନ ସେବା ପ୍ରଦାନ ବେଳେ ଗ୍ରାହକ ଯେଭଳି କୌଣସି ଅସୁବିଧାର ସାମ୍ନା ନ କରନ୍ତି ଉକ୍ତ ବିଷୟକୁ ଧ୍ୟାନରେ ରଖିବୁ। ଗ୍ରାହକ ସମ୍ପର୍କ ଓ ସନ୍ତୁଷ୍ଟିକୁ ଆମେ ଅଗ୍ରାଧିକାର ଦେବାକୁ ଲକ୍ଷ୍ୟ ରଖିଛୁ।

**◆ଅଟୋମୋବାଇଲ ବଜାରରେ ଦ୍ରୁତ ପରିବର୍ତ୍ତନ ଆସୁଥିବା ବେଳେ ଗ୍ରାହକଙ୍କ କ୍ରୟ ବ୍ୟବହାରରେ କିଭଳି ପରିବର୍ତ୍ତନ ଦେଖୁଛନ୍ତି?**

▸▸ସମୟ ସହ ଗ୍ରାହକଙ୍କ କ୍ରୟ ବ୍ୟବହାରରେ ବିଶେଷ ଭାବେ ପରିବର୍ତ୍ତନ ଆସିଛି। ଗ୍ରାହକମାନେ ବର୍ତ୍ତମାନ ବ୍ରାଣ୍ଡକୁ ନେଇ ବିଶେଷ ଭାବେ ସଚେତନ। ଶୋ'ରୁମକୁ ଆସିବା ବେଳେ ବିଭିନ୍ନ ରିସର୍ଚ୍ଚ ସହ ସେମାନେ ପ୍ରଡକ୍ଟ କ୍ରୟ ଲାଗି ବିଭିନ୍ନ ପ୍ରସଙ୍ଗକୁ ବିଚାର କରୁଛନ୍ତି।

**◆ ସ୍କୋଡା ବ୍ରାଣ୍ଡକୁ ନେଇ ଗ୍ରାହକଙ୍କୁ କ'ଣ ସୂଚନା ଦେବେ?**

▸▸ବର୍ତ୍ତମାନ ଘରୋଇ ବଜାରରେ କମ୍ପାନୀର ବଜାର ଅଂଶ ୭ରୁ୮% ରହିଛି। ବିଶେଷ କରି ଅପର୍ ମିଡିଲ କ୍ଲାସ ଗ୍ରାହକଙ୍କ ଦ୍ୱାରା କମ୍ପାନୀ ମଡେଲଗୁଡିକ ବିଶେଷ ଭାବେ ଆଦୃତ ହୋଇଛି। ଏଣ୍ଟ୍ରି ମଡେଲଠାରୁ ପ୍ରିମିୟମ ତଥା ଏସ୍ୟୁଭି ମଡେଲ ଏଠାରେ ଉପଲବ୍ଧ ହେବ। ଗ୍ରାହକଙ୍କୁ ଭାଲ୍ୟୁ ଫର୍ ମନି ଏବଂ ବେଷ୍ଟ ଫିଚରର ଯାନ ପ୍ରଦାନ ନେଇ ଲକ୍ଷ୍ୟ ରହିଛି। ଅକ୍ଟାଭିଆ, ରାପିଡ୍, ସୁପର୍ବ ଏବଂ କୋଡିଆକ୍ ଭଳି ନୂଆ ଏସ୍ୟୁଭି ମଡେଲ ଏଠାରେ ଗ୍ରାହକମାନେ ଲାଭ କରିପାରିବେ। କମ୍ପାନୀର ବେଷ୍ଟ କ୍ଲାସ ଇଞ୍ଜିନ ଉନ୍ନତ ପରଫରମାନ୍ସ ଗ୍ରାହକ ପାଇପାରିବେ। କମ୍ପାନୀ ଘରୋଇ ବଜାରରେ ଦୀର୍ଘଦିନ ଧରି ଉପସ୍ଥିତି ଜାହିର କରିଥିବାରୁ ଏହା ଗ୍ରାହକଙ୍କଠାରୁ ବିଶେଷ ଭଲ ପାଇବା ଲାଭ କରିଛି। ନୂଆ ଶୋ'ରୁମ ମଧ୍ୟ ଗ୍ରାହକଙ୍କ ଠାରୁ ଭଲ ରେସ୍ପନ୍ସ ଲାଭ କରିବ ବୋଲି ଆମର ଆଶା।

**◆ସର୍ଭିସ କ୍ଷେତ୍ରରେ ଶୋ'ରୁମ ପକ୍ଷରୁ କିଛି ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ କି?**

▸▸ନିଶ୍ଚିତ,ଉନ୍ନତ ସର୍ଭିସ ପ୍ରଦାନ ନେଇ ଆମେ ଯତ୍ନବାନ ଅଛୁ। ଶୋ'ରୁମରେ ଅତ୍ୟାଧୁନିକ ଇକ୍ୟୁପ୍ମେଣ୍ଟ, କମ୍ପାନୀର ରୋଡ୍ ସାଇଡ୍ ଆସିଷ୍ଟାନ୍ସ, ୨୪ ଘଣ୍ଟିଆ ସେବା, ଡେଡିକେଟେଡ୍ ଟିମ୍, ସ୍ପେଶାଲ ଡୋର୍ ଷ୍ଟେପ୍ ସର୍ଭିସ ଓ ଦୂର ଦୂରାନ୍ତ ସ୍ଥାନରେ ସର୍ଭିସ ପ୍ରଦାନ ଲାଗି ସ୍ୱତନ୍ତ୍ର ସୁବିଧା କରାଯିବାର ଲକ୍ଷ୍ୟ ରଖାଯାଇଛି। ସେହିଭଳି ସର୍ଭିସ ଭ୍ୟାନ ବ୍ୟବସ୍ଥା, ରାଜ୍ୟର କେତେକ ବଛା ବଛା ସହରରେ ସର୍ଭିସ ଷ୍ଟେଶନ ସ୍ଥାପନ, ସ୍ଥାନୀୟ ଅଞ୍ଚଳ ଲୋକଙ୍କ ସହ ସର୍ଭିସ ପ୍ରଦାନ ଲାଗି ଚୁକ୍ତି, ବହୁ ସମୟରେ ସର୍ଭିସ କ୍ୟାମ୍ପ ଆୟୋଜନ ନେଇ ବିଭିନ୍ନ ପଦକ୍ଷେପ ନେବାକୁ ଯୋଜନା ରହିଛି।

## ସଂକ୍ଷେପରେ

### ପୁଣି କୋଚ୍ ହେବେ ମାରାଡୋନା



କୁଲିଆକାନ(ମେକ୍ସିକୋ), ୭।୯(ଏଏଫପି): ଆର୍ଜେଣ୍ଟିନା କିମ୍ବଦନ୍ତୀ ଫୁଟବଲର ଡିଏଗୋ ମାରାଡୋନା ପୁଣି ଥରେ କୋଚ୍ ହେବାକୁ ଯାଉଛନ୍ତି। ମେକ୍ସିକୋର ସେକେଣ୍ଡ ଡିଭିଜନ ଫୁଟବଲ କ୍ଲବ ଡୋରାଡୋସର କୋଚ୍ ରୂପେ ତାଙ୍କୁ ନିଯୁକ୍ତି ମିଳିଛି। ଗୁରୁବାର ଏ ନେଇ କ୍ଲବ ତରଫରୁ ଘୋଷଣା କରାଯାଇଛି। ଫୁଟବଲରେ ଅତ୍ୟନ୍ତ ସଫଳ ରହିଥିବା ମାରାଡୋନା ଅବଶ୍ୟ କୋଚ୍ ହିସାବରେ ସେତେଟା ସଫଳତା ହାସଲ କରିପାରି ନାହାନ୍ତି। ଏହାପୂର୍ବରୁ ସେ ଆର୍ଜେଣ୍ଟିନା ଜାତୀୟ ଦଳ, ବିଶ୍ୱର ବିଭିନ୍ନ କ୍ଲବ ପାଇଁ କୋଚ୍ ହିସାବରେ କାର୍ଯ୍ୟ କରିଛନ୍ତି। ସେ ମଧ ଗତମାସ ବେଲାରୁଷ ଡାଇନାମୋ ବ୍ରେଷ୍ଟ କ୍ଲବର ଅଧକ୍ଷ ରୂପେ କାର୍ଯ୍ୟ ଆରମ୍ଭ କରିଛନ୍ତି। ମାରାଡୋନାଙ୍କୁ କୋଚ୍ ରୂପେ ନିଯୁକ୍ତି ଦେଇ ଡୋରାଡୋସ ବେଶ୍ ଖୁସି ଜାହିର କରିଛି। ବିଶ୍ୱର ଜଣେ ସର୍ବକାଳୀନ ଶ୍ରେଷ୍ଠ ଫୁଟବଲର ଭାବେ ଖ୍ୟାତି ଅର୍ଜନ କରିଥିବା ମାରାଡୋନାଙ୍କ ଅଭିଜ୍ଞତାରୁ ଆମ ଖେଳାଳିମାନେ ବେଶ୍ କିଛି ଶିକ୍ଷା କରିବେ ବୋଲି କ୍ଲବ ତରଫରୁ କୁହାଯାଇଛି। ୫୭ ବର୍ଷୀୟ ମାରାଡୋନା ୨୦୧୮ ସେସନର ବାକିଥିବ ସମୟ ଆମକୁ ଦେବେ ବୋଲି ଡୋରାଡୋସ ଅଧକ୍ଷ ଜୋଗିଲବେର୍ଟୋ ହାଙ୍କ ଇଞ୍ଜୁଞ୍ଜା ଆଶାପ୍ରକାଶ କରିଛନ୍ତି।

> ଗତ ୧୫ରୁ ୨୦ ବର୍ଷର ପ୍ରଦର୍ଶନକୁ ବିଚାରକୁ ନେଲେ ବର୍ତ୍ତମାନର ଭାରତୀୟ ଦଳ ଉନ୍ନତ ବୋଲି କୋଚ୍ ରବି ଶାସ୍ତ୍ରୀଙ୍କ ମନ୍ତବ୍ୟ ଅପରିପକ୍ୱ।
> –ସୌରଭ ଗାଙ୍ଗୁଲି, ପୂର୍ବତନ କ୍ରିକେଟ ଅଧିନାୟକ



> ମେସୁଟ୍ ଓଜିଲଙ୍କ ଭଳି ଖେଳାଳିଙ୍କ ଅନୁପସ୍ଥିତି ଯୋଗୁ ଫ୍ରାନ୍ସ ବିପକ୍ଷ ୟୁଫା ନେଶନ୍ସ ଲିଗ୍ ମ୍ୟାଚ୍‌ରେ ଜର୍ମାନୀ ଆଶାନୁରୂପ ପ୍ରଦର୍ଶନ କରିପାରିଲାନି।
> –କ୍ଲେଡ୍‌ମିର ଜର୍ମନୋ ବାରେଟୋ, ଜର୍ମାନୀର ପୂର୍ବତନ ଷ୍ଟ୍ରାଇକର



# ମହିଳା ଦଳ, ହଜାରିକାଙ୍କୁ ସ୍ୱର୍ଣ୍ଣ

**ବିଶ୍ୱ ଶୁଟିଂ ଚାମ୍ପିୟନଶିପ୍**

ଚାଙ୍ଗୱନ(ଦକ୍ଷିଣ କୋରିଆ), ୭।୯ (ପି.ଟି.)

ଏଠାରେ ଚାଲିଥିବା ବିଶ୍ୱ ଶୁଟିଂ ଚାମ୍ପିୟନଶିପ୍‌ରେ ଭାରତୀୟ ଜୁନିୟର ଶୁଟରମାନଙ୍କର ସ୍ୱର୍ଣ୍ଣିମ ଯାତ୍ରା ଅବ୍ୟାହତ ରହିଛି। ଶୁକ୍ରବାର ଭାରତୀୟ ଜୁନିୟର ଶୁଟରମାନେ ଆଉ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭାରତର ହୃଦୟ ହଜାରିକା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଭାରତୀୟ ମହିଳା ଦଳ ମିଳିତ ଭାବେ ନୂଆ ବିଶ୍ୱ ରେକର୍ଡ ସ୍ଥାପନ କରିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ହଜାରିକା ଏକମାତ୍ର ଭାରତୀୟ ଖେଳାଳିଭାବେ ୬୨୭.୩ ସ୍କୋର କରି ପୁରୁଷ ଫାଇନାଲରେ ପ୍ରବେଶ କରିଥିଲେ। ୧୭ ବର୍ଷୀୟ ହଜାରିକା ଦମ୍‌ଦାର ପ୍ରଦର୍ଶନ କରି ଶେଷରେ ସ୍ୱର୍ଣ୍ଣ ହାତେଇଥିଲେ। ଫାଇନାଲରେ ହଜାରିକା ଓ ଇରାନର ମହମ୍ମଦ ଅମୀର ନେକୋଉନାମ ଉଭୟ ୨୫୦.୧ ସ୍କୋର କରି ସମାନ ସ୍ଥିତିରେ ଥିଲେ। ତେବେ ଏକ ଶୁଟ ଅଫ୍‌ରେ ହଜାରିକା ଅମୀରଙ୍କୁ ପଛରେ ପକାଇ ଦେଇଥିଲେ। ରୁଷିଆର ଗ୍ରିଗୋରୀ ଶାମାକୋଭ ଫାଇନାଲରେ ୨୨୮.୬ ସ୍କୋର କରି ବ୍ରୋଞ୍ଜ ପଦକ ଜିତିଛନ୍ତି।

ସେହିପରି ଇଲଭେନିଲ ଭାଲାରିଭାନ (୬୩୧), ଶ୍ରେୟା ଅଗ୍ରୱାଲ (୬୨୮.୫) ଓ ମାନିନୀ କୌଶିକ୍ (୬୨୧.୨)ଙ୍କୁ ନେଇ ଗଠିତ ଭାରତୀୟ ମହିଳା ୧୦ ମିଟର ଏୟାର ରାଇଫଲ ଟିମ୍ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରି ୧୮୮୦.୭ ସ୍କୋର କରି ବିଶ୍ୱରେକର୍ଡ ହାସଲ କରିବା ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛି। ଜୁନିୟର ୱାର୍ଲ୍ଡକପ୍ ମେଡାଲିଷ୍ଟ ଇଲାଭେନିଲଙ୍କ ସ୍କୋର ଏକ ନୂଆ ଜୁନିୟର ବିଶ୍ୱ ରେକର୍ଡ ସାବ୍ୟସ୍ତ ହୋଇଛି।

ଅନ୍ୟପଟେ ହଜାରିକା, ଦିବ୍ୟାଂଶ ପାନୱାର ଓ ଅର୍ଜୁନ ବାବୁଟାଙ୍କୁ ନେଇ ଗଠିତ ଭାରତୀୟ ପୁରୁଷ ଦଳ ମୋଟ ୧୮୭୨.୩ ସ୍କୋର କରି ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ସିନିୟର ପୁରୁଷ ୫୦ ମିଟର ରାଇଫଲ ୩ ପୋଜିଶନ ଇଭେଣ୍ଟରେ ଭାରତୀୟ ଶୁଟରମାନେ ନିରାଶ କରିଛନ୍ତି। ସଞ୍ଜୀବ ରାଜପୁତ ୧୧୫୮ ସ୍କୋର କରି ୫୮ତମ ସ୍ଥାନରେ ରହିଛନ୍ତି। ଅନ୍ୟତମ ଭାରତୀୟ ସ୍ୱପ୍ନୀଲ କୁସାଲ ୧୧୬୧ ସ୍କୋର ସହ ୫୫ତମ ଓ ଅଖିଳ ଶେଓରାନ ୧୧୬୭ ପଏଣ୍ଟ ସହ ୪୪ତମ ସ୍ଥାନରେ ରହିଛନ୍ତି। ଏହି ୩ ଖେଳାଳିଙ୍କୁ ନେଇ ଗଠିତ ଭାରତୀୟ ଦଳ ମୋଟ ୩୫୦୩ ସ୍କୋର ସହ ୧୧ତମ ସ୍ଥାନ ରହି ଅଭିଯାନ ଶେଷ କରିଛନ୍ତି।

# ସେରେନା– ଓସାକା ଫାଇନାଲ

**ୟୁଏସ୍ ଓପନ୍ ଟେନିସ୍**

ନ୍ୟୁୟର୍କ, ୭।୯ (ଏଏଫପି)

ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ୍ ମହିଳା ସିଙ୍ଗଲ୍ସ ଇଭେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ୬ଥର ଚାମ୍ପିୟନ ହୋଇଥିବା ଅଭିଜ୍ଞ ସେରେନା ୱିଲିୟମ୍ସ ଓ ୨୦ ବର୍ଷୀୟା ଜାପାନର ନାଓମି ଓସାକା ମୁହାଁମୁହିଁ ହେବ।

୧୭ତମ ସିଡ ମାନ୍ୟତା ପାଇଥିବା ସେରେନା ଶୁକ୍ରବାର ସେମିଫାଇନାଲରେ ଲାଟଭିଆର ୧୯ତମ ସିଡ ଖେଳାଳି ଆନଷ୍ଟାସିଜା ସେଭାଶୋଭାଙ୍କୁ ୬–୩,୬–୦ ସେଟରେ ଅତି ସହଜରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ଅନ୍ୟଏକ ସେମିଫାଇନାଲରେ ୨୦ତମ ସିଡ ଓସାକା ୬–୨,୬–୪ ସେଟରେ ୧୪ତମ ସିଡ ଖେଳାଳି ଆମେରିକାର ମାଡିନସନ କେଜଙ୍କୁ ହରାଇ ଫାଇନାଲ ଉଠିଥିଲେ।

ଗତବର୍ଷ ମା’ ହେବା ପରେ ସେରେନା ପ୍ରଥମଥର ପାଇଁ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବାର ସମ୍ଭାବନା ସୃଷ୍ଟି କରିଛନ୍ତି। ବିଜୟୀ ହେବା ପାଇଁ ତାଙ୍କୁ ୬୬ ମିନିଟି ସମୟ ଆବଶ୍ୟକ ହୋଇଥିଲା। ୨୩ଟି ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ ହାସଲ କରିଥିବା ସେରେନା ଏଥର ସଫଳ ହେଲେ ମାର୍ଗାରେଟ କୋର୍ଟଙ୍କ ୨୪ଟି ଗ୍ରାଣ୍ଡସ୍ଲାମ ରେକର୍ଡର ସମକକ୍ଷ ହେବେ। ସେହିପରି ସେ କ୍ରିସ ଏଭେର୍ଟଙ୍କ ଷଷ୍ଠ ୟୁଏସ୍ ଓପନ ଟାଇଟଲ ହାସଲ ରେକର୍ଡକୁ ପଛରେ ପକାଇବେ। ଅନ୍ୟପଟେ ଓସାକା ପ୍ରଥମ ଜାପାନ ମହିଳା ଖେଳାଳି ଭାବେ କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ନିଜ ପ୍ରଦର୍ଶନରେ ସେରେନା ଖୁସି ଜାହିର କରିଛନ୍ତି।




ସେରେନା ୱିଲିୟମ୍ସ



ନାଓମି ଓସାକା

# ବିଦାୟୀ ଟେଷ୍ଟରେ କୁକ୍‌ଙ୍କ ଅର୍ଦ୍ଧଶତକ

ଲଣ୍ଡନ,୭।୯(ପି.ଟି.)

ଓଭାଲଠାରେ ଶୁକ୍ରବାରଠାରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ଟେଷ୍ଟ ସିରିଜର ୫ମ ତଥା ଅନ୍ତିମ ମ୍ୟାଚ ଆରମ୍ଭ ହୋଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଏକଦା ୨ଉଇକେଟ ବିନିମୟରେ ୧୧୩ ରନ କରିଥିବା ଇଂଲଣ୍ଡର ନାଟକୀୟ ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ଫଳରେ ଦଳ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୭ ଉଇକେଟ ବିନିମୟରେ ୧୯୮ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଜୋସ୍ ବଟଲର ୧୧ ଓ ଆଦିଲ ରସିଦ ୪ ରନ କରି ଅପରାଜିତ ରହିଛନ୍ତି। ବିଦାୟୀ ଟେଷ୍ଟ ଖେଳୁଥିବା ଆଲିଷ୍ଟର କୁକ୍‌ଙ୍କୁ ମ୍ୟାଚ ଆରମ୍ଭରେ ଭାରତୀୟ ଦଳର ଖେଳାଳିମାନଙ୍କ ତରଫରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। କ୍ୟାରିୟରର ଅନ୍ତିମ ଟେଷ୍ଟ ଖେଳୁଥିବା ଓପନର କୁକ୍ ସତର୍କତାର ସହିତ ବ୍ୟାଟିଂ କରିଥିଲେ। ବିଦାୟୀ ଟେଷ୍ଟ ମ୍ୟାଚରେ ସ୍ମରଣୀୟ ଇନିଂସ ଖେଳିବା ଲକ୍ଷ୍ୟରେ ଥିବା କୁକ୍ କିନ୍ତୁ ୭୧ ରନ କରି ଯଶପ୍ରୀତ ବୁମ୍‌ରାଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। ସେ ୧୯୦ଟି ବଲ୍ ସାମ୍ନା କରିଥିବାବେଳେ ୮ଚୌକା ଲଗାଇଥିଲେ। ଆଉଟ ହେବା ପୂର୍ବରୁ ସେ ତାଙ୍କ ଓପନିଂ ପାର୍ଟନେର କିଟନ ଜେନିଙ୍ଗ୍ସ (୨୩ ରନ)ଙ୍କ ସହିତ ୬୩ ରନ ଏବଂ ପରେ ମୋଇନ ଅଲି (୫୦)ଙ୍କ ସହ ଦ୍ୱିତୀୟ ଉଇକେଟରେ ୭୩ ରନ ଯୋଗ କରିଥିଲେ। ଭାରତ ପାଇଁ ପ୍ରଥମ ବ୍ରେକ୍ ଥ୍ରୁ ଆଣିଥିଲେ ରବୀନ୍ଦ୍ର ଜାଡେଜା। ସେ ଜେନିଙ୍ଗ୍ସଙ୍କୁ କେ.ଏଲ୍ ରାହୁଲଙ୍କ ଦ୍ୱାରା କ୍ୟାଚ୍ ଆଉଟ କରିଦେଇଥିଲେ। କୁକ୍‌ଙ୍କ ପରେ ଇଂଲଣ୍ଡ ଲଗାତର ଦୁଇଟି ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଅଧିନାୟକ ରୁଟ୍ ବିନା କୌଣସି ରନରେ ବୁମ୍‌ରାଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇଯାଇଥିଲେ। ଇଶାନ୍ତ ଶର୍ମା ଉଇକେଟକିପର ଜନି ବେୟାରଷ୍ଟୋଙ୍କୁ କୌଣସି ରନ କରିବା ଲାଗି ସୁଯୋଗ ନ ଦେଇ ରିଷଭ ପନ୍ତଙ୍କ ଦ୍ୱାରା କ୍ୟାଚ ଆଉଟ କରିଦେଇଥିଲେ। ଫଳରେ ଇଂଲଣ୍ଡ ୬୪.୪ ଓଭରରେ ୧୩୪ ସ୍କୋରରେ ୪ଟି ଉଇକେଟ ହରାଇ ସାରିଥିଲା। ଭାରତ ତରଫରୁ ହନୁମା ବିହାରୀ ଟେଷ୍ଟ ପଦାର୍ପଣ କରିଛନ୍ତି। ଦେଶର ସେ ୨୯୨ତମ ଟେଷ୍ଟ ଖେଳାଳି ହୋଇଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନରେ ତାଙ୍କୁ ଦଳରେ ସ୍ଥାନ ମିଳିଛି। ଅନ୍ୟପକ୍ଷରେ ଆର୍. ଅଶ୍ୱିନଙ୍କ ସ୍ଥାନରେ ରବୀନ୍ଦ୍ର ଜାଡେଜା ଚୂଡ଼ାନ୍ତ ଦଳରେ ସ୍ଥାନ ପାଇଛନ୍ତି। ସାଉଥାମ୍ପଟନଠାରେ ଚତୁର୍ଥ ଟେଷ୍ଟ ମ୍ୟାଚରେ ବିଜୟ ହାସଲ କରି ଇଂଲଣ୍ଡ ୩–୧ରେ ଅଗ୍ରଣୀ ଲାଭ କରିବା ସହ ଆଗୁଆ ସିରିଜ କବ୍‌ଜା କରିସାରିଛି।




ବ୍ୟାଟିଂ କରିବା ପାଇଁ ପଡ଼ିଆରେ ପ୍ରବେଶ ଅବସରରେ ଆଲିଷ୍ଟର କୁକ୍‌ଙ୍କୁ ଭାରତୀୟ ଖେଳାଳିମାନେ ଗାର୍ଡ ଅଫ୍ ଅନର ଜଣାଉଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ:** ୯୦ ଓଭରରେ ୧୯୮/୭ (ଆଲିଷ୍ଟର କୁକ୍–୭୧, ମୋଇନ ଅଲି–୫୦ ; ଇଶାନ୍ତ ଶର୍ମା–୩/୨୮, ଯଶପ୍ରୀତ ବୁମ୍‌ରା–୨/୪୧, ରବୀନ୍ଦ୍ର ଜାଡେଜା–୨/୫୭)।


OFFICE OF THE No.: 408-E
DEPUTY SUPERINTENDENT GOVT. AYURVEDIC HOSPITAL
At-NageswarTangi, PO-B.J.B Nagar, Bhubaneswar, PIN-751014
Email-deputysuperintendent.gah.bbsr@gmail.com,
Phone-0674-2432347

TENDER CALL NOTICE

Bhubaneswar, Dated the 5th September, 2018

No.1011/DS,GAH, Sealed Tenders are invited from reputed Manufactures/Firms/Suppliers for supply of furniture items for Govt. Ayurvedic Hospital, Bhubaneswar during the year 2018-2019. Tender book will be made available to the agency in the office of the undersigned on any working days from 11 A.M. to 3 P.M. up to 22.09.2018 on payment of Rs. 200/-( Rupees Two hundred) only on cash as non-refundable. The seal tenders should reach this office latest by 25.09.2018 up to 3.00 P.M. The authority reserves every right to reject any or all tenders without assigning any reason thereof.

Sd./-
Deputy Superintendent,
Govt. Ayurvedic Hospital,
Bhubaneswar

10053/11/0002/1819



No.XXIV-54

ଓଡ଼ିଶା ସରକାର
ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଅଧିସୂଚନା

File No. COL/JAJ/VIIL-21/2018/252 Dated : 22.05.2018

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାର ଅନୁଗୁଳ ଢୁବୁରି ସୁକିନ୍ଦା ରୋଡ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା : ଶାଳିଜଙ୍ଗା, ଥାନା : କଳିଙ୍ଗନଗର ନମ୍ବର : ୪୮, ତହସିଲ : ଦାନଗଦି, ଜିଲ୍ଲା : ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୦.୨୪୭ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act, 2013)ର ଧାରା ୧୧(୧)ର ଦ୍ୱାରାରେ ଭରପ୍ରାପ୍ତ ହୋଇ ସରକାର (Appropriate Government ) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩, ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଅନୁଗୁଳ ଢୁବୁରି ସୁକିନ୍ଦା ରୋଡ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ : ପୂର୍ବତଟ ରେଳପଥ, ଭୁବନେଶ୍ୱର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ଅନୁଗୁଳ ଢୁବୁରି ସୁକିନ୍ଦା ରୋଡ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରି କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ -------- / ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକ – ଉପଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ :-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ଯାଜପୁର | ସୁକିନ୍ଦା ଓ ଦାନଗଦି | ଶାଳିଜଙ୍ଗା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ରକବା ମଧ୍ୟରୁ ଏ.NIL ସଂରକ୍ଷିତ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଅନୁଗୁଳ ଢୁବୁରି ସୁକିନ୍ଦା ରାୟଦ ନୂତନ ଓସାରିଆ ରେଳପଥଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ଯାଜପୁର

ଜମି ଅନୁସୂଚିତ ଅଧିଗ୍ରହଣ
ଧାରା-୧୧(୧)
ଗ୍ରାମ : ଶାଳିଜଙ୍ଗା, ଥାନା- କଳିଙ୍ଗନଗର, ନମ୍ବର-୪୮ , ତହସିଲ : ଦାନଗଦି, ଜିଲ୍ଲା : ଯାଜପୁର

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ସରକାରୀ / ବେସରକାରୀ | ମୋଟ ରକବା | ଅଧିଗ୍ରହଣ ହୋଇଥିବା ରକବା | ଅର୍ଜନ ରକବା | ଆଂଶିକ / ସମ୍ପୂର୍ଣ୍ଣ | ଖାତା ରୟତଙ୍କ ନାମ |
|---|---|---|---|---|---|---|---|---|---|
| ୪୨ | ୧୧୨ | ୮ | ଶାରଦ–୨ | ବେସରକାରୀ | ୦.୫୬୦ | | ୦.୧୩୬ | ଆଂଶିକ | ବୃନ୍ଦାବନ ବେହେରା, ପିତା : କୀର୍ତ୍ତନ ବେହେରା, ତେନ୍ତୁଳିଆ କିସ୍ମତ ଆଠଣା ନଗୁଳ ବେହେରା, ପିତା: କାର୍ତ୍ତିକ ବେହେରା, ଗ୍ରାମ– ତେନ୍ତୁଳିଆ ଆନନ୍ଦ ଦାସ, ପିତା : ମୋହନ ଦାସ |
| ୪୩ | ୫୫ | ୧୪ | ଶାରଦ–୩ | ବେସରକାରୀ | ୦.୧୩୦ | | ୦.୦୩୯ | ଆଂଶିକ | ଜଗନ୍ନାଥ ବେହେରା, ପିତା : ହତା ବେହେରା, ମହନ ବେହେରା, ଅପର୍ତ୍ତି ବେହେରା, ନିଶା ବେହେରା, ପିତା: କମ୍ଭୁ ବେହେରା, ଗୌରୀ ରାଉତ, ସ୍ୱା: କମ୍ଭୁ ରାଉତ, ଗୋବର୍ଦ୍ଧନ ବେହେରା, ପିତା: ନବୀନ ବେହେରା, ବାଉରୀ ବେହେରା, ପିତା: କନ୍ଥ ବେହେରା, ଉଦ୍ଧବ ବେହେରା, ପିତା: କୀର୍ତ୍ତନ ବେହେରା |
| ୪୪ | ୪୨ | ୧୫ | ଶାରଦ ଦୋଫସଲି – ୧ | ବେସରକାରୀ | ୦.୦୯୦ | | ୦.୦୭୨ | ଆଂଶିକ | ଗୌରାଙ୍ଗ ରାଉତ, ପିତା : ବିନୋଦ ରାଉତ, ହର ରାଉତ, ପିତା : ଭାଲୁ ରାଉତ, ଖଟି ରାଉତ, ପିତା: ଗିରିଧାରୀ ରାଉତ, ଗ୍ରାମ : ଚକ୍ଷାଆଁରା। |
| | | | | | | ମୋଟ | ୦.୨୪୭ | | |

24163/14/0028/1819



GOVERNMENT OF ODISHA
OFFICE OF THE SUPERINTENDING ENGINEER
SOUTHERN (R&B) CIRCLE, BERHAMPUR
Phone : 0680-2281582, e-mail : sescpwd@yahoo.co.in
No. 3050 Dated : 24.08.2018

Corrigendum to Bid Identification No. SE, SC (R&B)-BAM-08/2018-19

No.557-B: The bid invited vide Bid Identification No. S.E, S.C-(R&B)-BAM-08/2018-19 is modified as mentioned in the following table :

| Sl. No. | Item | Details |
|---|---|---|
| 5 | Class of contractor | For work Sl. No. 2 to 7 may be read as "B" and "A" Class |
| 6 | Availability of Bid document in the website | From 10.09.2018, 10.00 AM to 25.09.2018, 4.00 PM |
| 7 | Date of Opening of Bid | 26.09.2018 at 11.30 AM |

All other terms and conditions are remain unchanged.

Sd./- Superintending Engineer
Southern (R&B) Circle, Berhampur

34103/11/0025/1819



BERHAMPUR MUNICIPAL CORPORATION
QUOTATION CALL NOTICE

No.: 13869/13 Date: 25.8.18

No.: 250-C: Sealed quotations are invited from the intending suppliers/authorized dealers/manufacturers/ civil contractor with registration/ISO Certification for "Construction of Water Fountain and FRP spring near Municipal Commissioner quarter, Berhampur, Ganjam". The quotationer having update GST and PAN Clearance. The list of required items etc. along with terms and conditions of the quotation can be seen from the Office of Berhampur Municipal Corporation during office hour from 10.00 A.M. to 5.00 P.M. (Excluding Govt. Holiday) or may be downloaded from **www.berhampur.gov.in**. The quotation will be received on or before 10.09.2018 upto 1.00 P.M. by Registered Post/Speed Post only and the same will be opened on 10.09.2018 at 4.00 P.M. in presence of the quotationers or their authorized representatives. The quotationers have to deposit Rs.6,000/- (Non-refundable) towards bid cost. The authority reserves the right to cancel any/all the quotations without assigning any reason thereof.

Sd./- Commissioner
Berhampur Municipal Corporation

13035/11/0103/1819



GOVERNMENT OF ODISHA No.448-B
e-Procurement Notice, Angul (R&B) Division
Bid Identification No.- 20 of 2018-19
e-mail id: angulrbdivision@yahoo.co.in

1. Number of works : 1 (One) number of supply work
2. Approximate estimated cost : Approximate cost Rs.8.46 lakhs
3. Period of completion : 1 (One) calendar month
4. Date & time of availability of bid document in the portal : Dt.10.09.2018 at 10.00 AM
5. Last date / time for receipt of bid in the portal : Dt.19.09.2018 upto 05.00 PM
6. Date of opening bid : Dt.20.09.2018 at 11.00 AM
7. Name and address of the Officer Inviting Bid : Executive Engineer, Angul (R&B) Division, Angul
8. The bidders have to participate in **ONLINE** bidding only.

Further details can be seen from the e-procurement portal **https:/tendersodisha.gov.in**.

Sd./- Er. S. N. Acharya
Executive Engineer
Angul (R&B) Division

34074/11/0015/1819



Government of Odisha
ST & SC Development Department
Office of the Project Administrator,
Integrated Tribal Development Agency, Jeypore
e-Procurement Notice
Bid Identification No. PAITDA (I) -03/2018-2019

No. 2291/ 2018-ITDA Dated the 06th, Septemeber, 2018

No. CAD-808: Bid Documents consisting of work, Estimated Cost, Cost of Tender Paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. "www.tendersodisha.gov.in"

| | | | |
|---|---|---|---|
| 01. | Name of the Work | : | Civil Construction & Electrical Works, as mentioned in DTCN |
| 02. | No. of Works | : | 06(Six) Numbers only |
| 03. | Estimated Cost | : | Rs. 1.49 Lac to Rs. 13.00 Lac |
| 04. | Period of completion | : | 02 (Two) Months to 03 (Three) months |
| 05. | Date & Time of Bidding | : | From 07.09.2018 at 10.00 Hours to 15.09.2018 Upto 17.00 Hours |
| 06. | Last date & time for receipt of bids in portal | : | 15.08.2018 upto 17.00 Hours |
| 07. | Bids received Online & Offline shall be opened on | : | 17.09.2018 at 15.00 Hours onwards |
| 08. | Documents Received through Speed Post / Registered Post | : | 10.09.2018 at 11.00 Hours to 17.09.2018 upto 14.00 Hours (Working Days Only) |
| 09. | Name and address of the officer inviting Bid | : | Project Administrator, I.T.D.A, Jeypore |

Further details can be seen from the www.tendersodisha.gov.in

26037/11/0002/1819 Sd./- Project Administrator, I.T.D.A, Jeypore



‘‘ଶେଷ ମୁହୂର୍ତ୍ତରେ ଗୋଲ୍ ବରଣ ସମସ୍ୟା ଦୂର ଲାଗି ଭାରତୀୟ ହକି ଦଳ ପାଇଁ ଜଣେ ମନସ୍ତତ୍ତ୍ୱବିତ୍‌ଙ୍କର ଆବଶ୍ୟକତା ନାହିଁ।

–ହରେନ୍ଦ୍ର ସିଂ, ହକି କୋଚ୍



‘‘ନାପୋଲି ଫୁଟ୍‌ବଲ ଟିମ୍ କୋଚ୍ ପଦବୀରୁ ବହିଷ୍କୃତ ହୋଇଥିବା କଥା ଟେଲିଭିଜନ ମାଧ୍ୟମରେ ଜାଣିବାକୁ ପାଇଥିଲି।

–ମୌରିଜିଓ ସାରି, ଚେଲ୍‌ସିର ନୂଆ ମ୍ୟାନେଜର

## ସଂକ୍ଷେପରେ

### ଆଇଏଏଏଫ୍ କଣ୍ଟିନେଣ୍ଟାଲ କପ୍‌ରୁ ହିମା ଓହରିଲେ

ନୂଆଦିଲ୍ଲୀ,୭।୯(ପି.ଟି.): ସ୍ପ୍ରିଣ୍ଟର ସେନ୍‌ସେସନ ହିମା ଦାସ ଚଳିତ ସିଜନର ଅନ୍ତିମ ଇଭେଣ୍ଟ ଆଇଏଏଏଫ୍ କଣ୍ଟିନେଣ୍ଟାଲ କପ୍‌ରୁ ଓହରି ଯାଇଛନ୍ତି। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଯୋଗୁ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ପକ୍ଷରୁ ହିମାଙ୍କୁ ବିଶ୍ରାମ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଚେକ୍ ଗଣତନ୍ତ୍ରଠାରେ ଶନିବାର ଆରମ୍ଭ ହେବ। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତା ଲାଗି ପୂର୍ବରୁ ଘୋଷିତ ୭ ଜଣିଆ ଦଳରେ ତାଙ୍କୁ ସ୍ଥାନ ମିଳିଥିଲା। ମୋଟ ୧୮ ଇଭେଣ୍ଟରେ ୟୁରୋପ, ଆଫ୍ରିକା, ଆମେରିକା ଓ ଏସିଆ ପାସିଫିକ୍‌ର ଆଥ୍‌ଲେଟମାନେ ଅଂଶଗ୍ରହଣ କରିବେ। କେବଳ ସିଜନରେ ପ୍ରତ୍ୟେକ ଅଞ୍ଚଳର ଦୁଇ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ଏଥିରେ ଭାଗନେବାକୁ ସୁଯୋଗ ମିଳେ। ‘‘ଆଇଏଏଏଫ୍ କଣ୍ଟିନେଣ୍ଟାଲ କପ୍‌ରେ ହିମା ଦାସ ଦୌଡ଼ିବେ ନାହିଁ। ଏଏଫ୍‌ଆଇ ତାଙ୍କୁ ବିଶ୍ରାମ ଦେବାକୁ ନିଷ୍ପତ୍ତି ନେଇଛି। ସେ ଚଳିତ ବର୍ଷ ରାଜ୍ୟଗୋଷ୍ଠୀ କ୍ରୀଡ଼ାଠାରୁ ଆରମ୍ଭ କରି ବିଶ୍ୱ ଜୁନିୟର ଓ ଏସିଆନ୍ ଗେମ୍ସରେ ଦୌଡ଼ି ସାରିଲେଣି। ଅଧିକ ରେସ୍‌ରେ ଭାଗନେବା ତାଙ୍କ ଲାଗି ଭଲ ନୁହେଁ’’ ବୋଲି ଜଣେ ବରିଷ୍ଠ କୋଚ୍ କହିଛନ୍ତି। ଏଥିସହ ସେ ଏବେ ଆହତ ନ ଥିବା ସ୍ପଷ୍ଟ କରିଛନ୍ତି। ତେବେ ଏହି ପ୍ରତିଯୋଗିତାରେ ନୀରଜ ଚୋପ୍ରା(ଜାଭେଲିନ), ଅର୍ପିନ୍ଦର ସିଂ (ଟ୍ରିପଲ ଜମ୍ପ), ମହମ୍ମଦ ଆନସ (୪୦୦ ମି. ଦୌଡ଼), ଜିନସନ ଜନସନ (୮୦୦ ମି. ଦୌଡ଼), ସୁଧା ସିଂ( ମହିଳା ୩୦୦୦ ମି. ଷ୍ଟିପଲ ଚେଜ୍) ଓ ପି.ୟୁ. ଚିତ୍ରା (ମହିଳା ୧୫୦୦ ମି.)ପ୍ରମୁଖ ଭାଗନେବେ।

### ‘ଅଲିମ୍ପିକ୍ସ ପଦକ ଇଭେଣ୍ଟ ତାଲିକା ପ୍ରସ୍ତୁତ କରାଯାଇଛି’

ମୁମ୍ବାଇ,୭।୯(ପି.ଟି.)- ଏସିଆନ୍ ଗେମ୍ସର ଟ୍ରାକ୍ ଓ ଫିଲ୍ଡ ଇଭେଣ୍ଟରେ ମିଳିଥିବା ସଫଳତାକୁ ଦୃଷ୍ଟିରେ ରଖି ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ପକ୍ଷରୁ ଅଲିମ୍ପିକ୍ସ ପଦକ ମିଳିବାର ସମ୍ଭାବନା ଥିବା ଇଭେଣ୍ଟ ତାଲିକା ପ୍ରସ୍ତୁତ କରାଯାଇଛି। ‘‘ନିକଟରେ ଶେଷ ହୋଇଥିବା ଏସିଆନ୍ ଗେମ୍ସରେ ଭାରତୀୟ ଆଥ୍‌ଲେଟଙ୍କ ସଫଳ ପ୍ରଦର୍ଶନ ଆରମ୍ଭ ମାତ୍ର। ଏହାକୁ ଆମେ ଜାରି ରଖିବାକୁ ଚାହୁଁ। ଏଣୁ ଆମେ ବିଭିନ୍ନ କୋଚ୍‌ଙ୍କ ସହ ଆଲୋଚନା କରି ଭବିଷ୍ୟତରେ ପ୍ରଥମ ଥର ଲାଗି କେଉଁ ଇଭେଣ୍ଟରେ ଆମେ ଅଲିମ୍ପିକ ପଦକ ଜିତିପାରିବୁ, ତାହାର ଏକ ତାଲିକା ପ୍ରସ୍ତୁତ କରିଛୁ’’ ବୋଲି ଏଏଫ୍‌ଆଇ ସଭାପତି ଆଦିଲେ ସୁମରିୱାଲା କହିଛନ୍ତି। ତେବେ କେଉଁ କେଉଁ ଇଭେଣ୍ଟକୁ ତାଲିକାଭୁକ୍ତ କରାଯାଇଛି, ତାହା ସେ ସ୍ପଷ୍ଟ କରିନାହାନ୍ତି। ଭାରତୀୟ ଟ୍ରାକ୍ ଓ ଫିଲ୍ଡ ଆଥ୍‌ଲେଟମାନେ ଏସିଆନ୍ ଗେମ୍ସରେ ୧୯ ପଦକ ଜିତିଥିଲେ। ଏଥିରେ ୭ ସ୍ୱର୍ଣ୍ଣ ପଦକ ରହିଛି। ଉଲ୍ଲେଖଥାଉ କି, ଭାରତର କୌଣସି ଆଥ୍‌ଲେଟ୍ ଟ୍ରାକ୍ ଓ ଫିଲ୍ଡ ଇଭେଣ୍ଟରେ ଏପର୍ଯ୍ୟନ୍ତ ଅଲିମ୍ପିକ୍ସ ପଦକ ଜିତିନାହାନ୍ତି।

# ଭାରତୀୟ ଦଳର ଜର୍ସି ଉନ୍ମୋଚିତ

ଭୁବନେଶ୍ୱର, (କ୍ରୀଡ଼ା ପ୍ରତିନିଧି) ୭।୯

ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ପୁରୁଷ ହକି ବିଶ୍ୱକପ୍ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ମେଗା ପ୍ରତିଯୋଗିତା ପାଇଁ ଶୁକ୍ରବାର ମୁମ୍ବାଇଠାରେ ଭାରତୀୟ ଦଳର ଜର୍ସି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ହକି ଉତ୍‌ଥାନ ପଥରେ ଥିବା ଏହି ଜର୍ସି ସୂଚନା ବହନ କରୁଛି। ବ୍ରାଣ୍ଡ ଷ୍ଟ୍ରାଟେଜିଷ୍ଟ ନୂପୁର ମହାଜନଙ୍କ ଚିନ୍ତାଧାରାକୁ ନେଇ ଜର୍ସି ଡିଜାଇନ୍ କରିଛନ୍ତି ଜଣାଶୁଣା ଡିଜାଇନର ନରେନ୍ଦ୍ର କୁମାର। ଅଫିସିଆଲ ପ୍ରାଇମେରୀ ଓ ସେକେଣ୍ଡାରୀ ମ୍ୟାଚ୍ କିଟ୍ ସହିତ ବ୍ଲେଜରକୁ ଏହି ୱାର୍ଲ୍ଡ କପ୍ କଲେକ୍ସନରେ ସାମିଲ କରାଯାଇଛି। ଏହି ନୂଆ କଲେକ୍ସନ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଭରିବା ସହ ବିଶ୍ୱକପ୍ ଘରକୁ ଆଣିବାକୁ ପ୍ରସ୍ତୁତିରେ ସହାୟକ ହେବ ବୋଲି ଆଶାପ୍ରକାଶ କରାଯାଇଛି। ଜର୍ସି ଉନ୍ମୋଚନ ଉତ୍ସବରେ ଭାରତୀୟ ଖେଳାଳି, କୋଚ୍ ହରେନ୍ଦ୍ର ସିଂ, ହକି କିମ୍ବଦନ୍ତୀ ଅଜିତ ପାଲ୍ ସିଂ, ଅଶୋକ କୁମାର, ଧନରାଜ ପିଲ୍ଲେ, ଦିଲୀପ ତିର୍କୀ, ସନ୍ଦୀପ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

‘‘ଭାରତକୁ ଗୌରବାନ୍ୱିତ କରିବା ଦଳର ମୁଖ୍ୟ ଫୋକସ୍ ରହିବ। ଆମେ ନୂଆ ଜର୍ସିକୁ ନେଇ ବେଶ୍ ଉତ୍ସାହିତ ଅଛୁ ଏବଂ ଏହା ଦଳ ପାଇଁ ଭାଗ୍ୟବାନ ହେବ ବୋଲି ଆଶା ରଖିଛୁ। ସମସ୍ତ ଭାରତୀୟ ହକି ପାଇଁ ହୃଦୟ ସ୍ପନ୍ଦନ ଦେବା ସହ ବିଶ୍ୱକପ୍‌କୁ ସମର୍ଥନ ଜଣାଇବାକୁ ମୁଁ ଅନୁରୋଧ କରୁଛି। ପ୍ରତିବଦଳରେ ଆମେ ଝାଳ ବୁହାଇ ଖେଳିବୁ ଏବଂ ବିଶ୍ୱକପ୍ ଜିତିବା ପାଇଁ ଚେଷ୍ଟା କରିବୁ’’ ବୋଲି ଭାରତୀୟ ଦଳର ଅଧିନାୟକ ପି.ଆର. ଶ୍ରୀଜେଶ ପ୍ରକାଶ କରିଛନ୍ତି। ଏହି ଇଭେଣ୍ଟରେ ହାର୍ଟ ବିଟ୍ ପାଇଁ ଉଦ୍ଦିଷ୍ଟ ହକି ଷ୍ଟିକ୍ ମାଧ୍ୟମରେ ଖେଳାଳି ଓ ଦର୍ଶକମାନେ ସେମାନଙ୍କ ହୃଦୟ ସ୍ପନ୍ଦନ ଦେବାକୁ ବେଶ୍ ଆଗ୍ରହ ପ୍ରକାଶ କରିଥିବା ପରିଲକ୍ଷିତ ହୋଇଥିଲା। ଜର୍ସି ଡିଜାଇନ୍ ସମ୍ପର୍କରେ ସୂଚନା ଦେବାକୁ ଯାଇ ନରେନ୍ଦ୍ର କହିଲେ ଯେ, ମୋତେ ଏହି କାର୍ଯ୍ୟ ସମ୍ପାଦନ ପାଇଁ ଦାୟିତ୍ୱ ଦିଆଯିବା ଏକ ସମ୍ମାନସ୍ୱରୂପ। ଜର୍ସି ଡିଜାଇନ୍‌ର ପ୍ରେରଣା ମୋତେ ଓଡ଼ିଶାରୁ ମିଳିଥିଲା। ଜର୍ସିରେ ସୂର୍ଯ୍ୟ ଏବଂ କୋଣାର୍କ ସୂର୍ଯ୍ୟମନ୍ଦିରର ଚକକୁ ସ୍ଥାନିତ କରାଯାଇଛି। ଓଡ଼ିଶା ଏପରି ଏକ ସ୍ଥାନ, ଯେଉଁଠି କି ଭାରତର ସୂର୍ଯ୍ୟ ଉଦୟ ହୁଏ। ତେଣୁ ସୂର୍ଯ୍ୟ ଉଦୟର ସଙ୍କେତ ଭାରତୀୟ ହକିର ଉତ୍‌ଥାନକୁ ଦର୍ଶାଉଛି। ଏହି କଲେକ୍ସନ ଭାରତୀୟ ଦଳକୁ ଉତ୍ସାହିତ କରିବାରେ ସହାୟକ ହେବ ବୋଲି ଆତ୍ମବିଶ୍ୱାସ ରହିଛି।

ଉତ୍ସବରେ ଉପସ୍ଥିତ ଓଡ଼ିଶା ରାଜ୍ୟ କ୍ରୀଡ଼ା ବିଭାଗ କମିଶନର ତଥା ସଚିବ ବିଶାଲ ଦେବ ହକି ବିଶ୍ୱକପ୍ ପାଇଁ ଗଣମାଧ୍ୟମର ସମର୍ଥନ ଲୋଡ଼ିଥିଲେ। ଓଡ଼ିଶାରେ ଅନେକଗୁଡ଼ିଏ ବଡ଼ ଇଭେଣ୍ଟ ଆୟୋଜନ ପାଇଁ ଯୋଜନା ରହିଛି। ସେଥିରୁ ପ୍ରଥମଟି ହେଉଛି ହକି ବିଶ୍ୱକପ୍। ସମସ୍ତେ ଓଡ଼ିଶା ଆସି ସେମାନଙ୍କର ହକି ଦଳକୁ ସମର୍ଥନ ଜଣାଇବାକୁ ସେ ନିବେଦନ କରିଥିଲେ। ଏହି ଅବସରରେ ବିଶାଳ ଅକ୍ଟୋବର ୧୪ରେ କଳିଙ୍ଗ ଷ୍ଟାଡିୟମ ଉଦ୍‌ଘାଟନ ଉତ୍ସବରେ ଯୋଗଦେବାକୁ ସମସ୍ତଙ୍କୁ ନିମନ୍ତ୍ରଣ କରିଥିଲେ।

‘‘ଭୁବନେଶ୍ୱରରେ ହକି ବିଶ୍ୱକପ୍ ପୂର୍ବରୁ ‘ହକି ପାଇଁ ହୃଦୟ ସ୍ପନ୍ଦନ’ ଅଭିଯାନ ପାଇଁ ଓଡ଼ିଶା ସରକାର ଯେପରି ପଦକ୍ଷେପ ନେଇଛନ୍ତି ତାହା ବାସ୍ତବିକ ପ୍ରଶଂସନୀୟ। ଏହା ଆମ ହକି ଦଳକୁ ନିଶ୍ଚିତ ଉତ୍ସାହିତ କରିବ ବୋଲି ହକି ଇଣ୍ଡିଆ ମହାସଚିବ ମହମ୍ମଦ ମୁସ୍ତାକ ପ୍ରକାଶ କରିଛନ୍ତି।’’

ବିଶ୍ୱକପ୍‌ର ୧୪ତମ ସଂସ୍କରଣ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଯାଉଛି। ଭାରତରେ ତୃତୀୟ ଥର ପାଇଁ ଏହା ଆୟୋଜନ ହେବ। ପୂର୍ବରୁ ୧୯୮୨ରେ ବମ୍ବେ ଓ ୨୦୧୦ରେ ନୂଆଦିଲ୍ଲୀରେ ଏହା ଅନୁଷ୍ଠିତ ହୋଇଥିଲା। ଆଗାମୀ ମେଗା ପ୍ରତିଯୋଗିତାରେ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଅଂଶଗ୍ରହଣ କରିବେ। ଲିଗ୍ ପର୍ଯ୍ୟାୟରେ ୧୨ ଦିନ ମଧ୍ୟରେ ପ୍ରତି ଦଳ ୩ଟି ଲେଖାଏ ମ୍ୟାଚ୍ ଖେଳିବାର ସୁଯୋଗ ପାଇବେ। ଶ୍ରେଷ୍ଠ ୪ଟି ଦଳ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାବେଳେ ଅନ୍ୟ ୪ଟି ସ୍ଥାନ ପାଇଁ କ୍ରସ୍ ଓଭର ମ୍ୟାଚ୍ ହେବ। ଡିସେମ୍ବର ୧୦ ଓ ୧୧ ତାରିଖରେ କ୍ରସ୍ ଓଭର ମ୍ୟାଚ୍ ଖେଳାଯିବ। ୧୨ ଓ ୧୩ ତାରିଖରେ କ୍ୱାର୍ଟର ଫାଇନାଲ, ୧୫ରେ ସେମିଫାଇନାଲ ଏବଂ ୧୬ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ। ପ୍ରତିଯୋଗିତାର ପୂର୍ବ ସଂସ୍କରଣ ୨୦୧୪ରେ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା।



ଶୁକ୍ରବାର ମୁମ୍ବାଇଠାରେ ଜର୍ସି ଉନ୍ମୋଚନ ଅବସରରେ ହକି କିମ୍ବଦନ୍ତୀଙ୍କ ସହ ଭାରତୀୟ ଦଳର ଖେଳାଳିମାନେ।

## କୋଚ୍ ଶ୍ରେଷ୍ଠ ମନସ୍ତତ୍ତ୍ୱବିତ୍: ହରେନ୍ଦ୍ର

ମୁମ୍ବାଇ, ୭।୯(ପି.ଟି.)

ଶେଷ ମୁହୂର୍ତ୍ତ ଗୋଲ ବରଣ ଭାରତୀୟ ହକି ଦଳ ପାଇଁ ସବୁବେଳେ ଚିନ୍ତାର କାରଣ ହୋଇ ରହିଆସିଛି। ମାତ୍ର ଏଥିପାଇଁ ଦଳ ଲାଗି ଜଣେ ମନସ୍ତତ୍ତ୍ୱବିତ୍ ନିଯୁକ୍ତି ପ୍ରସ୍ତାବକୁ ନାପସନ୍ଦ କରିଛନ୍ତି ପୁରୁଷ ହକି ଦଳର କୋଚ୍ ହରେନ୍ଦ୍ର ସିଂ। ଏହା ନକାରାତ୍ମକ ପ୍ରଭାବ ପକାଇବ ବୋଲି ସେ କହିଛନ୍ତି। ନିକଟରେ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ୍ ଗେମ୍ସରେ ଭାରତୀୟ ଦଳ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିଲା। ସେମିଫାଇନାଲରେ ମାଲେସିଆଠାରୁ ଶୁଟ୍ ଆଉଟ୍‌ରେ ହାରିବା ପରେ ପ୍ଲେ-ଅଫ୍‌ରେ ପାକିସ୍ତାନକୁ ପରାସ୍ତ କରିଥିଲା। ଏହି ପ୍ରଦର୍ଶନ ଭାରତକୁ କେବଳ ଏସିଆନ ଗେମ୍ସରେ କ୍ରମାଗତ ସ୍ୱର୍ଣ୍ଣ ପଦକ ହାସଲରୁ ଦୂରରେ ରଖି ନ ଥିଲା ବରଂ ସିଧାସଳଖ ଅଲିମ୍ପିକ୍ସ ଯୋଗ୍ୟତା ହାସଲରୁ ମଧ୍ୟ ବଞ୍ଚିତ କରିଥିଲା। ଚାପ ପରିସ୍ଥିତିରେ ସହାୟତା କରିବା ପାଇଁ ଦଳ ସହ ଜଣେ ମନସ୍ତତ୍ତ୍ୱବିତ୍‌ଙ୍କ ଆବଶ୍ୟକ ଅଛି କି ବୋଲି ପ୍ରଶ୍ନକୁ ଖଣ୍ଡନ କରିଛନ୍ତି ହରେନ୍ଦ୍ର। ‘‘ଆତ୍ମବିଶ୍ୱାସ ବଢ଼ାଇବାକୁ ହେଲେ ଜଣେ ସାଧାରଣ ବ୍ୟକ୍ତିଠାରୁ ମଧ୍ୟ ପରାମର୍ଶ ନିଆଯାଇପାରିବ। ମନସ୍ତତ୍ତ୍ୱବିତ୍ ଶବ୍ଦ ଆପେ ନକାରାତ୍ମକ ଦିଗକୁ ସୂଚିତ କରୁଛି। ଖେଳାଳିମାନେ ଭାବିବେ ଯେ ଆମେ କିଛି ଭୁଲ କରୁଛୁ, ସେଥିପାଇଁ ଜଣେ ମନସ୍ତତ୍ତ୍ୱବିତ୍‌ଙ୍କ ପରାମର୍ଶ ନେବାକୁ ପଡୁଛି। ଯେକୌଣସି ଦଳ ପାଇଁ କୋଚ୍ ହେଉଛନ୍ତି ସବୁଠାରୁ ବଡ଼ ମନସ୍ତତ୍ତ୍ୱବିତ୍। ଯଦି ମୁଁ ମୋ ଖେଳାଳିଙ୍କୁ ମୋଟିଭେଟ୍ କରିପାରିବିନି ତେବେ ବିଶ୍ୱର କେହି ମଧ୍ୟ ପାରିବେ ନାହିଁ’’ ବୋଲି କହିଛନ୍ତି ହରେନ୍ଦ୍ର।

## ଇଣ୍ଡିଆ ବ୍ଲୁ ଚାମ୍ପିୟନ

ଡିଣ୍ଡିଗୁଲ(ତାମିଲନାଡୁ), ୭।୯(ପି.ଟି.)

ଫଏଜ ଫାଜଲଙ୍କ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲୁ ଏଥର ଦୁଲୀପ ଟ୍ରଫି ଟାଇଟଲ ହାସଲ କରିଛି। ସ୍ଥାନୀୟ ଏନ୍‌ପିଆର କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ରେଡ୍ ଶନିବାର ଏକ ଇନିଂସ ଓ ୧୮୭ ରନରେ ରେଡ୍‌କୁ ପରାସ୍ତ କରିଛି। ପ୍ରଥମ ଇନିଂସରେ ୧୩୦ ରନର ଲଢୁଆ ଶତକୀୟ ପାଳି ଖେଳିଥିବା ବ୍ଲୁ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ନିଖିଲ ଗଙ୍ଗଟା ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଟସ୍ ଜିତି ବ୍ଲୁ ପ୍ରଥମେ ବ୍ୟାଟିଂ ୧୬୭.୩ ଓଭରରେ ୫୪୧ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ରେଡ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୬୯.୧ ଓଭରରେ ୧୮୨ ରନ କରି ଆଉଟ ହୋଇଥିଲା। ଫଳରେ ରେଡ ୩୫୯ ରନ ପଛରେ ପଡି ଫଲୋଅନ ହୋଇଥିଲା। ଫଲୋଅନ ହେବାପରେ ରେଡ ଦ୍ୱିତୀୟ ଇନିଂସ ଆରମ୍ଭକରି ଅନୁରୂପ ଢଙ୍ଗରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩୮.୪ ଓଭରରେ ୧୭୧ ରନ କରି ଅଲଆଉଟ ହେବା ସହ ଇନିଂସ ପରାଜୟ ବରଣ କରିଥିଲା। ତୃତୀୟ ଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୨୮/୫ରୁ ଖେଳ ଆରମ୍ଭ କରିଥିଲା ଓ ବାକି ୫ ଉଇକେଟ ହରାଇ ଅଲଆଉଟ ହୋଇଥିଲା। ରେଡ ତରଫରୁ ଶୁକ୍ରବାର ଦ୍ୱିତୀୟ ଇନିଂସରେ ଅଧିନାୟକ ତଥା ଓପନର ଅଭିନବ ମୁକୁନ୍ଦ ସର୍ବାଧିକ ୪୬, ବଉନାକ ସନ୍ଦୀପ ୨୨ ରନ କରି ଆଉଟ ହୋଇଥିଲେ। ବ୍ଲୁ ତରଫରୁ ବୋଲିଂରେ ଦୀପକ ହୁଡା ଓ ସୌରଭ କୁମାର ୫ଟି ଲେଖାଏ ଉଇକେଟ ହାସଲ କରିଥିଲେ। ପ୍ରଥମ ଇନିଂସରେ ବ୍ଲୁ ବୋଲର ସ୍ୱପ୍ନୀଳ ସିଂ ସର୍ବାଧିକ ୫ ଉଇକେଟ ଅକ୍ତିଆର କରିଥିଲେ। ରେଡ ତରଫରୁ ସନ୍ଦୀପ ୫୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ।

**ସଂକ୍ଷିପ୍ତ ସ୍କୋର:**

ଇଣ୍ଡିଆ ବ୍ଲୁ ପ୍ରଥମ ଇନିଂସ: ୫୪୧ ଅଲଆଉଟ୍।

ଇଣ୍ଡିଆ ରେଡ ପ୍ରଥମ ଇନିଂସ: ୧୮୨ ଅଲଆଉଟ୍।

ଇଣ୍ଡିଆ ରେଡ ଦ୍ୱିତୀୟ ଇନିଂସ (ଫଲୋଅନ୍): ୩୮.୪ ଓଭରରେ ୧୭୨ ଆଉଟ (ମୁକୁନ୍ଦ- ୪୬, ଇଶାନ- ୩୦, ସନ୍ଦୀପ- ୨୨, ସୌରଭ- ୫/୫୧, ହୁଡା- ୫/୫୬)।

## ବାଂଲାଦେଶ ଏସିଆ କପ୍ ଦଳରେ ମୋମିନୁଲ

ଢାକା, ୭।୯(ଏଏଫପି)

ଆଗାମୀ ଏସିଆ କପ୍ ପାଇଁ ବାଂଲାଦେଶ ତା’ର ଦିନିକିଆ ଦଳରେ ବ୍ୟାଟ୍ସମ୍ୟାନ ମୋମିନୁଲ ହକଙ୍କୁ ସାମିଲ କରିଛି। ଏବେ ବାଂଲାଦେଶର ଅଧିକାଂଶ ଖେଳାଳି ଆଘାତ ସମସ୍ୟା ଦେଇ ଗତି କରୁଛନ୍ତି। ମୋମିନୁଲ ଜଣେ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ। ସେ ଓପନିଂ କରିବା ସହ ଫାଷ୍ଟ ଡାଉନ୍‌ରେ ମଧ୍ୟ ବ୍ୟାଟିଂ କରିପାରିବେ। ତେଣୁ ଆମେ ତାଙ୍କୁ ଦଳରେ ସାମିଲ କରିଛୁ ବୋଲି ଚୟନକର୍ତ୍ତାମାନେ କହିଛନ୍ତି। ଓପନର ତାମିମ ଇକବାଲ ଅଙ୍ଗୁଳିରେ ଆଘାତ ପାଇଛନ୍ତି। ସେହିପରି ନବାଗତ ଖେଳାଳି ନାଜମୁଲ ହୋସେନ ବାମ ବୁଢା ଆଙ୍ଗୁଠିରେ ଆଘାତ ପାଇଛନ୍ତି। ଏସିଆ କପ୍‌ରେ ବାଂଲାଦେଶ, ଶ୍ରୀଲଙ୍କା ଓ ଆଫଗାନିସ୍ତାନ ପୁଲ- ବି’ରେ ସ୍ଥାନ ପାଇଛନ୍ତି। ଏସିଆ କପ୍ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଆସନ୍ତା ୧୫ରୁ ୨୮ ତାରିଖ ମଧ୍ୟରେ ଖେଳାଯିବ।

■ ରମାଦେବୀ ଅଲ୍ ଓଡ଼ିଶା ମହିଳା ଚେସ୍ ଉଦ୍‌ଯାପିତ

## ଶ୍ରଦ୍ଧାଞ୍ଜଳି ଚାମ୍ପିୟନ, ବିଜୟଲକ୍ଷ୍ମୀ ରନର୍ସଅପ୍




ରମାଦେବୀ ଅଲ ଓଡ଼ିଶା ମହିଳା ଚେସ୍‌ର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୭।୯(କ୍ରୀଡ଼ା ପ୍ରତିନିଧି)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ମହିଳା ଚେସ୍ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଟପ୍ ସିଡ୍ କଟକର ଶ୍ରଦ୍ଧାଞ୍ଜଳି ଜେନା ୬.୫ ପଏଣ୍ଟ ସହିତ ଚାମ୍ପିୟନ ହୋଇଛନ୍ତି। ଖୋର୍ଦ୍ଧାର ବିଜୟଲକ୍ଷ୍ମୀ ବାରିକ ୬ ଓ ଶୂନ୍ୟସକ୍ତା ଶତପଥୀ ୫.୫ ପଏଣ୍ଟ ସହିତ ଯଥାକ୍ରମେ ରନର୍ସଅପ୍ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ତିନି ଖେଳାଳି ଟ୍ରଫି ସହିତ ଯଥାକ୍ରମେ ୫,୦୦୦, ୪,୦୦୦ ଓ ୩,୦୦୦ ଟଙ୍କା ପୁରସ୍କାର ଆକାରରେ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶୋଭନା ସୋନାଲି ଜେନା, ମୀରାକଲ୍ ପଣ୍ଡା, ସ୍ନେହଯୁକ୍ତା ବେହେରା, ରଶ୍ମିତା କୁମାରୀ ପାତ୍ରୋ, କୃଷ୍ଣା ମିଶ୍ର, କ୍ରିଷ୍ଣା ଅର୍ପିତା, ଯଶିତା ରାଉତ, ଶ୍ରଦ୍ଧା ସୁମନ ଜେନା, ସୁହାନା ଜେନା, ରତୁସ୍ମିତା ବିଶ୍ୱାଳ, ପି. ସାଇରୂପା ଓ ସାଇ ସମ୍ପର୍ଦ୍ଦା ମହାନ୍ତି ପ୍ରଥମ ୧୫ ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ମୁଖ୍ୟ ପୁରସ୍କାର ବ୍ୟତୀତ ୬, ୭, ୯ ଓ ୧୧ ବର୍ଷରୁ କମ୍ ବୟସ ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ଏବଂ ୧୩ ଓ ୧୫ ବର୍ଷରୁ କମ୍ ଜଣେ ଲେଖାଏ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯାଇଥିଲା। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳପତି ପଦ୍ମଜା ମିଶ୍ର ମୁଖ୍ୟଅତିଥି ଏବଂ ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନୀଷା ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭେଟେରାନ ଚେସ୍ ଖେଳାଳି ଡ. ସତ୍ୟବ୍ରତ ମହାପାତ୍ର, ଓଡ଼ିଶା ଚେସ୍ ଆସୋସିଏଶନ କାର୍ଯ୍ୟକାରିଣୀ ସଦସ୍ୟ ଭବେଶ ମହାନ୍ତି, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ ଚେୟାରମ୍ୟାନ ଡ. ଦୁର୍ଗା ପ୍ରସାଦ ଷଡ଼ଙ୍ଗୀ, ନିର୍ଦ୍ଦେଶକ ଚଣ୍ଡୀ ଚରଣ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା।

DSPL-152



ଶ୍ରୀ ଜୟଦେବଙ୍କ
ଆସୀନ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ
ସ୍ଥାନ : ଜୟଦେବ ବିହାର ଛକ, ଭୁବନେଶ୍ୱର
ତାରିଖ - ୦୮.୦୯.୨୦୧୮, ସମୟ - ସକାଳ ୧୦.୦୦ ଘଟିକା
ଉଦ୍‌ଘାଟକ
ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା
ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଉପସ୍ଥିତି
ଡଃ ପ୍ରସନ୍ନ କୁମାର ପାଟଶାଣୀ
ମାନ୍ୟବର ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ପ୍ରିୟଦର୍ଶୀ ମିଶ୍ର
ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)
ଶ୍ରୀଯୁକ୍ତ ବିଜୟ କୁମାର ମହାନ୍ତି
ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା
ମାନ୍ୟବର ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ
ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀଯୁକ୍ତ ବିଜୟ କୁମାର ନାୟକ
ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀମତୀ ପ୍ରତିମା ରାଉତରାୟ
କର୍ପୋରେଟର ୱାର୍ଡ ନଂ. ୨୭, ଭୁବନେଶ୍ୱର ମହାନଗର ନିଗମ
ଏହି ଉତ୍ସବରେ ଯୋଗଦେବା ପାଇଁ ସାଦର ନିମନ୍ତ୍ରଣ
ଶ୍ରୀମତୀ ସଂଘମିତ୍ରା ଶତପଥୀ
ଯୁଗ୍ମ ନିର୍ଦ୍ଦେଶିକା ତଥା ଯୁଗ୍ମ ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
03001/13/0039/1819

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ସେପ୍ଟେମ୍ବର ୮/୨୦୧୮ Sambalpur, Saturday, September 8/ 2018

# ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନ

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମିଳିତ ବିଏଡ୍ ଶିକ୍ଷକ ସଂଘର ଦାବିପତ୍ର

ଦେବଗଡ଼,୭।୯(ସ୍ୱ.ପ୍ର.)-ଦେବଗଡ଼ ଜିଲା ମିଳିତ ବିଏଡ୍ ଶିକ୍ଷକ ସଂଘ କର୍ମକର୍ତ୍ତାମାନେ ୬ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଦେବଗଡ଼ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କୁ ଗୁରୁବାର ଦାବିପତ୍ର ପ୍ରଦାନ କରିଛନ୍ତି । ବିଶେଷ କରି ଉଚ୍ଚ ପ୍ରାଥମିକ ସ୍କୁଲ ପାଇଁ ବିଷୟ ଭିତ୍ତିକ ଶିକ୍ଷକ ନିଯୁକ୍ତି, କେନ୍ଦ୍ରୀୟ ହାରରେ ଦରମା(୯୩୦୦+ଗ୍ରେଡ ପେ ୪୬୦୦)ସହ ସପ୍ତମ ବେତନ ଆଧାରରେ ସଂଶୋଧିତ ଦରମା ପ୍ରଦାନ, ୧୭।୨୦୧୪ କ୍ୟାଡର ରୁଲ୍‌କୁ କାର୍ଯ୍ୟକାରୀ କରିବା, ୨୦୦୫ ମସିହା ପରେ ନିଯୁକ୍ତ ଶିକ୍ଷକମାନଙ୍କ ପାଇଁ ପୁରୁଣା ପେନସନ୍ ନୀତି ପ୍ରଚଳନ, ବଦଳି ନୀତିକୁ ସରଳୀକରଣ , କନିଷ୍ଠ ବିଏଡ୍ ଶିକ୍ଷକଙ୍କୁ ୧୬ ହଜାର ୭୦୦ ଟଙ୍କା ପାରିଶ୍ରମିକ ପ୍ରଦାନ ଏବଂ ମୃତ୍ୟୁବରଣ କରୁଥିବା କନିଷ୍ଠ ଓ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକମାନଙ୍କ ପରିବାରକୁ ୨ ଲକ୍ଷ ପରିବର୍ତ୍ତେ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ଓ ତାଙ୍କ ପରିବାରରୁ ଜଣକୁ ନିଯୁକ୍ତି ଦେବାକୁ ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ସରକାର ଯଦି ଉପରୋକ୍ତ ଦାବିଗୁଡିକ ପୂରଣ ନ କରନ୍ତି ବିଧାନସଭା ସମ୍ମୁଖରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସଂଘ ଚେତବାନୀ ଦେଇଛି । ଦାବିପତ୍ର ପ୍ରଦାନ ସମୟରେ ସଂଘ ଆବାହକ ତଥା ସଂଘର ସମ୍ପାଦକ ଭକ୍ତବନ୍ଧୁ ବସନ୍ତରା,ସଭାପତି ବିଜୟାନନ୍ଦ ବେହେରା,ଜିଲା ବିଏଡ୍ ଶିକ୍ଷା ସହାୟକ ସଭାପତି ତପନ ନାୟକ,କାର୍ଯ୍ୟକାରୀ ସମ୍ପାଦକ ଠଣସୁନ୍ଦର ସାହୁ,ଉପଦେଷ୍ଟା ସୁଜିତ ପାତ୍ର,ସୁମିତା ନାୟକ,ନାରାୟଣୀ ସେଠ୍,ଅନ୍ନଦା ମଞ୍ଜରୀ ସାହୁ,ଜ୍ୟୋତ୍ସ୍ନାରାଣୀ ପ୍ରଧାନ,କାଦମ୍ବିନୀ ମିଶ୍ର,ଅଶୋକ ଧଳ,ଭବାନୀ ପ୍ରଧାନଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ସଂଘର କର୍ମକର୍ତ୍ତା ।


ଶୁକ୍ରବାର ସମ୍ବଲପୁର ଭୀମଭୋଇନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍କୁଲ ଛାତ୍ରୀଛାତ୍ରମାନେ ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନରେ ସାମିଲ ହୋଇଛନ୍ତି ।

## ଭୀମ ଭୋଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସାମିଲ

ସମ୍ବଲପୁର,୭।୯(ବ୍ୟୁରୋ)

ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ପ୍ଲାଷ୍ଟିକ୍ ଫ୍ରି ଅଭିଯାନରେ ଶୁକ୍ରବାର ସମ୍ବଲପୁର ଭୀମଭୋଇନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସାମିଲ ହୋଇଛି। ବିଦ୍ୟାଳୟରେ ପ୍ରାର୍ଥନା ପରେ ଏ ନେଇ ସଚେତନତା ସଭା ହୋଇଥିଲା। ଏଥିରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀମାନେ ଅଞ୍ଚଳକୁ ପ୍ଲାଷ୍ଟିକ୍ ମୁକ୍ତ କରିବାକୁ ଶପଥ ନେଇଥିଲେ। ସ୍କୁଲ ପ୍ରଧାନ ଶିକ୍ଷକ ବ୍ରଜମୋହନ ସାହୁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ଲାଷ୍ଟିକ ଭଳି ବର୍ଜ୍ୟବସ୍ତୁ ପରିବେଶକୁ ବିଷାକ୍ତ କରିବାରେ ଲାଗିଛି। ଏହା ବିଶ୍ୱକୁ ବିନାଶ ଆଡ଼କୁ ଠେଲି ଦେଉଛି। ଏଣୁ ପ୍ଲାଷ୍ଟିକ ସାମଗ୍ରୀ ସହ ପଲିଥିନକୁ ବର୍ଜନ କରିବାକୁ ସମସ୍ତେ ଆଗେଇ ଆସିବା ଉଚିତ୍। ଏହାଦ୍ୱାରା ଓଡ଼ିଶା ପ୍ଲାଷ୍ଟିକ ମୁକ୍ତ ହୋଇପାରିବ ବୋଲି ସଭାରେ ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଗୋକୁଳ ଚନ୍ଦ୍ର ପଧାନ, ଶିକ୍ଷୟିତ୍ରୀ ସତ୍‌ରୂପା ବେହେରା, କୁନି ନାଗ, ଅନିତା ଦାଶ, ମୋନାଲିସା ମହାନ୍ତି ଛାତ୍ରୀଛାତ୍ରମାନଙ୍କୁ ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ଲୋକେ ନାନାଦି ରୋଗରେ ଆକ୍ରାନ୍ତ ହେଉଥିବା କହିଥିଲେ। ଏଥିରୁ ପାରୁ ପର୍ଯ୍ୟନ୍ତ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଆଗାମୀଦିନରେ ସ୍କୁଲ ପକ୍ଷରୁ ଏ ସମ୍ପର୍କିତ ସଚେତନତା ରାଲି କରାଯିବାକୁ ସ୍ଥିର ହୋଇଛି। ପ୍ରିୟତମା ବାଞ୍ଛି, ତୁଳେଶ୍ୱରୀ ମାଝୀ, ଗୀତାରାଣୀ ମିର୍ଦ୍ଧା, ଏ. ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱାମୀ ବିବେକାନନ୍ଦ ପବ୍ଲିକ୍ ସ୍କୁଲ ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା

ଭବାନୀପାଟଣା,୭।୯(ଡି.ଏନ.ଏ.)

ଦୈନିକ ଖବରକାଗଜ ଧରିତ୍ରୀ ଓ ଓଡିଶା ପୋଷ୍ଟ ତରଫରୁ ଆରମ୍ଭ ହୋଇଥିବା 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନରେ ଭବାନୀପାଟଣା ସହରସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ୍ ସ୍କୁଲ ସାମିଲ ହୋଇଛି। ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଶୁକ୍ରବାର ସହର ପରିକ୍ରମା କରିଥିଲା। ଛାତ୍ରୀଛାତ୍ରମାନେ ହାତରେ ପ୍ଲାଷ୍ଟିକ୍ ବର୍ଜନ ବାର୍ତ୍ତା ଲେଖା ଥିବା କାଗଜ ଧରି ଲୋକମାନଙ୍କୁ ସଚେତନ କରିଥିଲେ। ବିଭିନ୍ନ ଦୋକାନକୁ ଯାଇ ପ୍ଲାଷ୍ଟିକ୍ ବ୍ୟାଗ୍ ପରିବର୍ତ୍ତେ କାଗଜ ଠୁଙ୍ଗା ବ୍ୟବହାର କରିବା ପାଇଁ ଅନୁରୋଧ କରିଥିଲେ । ସ୍କୁଲ ଅଧ୍ୟକ୍ଷ ଶିବରାମ ନାୟକ, ଧରିତ୍ରୀ ଓ ଓଡିଶା ପୋଷ୍ଟ ଜିଲା ପ୍ରତିନିଧି ସଞ୍ଜୀବ କୁମାର ଯୋଷୀଙ୍କ ଉଦ୍ୟମରେ ଆୟୋଜିତ ହୋଇ କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମସ୍ତ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷୟିତ୍ରୀ ରଶିଲାଦେବୀ, ବିଷ୍ଣୁପ୍ରିୟା ସାମନ୍ତରାୟ, ମିନିଷା ସିହ୍ନା, ସୋନୁ ଅହମ୍ମଦ, ମନିକ ଶତପଥୀ, ଅନ୍ୱେଷା ସାହୁ, ନିରୁସା ସୋନି ପ୍ରମୁଖ ସହଯୋଗ କରିଥିଲେ ।

ସଚେତନତା ଶୋଭାଯାତ୍ରା ପରେ ଆୟୋଜିତ ସଭାରେ ପ୍ଲାଷ୍ଟିକ୍‌ର ଭୟାବହତା ସମ୍ପର୍କରେ ବକ୍ତାମାନେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଭବାନୀପାଟଣାରେ ଚଳିତ ବର୍ଷ ଯେଉଁ ବନ୍ୟା ପରିସ୍ଥିତି ସୃଷ୍ଟି ହେଲା ବହୁଳ ପଲିଥିନ୍ ବ୍ୟବହାର ତା'ର ମୁଖ୍ୟ କାରଣ। ପ୍ଲାଷ୍ଟିକ୍ ବା ପଲିଥିନ ମାଟିରେ ମିଶୁ ନ ଥିବାରୁ ନାଳରେ ଜମା ହୋଇ ରହୁଛି। ଏହାଦ୍ୱାରା ବର୍ଷା ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି ବୋଲି ବକ୍ତାମାନେ କହିଥିଲେ। ଫଳରେ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି କୃତ୍ରିମ ବନ୍ୟା ସୃଷ୍ଟି ହୋଇଥିଲା ବୋଲି ଏହି ସଭାରେ ମତ ପ୍ରକାଶ ପାଇଥିଲା ।



ଭବାନୀପାଟଣା ସହରସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବାହାରିଛନ୍ତି।




## ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରସ୍ତୁତି ଜୋର୍‌ଦାର

### ■ ଝାରସୁଗୁଡ଼ା ବିମାନ ବନ୍ଦର ନୂଆଖାଇ ଉପହାର: ଜୁଏଲ

ଝାରସୁଗୁଡ଼ା ଅଫିସ,୭।୯

ଓଡ଼ିଶାର ଦ୍ୱିତୀୟ ତଥା ପଶ୍ଚିମ ଓଡ଼ିଶାର ଏକମାତ୍ର ଝାରସୁଗୁଡ଼ା ବିମାନବନ୍ଦର ଉଦ୍‌ଘାଟିତ ହେବ। ସେପ୍ଟେମ୍ବର ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଉଦ୍‌ଘାଟନ କରିବାକୁ ଥିବାବେଳେ ଝାରସୁଗୁଡ଼ାକୁ ନେଇ ରାଜ୍ୟ ତଥା ଜାତୀୟ ସ୍ତରରେ ଆଲୋଚନା ଚାଲିଛି। ନେତା, ମନ୍ତ୍ରୀ, ପ୍ରଶାସନିକ ଅଧିକାରୀଙ୍କ ସୁଅ ଛୁଟୁଛି ଏଠାକୁ। ବ୍ୟବସ୍ଥା, ବନ୍ଦୋବସ୍ତ, ସୁରକ୍ଷା, ନିରାପତ୍ତାକୁ କେନ୍ଦ୍ରକରି ଚାଲିଛି ଆଲୋଚନା ପର୍ଯ୍ୟାଲୋଚନା। ଘନ ଘନ ସରକାରୀ ଏବଂ ରାଜନୈତିକ ବୈଠକ ଜାରି ରହିଛି।

ଶୁକ୍ରବାର ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଛି। କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ଅଧ୍ୟକ୍ଷତାରେ ଭାଜପାର ଦଳୀୟ ପ୍ରସ୍ତୁତି ହୋଇଥିଲା। ଏଥିରେ ବରଗଡ଼, ସମ୍ବଲପୁର ଏବଂ ସୁନ୍ଦରଗଡ଼ ଲୋକସଭା କ୍ଷେତ୍ର ଅନ୍ତର୍ଗତ ୧୯ ବିଧାନସଭା କ୍ଷେତ୍ରର ଦଳୀୟ ପଦାଧିକାରୀ ଉପସ୍ଥିତ ଥିଲେ। ୨ ଲକ୍ଷ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ବୈଠକରେ ବିଚାରବିମର୍ଶ ହୋଇଥିଲା। ସଭା ସ୍ଥଳ ମଧ୍ୟ ଚିହ୍ନଟ କରାଯାଇଛି। ଅମଲିପାଲିସ୍ଥିତ ରିଜର୍ଭ ଲାଇନ୍ ସାମ୍ନା ପଡ଼ିଆରେ ସାଧାରଣ ସଭା ଆୟୋଜନ ହେବ। ଏହି ଅବସରରେ ସୁନ୍ଦରଗଡ଼ ଜିଲା ଏମ୍‌ସିଏଲ୍ ଅଧୀନ ବସୁନ୍ଧରା କୋଇଲା କ୍ଷେତ୍ରରୁ କୋଇଲା ପରିବହନ ଲାଗି ସରଡେଗା-ଝାରସୁଗୁଡ଼ା ଟ୍ରେନ୍ ଲାଇନ୍ ଉଦ୍‌ଘାଟିତ ହେବ। ପ୍ରାୟ ୫୩.୧ କି.ମି ଦୀର୍ଘ ଏହି ଟ୍ରେନ୍ ଲାଇନ ନିର୍ମାଣ ଲାଗି କେନ୍ଦ୍ର କୋଇଲା ମନ୍ତ୍ରାଳୟ ୧୧୨୪ କୋଟି ଟଙ୍କା ବ୍ୟୟ କରିଛି। ସେହିପରି ବସୁନ୍ଧରା କ୍ଷେତ୍ର ଅଧୀନରେ ଥିବା ଗର୍ଜନବାହାଲ ଖୋଲାମୁହଁ କୋଇଲା ଖଣି ଉଦ୍‌ଘାଟିତ ହେବ। ଏହି ଖଣିରେ ୨୩୦ ମିଲିୟନ ଟନ୍ କୋଇଲା ଗଚ୍ଛିତ ରହିଛି। ପ୍ରଧାନମନ୍ତ୍ରୀଙ୍କ ଉଦ୍‌ଘାଟନ ପରେ ଏଠାରୁ କୋଇଲା ଉତ୍ତୋଳନ ଆରମ୍ଭ ହେବ। ଏହାସହ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଏବଂ ସୁନ୍ଦରଗଡ଼ ଜିଲା ବସୁନ୍ଧରା କ୍ଷେତ୍ରରେ ୧୦୫ କୋଟି ଟଙ୍କା ବିନିଯୋଗରେ ନିର୍ମାଣ ହୋଇଥିବା ୫୦ ଶଯ୍ୟାବିଶିଷ୍ଟ ୨ଟି ହସ୍ପିଟାଲ ମଧ୍ୟ ଲୋକାର୍ପିତ ହେବ। ଏହିସବୁ ପ୍ରକଳ୍ପ ଲୋକାର୍ପଣ ପାଇଁ ପ୍ରସ୍ତାବ ରହିଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅନୁମୋଦନକୁ ଅପେକ୍ଷା ରହିଛି ବୋଲି ବୈଠକ ପରେ କେନ୍ଦ୍ରମନ୍ତ୍ରୀ ଓରାମ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ଝାରସୁଗୁଡ଼ା ବିମାନବନ୍ଦର ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ନୂଆଖାଇ ଉପହାର ବୋଲି ସେ କହିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଝାରସୁଗୁଡ଼ାରେ ଭାଜପାର ସେଣ୍ଟ୍ରାଲ ଅଫିସ୍ ପରିଚାଳିତ ହେବ। ଉକ୍ତ ଅଫିସ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ, ବିଧାୟିକା ରାଧାରାଣୀ ପଣ୍ଡା, ରଞ୍ଜନ ପଟେଲ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେବ। ଦଳୀୟ ବୈଠକରେ ଭାଜପାର ଜୟନାରାୟଣ ମିଶ୍ର, ସୀମାଞ୍ଚଳ ଖଟେଇ, ଧୀରେନ ସେନାପତି, ଅଶ୍ୱିନୀ ସେନାପତି, ସୁଦର୍ଶନ ଗୋୟଲ, ଅନିଲ ନାୟକ, ସୁନୀଲ ପଣ୍ଡା, ନରେଶ ନାୟକ, ପ୍ରମୋଦ ସେନାପତି, ଦୀପକ ପଟେଲ, ରଘୁନନ୍ଦନ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଅନ୍ୟମାନେ।

## ଫସଲ ବୀମା ରାଶି ମିଳିଲା ନାହିଁ

- ଜିଲାପାଳଙ୍କ ପ୍ରତିଶ୍ରୁତି ପାଣିରଗାର
- ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି ଚାଷୀ

ସିଂଘିଯୁବା,୭।୯(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍‌ରେ ବାଙ୍କିଘିର୍ଡି ପେକ୍ସ ରହିଛି । ବାଙ୍କିଘିର୍ଡି ପେକ୍ସ ବିନିକା ବ୍ଲକ୍‌ର ଏକ ବୃହତ୍ ଧାନ ସଂଗ୍ରହକାରୀ ପେକ୍ସ ଭାବେ ପରିଚିତ । ମାତ୍ର ଏହି ପେକ୍ସରେ ବାଙ୍କିଘିର୍ଡି ଗ୍ରାମପଞ୍ଚାୟତର ଧାନଚାଷୀଙ୍କ କ୍ଷେତ୍ରରେ ଅନ୍ୟାୟ ହୋଇଥିବା ଅଭିଯୋଗ ହୋଇଛି ।୨୦୧୭ ଖରିଫ ଚାଷ ସମୟରେ ଚକଡାପୋକ ପ୍ରାଦୁର୍ଭାବ ଯୋଗୁ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଯାଇଥିଲା । ଚାଷୀମାନେ ବହୁ କ୍ଷତି ସହିଥିଲେ। ଏହାକୁ ଆଧାର କରି ବର୍ତ୍ତମାନ ଯେଉଁ ଚାଷୀମାନେ ପେକ୍ସରେ ଫସଲ ବୀମା କରିଥିଲେ ସେହି ଚାଷୀଙ୍କ କ୍ଷୟକ୍ଷତି ଅନୁପାତ ହିସାବରେ ଫସଲ ବୀମା ଅର୍ଥରାଶି ମିଳୁଛି । ମାତ୍ର ଏକଦା ବାଙ୍କିଘିର୍ଡି ପଞ୍ଚାୟତର ୭୭ଜଣ ଧାନଚାଷୀ ଫସଲ ବୀମା ପ୍ରିମିୟମ ଦେଇଥିଲେ ମଧ୍ୟ ସେମାନଙ୍କୁ ବୀମା ଅର୍ଥରାଶି ଏ ପର୍ଯ୍ୟନ୍ତ ମିଳିପାରି ନାହିଁ। ଆଉ ଏକ ବିଚିତ୍ର କଥା ହେଲା ଏହି ପେକ୍ସ ଅନ୍ତର୍ଭୁକ୍ତ ବାବୁପାଳି ଗ୍ରା.ପ.ର ୪୫ଜଣ ଚାଷୀ ଫସଲବୀମା ଅର୍ଥରାଶି ପାଇସାରିଛନ୍ତି ଓ ପଡୋଶୀ ସିଂଘିଯୁବା ପେକ୍ସର ଧାନଚାଷୀମାନେ ମଧ୍ୟ ଫସଲବୀମା ପାଇଛନ୍ତି। ଗୋଟିଏ ପେକ୍ସ ଅନ୍ତର୍ଭୁକ୍ତ ୨ ଗ୍ରା.ପ. ଥିବାବେଳେ ଗୋଟିଏ ଅଞ୍ଚଳର ଚାଷୀଙ୍କୁ ଫସଲବୀମା ମିଳୁଥିବା ବେଳେ ଅନ୍ୟ ଅଞ୍ଚଳ ଚାଷୀମାନେ ସେଥିରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ଗତମାସ ୨ ତାରିଖରେ ବାଙ୍କିଘିର୍ଡି ଗ୍ରା.ପ.ର ବୀମା ଅର୍ଥ ପାଇ ନ ଥିବା ୭୭ଜଣ ଚାଷୀ ସୁବର୍ଣ୍ଣପୁର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଥିଲେ । ଜିଲାପାଳ ଦାବିପତ୍ର ଗ୍ରହଣ କରି ଏ ଦିଗରେ ଯଥାଶୀଘ୍ର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ହେଲେ ଆଜି ପର୍ଯ୍ୟନ୍ତ ଏହି ସମସ୍ୟାର କୌଣସି ସମାଧାନ ହୋଇପାରି ନାହିଁ। ଏହି କାରଣରୁ ବାଙ୍କିଘିର୍ଡି ଅଞ୍ଚଳର ଚାଷୀମାନଙ୍କ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଆଗାମୀ ଦିନରେ ଉପରୋକ୍ତ ସମସ୍ୟା ନେଇ ଏକ ବଡ ଧରଣର ଆନ୍ଦୋଳନ ପାଇଁ ଚାଷୀମାନେ ଅଣ୍ଟା ଭିଡୁଥିବା ବାଙ୍କିଘିର୍ଡି ପେକ୍ସର ଧାନଚାଷୀ ରାଜକୁମାର ସାହୁ, ଉମେଶ କୁମା, ପବିତ୍ର ସେଠୀ, ନିତ୍ୟାନନ୍ଦ ସାହୁ , ବିନୋଦ ମୁଦୁଲି, ଆର୍.ପି.ଲଛମନ ,କାଶୀ ବୁଡେକ ପ୍ରମୁଖ ଚେତାବନୀ ଦେଇଛନ୍ତି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

## ସଂକ୍ଷେପରେ

### ନେତ୍ରଦାନ ପାଇଁ ମାରୱାଡି ମହିଳା ସମିତିର ଶୋଭାଯାତ୍ରା

**ସୋହେଲା,୭।୯ (ଡି.ଏନ.ଏ.)-** ବରଗଡ ଜିଲା ସୋହେଲା ମାରୱାଡି ମହିଳା ସମିତି ତରଫରୁ ନେତ୍ରଦାନ ପାଇଁ ଏକ ସଚେତକଜନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋହେଲା ମହିଳା ସମିତିର ସଦସ୍ୟାମାନେ ଭାଗ ନେଇଥିଲେ । ମହିଳାମାନେ ସ୍ଥାନୀୟ ଅଗ୍ରସେନଭବନଠାରୁ ମୁଖ୍ୟ ଛକ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ପରିକ୍ରମା କରିଥିଲେ। ସଭାନେତ୍ରୀ କିଷ୍ଟା ଚେହଡିଆ ଓ ସମ୍ପାଦିକା ଅଞ୍ଜୁ ଅଗ୍ରୱାଲ ନେତୃତ୍ୱ ନେଇଥିଲେ। ଏହି ଅବସରରେ ନେତ୍ରଦାନ ଉପରେ ଶିଶୁମାନଙ୍କ ଦ୍ୱାରା ଏକ ଡ୍ରାମା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଭାବିତ ହୋଇ ଇନ୍ଦୁ ଅଗ୍ରୱାଲ, ସୁନୀତା ଅଗ୍ରୱାଲ ଓ ନେହା ଅଗ୍ରୱାଲ ନେତ୍ର ଦାନ କରିବା ପାଇଁ ସଂକଳ୍ପ ନେଇ ଫର୍ମ ପୂରଣ କରିଥିଲେ।

### ଶହୀଦଙ୍କ ନାମରେ ନାମିତ ହେଲା ଶ୍ରେଣୀ କୋଠରି

**ବରଗଡ଼ ଅଫିସ୍,୭।୯-** ଦେଶ ମାତୃକାର ସେବା କରି ଶହୀଦ ହୋଇଥିବା ବରଗଡ଼ ଜିଲା ଖଣ୍ଡହଥା ଗ୍ରାମର ଶହୀଦ ରଞ୍ଜନ ଦାଶଙ୍କ ସ୍ମୃତିକୁ ସାଇତି ରଖିବା ପାଇଁ ବରଗଡ଼ ରାଣାପ୍ରତାପ ସ୍କୁଲରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶହୀଦ ରଞ୍ଜନ ଦାଶଙ୍କ ନାମରେ ଏକ ଶ୍ରେଣୀ କୋଠରି ନାମିତ କରାଯାଇଥିଲା । ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରପାଲି ବ୍ଲକ ଶିକ୍ଷା ଅଧିକରୀ ରାଜେନ୍ଦ୍ର କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶହୀଦଙ୍କ ସ୍ମୃତିଚାରଣ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶହୀଦଙ୍କ ବଡ଼ଭାଇ ଉତ୍ତମ ଉପସ୍ଥିତ ରହି ସ୍କୁଲକୁ ଶହୀଦ ରଞ୍ଜନଙ୍କ ଏକ ଫଟୋଚିତ୍ର ପ୍ରଦାନ କରିଥିଲେ । ଶହୀଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସ୍କୁଲର ଏକ ଶ୍ରେଣୀ କୋଠରିକୁ ଶହୀଦ ରଞ୍ଜନଙ୍କ ନାମରେ ନାମିତ କରାଯାଇଥିବା ପ୍ରଧାନଶିକ୍ଷୟିତ୍ରୀ ମିଶ୍ର ଘୋଷଣା କରିଥିଲେ। ଶିକ୍ଷୟିତ୍ରୀ ଭାବନା ସାହୁ, ସୁନିତା ମିଶ୍ର, ଜ୍ୟୋତ୍ସ୍ନା ସାହୁ, ସସ୍ମିତା ସାହୁ, ସାଞ୍ଚା ପ୍ରଧାନ, କାୟା ଜୟପୁରିଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶିକ୍ଷକ ଡାକ୍ତର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

### ୮ମ ଦିନରେ ଚାଷୀ ଆନ୍ଦୋଳନ ଜାରି

**ଭେଡ଼େନ, ୭।୯ (ଡି.ଏନ.ଏ.)-** ବୀମା ବିଭ୍ରାଟକୁ ନେଇ ବରଗଡ଼ ଜିଲା ଭେଡ଼େନରେ ଚାଲିଥିବା ଚାଷୀ ଆନ୍ଦୋଳନ ଶୁକ୍ରବାର ଅଷ୍ଟମ ଦିନରେ ପହଞ୍ଚିଛି। ଅନ୍ୟ ଦିନ ପରି ଶୁକ୍ରବାର ମଧ ଭେଡ଼େନ ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ଚାଷୀମାନେ ସ୍ଥାନୀୟ ସମବାୟ ବ୍ୟାଙ୍କ ଶାଖା ଓ କୃଷି ସମବାୟ ସମିତିରେ ତାଲା ପକାଇ ଗେଟ ଆଗରେ ଧାରଣାରେ ବସିଥିଲେ। ସେହି ପରି ରୁଗୁଡ଼ା, ସଂକ୍ରିଡ଼ା ଓ ରେମଣ୍ଡା ପ୍ୟାକ୍ସରେ ମଧ ତାଲା ବନ୍ଦ ଆନ୍ଦୋଳନ ଅବ୍ୟାହତ ରହିଛି। ସମ୍ପୂର୍ଣ୍ଣ ଫସଲ ବୀମା ରାଶି ଦାବିରେ ହୋଇଥିବା ଏହି ଆନ୍ଦୋଳନ ପରିପ୍ରେକ୍ଷୀରେ ଗୁରୁବାର୧୨ ଘଣ୍ଟିଆ ଭେଡ଼େନ ବନ୍ଦ ଡ଼ାକର ଦିଆଯାଇଥିଲା। ଏହି ସମୟରେ ଅଧିକାରୀଙ୍କ ସହ ହୋଇଥିବା ଆଲୋଚନା ବିଫଳ ହେବା ପରେ ଶନିବାର ହେବାକୁ ଥିବା ଉଚ୍ଚସ୍ତରୀୟ ବୈଠକରେ ଏ ନେଇ ଆଲୋଚନା ହେବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ତେବେ ଏ ନେଇ କୌଣସି ସକରାତ୍ମକ ସୂଚନା ନ ମିଳିବା ପର୍ଯ୍ୟନ୍ତ ଏହି ତାଲାବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀମାନେ ନିଷ୍ପତ୍ତି ନେଇଛନ୍ତି।

# ଉଦ୍ୟାନ କୃଷି କର୍ମଶାଳାରେ ଭାଗନେଲେ ୭୫ ଚାଷୀ

**ସୋହେଲା,୭।୯ (ଡି.ଏନ.ଏ.)**

ସୋହେଲାସ୍ଥିତ ଆତ୍ମା ଭବନଠାରେ ଉଦ୍ୟାନ କୃଷି ଉପରେ ଏକ କର୍ମଶାଳାର ଆୟୋଜନ କରାଯାଇଛି। ଏଥିରେ ବିଜେପୁର ଓ ସୋହେଲାର ୭୫ଜଣ ଚାଷୀ ଭାଗ ନେଇଥିଲେ। ମୁଖ୍ୟ ଅତିଥି ଭାବରେ ବ୍ଲକ ଅଧକ୍ଷ ଜୀବର୍ଦ୍ଧନ ବରିହା, ସମ୍ମାନୀତ ଅତିଥି ଭାବରେ ଜିଲା ପରିଷଦ ସଭ୍ୟ ସୁବ୍ରତ ବେହେରା, ଘନଶ୍ୟାମ ସାହୁ, ବିର୍ଜାମ ସରପଞ୍ଚ କୃପାସିନ୍ଧୁ ପାତ୍ର ପ୍ରମୁଖ ଯୋଗଦେଇ ଉଦ୍ୟାନ କୃଷି ଅନ୍ତର୍ଗତ ସମସ୍ତ ଯୋଜନା ଉପରେ ଆଲୋଚନା କରିଥିଲେ। କର୍ମଶାଳାରେ ସଭାପତିତ୍ୱ କରିଥିଲେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ କିଶୋର କୁମାର ମହାଲିଙ୍ଗ । ଧନ୍ୟବାଦ ଅର୍ପଣ କରିଥିଲେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ସତ୍ୟବ୍ରତ ସାହୁ। କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ ବଶିଷ୍ଠ ସାହୁ, ଦିଲୀପ କୁମ୍ଭାର, ତେଜରାଜ ପଟେଲ, ଚନ୍ଦ୍ରକାନ୍ତ ପଧାନ ଓ ଶିବ ପ୍ରସାଦ ସାହୁ ।



କର୍ମଶାଳାରେ ମଞ୍ଚାସୀନ ଅତିଥି।

# ଲଗାଣ ବର୍ଷାରେ ଘର ଭାଙ୍ଗିଲା

**ଅତାବିରା, ୭।୯ (ଡି.ଏନ.ଏ)**

ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଉଦେପୁର ଗ୍ରାମର ଲୋକଙ୍କ ଘର କାଛ ଲଗାଣ ବର୍ଷା ଯୋଗୁ ଭାଙ୍ଗି ଯାଇଛି । ଏମାନେ ହେଲେ ଉଦେପୁର ଗ୍ରାମର ମକୁନ୍ଦ ଦନ୍ତା, ସୀତାରାମ ବେହେରା, ନବୀନ ମହାକୁର, ଅଯୋଧ୍ୟା ବେହେରା, ନିଳମଣୀ ବେହେରା। ଏହି ପରିବାର ବର୍ଗ ଦେଶଭଟିଲି ଆରଆଇ ଅଫିସକୁ ଯାଇ ସହାୟତା ପାଇଁ ଲିଖିତ ଭାବରେ ଶୁକ୍ରବାର ଜଣାଇଛନ୍ତି । ଆରଆଇ ପିଅନ ମିର୍ଦ୍ଧା ଭେଡେନ ଯାଇଥିବାରୁ ସହକାରୀ ରାଜସ୍ୱ ନିରୀକ୍ଷକ ଭାନୁପ୍ରିୟା କର୍ଣ୍ଣଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଗ୍ରାମର ଶାନ୍ତି ସେଠଙ୍କ ବାସ ଗୃହ ଗତ ମାସ ଲଗାଣ ବର୍ଷା ବନ୍ୟାରେ ଭାଙ୍ଗି ଯାଇଥିଲା । ଘଟଣା ସ୍ଥଳକୁ ରାଜ୍ୟ ହସ୍ତତନ୍ତ ବୟନ ଶିଳ୍ପମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରାଜସ୍ୱ ବିଭାଗ ଅଧିକାରୀ, କର୍ମଚାରୀମାନେ ଆସିଥିଲେ ମଧ ଏଯାଏଁ ସରକାରୀ ବାସଗୃହ ଅନୁଦାନ ପାଇଁ ନାହିଁ। ତେବେ ଶାନ୍ତି ସେଠଙ୍କ ସମେତ ଘର ଭାଙ୍ଗିଥିବା ଅନ୍ୟ ପରିବାରକୁ ସହାୟତା ରାଶି ନ ଦେଲେ ଆନ୍ଦୋଳନ କରାଯିବ ବୋଲି ୱାର୍ଡମେମ୍ବର ପ୍ରତିନିଧି ନୀଳମଣୀ ବେହେରା ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

# ବ୍ୟାଙ୍କ, ଆର୍‌ଆଇ ଅଫିସରେ ତାଲା ପକାଇଲେ ଚାଷୀ

**ବରଗଡ଼ ଅଫିସ୍, ୭।୯**

ଫସଲବୀମା ବିଭ୍ରାଟ ଅସନ୍ତୋଷରୁ ଉପୁଜିଥିବା ଆନ୍ଦୋଳନ ବରଗଡ଼ ଜିଲାର ଗୋଟିଏ ଅଞ୍ଚଳରୁ ଆଉ ଏକ ଅଞ୍ଚଳକୁ ବ୍ୟାପି ବସିଛି । ଜିଲାର ପାଇକମାଲ ବ୍ଲକ ଅନ୍ତର୍ଗତ ଲଖମରାରେ ମଧ୍ୟ ଏହି ଆନ୍ଦୋଳନ ତୀବ୍ର ରୂପ ନେଇଛି । ଗୁରୁବାର ଅଞ୍ଚଳର ଚାଷୀମାନେ ଲଖମରା ସେବା ସମିତିରେ ତାଲା ପକାଇ ଆନ୍ଦୋଳନ କରିଥିଲେ । ଏହାସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଶୁକ୍ରବାର ଚାଷୀମାନେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ଅଫିସ ଓ ଷ୍ଟେଟବ୍ୟାଙ୍କରେ ତାଲା ପକାଇ ବୀମା ବିଭ୍ରାଟର ପ୍ରତିବାଦ କରିଛନ୍ତି । ସେଠାରେ ଏକ ପ୍ରତିବାଦ ସଭା ହୋଇଥିଲା ଏବଂ ଚାଷୀ ପ୍ରତିନିଧିମାନେ ବୀମା ବିଭ୍ରାଟ ନେଇ ବୀମା କମ୍ପାନୀ ଓ ସରକାରଙ୍କ ଉପରେ ବର୍ଷିଥିଲେ । ଚର୍ଦ୍ଦାପାଲି ପଞ୍ଚାୟତର ଚାଷୀମାନେ ଏଥିରେ ସାମିଲ ହୋଇଛନ୍ତି । ଚାଷୀଙ୍କ ଏହି ଆନ୍ଦୋଳନକୁ ବରଗଡ଼ ଜୟ କିଶାନ ଆନ୍ଦୋଳନ, ରାଜବୋଡ଼ାସମ୍ବର କୃଷକ ସଂଗଠନ ସମେତ ବିଭିନ୍ନ ପଞ୍ଚାୟତର ଚାଷୀମାନେ ସମର୍ଥନ ଜଣାଇଛନ୍ତି ।

# ଆବାସିକ ସ୍କୁଲ ଅନ୍ତେବାସୀଙ୍କ ସୁରକ୍ଷା କର୍ମଶାଳା

**ବରଗଡ଼ ଅଫିସ୍,୭।୯**

ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆବାସିକ ବିଦ୍ୟାଳୟରେ ଛାତ୍ରୀଛାତ୍ର ତଥା ଅନ୍ତେବାସୀଙ୍କ ସୁରକ୍ଷାକୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏସ୍‌ସି, ଏସ୍‌ଟି ଆଇଟିଆଇ, ୟୁନାଇଟେଡ୍ ନେଶନ ପପୁଲେଶନ ଫଣ୍ଡ୍ ଏବଂ ଜିଲା ମଙ୍ଗଳ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କର୍ମଶାଳାରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ୟୁନାଇଟେଡ୍ ନେଶନ ପପୁଲେଶନ ଫଣ୍ଡର ଚୟନିକା ମିଶ୍ର କର୍ମଶାଳାରେ ଯୋଗଦେଇ ଶିଶୁ ସୁରକ୍ଷା ଉପରେ ଆଲୋକପାତ କରିଥିଲେ ।

ଜିଲା ଶିଶୁ ମଙ୍ଗଳ ସମିତି ଚେୟାରପର୍ସନ ସୁଜିତ କୁମାର ଦାଶ ପୋକ୍‌ସୋ ଆକ୍ଟ ଉପରେ ସୂଚନା ପ୍ରଦାନ କରିଥିଲେ। ସେହିପରି ପୋଲିସ, ଶିକ୍ଷା, ସମନ୍ୱିତ ଶିଶୁ ବିକାଶ ସମେତ ବିଭିନ୍ନ ବିଭାଗର ପଦାଧିକାରୀମାନେ କର୍ମଶାଳାରେ ସାମିଲ ହୋଇ ଶିଶୁ ସୁରକ୍ଷା ଉପରେ ମତ ଉପସ୍ଥାପନ କରିଥିଲେ। କର୍ମଶାଳାରେ ସମସ୍ତ ଆବାସିକ ବିଦ୍ୟାଳୟ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରାବାସ ଅଧୀକ୍ଷକ, ମାଟ୍ରନ, ଏଏନ୍‌ଏମ୍ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ମଙ୍ଗଳ ଅଧିକାରୀ ଭାରତ ଭୂଷଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କର୍ମଶାଳାରେ ଯୋଗ ଦେଇଥିବା ସରକାରୀ ପଦାଧିକାରୀ ଓ ବ୍ୟକ୍ତିବିଶେଷ।

# ଆଜିଠୁ କନଷ୍ଟେବଲ ପଦ ପାଇଁ ଲିଖିତ ପରୀକ୍ଷା

**ବରଗଡ଼ ଅଫିସ୍,୭।୯**

ବରଗଡ଼ ଜିଲା କନଷ୍ଟେବଲ ନିଯୁକ୍ତି ପାଇଁ ଆବେଦନ କରିଥିବା ୧୫୧୧ ପ୍ରାର୍ଥିଙ୍କ ମଧ୍ୟରୁ ୪୧୭ଜଣ ଶାରୀରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ଶାରୀରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କୁ ପୁଣି ଲିଖିତ ପରୀକ୍ଷା ଦେବାକୁ ପଡ଼ିବ । ଏହି ପରୀକ୍ଷା ଆସନ୍ତା ୮ତାରିଖ ଅର୍ଥାତ ଶନିବାର ପୂର୍ବାହ୍ନ ୯ଟାରେ ନୂଆ ରିଜର୍ଭ ପଡ଼ିଆ ଏବଂ ୯ତାରିଖ ରବିବାର ଅପରାହ୍ନ ସାଢ଼େ ୪ଟାରେ ବରାହଗୋଡ଼ା ବିକାଶ ଇନଷ୍ଟିଚ୍ୟୁଟରେ ଅନୁଷ୍ଠିତ ହେବ । ଯୋଗ୍ୟ ପ୍ରାର୍ଥୀମାନେ ଉପରୋକ୍ତ ପରୀକ୍ଷାକେନ୍ଦ୍ରରେ ନିର୍ଦ୍ଧାରୀତ ସମୟ ସୁଦ୍ଧା ପହଞ୍ଚିବା ପାଇଁ ଜିଲା ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି ।

# ବିକାଶରେ ନିଯୁକ୍ତି କର୍ମଶାଳା

**ବରଗଡ଼ ଅଫିସ୍,୭।୯**

ବିକାଶ ଶିକ୍ଷାନୁଷ୍ଠାନ ସମୂହ ଅନ୍ତର୍ଗତ ବିକାଶ ଟେକ୍ନିକାଲ କ୍ୟାମ୍ପସରେ ଶୁକ୍ରବାର କ୍ୟାରିୟର କନଫେରେନ୍ସ ଶୀର୍ଷକ ନିଯୁକ୍ତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲା ନିୟୋଜନ କାର୍ଯ୍ୟାଳୟ ଦ୍ୱାରା ଅନୁଷ୍ଠିତ ଏହି କର୍ମଶାଳାରେ ଜିଲା ନିୟୋଜନ ଅଧିକାରୀ ବିଦ୍ୟୁତପ୍ରଭା ସାହୁ ଅତିଥିଭାବେ ଯୋଗ ଦେଇଥିଲେ । ପ୍ରାଧ୍ୟାପକ ପ୍ରଶାନ୍ତ ପ୍ରଧାନ, ଅଧ୍ୟାପକ ପ୍ରଦୀପ ପ୍ରଧାନ, ଅଧ୍ୟାପକ ରାଜେନ୍ଦ୍ର ବିଶ୍ୱାଳ ପ୍ରମୁଖ ବକ୍ତାଭାବେ ଯୋଗ ଦେଇଥିଲେ। କର୍ମଶାଳାରେ ବିକାଶ ସ୍କୁଲ ଅଫ ବିଜନେସ ମ୍ୟାନେଜମେଣ୍ଟ, ବିକାଶ ଡିଗ୍ରୀ କଲେଜ, ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଓ ପଲିଟେକନିକ୍‌ର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା, ବିକାଶ ସ୍କୁଲ ଅଫ ବିଜନେସ ମ୍ୟାନେଜମେଣ୍ଟର କୋ-ଅର୍ଡ଼ିନେଟର ଆରଏସଭି କ୍ରୀଷ୍ଣା ପ୍ରମୁଖ ମଞ୍ଚାସୀନ ଥିଲେ । ଅଦିତା ସାହୁ, ଦିପାଶ୍ରୀ ଡନସନା, ସରସ୍ୱତୀ ଦାଶ, ରାକେଶ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅଧ୍ୟାପକ ଅଭିଷେକ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR 7682826300, 7682826301
BRAHAMPUR 7682826307, 7377730723

SPOT ADMISSION
B.Ed CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

SMS JOB
ବେଟିବଚାଓ ବେଟିପଢାଓ ଯୋଜନାରେ ପୁଅଝିଅ, ଗୃହିଣୀ, ଘରେବସି Part time, full time SMS କାମ କରି ମାସକୁ ଟଙ୍କା 15,000/- ରୁ 30,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ନାମ ଓ ଠିକଣା SMS କରନ୍ତୁ ।
Laptop, Mobile FREE
09135937168
07258995324

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ । ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT 7749095348, 8249919890

ସାରା ଭାରତରେ ଖୋଲା ଆହ୍ୱାନ, କଣ ଆପଣ ଚିନ୍ତିତ କି ?
9911436726, 9540938429



BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
ADARSH FINANCE
Ram Nagar, Narnel, Haryana
7310635473
7310568831

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188
8556894339

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ । (ଏଜେଣ୍ଟ ଆମନ୍ତ୍ରିତ)
7455967551
9068296909

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ ଦେଇ ମାତ୍ର ତିନ ଦିନରେ ଶିକ୍ଷା ଋଣ, ବ୍ୟବସାୟ ଋଣ ଏବଂ ସୁନା ଋଣ ନେବାର ସୁଯୋଗ ଲାଭ କରନ୍ତୁ । ଆକର୍ଷଣୀୟ ସୁଧ ।
ଯୋଗାଯୋଗ 9874247647
Plot No: 86, Sarkar Street, Kolkata

Shree Ganesh Finance Ltd.
ଋଣ ଧମାକା
ବେରୋଜଗାରଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। ମହିଳାଙ୍କ ପାଇଁ ବିଶେଷ ରିହାତି। ସବୁ ଋଣ (100000-9500000) ପର୍ଯ୍ୟନ୍ତ ପାଆନ୍ତୁ ଘରେ ବସି।
Durga Nagar, Ward 36, Ferozpur
09085463427

GRAMIN FINANCE 1962 ଠାରୁ ଆପଣଙ୍କ ସେବାରେ
ସରକାରୀ ଯୋଜନା ଦ୍ୱାରା ପର୍ସନାଲ, ଏଜୁକେଶନ, ପ୍ରପର୍ଟି ଋଣ ନିଅନ୍ତୁ 48 ଘଣ୍ଟାରେ।
(ନୋ ଫାଇଲ୍ ଚାର୍ଜ ନୋ ଗ୍ୟାରେଣ୍ଟର Only Bank Fees ଋଣ ପାସ୍ ହେଲା ପରେ)
ମହିଳା ଓ Govt. Jobଧାରୀଙ୍କ ପାଇଁ ବିଶେଷ ସବ୍‌ସିଡି
AT: TARAN, PO: TAARAN, PUNJAB - 143401
Website: www.graminfinance.com
Miss Call Alerts: 18001007280

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

ଧନଲକ୍ଷ୍ମୀ ଫାଇନାନ୍ସ (Govt. Regd.)
Vill: Asthawan, Dist.- Nalanda, Bihar-803107
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଆଧାରକାର୍ଡ, ରାଶନ କାର୍ଡ, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ପାଆନ୍ତୁ ୨୪ ଘଣ୍ଟାରେ । ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ ୧ ଲକ୍ଷରୁ ୫ କୋଟି ପର୍ଯ୍ୟନ୍ତ ଋଣ ସରକାରୀ ବ୍ୟାଙ୍କଗୁଡ଼ିକ ଦ୍ୱାରା।
Call Now: 07078315986

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580, 95578-79781

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527, +91 8126673652
ଠକମାନଙ୍କ ପ୍ରତି ସାବଧାନ

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



# ଫସଲ ବୀମା ମିଳୁନି, ରାସ୍ତାରେ ଚାଷୀ

ଭଟଲି/ଅମ୍ବାଭୋନା,୭।୯(ଡି.ଏନ.ଏ)

ବରଗଡ଼ ଜିଲା ଭଟଲି ଏବଂ ଅମ୍ବାଭୋନା ବ୍ଲକ୍ ମଧ୍ୟବର୍ତ୍ତୀ ସମ୍ବରଧରା ଛକ ନିକଟରେ ଅମ୍ବାଭୋନା ଥାନା ଅନ୍ତଗତ ଲଖନପୁର ଅଞ୍ଚଳର ବାରପାହାଡ଼ କୃଷକ ସଂଗଠନ ପକ୍ଷରୁ ଶୁକ୍ରବାର ବରଗଡ଼-ଅମ୍ବାଭୋନା ମୁଖ୍ୟରାସ୍ତା ଅବରୋଧ କରାଯାଇଛି। ପୂର୍ବ ନିର୍ଦ୍ଧାରିତ ଫସଲ ବୀମାରାଶି ପ୍ରଦାନ ଦାବିରେ ହୋଇଥିବା ଏହି ରାସ୍ତାରୋକୋ ସକାଳ ୭ଟାରୁ ଆରମ୍ଭ ହୋଇଥିଲା। ସହସ୍ରାଧିକ କୃଷକ ସମ୍ବରଧରା ପହଞ୍ଚି ରାସ୍ତା ଅବରୋଧ କରିବା ସହିତ ଫସଲ ବୀମା ଠିକ୍ ହାରରେ ପ୍ରଦାନ କରିବାକୁ ଦାବି କରିଥିଲେ। ତେବେ ଦୀର୍ଘ ୪ଘଣ୍ଟା ରାସ୍ତା ଅବରୋଧ କରିବା ପରେ ଦିନ ପ୍ରାୟ ୧୧ଟାରେ ଅମ୍ବାଭୋନା ତହସିଲଦାର ସଦାକର କୁମ୍ବାର ଏବଂ ଥାନା ଭାରପ୍ରାପ୍ତ ଅଧିକାରୀ ହରିବନ୍ଧୁ ଗଡ଼ତିଆ ଅବରୋଧ ସ୍ଥଳରେ ପହଞ୍ଚି ଥିଲେ। ସେମାନେ ଚାଷୀଙ୍କୁ ବୁଝାସୁଝା କରିବାକୁ ଯାଇ ଶନିବାର ଏ ନେଇ ରାଜ୍ୟସ୍ତରୀୟ ବୈଠକ ବସୁଛି। ସେହି ବୈଠକର ଫଳାଫଳକୁ ଅପେକ୍ଷା କରନ୍ତୁ। ତାପରେ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନରୁ ଚାଷୀମାନେ ଓହରିଥିଲେ। ଅଭିଯୋଗ ଅନୁସାରେ ଏହି ଅଞ୍ଚଳର ଚାଷୀମାନେ ପ୍ରତିବର୍ଷ ଚାଷ କରିବା ସହିତ ବୀମା ରାଶି ମଧ ପଇଠ କରିଥାନ୍ତି । ତେବେ ୨୦୧୭ ଖରିଫ ଋତୁରେ ସରକାରଙ୍କ ରିପୋର୍ଟ ଅନୁଯାୟୀ ନାସ୍‌ନାଲ ଇନ୍ସ୍ୟୁରାନ୍ସ କମ୍ପାନୀ ଦ୍ୱାରା ପୂର୍ବ ପ୍ରକାଶିତ ବୀମାଭୁକ୍ତ ଚାଷୀଙ୍କ ବୀମା ଟଙ୍କାର ତାଲିକା ଏବଂ ନୂତନ ଭାବେ ପ୍ରସ୍ତୁତ ତାଲିକା ମଧ୍ୟରେ ଯଥେଷ୍ଟ ଫରକ ବାରି ହେଉଛି, ଯେଉଁ ଆକଳନ ଚାଷୀଙ୍କ ପାଇଁ ଗ୍ରହଣୀୟ ନୁହେଁ । ତେଣୁ ପୂର୍ବ ନିର୍ଦ୍ଧାରିତ ହାରରେ ବୀମା ରାଶି ପ୍ରଦାନ କରିବା ଦାବିରେ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହିତ ସରକାରଙ୍କୁ ଚେତାଇ ଦେବା ପାଇଁ ରାସ୍ତା ଅବରୋଧ କରିଥିଲେ। କୀର୍ତ୍ତିଚନ୍ଦ୍ର ଦୁଆନ, ଉପେନ୍ଦ୍ର ଦାଶ, ଲଖନପୁର ସୋସାଇଟିର ସଭାପତି ସତ୍ୟଭୂଷଣ ସାହୁ, ହିରାଧର ସାହୁ, ଲକ୍ଷ୍ମଣ ବାରିକ, ଚୂଡ଼ାମଣି ମେହେର, ଖୋଲା ସରପଞ୍ଚ ସଂଜୋଷ ଖଡ଼ିଆ, ଡୁଙ୍ଗୁରୀ ସରପଞ୍ଚ ପୁଷ୍ପାଞ୍ଜଳି ବିଶ୍ୱାଳ, ଉତ୍ତମ ସରପଞ୍ଚ ସୁରେଶ୍ୱରୀ ଦୁଆନ, ଲଖନପୁର ସରପଞ୍ଚ ବୃନ୍ଦାବତୀ ମେହେର, ବଙ୍ଗାପାଲି ସରପଞ୍ଚ ବିଳାସିନୀ ନାଏକ ଏବଂ ଜିଲା ପରିଷଦ ସଭ୍ୟ ସାର ପଧାନ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ତେବେ ଶନିବାର ବୈଠକରେ ଯଦି ସଫଳତା ନ ମିଳେ ତେବେ ୧୦ ତାରିଖଠାରୁ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି।



ସମ୍ବରଧରା ଛକ ନିକଟରେ ଚାଷୀମାନେ ରାସ୍ତା ଅବରୋଧ କରି ବସି ରହିଛନ୍ତି।

## ସଂକ୍ଷେପରେ

### ଜୀରାନଦୀରେ ଭାସି ଗଲେ ରିକ୍ସାଚାଳକ

ବରଗଡ଼ ଅଫିସ୍,୭।୯: ବରଗଡ଼ ନଦୀପଡ଼ା ନିବାସୀ ରିକ୍ସା ଚାଳକ ବୈଷ୍ଣବ ତେଜି (୪୦) ଶୁକ୍ରବାର ଜୀରାନଦୀରେ ଭାସି ଯାଇଛନ୍ତି । ଅଗ୍ନିଶମ କର୍ମଚାରୀମାନେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ଉଦ୍ଧାର କରି ପାରି ନାହାନ୍ତି। ଅନ୍ୟ ୩/୪ଜଣଙ୍କ ସହିତ ସେ ନଦୀକୁ ଗାଧୋଇବାକୁ ଯାଇଥିଲେ । ପୁରୁଣା ଜୀରାନଦୀ ବ୍ରିଜ ଉପରୁ ସେମାନେ ଡେଇଁଥିଲେ । ଅନ୍ୟମାନେ ବାହାରି ଆସିଥିବାବେଳେ ବୈଷ୍ଣବ ଭାସି ଯାଇଥିଲେ । ଖବର ପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଖୋଜାଖୋଜି କରିଥିଲେ ବି ପତ୍ତା ମିଳି ନ ଥିଲା । ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ନଦୀର ଜଳସ୍ରୋତ ଅନ୍ୟ ଦିନଠାରୁ ଅଧିକ ଥିଲା । ଫଳରେ ବୈଷ୍ଣବ ନଦୀ ଭିତରୁ ବାହାରି ନ ପାରି ଭାସି ଯାଇଥିଲେ। ତେବେ ତାଙ୍କ ସ୍ତ୍ରୀ ଏବଂ ଦୁଇ ସନ୍ତାନ ଚିନ୍ତିତ ହୋଇ ପଡିଛନ୍ତି ।

### ସପ୍ତମ ଦିନରେ ରାଜ୍ୟ ସଡକ ପରିବହନ କର୍ମଚାରୀଙ୍କ ଧର୍ମଘଟ

**ବିଭିନ୍ନ ଶାଖାର କର୍ମକର୍ତ୍ତାଙ୍କ ସମର୍ଥନ**

ପଦ୍ମପୁର, ୭।୯ (ଡି.ଏନ.ଏ): ଓଡିଶା ରାଜ୍ୟ ସଡକ ପରିବହନ ପଦ୍ମପୁର ଶାଖା ଦ୍ୱାରା ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଶୁକ୍ରବାର ୭ମ ଦିନରେ ପହଞ୍ଚିଛି। ହେଲେ ସରକାରଙ୍କ ତରଫରୁ କୌଣସି ସମାଧାନ ଉଦ୍ୟମ ହେଉନାହିଁ । ଅନ୍ୟପକ୍ଷେ ପଦ୍ମପୁର ଶାଖାର କର୍ମଚାରୀଙ୍କ ଦାବି ଯୁକ୍ତିଯୁକ୍ତ ବୋଲି ସମର୍ଥନ କରି ରାଜ୍ୟର ବିଭିନ୍ନ ଶାଖାର ନେତୃବୃନ୍ଦମାନେ ପଦ୍ମପୁର ଆସି ଆଲୋଚନା କରଛନ୍ତି। ଓଡିଶା ରାଜ୍ୟ ସଡକ ପରିବହନ କର୍ମଚାରୀ ସଂଘ ସମ୍ପାଦକ କାହ୍ନୁଚରଣ ଗୌଡ, ବଲାଙ୍ଗୀର ଶାଖା ଉପସଭାପତି ଭଗତ ନନ୍ଦ, ସାଧାରଣ ସମ୍ପାଦକ ସୁଦନ ବରିହା, କାର୍ଯ୍ୟକାରୀ ସଦସ୍ୟ ରମେଶ ସିଂ, ସୁଧୀର ଦାଶ, ବ୍ରହ୍ମପୁର ଶାଖାର ସହ ସମ୍ପାଦକ ଭଗବାନ ଗୌଡ, ତ୍ରିଲୋଚନ ପ୍ରଧାନ, ଗଣେଷ ଆଚାରୀ, ଭଞ୍ଜନଗର ସାଧାରଣ ସମ୍ପାଦକ ସୀତାରାମ ଡାକୁଆ, କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ପଦ୍ମପୁର ୟୁନିଟ ଇନ୍‌ଚାର୍ଜ ସର୍ବେଶ୍ୱର ପାଲଙ୍କ ସହ ଆଲୋଚନା କରିଥିଲେ। ୨ ଦିନ ଭିତରେ ସମାଧାନ ନ ହେଲେ ରାଜ୍ୟର ୨୪ଟି ୟୁନିଟରେ ସମସ୍ତ କର୍ମଚାରୀ ଗାଡି ଚଳାଚଳ ବନ୍ଦ କରି ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

### ଭେଡେନ ବ୍ଲକରେ ବନ୍ୟା

ଭେଡେନ,୭।୯(ଡି.ଏନ.ଏ): ଭେଡ଼େନ ବ୍ଲକ ଅଞ୍ଚଳରେ ବୁଧବାର ଓ ଗୁରୁବାର ଦୁଇଦିନ ଧରି ଲଗାଣ ବର୍ଷା ହୋଇଛି। ଫଳରେ ବହୁ ନଦୀନାଳରେ ବନ୍ୟାଜଳ ପ୍ରବାହିତ ହୋଇଛି। ଏହି ବର୍ଷା ଫଳରେ ଦନ୍ତା ନଦୀର ଦୁଇମୁହାନିଠାରେ ବାଘପାଲି ଭେଡ଼େନ ରାସ୍ତାରେ ଥିବା ବ୍ରିଜ ଉପରେ ଆଣ୍ଠୁଏ ଉଚ୍ଚର ପାଣି ପ୍ରବାହିତ ହୋଇଛି। ଏଣୁ ଶୁକ୍ରବାର ଏହି ରାସ୍ତାରେ ଯାତାୟତ ବନ୍ଦ ରହିଥିଲା। ଜୀରା ଓ ଝାଉଁ ନଦୀରେ ମଧ ଜଳସ୍ତର ବୃଦ୍ଧି ପାଉଛି। ଏହାସହ ବ୍ଲକର ବିଭିନ୍ନ ନାଳରେ ପାଣି ଆସିଥିବାରୁ ଅନେକ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବରପଦର ହିରୋମୁଣ୍ଡା ଜାମପାଲି ରାସ୍ତା, ଅଛାଣ୍ଡପାଲି ପୁଡ଼ାପାଲି ରାସ୍ତା, ଲୁହାଖଣ୍ଡି ଗୁରୁପାଲି ରାସ୍ତାରେ ଥିବା ନାଳ ଗୁଡ଼ିକରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାତାୟତ ବନ୍ଦ ଥିଲା। ସେହିପରି ବିଭିନ୍ନ ନାଳରେ ଆସିଥିବା ବନ୍ୟାଜଳ ଫଳରେ ନାଳକୂଳରେ ଥିବା ଚାଷ ଜମିଗୁଡ଼ିକରେ ପାଣି ଜମି ରହି ଫସଲ ନଷ୍ଟ ହେବା ସହ ବାଲିଚର ହୋଇଯାଇଛି।

## ପ୍ରଦର୍ଶନୀ କ୍ରିକେଟ ମ୍ୟାଚରେ କୁଡାସିଂହା ବିଜୟୀ

ପଦ୍ମପୁର, ୭।୯ (ଡି.ଏନ.ଏ)

ପଦ୍ମପୁର ନିକଟସ୍ଥ କୁଡାସିଂହା ଗ୍ରାମ ଖେଳ ପଡିଆରେ ଶିକ୍ଷକ ଏକାଦଶ ଓ କୁଡାସିଂହା ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା । କୁଡାସିଂହା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୨୯ ରନ ସଂଗ୍ରହ କରିଥିଲା। ଶିକ୍ଷକ ଏକାଦଶ ୯.୪ ଓଭରରେ ୫ଉଇକେଟ ହରାଇ ୧୩୦ ରନ କରି ବିଜୟୀ ହୋଇଥିଲା । ଶିକ୍ଷକ ଏକାଦଶ ପକ୍ଷରୁ ଲିଙ୍ଗରାଜ ପଟେଲ ସର୍ବାଧିକ ୩୯ ରନ କରି ମ୍ୟାନ୍‌ ଅଫ୍ ଦି ମ୍ୟାଚ ପୁରସ୍କାର ମୁଖ୍ୟଅତିଥି ନରେନ୍ଦ୍ର ପ୍ରଧାନଙ୍କଠାରୁ ଗ୍ରହଣ କରିଥିଲେ । କୁଡାସିଂହା କ୍ରିକେଟ ଆସୋସିଏସନ୍ ଦ୍ୱାରା ଆୟୋଜିତ ଏହି ମ୍ୟାଚରେ ବିଭିନ୍ନ ଗ୍ରାମର ବହୁ ଦର୍ଶକ ଉପଭୋଗ କରିଥିଲେ । ରାଜେଶ ପଟେଲ ଓ ଆଲୋକ ମେହେର ଖେଳ ପରିଚାଳନା କରିଥିବା ବେଳେ ବିକାଶ ବୈକାର ସ୍କୋରିଂ କରିଥିଲେ । ହରିହର ବୁଡେକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡିଜିଟାଲ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ



ଡିଜିଟାଲ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀବୃନ୍ଦ ।

ବରଗଡ଼ ଅଫିସ୍,୭।୯

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଡିଜିଟାଲ ଆର୍ଥିକ ସାକ୍ଷରତା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ ମୁଖ୍ୟଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଡିଜିଟାଲ ଯୁଗରେ ଡିଜିଟାଲ ସାକ୍ଷରତା ଅତ୍ୟନ୍ତ ଅପରିହାର୍ଯ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ମନୋଜ କୁମାର ଶତପଥୀ, ଉପେନ୍ଦ୍ର କୁମାର ଦେବତା, ଲିଡ୍‌ବ୍ୟାଙ୍କ ମ୍ୟାନେଜର ସୀତାକାନ୍ତ ମେହେର, ନାବାର୍ଡ଼ର ଡିଜିଏମ୍ ଏସ୍.କେ ଜେନା, ବରଗଡ଼ ଆର୍‌ବିଓର ପରିଚାଳକ ପଙ୍କଜ କୁମାର ପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କ୍ୟାସଲେସ କାରବାର ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ। ସାଧନକର୍ମୀ ହୃଷୀକେଶ ସାହୁ ବୁଣାକାର ସମୂହଙ୍କୁ କ୍ୟାସଲେସ କାରବାର ଉପରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ୬୦ଜଣ ବୁଣାକାର ଭାଗ ନେଇ ତାଲିମ ଗ୍ରହଣ କରିଥିଲେ। ରୋଜାଲିନ ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମାନସ ମହାନ୍ତି, ସରିତା ପ୍ରଧାନ, ଦେବେନ୍ଦ୍ର ମିଶ୍ର, ମିନି ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ସ୍ୱାସ୍ଥ୍ୟ ସମସ୍ୟା ପ୍ରତିକାର ଉପରେ ଗୁରୁତ୍ୱ

ବରଗଡ଼ ଅଫିସ୍,୭।୯

ବରଗଡ଼ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ଡି'ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ଅଧ୍ୟକ୍ଷତା କରିଥିଲେ । ଜିଲା ପରିଷଦ ସଭ୍ୟ ଉମେଶ ଚନ୍ଦ୍ର ମେହେର। ପ୍ରାରମ୍ଭିକ ସୂଚନା ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଦୋରା ବୈଠକରେ ସୂଚନା ଦେଇ କହିଥିଲେ, ଜିଲାରେ ୧୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୪୭ ଉପ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ କରୁଛି । ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୨୦ ଡାକ୍ତର ପଦବୀ ଖାଲି ପଡ଼ିଥିବା ସେ ସୂଚନା ଦେଇଥିଲେ। ଜିଲାରେ ନିର୍ମାଣ ହୋଇଥିବା ସ୍ୱାସ୍ଥ୍ୟକେନ୍ଦ୍ର, କର୍ମଚାରୀଙ୍କ ବାସଗୃହରେ ଜଳଯୋଗାଣ, ବିଦ୍ୟୁତ୍‌କରଣ ଏବଂ ଦୀର୍ଘଦିନ ଧରି ଗୋଟିଏ ସ୍ଥାନରେ ଅବସ୍ଥାପିତ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯିବା ପାଇଁ ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗାଁ କଲ୍ୟାଣ ପାଣ୍ଠିକୁ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ, ପୁଷ୍ଟି ଓ ପରିମଳ ପାଇଁ ୨୬ଲକ୍ଷ ୬୨ହଜାର ୫୦୦ ଟଙ୍କା ଜୁନ ମାସ ପର୍ଯ୍ୟନ୍ତ ପ୍ରଦାନ କରାଯାଇ ଥିବାବେଳେ ସେଥିରୁ ୧୩ଲକ୍ଷ ୮୭ହଜାର ୪୫୪ ଟଙ୍କା ଜୁଲାଇ ମାସ ସୁଦ୍ଧା ଖର୍ଚ୍ଚ ହୋଇଥିବା ସୂଚନା ଦିଆଯାଇଥିଲା। ବରଗଡ଼ ଜିଲାର ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁମାନଙ୍କୁ ପ୍ରଦାନ କରାଯାଉଥିବା ରନ୍ଧାଖାଦ୍ୟ ଓ ଗର୍ଭବତୀ ମା'ମାନଙ୍କୁ ପ୍ରଦାନ କରାଯାଉଥିବା ଛତୁଆ ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ସୂଚନା ପ୍ରଦାନ କରିଥିଲେ। ସେହିପରି ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ରହିଥିବା ସମସ୍ୟାର ତୁରନ୍ତ ପ୍ରତିକାର କରିବା ଦିଗରେ ପଦକ୍ଷେପ ନେବାକୁ ବୈଠକରେ ଦାବି ଉପସ୍ଥାପନ ହୋଇଥିଲା। ବୈଠକରେ ଜିଲା ପରିଷଦ ସଭ୍ୟ ଦୟାନିଧି ପଟେଲ, ସୁଷମା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ୟବସାୟୀଙ୍କଠାରୁ ସାଢ଼େ ୪ଲକ୍ଷ ଲୁଟ୍ ଘଟଣା

## ଟି.ଆଇ ପରେଡ୍‌ରେ ଅଭିଯୁକ୍ତ ପୋଲିସ କର୍ମଚାରୀ

ବରଗଡ଼ ଅଫିସ୍,୭।୯

ବରଗଡ଼ ସହରର ଭଟଲି ଛକରେ ଗତ ସପ୍ତାହରେ ସଂଘଟିତ ବହୁଚର୍ଚ୍ଚିତ ସାଢ଼େ ୪ଲକ୍ଷ ଲୁଟ୍ ଘଟଣାର ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କ ଟି.ଆଇ(ଟେଷ୍ଟ ଆଇଡେଣ୍ଟିଫିକେଶନ) ପରେଡ୍ ହୋଇଛି । ଗୁରୁବାର ବରଗଡ଼ ସବଜେଲ ପରିସରରେ ଏହା ହୋଇଥିଲା। ଟି.ଆଇ ପରେଡ୍‌ରେ ଅଭିଯୁକ୍ତ ପୋଲିସ କନେଷ୍ଟବଳ ସରୋଜ ସେଠ(୪୦), ପପୁ ଓରଫ ସଦାନନ୍ଦ ପ୍ରଧାନ(୪୦) ଏବଂ ବିପିନ ବିହାରୀ ବେଦବାକ(୫୦)ଙ୍କୁ ହାଜର କରାଯାଇଥିଲା । ସେଠାରେ ମାଜିଷ୍ଟ୍ରେଟ ଓ ସବଜେଲ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଅଭିଯୋଗକାରୀ ପାଇକମାଲର ଲଗେଜ୍ ବ୍ୟବସାୟୀ ନନ୍ଦଲାଲ ପ୍ରସାଦ(୨୨)ଙ୍କୁ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପାଇଁ କୁହାଯାଇଥିଲା।

ଗତମାସ ୨୬ତାରିଖ ରାତିରେ ନନ୍ଦଲାଲ ଏକ ଘରୋଇ ବସ୍ ଯୋଗେ ଯାଉଥିଲେ। ଭଟଲି ରୋଡ୍ ଛକ ନିକଟରେ ଉପରୋକ୍ତ ପୋଲିସ କର୍ମଚାରୀମାନେ ବସ୍‌ରୁ ତାଙ୍କୁ ଓହ୍ଲାଇ ଦେଇଥିଲେ। ବରଗଡ଼ ସଦର ଥାନାକୁ ନେଇ ତାଙ୍କଠାରୁ ନଗଦ ସାଢ଼େ ୪ଲକ୍ଷ ଟଙ୍କା ଲୁଟି ନେଇଥିଲେ । ଏ ନେଇ ନନ୍ଦଲାଲ ସଦର ଥାନାରେ ଏତଲା ଦେବା ପରେ ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଦଫା ୩୮୭, ୩୮୮, ୧୨୦(ବି) ଆଇପିସିରେ ଏକ ମାମଲା(ନଂ-୧୮୭/୧୮) ରୁଜୁ ସହିତ ସେମାନଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କ ପାଖରୁ ଲୁଟ୍ ଟଙ୍କା ମଧ୍ୟ ଉଦ୍ଧାର ହୋଇଥିଲା । ଗତମାସ ୨୮ତାରିଖ ଏହି ଘଟଣାକୁ ନେଇ ଏସ୍‌ପି ମୁକେଶ କୁମାର ଭାମୁଙ୍କ ଉପସ୍ଥିତିରେ ସ୍ଥାନୀୟ ଏସଡ଼ିପିଓ ଅଫିସରେ ଏକ ଖବରଦାତା ସମ୍ମିଳନୀ ଚାଲିଥିଲା । ଖବରଦାତା ସମ୍ମିଳନୀରେ ଉପସ୍ଥିତ ଖବରଦାତାମାନେ ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କ ମୁହଁ ଖୋଲିବାକୁ ଏସ୍‌ପିଙ୍କୁ କହିଥିଲେ । ଏସପି ଭାମୁ କିନ୍ତୁ ମୁହଁ ଖୋଲି ନ ଥିଲେ। ଟି.ଆଇ ପରେଡ୍ ହେବ ବୋଲି କହିଥିଲେ । ସେତେବେଳେ ଏହାକୁ ନେଇ ଏସ୍‌ପି ଖବରଦାତାଙ୍କ ପ୍ରତି ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିଥିଲେ। ଏଣୁ ଖବରଦାତାମାନେ ଖବରଦାତା ସମ୍ମିଳନୀ ବର୍ଜନ କରିଥିଲେ। ପରେ ସମ୍ବଲପୁର ଯାଇ ଉତ୍ତରାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇଙ୍କୁ ଭେଟିଥିଲେ। ପରେ ଡିଆଇଜି ଭୋଇଙ୍କ ହସ୍ତକ୍ଷେପ ପରେ ଏସ୍‌ପି ଓ ଖବରଦାତାଙ୍କ ମଧ୍ୟରେ ଉପୁଜିଥିବା ବିବାଦର ଆପୋସ ସମାଧାନ ହୋଇଥିଲା।



ସ୍ୱାସ୍ଥ୍ୟ କର୍ମଚାରୀମାନେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

## ଜିଲାପାଳଙ୍କୁ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସ୍ମାରକପତ୍ର

ବରଗଡ଼ ଅଫିସ୍,୭।୯

ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ବରଗଡ଼ ଜିଲା ଶାଖା ପକ୍ଷରୁ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ୬ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ସମାନ କାମକୁ ସମାନ ଦରମା, ସମସ୍ତ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟବୀମା ପ୍ରଦାନ, ପ୍ରୋତ୍ସାହନ ରାଶି ଉଚ୍ଛେଦ, ନିୟମିତ ସ୍ୱାସ୍ଥ୍ୟ ପରିଚାଳନା କର୍ମଚାରୀ ପଦବୀ ସୃଷ୍ଟି ଏବଂ ସମସ୍ତଙ୍କୁ ଇପିଏଫ୍ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଦାବି ହୋଇଛି। ସେହିପରି ଏହି ଦାବି ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଦୋରାଙ୍କୁ ମଧ୍ୟ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ସ୍ମାରକପତ୍ର ପ୍ରଦାନ ବେଳେ ସଂଘର ସଭାପତି ବେଦବ୍ୟାସ ହୋତାଙ୍କ ନେତୃତ୍ୱରେ ଜିଲାର ସମସ୍ତ ବ୍ଲକର ଏନ୍‌ଏଚ୍‌ଏମ୍ କର୍ମଚାରୀ ଉପସ୍ଥିତ ଥିଲେ ।

## ଭଟଲିରେ ଲଗାଣ ବର୍ଷା: ସ୍କୁଲ ଛୁଟି

ଭଟଲି,୭।୯(ଡି.ଏନ୍.ଏ)

ଗତ ଗୁରୁବାର ଅପରାହ୍ନରୁ ଲାଗିରହିଥିବା ଲଗାଣ ବର୍ଷା ଯୋଗୁ ଭଟଲି ବେହାଲ ହୋଇପଡ଼ିଛି । ଭଟଲି ବ୍ଲକର ଜୀରା ନଦୀ, ଗିରିସୁଲ ନଦୀ ସହ ଆଖପାଖ ବିଭିନ୍ନ ନଦୀରେ ପୋଲ ଉପରେ ପାଣି ଚାଲିଥିବା ବେଳେ ଗମନାଗମନରେ ଅସୁବିଧା ପରିଲକ୍ଷିତ ହୋଇଛି। ଶୁକ୍ରବାର ବ୍ଲକର ବିଭିନ୍ନ ବିଦ୍ୟାଳୟରେ ପାଣି ଭରି ରହିଛି। ଏପରି କି ଅନେକ ବିଦ୍ୟାଳୟ ପରିସରରେ ରହିଥିବା ବଡ଼ବଡ଼ ଗଛ ବର୍ଷା ଯୋଗୁ ଉପୁଡ଼ିପଡ଼ିଥିବା ଜଣାପଡିଛି। ଲଗାଣ ବର୍ଷାକୁ ଦେଖି ସରକାର ଗୁରୁବାର ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ସହିତ ଭୁବନେଶ୍ୱରର ସ୍କୁଲଗୁଡ଼ିକ ବନ୍ଦ ଘୋଷଣା କରିଛନ୍ତି। ଏପରି କି ଜିଲାପାଳମାନଙ୍କୁ ଜିଲାର ପରିସ୍ଥିତି ଦେଖି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ମଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ବରଗଡ଼ ଜିଲାର ସମସ୍ତ ସ୍କୁଲ ଦିନକ ପାଇଁ ଛୁଟି ଘୋଷଣା କରିଛନ୍ତି।

## ଉନ୍ନୟନ ଆଳରେ ଅନୁଦାନ ଟଙ୍କାର ଦୁରୁପଯୋଗ

ବରଗଡ଼ ଅଫିସ୍,୭।୯

ବରଗଡ଼ ବ୍ଲକ ଅଧୀନ ତାଲଶ୍ରୀଗିଡ଼ା ଗ୍ରାମରେ ବିଭିନ୍ନ ଉନ୍ନୟନ କାମ ଆଳରେ ସରକାରୀ ଅନୁଦାନ ଟଙ୍କା ଦୁରୁପଯୋଗ କରାଯାଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ଏ ନେଇ ବରଗଡ଼ ବିଡ଼ିଓ ଶରତ ବାଗଙ୍କୁ ଫେରାଦ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ଏହା ସହିତ ଭିଜିଲାନ୍ସ ଏବଂ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଗ୍ରାମବାସୀ କହିଛନ୍ତି। ପ୍ରକାଶ ଯେ, ଗ୍ରାମର ତ୍ରିଶୂଳ ବନ୍ଧରେ ପାଚେରି ନିର୍ମାଣ ପାଇଁ ୭୮ହଜାର ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା। ମାତ୍ର ସେହି କାମ କରା ନ ଯାଇ ଗ୍ରାମର ଅନ୍ୟ ଏକ ଜଳାଶୟ ଭଙ୍ଗାକଁଟାର ପୁରୁଣା ପାଚେରିରେ ଅଳ୍ପକିଛି କାମ କରାଯାଇ ସେହି ଅନୁଦାନ ଟଙ୍କା ହଡ଼ପ କରାଯାଇଛି। ସେହିପରି ଗ୍ରାମର ସ୍ୱର୍ଗତ ବୁଧୁ ସାହୁ ତାଙ୍କ ମୃତପୁଅଙ୍କ ସ୍ମୃତିରେ ସ୍ଥାନୀୟ ଫୁଟବଲ ପଡ଼ିଆରେ ନିଜ ଖର୍ଚ୍ଚରେ ଏକ ଗୃହ ନିର୍ମାଣ କରିଥିଲେ । କିନ୍ତୁ ସେହି ଗୃହ ନାମରେ ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଇ ସରକାରୀ ଅନୁଦାନର ଅପବ୍ୟହାର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନୁରୂପ ଭାବେ ସ୍ଥାନୀୟ ଜଙ୍ଗଲମୁଡ଼ାର ମାଟିକାମ ପାଇଁ ୨ଲକ୍ଷ ଏବଂ ଖଲିଆମୁଡ଼ାର ମାଟି କାମ ପାଇଁ ୧ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା । ମାତ୍ର ଏଠାରେ ମଧ ଠିକ୍‌ଭାବେ ମାଟିକାମ କରା ନ ଯାଇ ବିଲ୍ ଉଠାଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମର ନେପାଳ ଭୋଇ, ହରିହର ସାହୁ, ଗଣେଶ ସାହୁ, ଏକାଦଶିଆ ବେହେରା ପ୍ରମୁଖ ବିଡ଼ିଓଙ୍କ ପାଖକୁ ଆସି ଏଭଳି ଅଭିଯୋଗ ସହ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ବୀମା ବିଭ୍ରାଟର ପ୍ରତିବାଦ, ଝାରବନ୍ଧ ବନ୍ଦ

ବରଗଡ଼ ଅଫିସ୍/ଝାରବନ୍ଧ,୭।୯

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାଟବଣା ହୋଇପଡ଼ିଛି। ଏହାକୁ ନେଇ ଚାଷୀ ଅସନ୍ତୋଷ ତୀବ୍ର ହେବାରେ ଲାଗିଥିବା ବେଳେ କ୍ରମାଗତ ଭାବେ ଆନ୍ଦୋଳନ ଜାରିରହିଛି। ଶୁକ୍ରବାର ଝାରବନ୍ଧ ବ୍ଲକ କୃଷକ ସଂଘ ପକ୍ଷରୁ ଝାରବନ୍ଧ ବନ୍ଦ ପାଳନ କରାଯାଇଥିଲା। ଫଳରେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ଦୋକାନ ବଜାର ବନ୍ଦ ରହିଥିଲା। ଚାଷୀମାନେ ସ୍ଥାନୀୟ ଚାନ୍ଦିନୀଚୌକଠାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଛତିଶଗଡ଼ର ବସନା, ସାଁକରା, ପାଇକମାଲକୁ ଯାତାୟାତ ଠପ୍ ହୋଇଯାଇଛି । ବୀମା କମ୍ପାନୀ ଚାଷୀଙ୍କ ହକ୍ ମୁତାବକ ବୀମା କ୍ଷତିପୂରଣ ଦେବା ବଦଳରେ ନାନା ଆଳ ଦେଖାଇ ସେଥିରେ କାଟ୍‌ଛାଟ୍ କରୁଛି। ଏହାର ପ୍ରତିବାଦରେ ଚାଷୀମାନେ ଏଭଳି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବ୍ଲକର ୭ ପଞ୍ଚାୟତରେ ବୀମା କ୍ଷତିପୂରଣ ପ୍ରଦାନରେ ଏଭଳି ପାତରଅନ୍ତର ନୀତି କରାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଉକ୍ତ ବ୍ଲକର ଅମଠି ପଞ୍ଚାୟତରେ ହେକ୍ଟର ପ୍ରତି ୪୦ହଜାର ୫୫୬ ପରିବର୍ତ୍ତେ ୨୪ହଜାର ୫୬୮, ଭୈସାଦର୍ହାରେ ୩୮ହଜାର ୪୨୫ ବଦଳରେ ୨୩ହଜାର ୧୧୬, ଉଭା ପଞ୍ଚାୟତରେ ୪୮ହଜାର ୭୭୦ ପରିବର୍ତ୍ତେ ୩୪ହଜାର ୯୨୨ ଟଙ୍କା ବୀମା କ୍ଷତିପୂରଣ ଆକଳନ କରାଯାଇଛି। ଅନୁରୂପଭାବେ ବୀମା କ୍ଷତିପୂରଣକୁ ଝାରବନ୍ଧ ପଞ୍ଚାୟତରେ ୪୧ହଜାର ୫୧୦ରୁ ୧୪ହଜାର ୬୬୧, କନ୍ଦାଡଙ୍ଗର ପଞ୍ଚାୟତରେ ୪୭ହଜାର ୩୨୫ରୁ ୨୪ହଜାର ୧୬୯, କୁମୀର ପଞ୍ଚାୟତରେ ୪୮ହଜାର ୨୯୪ରୁ ୧୪ହଜାର ୧୮୨ ଏବଂ ଚଣ୍ଡୀଭଟା ପଞ୍ଚାୟତରେ ୪୨ହଜାର ୭୬୬ରୁ ୧୯ହଜାର ୨୬୦ ଟଙ୍କା ଖସାଇ ଦିଆଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏଭଳିଭାବେ ଉକ୍ତ ବ୍ଲକର ୪୩୫୪ କ୍ଷତିଗ୍ରସ୍ତ ଚାଷୀଙ୍କ ୭କୋଟି ୯୬ଲକ୍ଷ ୭୩ହଜାର ୪୫୫ ଟଙ୍କା ବୀମା କ୍ଷତିପୂରଣ ପ୍ରଦାନରେ ପାତରଅନ୍ତର କରାଯାଇଛି ବୋଲି ଅଭିଯୋଗ ହୋଇଛି ଏବଂ ଏହାର ପ୍ରତିବାଦରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ତେବେ ପଦ୍ମପୁର ଉପ ଜିଲାପାଳ ଦୌଲତ ଚନ୍ଦ୍ରକାର ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏହି ଆଲୋଚନା ପରେ ଚାଷୀମାନେ ସେମାନଙ୍କ ଆନ୍ଦୋଳନକୁ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ପାଇଁ କଥା ଦେଇଥିଲେ।




ବୀମା ବିଭ୍ରାଟର ପ୍ରତିବାଦରେ ଝାରବନ୍ଧରେ ରାସ୍ତାରେ ଟାୟାର ଜାଳି ବନ୍ଦ ପାଳନ କରାଯାଉଛି ।

## ସଂକ୍ଷେପରେ

### ଥୁଆପାଲି-ଲୁପୁରସିଂହା ରାସ୍ତା ପାଇଁ ୨୫ ଲକ୍ଷ ଟଙ୍କା ମଞ୍ଜୁର

**ଭେଡ଼େନ,୭।୯(ଡି.ଏନ.ଏ.):** ବରଗଡ଼ ଜିଲା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭେଡ଼େନ ଓ ଅତାବିରା ବ୍ଲକକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଭେଡ଼େନ ବ୍ଲକ ଅନ୍ତର୍ଗତ ପପଙ୍ଗା ରେଙ୍ଗାଲି କ୍ୟାମ୍ପ ରାସ୍ତାର ଥୁଆପାଲିରୁ ଲୁପୁରସିଂହା ମଧ୍ୟରେ ଥିବା ଅଂଶ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଗତ ବର୍ଷ ରାସ୍ତାର ମରାମତି କରାଯାଇଥିଲେ ମଧ ଗୋଟିଏ ବର୍ଷାରେ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଲାଣି। ତେବେ ଏହି ରାସ୍ତାର ସମ୍ପୂର୍ଣ୍ଣ ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨୫ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ପତ୍ର ସଂଖ୍ୟା ୧୬୫୮୦/ବିଟିଏସି ଏଲଟ ୨୦୧୭/୧୮ ଅନୁସାରେ ଏହି ଅର୍ଥ ମଞ୍ଜୁର କରାଯାଇଛି।



### ନୂତନ ବିଡିଓଙ୍କ ଯୋଗଦାନ

**ଡୁଙ୍ଗୁରିପାଲି,୭।୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ କାର୍ଯ୍ୟାଳୟରେ ଶୁକ୍ରବାର ନୂତନ ବିଡିଓ ଯୋଗଦେଇଛନ୍ତି । ଏକ ମାସ ହେବ ଡୁଙ୍ଗୁରିପାଲି ବ୍ଲକରେ ବିଡିଓ ନ ଥିବାରୁ ଏବିଡିଓ ଶଶି ଭୁଷଣ ପ୍ରଧାନ କାର୍ଯ୍ୟ ତୁଲାଉ ଥିଲେ। ଶୁକ୍ରବାର ନୂତନ ବିଡିଓ ଭାବେ ସହଦେବ ସମାଧିଆ ଯୋଗ ଦେଇ ଏବିଡିଓଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଡିଓ ସମାଧିଆ ଏହା ପୂର୍ବରୁ ବରଗଡ ଜିଲା ଅମ୍ବାଭୋନା ବ୍ଲକରେ କାର୍ଯ୍ୟ କରୁଥିଲେ । ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ତଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କା ଘର ଯୋଜନାରେ ଲୋକେ କିପରି ଟଙ୍କା ଠିକ୍ ସମୟରେ ହିତାଧିକାରୀ ପାଇ ପାରିବେ ଓ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଭତ୍ତା ଠିକ ଭାବରେ ଯେପରି ହିତାଧିକାରୀ ପାଇ ପାରିବେ ପ୍ରଥମେ ମୁଁ ଚେଷ୍ଟା କରିବି ବୋଲି ପ୍ରକାଶ କରିଥିଲେ ।

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ୨ ଭାଇ ଗୁରୁତର

**ପୁରୁଣାକଟକ,୭।୯(ଡି.ଏନ.ଏ.):** ହରଭଙ୍ଗା ଥାନା ଛତ୍ରଙ୍ଗ-ଚାରିଛକ ପୂର୍ତ୍ତବିଭାଗ ରାସ୍ତାର କୈଳାଶୀ ପୋଲ ନିକଟରେ ଶୁକ୍ରବାର ଅପରାହ୍ନରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବିଞ୍ଝିଗଡ ଗ୍ରାମର ଆଲୋକ ଦେହୁରୀ ଏବଂ ତାଙ୍କ ଭାଇ ସନଜ ଦେହୁରୀ (୨୨) ଗୁରୁତର ହୋଇଛନ୍ତି। ମଲିକପଡାର ନରେନ୍ଦ୍ର ବେହେରା ନାମକ ଜଣେ ଯଚବକ ଛତ୍ରଙ୍ଗରୁ ଚାରିଛକ ଯାଉଥିଲେ। ଏହି ସମୟରେ ବୀପରିତ ପଟୁ ବିଞ୍ଝିଗଡ ଗ୍ରାମର ଆଲୋକ ଏବଂ ସନଜ ବାଇକରେ ଅସୁଥିଲେ। କୈଳାଶୀ ନାଳ ବୁଲାଣି ରାସ୍ତା ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଆଲୋକ ଏବଂ ସନଜ ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳରୁ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ପୁରୁଣାକଟକ ମେଡିକାଲ ନିଆଯାଇଥିଲା। ଉଭୟଙ୍କ ଅବସ୍ଥା ଗୁରୁତର ହେବାରୁ ସେଠାରୁ ବୌଦ୍ଧ ସ୍ଥାନାନ୍ତରିତ କରାଯାଇଛି । ହରଭଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଛି।

---

ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

# ଚାଷୀଙ୍କ ଆୟ ବୃଦ୍ଧି କରିବାକୁ ଗୁରୁତ୍ୱ

ସୋନପୁର,୭।୯(ନି.ପ୍ର.)

ସାମ୍ପ୍ରତିକ ପରିସ୍ଥିତିରେ ଜଳବାୟୁ ତଥା ପ୍ରାକୃତିକ ସମ୍ବଳର ସଂରକ୍ଷଣ, କୃଷି କ୍ଷେତ୍ରରେ ରୋଗପୋକର ପ୍ରାଦୁର୍ଭାବକୁ ଦୃଷ୍ଟିରେ ରଖି କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଶୁକ୍ରବାର ୧୫ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ ତାଲିମ ଓ ଚାଷ ସମୟରେ ଉପଯୁକ୍ତ ପରାମର୍ଶ ପ୍ରଦାନ ଉପରେ ଗୁରୁତ୍ୱ ଦେଇଥିଲେ । ସୁବର୍ଣ୍ଣପୁର ଖାଦ୍ୟ ଉତ୍ପାଦନରେ ଏକ ବଳକା ଜିଲା । ତେଣୁ ନୂତନ ଜ୍ଞାନ କୌଶଳ ଆପଣେଇ ଚାଷୀଙ୍କ ଆୟକୁ କିଭଳି ଆହୁରି ବୃଦ୍ଧି କରାଯାଇ ପାରିବ ସେଥିପ୍ରତି କୃଷି ବୈଜ୍ଞାନିକ ଓ କୃଷି ବିଭାଗର ଅଧିକାରୀ ଦୃଷ୍ଟି ଦେବାକୁ ଜିଲାପାଳ କହିଥିଲେ । କଲିକତାସ୍ଥିତ ଏଗ୍ରିକଲଚର ଟେକନୋଲୋଜି ଏଣ୍ଡ ଏପ୍ଲିକେଶନ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍(ଅଟାରୀ)ର ନିର୍ଦ୍ଦେଶକ ଡା. ଏସଏସସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମନ୍ୱିତ ଚାଷ ପ୍ରଣାଳୀ ତଥା ଅଣ ଜଳସେଚିତ ଉଚ୍ଚ ଜମିରେ ଡାଲି ଜାତୀୟ ଫସଲ ଓ ଉଦ୍ୟାନ କୃଷି କରିବାକୁ କହିଥିଲେ । ଓୟୁଏଟିର ଯୁଗ୍ମ ନିର୍ଦ୍ଦେଶକ ସମ୍ପ୍ରସାରଣ ନିର୍ଦ୍ଦେଶାଳୟ ଡ. ପ୍ରସନଜିତ୍ ମିଶ୍ର କୃଷି କ୍ଷେତ୍ରରେ ହେଉଥିବା ଗବେଷଣାଲବ୍ଧ, ଜ୍ଞାନ କୌଶଳକୁ ସୂଚାରୁରୁପେ ଚାଷ କ୍ଷେତ୍ରରେ ବିଭିନ୍ନ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଦ୍ୱାରା ପହଞ୍ଚାଇବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ସେହିପରି କଟକସ୍ଥିତ ଧାନଗବେଷଣା କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡାକ୍ତର ମଧୁମିତା ଦାସ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଅଧିକରୁ ଅଧିକ ଚାଷୀଙ୍କୁ ବୈଷୟିକ ଜ୍ଞାନର ଆବଶ୍ୟକ ରହିଛି ବୋଲି କହିଥିଲେ । ସୋନପୁର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ଜୀବନଜିତ୍ ସେନ୍ ଗତ ବର୍ଷର ସଫଳତା ଓ ୨୦୧୮-୧୯ ବର୍ଷ ପାଇଁ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ସୋନପୁର କେଭିକେ ଭଲ କାମ ପାଇଁ ଏ ର୍ୟାଙ୍କିଙ୍ଗ ପାଇଥିବା ଡ. ସେନ୍ ସୂଚନା ଦେଇଥିଲେ । ବୈଜ୍ଞାନିକ ଉଦ୍ଭିଦ ବିଜ୍ଞାନ ଗୀତାଞ୍ଜଳି ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ କେଭିକେର ତ୍ରୈମାସିକ ସମାଚାର ପତ୍ର ସୁବର୍ଣ୍ଣା, ଡ୍ରାଗନ ଫଳଚାଷ, ଫସଲ ଉତ୍ପାଦନ ବୃଦ୍ଧି ପାଇଁ ଅନାବନା ଘାସ ନିୟନ୍ତ୍ରଣ ଓ କଡକନାଥ କୁକୁଡା ଚାଷ ସମ୍ପର୍କିତ ପୁସ୍ତିକାକୁ ଅତିଥିବୃନ୍ଦ ଉନ୍ମୋଚନ କରିଥିଲେ। ଡିଡିଏମ ନାବାର୍ଡ ତାପସ ଶଙ୍କର ରାଉତ, ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ ଜେନା, ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜବନ୍ଧୁ ପାଣିଗ୍ରାହୀ, ଏଲଡିଏମ ସରୋଜ ଦାଶ, ଜିଲା ମତ୍ସ୍ୟ ଅଧିକାରୀ ପ୍ରଦୀପ ଦେ ଓ ସହକାରୀ ନିର୍ଦ୍ଦେଶକ ଉଦ୍ୟାନ କୃଷି ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ବୈଜ୍ଞାନିକ ସୁରୋଜ୍ୟୋତି ପ୍ରଧାନ, ସୁପ୍ରଭା ସେଠୀ, ନିହାର ମଲ୍ଲିକ, ତନ୍ମୟ ନନ୍ଦ ଓ ମନୋଜ ଜେନା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । ପ୍ରୋଗାମର ପ୍ରିୟମ୍ବଦା ଲୋପାମୁଦ୍ରା ରାୟ ଧନ୍ୟବାଦ ପ୍ରଦାନ କରିଥିଲେ ।



ଅତିଥି ବୃନ୍ଦ ସମାଚାର ପତ୍ରକୁ ଉନ୍ମୋଚନ କରୁଛନ୍ତି ।

### ଗାଁ ଦାଣ୍ଡରେ ବିଦ୍ୟୁତ୍ ଖୁଣ୍ଟ ଫାଟି ଆଁ କରିଛି

**ସିଂଘିଯୁବା,୭।୯(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ଭଣ୍ଡାର ଗ୍ରାମପଞ୍ଚାୟତ ଅଧୀନ ଝାର କଦଳୀପାଲି ଗାଁ । ଏହି ଗାଁର ଲୋକସଂଖ୍ୟା ୧୨ଶହରୁ ଉର୍ଦ୍ଧ୍ୱ । ଝାର କଦଳୀପାଲି ଗାଁ ରାସ୍ତା ଦେଇ ପ୍ରତିଦିନ ଭଣ୍ଡାର,ବୃଳିମାଳ,ସିଲାଟି , ପାପୀ , ସିଂଘିଯୁବା ସହ ବିଭିନ୍ନ ଅଞ୍ଚଳର ଲୋକେ ବିନିକା ,ରାମପୁର ,ସୋନପୁର ଆଦି ସ୍ଥାନକୁ ଯାତାୟତ କରିଥାନ୍ତି । ହେଲେ ଗାଁ ମଝି ଦାଣ୍ଡରେ ଥିବା ବିଦ୍ୟୁତ୍ ଖୁଣ୍ଟଟି ବିପଦସଙ୍କୁଳ ଅବସ୍ଥାରେ ରହିଛି । ସିମେଣ୍ଟ ଛାଡିବା ପରେ ଲୁହା ଛଡ ବର୍ଷାରେ ଭିଜି କଳଙ୍କି ଲାଗି ଦୁର୍ବଳ ହୋଇପଡ଼ିଛି । ଆଜକୁ ପ୍ରାୟ ୩ ବର୍ଷ ହେବ ବିଦ୍ୟୁତ୍ ଖୁଣ୍ଟ ଏପରି ଅବସ୍ଥାରେ ରହିଛି । ଏନେଇ ଗ୍ରାମବାସୀ ବାରମ୍ବାର ବିନିକା ବିଭାଗୀୟ ଏସ୍‌ଡିଓ, ଜେଇଙ୍କୁ ଜଣାଇଲେ ମଧ୍ୟ କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ । କେବଳ ପ୍ରତିଶ୍ରୁତି ମିଳୁଛି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯେ କୌଣସି ସମୟରେ ଏହି ଖୁଣ୍ଟଟି ଭାଙ୍ଗି ପଡିବା ଆଶଙ୍କା ପ୍ରକାଶ ପାଇଛି । ଯଦି ସେମିତି କୌଣସି ଦୁର୍ଘଟଣା ଘଟେ ତେବେ ବିଭାଗୀୟ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଗ୍ରାମବାସୀ କହିଛନ୍ତି।

## ଲଗାଣ ବର୍ଷାରେ ଭାଙ୍ଗିଲା ଶତାଧିକ ଘର

**ଅମରପାଲି, ୭।୯ (ଡି.ଏନ.ଏ.)**

ସାରା ଓଡିଶାରେ ୩ ଦିନ ଧରି ବର୍ଷା ଲାଗି ରହିଥିବା ବେଳେ ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ଅଞ୍ଚଳରେ ମଧ ବର୍ଷାରେ ତାଣ୍ଡବ ଦେଖିବାକୁ ମିଳିଛି। ତୁହାକୁ ତୁହା ବର୍ଷା ଯୋଗୁ ରାସ୍ତାଘାଟ ଜନଶୂନ୍ୟ ହୋଇଯାଇଥିଲା। ଯୋର, ନାଳରେ ପାଣି ଫୁଲି ଉଠିଥିଲା। ଅନେକ ସ୍ଥାନରେ ପୋଲ ଉପରେ ପାଣି ଯାଉଥିବାରୁ ଯାତାୟତରେ ବ୍ୟାଘାତ ସୃଷ୍ଟି ହୋଇଥିଲା । ମାଟିଘର କରି ରହିଥିବା ଲୋକେ ହଇରାଣ ହୋଇଥିଲେ । ଏପରି କି ସମଗ୍ର ବୀରମହାରାଜପୁର ଉପଖଣ୍ଡରେ ଶତାଧିକ ମାଟିଘର ଭାଙ୍ଗି ଯାଇଥିବା ଅଭିଯୋଗ ହେଉଛି । ବ୍ଲକର ଖଣ୍ଡହତା ଗ୍ରାମର ମାଧବୀ ପଧାନ, ଦୁର୍ଯ୍ୟୋଧନ ଥାଟି, ପ୍ରଦୀପ ପଧାନ, ଗୁରୁଦେବ ପଧାନ, ସରସ୍ୱତୀ ମେହେର, ଚିତ୍ରସେନ ମେହେର ସମେତ ବହୁ ଲୋକଙ୍କ ଘର କାନ୍ଥ ଭାଙ୍ଗି ଯାଇଛି । ଏପରି କି ଏକାଧିକ ଲୋକଙ୍କ ଘର ସଂପୂର୍ଣ୍ଣ ଭାଙ୍ଗି ଯାଇଛି । ସେହିପରି ବହଲପଦର ଗ୍ରାମ ପଞ୍ଚାୟତର ଅମରପାଲି ଗ୍ରାମର ଶଙ୍କର ସାହୁ, ଯଶୋବନ୍ତୀ ଭୁଇ, ବଳଭଦ୍ର ବିଶ୍ୱାଳ, ଅରବିନ୍ଦ ସାହୁ, ମହେନ୍ଦ୍ର ମାଝୀ ପ୍ରମୁଖଙ୍କ ଘର ଭାଙ୍ଗିଛି । ଯଶୋବନ୍ତୀଙ୍କ ଘର ସଂପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ସେ ଏବେ ଅନ୍ୟଘରେ ତାଙ୍କ ଏକ ମାତ୍ର ଝିଅ ଓ ଦୁଇ ନାବାଳକ ପୁଅଙ୍କ ସହିତ ଆଶ୍ରୟ ନେଇଛନ୍ତି । ଘର ଭାଙ୍ଗି ଯାଇଥିଲେ ମଧ ଜିଲାପ୍ରଶାସନ ପକ୍ଷରୁ ପଲିଥିନ ମଧ ଦିଆଯାଇ ନାହିଁ । ପ୍ରାୟ ଅଧିକାଂଶ ଲୋକ ଗରୀବ ଶ୍ରେଣୀର ହୋଇଥିବାରୁ ସେମାନଙ୍କୁ ଯଥାଶୀଘ୍ର ସରକାରୀ ସହାୟତା ଓ ପକ୍କା ଘର ଯୋଗାଇ ଦେବାକୁ ଦାବି ହେଉଛି ।

## ସମୂହ ଛୁଟିରେ ଯିବେ ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ

**ସୋନପୁର,୭।୯(ନି.ପ୍ର.)**

ସେପ୍ଟେମ୍ବର ୧୦ତାରିଖରୁ ସମୂହ ଛୁଟିରେ ଯିବେ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନଏଚଏମ) କର୍ମଚାରୀ । ରାଜ୍ୟ ସରକାର ସେମାନଙ୍କ ଦାବି ପ୍ରତି ଅଣଦେଖା ମନୋଭାବ ପୋଷଣ କରୁଥିବାରୁ କର୍ମଚାରୀମାନେ କାର୍ଯ୍ୟବନ୍ଦ କରି ଆନ୍ଦୋଳନ କରିବେ । ୩ ମାସ ଭିତରେ ସରକାରଙ୍କ ଠାରୁ ଦାବି ପୂରଣର ପ୍ରତିଶ୍ରୁତି ମିଳିଥିଲାବେଳେ ୬ମାସ ପରେ ବି ଦାବି ପୂରଣ ହୋଇନି । ଏଭଳି ଅଭିଯୋଗ ନେଇ ଓଡିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ସଂଘର ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ଶୁକ୍ରବାର ଏକ ବୈଠକ ହୋଇଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ କର୍ମଚାରୀମାନେ ୬ ଦଫା ଦାବି ନେଇ କଳାବ୍ୟାଜ୍ ପିନ୍ଧି କାମ କରୁଥିବାବେଳେ ସୋମବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ । ଏନଏଚଏମ୍ କର୍ମଚାରୀଙ୍କ ଦରମା ଅସଙ୍ଗତି ଦୂର କରିବା, ବାର୍ଷିକ ପଦୋନ୍ନତି, ଭତ୍ତା, ନନ୍ ମେଡିକୋ ପବ୍ଲିକ୍ ମ୍ୟାନେଜ୍‌ମେଣ୍ଟ କ୍ୟାଡର ଗଠନ, ପ୍ରଦର୍ଶନ ଭିତ୍ତିକ ପ୍ରୋତ୍ସାହନ ବ୍ୟବସ୍ଥା ଉଚ୍ଛେଦ, କର୍ମଚାରୀଙ୍କ କ୍ଷେତ୍ରରେ ଇଏସଆଇ, ଇପିଏଫ ଓ କ୍ୟାସଲେସ୍ ସ୍ୱାସ୍ଥ୍ୟବୀମା ପଲିସି ଲାଗୁ କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି । ଏହି ଦାବି ନେଇ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ସୋମବାର ଭୁବନେଶ୍ୱର ପିଏମଜିରେ ହେବାକୁ ଥିବା ଧାରଣାରେ ଜିଲାର ବିଭିନ୍ନ ବ୍ଲକ ଓ ସହରାଞ୍ଚଳରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ଅଂଶଗ୍ରହଣ କରିବେ ବୋଲି ଏନଏଚଏମର ଜିଲା ପ୍ରକଳ୍ପ ପରିଚାଳିକା ମୌସୁମୀ ମିଶ୍ର ଜଣାଇଛନ୍ତି। ଏହି ବୈଠକରେ ଡିଏମ ସରୋଜ ପଣ୍ଡା, ଡିଏମଆରସିଏଚ ମଧୁସ୍ମିତା ପାତ୍ର, ଡିଡିଏମ ପ୍ରଦୀପ ସାହୁଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ମିଶନ କର୍ମଚାରୀ ଉପସ୍ଥିତ ଥିଲେ ।




ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଆନ୍ଦୋଳନରତ କର୍ମଚାରୀ ବୃନ୍ଦ ।



ବାଉଁଶୁଣୀ ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ଶିକ୍ଷା ତାଲିମ କାର୍ଯ୍ୟକ୍ରମରେ ଛାତ୍ରୀମାନେ ତାଲିମ ନେଉଛନ୍ତି।

## ଆତ୍ମରକ୍ଷା କୌଶଳ ଶିକ୍ଷା ତାଲିମ

**ବାଉଁଶୁଣୀ, ୭।୯(ଡି.ଏନ.ଏ.)**

ବାଉଁଶୁଣୀ ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ଶିକ୍ଷା ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି। ଉଦ୍‌ଯାପନୀ ସଭାରେ ପ୍ରଧାନ ଶିକ୍ଷକ ଧନେଶ୍ୱର ମଣ୍ଡଳ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଡାକ୍ତର ପ୍ରିୟବ୍ରତ ବେହେରା, ବବିତା ଦେହୁରୀ, ସୁରେନ୍ଦ୍ର ଦାସ, ସନ୍ଧ୍ୟାରାଣୀ ମିଶ୍ର, ପଞ୍ଚାନନ ମିଶ୍ର, ସଚଳା ଗୁରୁ, ଉପେନ୍ଦ୍ର ପ୍ରଧାନ, ସନ୍ତୋଷ ହାତୀ, ଖଗେଶ୍ୱର ମେହେର, ଲିଙ୍ଗରାଜ ମେହେର, ସୋଲେହା କାନଜି ବୁଖାରୀ, ସୁନୀତି ଜଗଦଲା, ଶିବାବାଇ ତରିଆ, ପଙ୍କଜିନୀ ପୃଷ୍ଟି, ମନୋଜ ଖମାରୀ ପ୍ରମୁଖ ଯୋଗ ଦେଇଥିଲେ। ଅନଙ୍ଗ ନାରାୟଣ ବେହେରା ଓ ଶିକ୍ଷୟିତ୍ରୀ ଅଶାନ୍ତି ନାଏକ ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ। ସୁରେନ୍ଦ୍ରନାଥ ଦାସ ଅତିଥି ପରିଚୟ ଦେଇଥିଲେ। ପ୍ରଫୁଲ୍ଲ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍‌କୁ ପଛରୁ ପିଟି ଓଲଟିଲା ଟ୍ରକ୍

ତଳଗାଁ, ୭।୯ (ଡି.ଏନ.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ (ଏନଏଚ-୫୭)ର ବଦଲା ନିକଟରେ ଏକ କାରକୁ ପଛରୁ ଗୋଟିଏ ଟ୍ରକ୍ ପିଟିଛି । ଏଥି ଯୋଗୁ ଘଟଣା ସ୍ଥଳରେ କାର ଚାଳକ ଜାରିଙ୍ଗ ଗାଁର କୁନା ମାଝି(୪୦)ଙ୍କ ମୃତ୍ୟୁ ଘଟିଛି । ଟ୍ରକ୍ ଚାଳକ ନୟାଗଡ ଜିଲା ଖଣ୍ଡପଡା ଥାନା ମର୍ଦ୍ଧରାଜପୁରର ପଦ୍ମନାଭ ପ୍ରଧାନ ଆହତ ହୋଇଛନ୍ତି ।

ଗୁରୁବାର ରାତି ପ୍ରାୟ ୨ଟା ବେଳେ କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳରୁ କାର (ଓଡି୦୨ଏନ୭୭୧୧)ଟି ଭୁବନେଶ୍ୱର ଯାଉଥିଲା । ଘଟଣାସ୍ଥଳରେ କାର ଚକ ପଙ୍କଚର ହେବା ଯୋଗୁ ରାସ୍ତା କଡରେ ଗାଡିକୁ ଅଟକାଇ ଚାଳକ କୁନା ଗାଡିର ଚକ ବଦଳ କରୁଥିଲେ। ଏତିକିବେଳେ ବରଗଡରୁ ଭୁବନେଶ୍ୱର ଯାଉଥିବା ଏକ ବାଇଗଣ ବୋଝେଇ ଟ୍ରକ୍ (ଓଡି-୦୨ଏଇ ୪୨୪୧ ) କାରକୁ ପଛପଟୁ ଧକ୍କା ଦେଇଥିଲା। କାର ଚାଳକ ୧୦୦ ଫୁଟ ଦୂରକୁ ଘୋଷାଡି ହୋଇ ଯାଇଥିଲେ। ଟ୍ରକଟି ମଧ ରାସ୍ତା କଡରେ ଓଲଟି ପଡିଥିଲା। ଦୁର୍ଘଟଣାସ୍ଥଳରେ କାର ଚାଳକ କୁନାଙ୍କ ମୃତ୍ୟୁ ଘଟିଥିଲା। ଏହି ସମୟରେ କାରରେ ଥିବା ଅନ୍ୟ ୪ ଜଣ କାର ଚକ ବଦଳ ଯୋଗୁ ବାହାରେ ଥିବାରୁ ବର୍ତ୍ତି ଯାଇଥିଲେ। ଖବର ପାଇ ପୁରୁଣାକଟକ ପୋଲିସ ଉଭୟ ଗାଡିକୁ ଜବତ କରିଛି। କାର ଚାଳକଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଛି। ଏନେଇ ପୁରୁଣାକଟକ ଥାନାରେ ମାମଲା (ନଂ ୧୦୪/୧୮) ରୁଜୁ ହୋଇଛି।

## କ୍ୟାନସର ହସପିଟାଲ ଦାବିରେ ଦସ୍ତଖତ ଅଭିଯାନ

**ବରଗଡ଼ ଅଫିସ୍,୭।୯**

ବରଗଡ଼ରେ କ୍ୟାନସର ହସପିଟାଲ ସ୍ଥାପନ ଦାବି ଜୋର ଧରି ବସିଛି । ଜିଲାର ବିଭିନ୍ନ ସଂଗଠନ ଏହି ଦାବି ଦସ୍ତଖତ ଅଭିଯାନ, ସ୍ମାରକପତ୍ର ପ୍ରଦାନ ଆଦି ମାଧ୍ୟମରେ ସମର୍ଥନ କରି ସାରିଛନ୍ତି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଜୁମ୍ମା ଦିବସ ପାଳନ ଅବସରରେ ବରଗଡ଼ର ସୁନ୍ନୀ ମୁସଲିମ ପକ୍ଷରୁ ସ୍ଥାନୀୟ ଜାମା ମସଜିଦ ଏବଂ ସୁବାସନଗରସ୍ଥିତ ନୁରୀ ମସଜିଦ ପରିସରରେ ଏକ ଦସ୍ତଖତ ଅଭିଯାନ ହୋଇଥିଲା। ନମାଜ ପାଠ ପାଇଁ ଆସିଥିବା ମୁସଲିମ ସମାଜର ସମସ୍ତ ଲୋକେ ଏଥିରେ ସାମିଲ ହୋଇଥିଲେ । ଜାମା ମସଜିଦ ମୌଲାନା ନିଜାମୁଦ୍ଦିନ ମିସବାହୀ, ନୁରୀ ମସଜିଦ ମୌଲାନା ରମଜନ ଅଲ୍ଲି ରିଜଭି, ଶେଖ ଅସଗର, ନିଜାମୁଦ୍ଦିନ ଶାହ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ ।

## ମାତୃଛାୟା ଶାନ୍ତି ତପୋବନ ଆଶ୍ରମରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ବରଗଡ଼ ଅଫିସ୍,୭।୯**

ବରଗଡ଼ ସହର ଉପକଣ୍ଠ ଚକରକେନ୍ଦ ନିକଟ ମାତୃଛାୟା ଶାନ୍ତି ତପୋବନ ଆଶ୍ରମରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଡା. ବିନୋଦ ବିହାରୀ ନାୟକ ଓ ଡା. ନିହାର ରଞ୍ଜନ ନାୟକ ଯୋଗଦେଇ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହା ସହିତ ଅନ୍ତେବାସୀଙ୍କୁ ମାଗଣାରେ ବିଭିନ୍ନ ପ୍ରକାରର ଔଷଧ ବିତରଣ କରାଯାଇଥିଲା । ଆୟୋଜକ ରାଜ କିଶୋର ପାଣିଗ୍ରାହୀ, ପ୍ରମୁଖ ଶିବିର ପରିଚାଳନାରେ ସ୍ୱେଚ୍ଛାସେବୀ ସୁବ୍ରତ କୁମାର ବିର୍ତ୍ତିଆ ସହଯୋଗ କରିଥିଲେ ।



ଶିବିରରେ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

■ ସରକାରୀ କର୍ମଚାରୀ, ଜନପ୍ରତିନିଧିଙ୍କ ପିଲା ସରକାରୀ ସ୍କୁଲରେ ପଢୁ ନାହାନ୍ତି

## ସଚେତନତା ସୃଷ୍ଟି ପାଇଁ ବାହାରିବ ପଦଯାତ୍ରା

**ବୌଦ୍ଧ, ୭।୯ (ସ୍ୱ.ପ୍ର.)**

ଶିକ୍ଷା ଅଧିକାର ଆଇନକୁ କଡକଡି ପାଳନ କରିବା, ସରକାରୀ କର୍ମଚାରୀ ଓ ଜନପ୍ରତିନିଧିଙ୍କ ୬ ବର୍ଷରୁ ୧୪ ବର୍ଷର ପିଲା ସରକାରୀ ବିଦ୍ୟାଳୟରେ ପାଢ ପଢୁ ନାହାନ୍ତି। ଏଣୁ ଜନ ସଚେତନତା ସୃଷ୍ଟି କରିବାକୁ ଅକ୍ଟୋବର ୨ ତାରିଖରୁ ସିନାପାଲିରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବାହାରିବ ପଦଯାତ୍ରା । ଏ ନେଇ ଶୁକ୍ରବାର ବୌଦ୍ଧରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ଅଧିକାର ଆନ୍ଦୋଳନ ମହାସଂଘର ଆବାହକ ସୁରଥ ବେହେରାଙ୍କ ଅଧ୍ୟକ୍ଷତାରେ ଏହି ପ୍ରସ୍ତୁତି ବୈଠକ ସହରର ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଥିଲା । ୧।୪।୨୦୧୦ରୁ ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ହେଉଛି। ଉକ୍ତ ଆଇନ ଅନୁସାରେ ରାଜ୍ୟରେ ଥିବା ୬ ବର୍ଷରୁ ୧୪ ବର୍ଷ ପିଲାଙ୍କ ପାଇଁ ମାଗଣାରେ ଶିକ୍ଷା ଦେବା ବ୍ୟବସ୍ଥା ରହିଛି। କନ୍ତୁ ଅଧିକାଂଶ ସରକାରୀ ଅଫିସର ଓ ଜନପ୍ରତିନିଧି ତାଙ୍କର ପିଲାମାନଙ୍କୁ ବେସରକାରୀ ବିଦ୍ୟାଳୟରେ ପଇସା ଦେଇ ପାଢ ପଢାଉଛନ୍ତି। ଫଳରେ ସରକାରୀ ବିଦ୍ୟାଳୟ ଗୁଡିକରେ ଶିକ୍ଷାର ମାନ ରହୁନାହିଁ କି ଏହି ଆଇନ ଫଳପ୍ରଦ ହୋଇପାରୁନାହିଁ। ଯଦି ସରକାରୀ କର୍ମଚାର ଓ ଜନପ୍ରତିନିଧି ସେମାନଙ୍କ ପିଲାକୁ ସମସ୍ତ ସରକାରୀ ବିଦ୍ୟାଳୟ ଗୁଡିକରେ ପାଢ ପଢାନ୍ତେ ତେବେ ରାଜ୍ୟରେ ଶିକ୍ଷାର ସମାନତା ରହିବା ସହ ଶିକ୍ଷାର ଉନ୍ନତି ହୁଅନ୍ତା ବୋଲି ଏଥିରେ କୁହା ଯାଇଛି। ଏ ନେଇ ମହାସଂଘ ପକ୍ଷରୁ ଆସନ୍ତା ଅକ୍ଟୋବର ୨ ତାରିଖଠାରୁ ନୂଆପଡା ଜିଲା ସିନାପାଲିଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଏକ ପଦଯାତ୍ରା କରାଯିବ। ଏହି ପଦଯାତ୍ରା ଅକ୍ଟୋବର ୩୧ରେ ଭୁବନେଶ୍ୱରରେ ଶେଷ ହେବ। ପଦଯାତ୍ରା ସମୟରେ ଲୋକଙ୍କୁ ସଚେତନ କରାଯିବ ବୋଲି ଆବାହକ ବେହେରା ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୮ ସେପ୍ଟେମ୍ବର, ୨୦୧୮



ଆଖି ଅନ୍ୟ ସବୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ୍ ବାଛି ବସେ, କିନ୍ତୁ ନିଜର ଭୁଲ୍‌କୁ ସ୍ୱୀକାର କରି ନ ଥାଏ।

-ସତ୍ୟସାଇବାବା



## ସଂକ୍ଷେପରେ

### କୃମିନାଶକ ଅଭିଯାନ ସମ୍ବନ୍ଧୀୟ କର୍ମଶାଳା

**ଟିକ୍ରାପଡା,୭।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡାସ୍ଥିତ ନୂତନ ସରକାରୀ ହାଇସ୍କୁଲରେ ସଇଁତଲା ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଏକ କୃମିନାଶକ ଔଷଧ ପ୍ରଦାନ ସମ୍ବନ୍ଧୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିନାୟକ କୁମାର ଏଥିରେ ଅଧ୍ୟକ୍ଷତା କରିଥିଲେ। ଡାକ୍ତର ବିଶ୍ୱଜିତ ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ରୂପରେଖ ସମ୍ବନ୍ଧରେ କହିଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମୀନାକୁମାରୀ ତ୍ରିପାଠି ସେପ୍ଟେମ୍ବର ୨୬ରେ ୧ ବର୍ଷରୁ ୧୯ବର୍ଷ ବୟସ୍କ ପିଲାଙ୍କୁ କୃମିନାଶକ ଔଷଧ ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରେ ଦିଆଯିବ ବୋଲି ସୂଚନା ଦେଇଥିଲେ। ସିଆରସିସି ଶୋଭାକର ପାଢି ସଭା ସଂଯୋଜନା କରିଥିଲେ। ଏଥିରେ ଝିଙ୍କିଡୁଙ୍ଗୁରି, ଟିକ୍ରାପଡା, ଯୁରାବନ୍ଧ ଶିକ୍ଷା କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଶିକ୍ଷକ ପ୍ରତିନିଧି ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

### ପୋଖରୀରୁ ମୃତଦେହ ଉଦ୍ଧାର ଘଟଣା : ଅଭିଯୁକ୍ତ ଗିରଫ

**ବେଲପଡା,୭।୯(ଡି.ଏନ.ଏ.):** ବେଲପଡା ଥାନା ମାଲିଝର ଗ୍ରାମର ମହିମା ଧର୍ମାବଲମ୍ବୀ ଶ୍ରୀମୁଖ ଧରୁଆ(୫୦)ଙ୍କୁ ସେହି ଗ୍ରାମର ଗଗନ ବେହେରା ନାମକ(୩୦) ଯୁବକ ମାରି ଦେଇ ପୋଖରୀରେ ଫିଙ୍ଗି ଦେଇଥିବା ପୋଲିସ ନିକଟରେ ସ୍ୱୀକାର କରି ପିତୃ ହତ୍ୟାର ପ୍ରତିଶୋଧ ନେଲି ବୋଲି ବୟାନ ଦେଇଛନ୍ତି। ମୃତଦେହକୁ ପୋଖରୀ ମଧ୍ୟରୁ ଅଗ୍ନିଶ୍ରମ ବିଭାଗ ଉଦ୍ଧାର କରିଥିବାବେଳେ ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ପୋଲିସ ହସ୍ତାନ୍ତର କରିଛି। ପୋଲିସ୍ କେସ୍ ନଂ ୬/୧୮ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଗଗନ ବେହେରାଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ଶ୍ରୀମୁଖ ଭୋର ୪ଟା ସମୟରେ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ହେଲେ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଚାରିଆଡେ ଖୋଜାଖୋଜି କରିଥିଲେ। ପରେ ବେଲପଡାଥାନାରେ ଶ୍ରୀମୁଖ ନିଖୋଜ ନେଇ ପରିବାର ଲୋକେ ଏତଲା ଦେଇଥିଲେ। ପୋଲିସ, ଅଗ୍ନିଶ୍ରମ ବିଭାଗ ପୋଖରୀରେ ବହୁ ଖୋଜାଖୋଜି କରି ପାଇ ନ ଥିଲେ। କିନ୍ତୁ ଭୋର ୫ଟା ସମୟରେ ମାଲିଝର ଗ୍ରାମର ଗଗନ ମାନସିକ ଭାରସାମ୍ୟ ହରାଇ(ପାଗଳ)ଙ୍କ ଅଭିନୟ କରି ଜଣେ ସାଇକେଲ ଆରୋହୀ ଓ ତାଙ୍କ ଭଉଣୀଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ପୋଲିସ ଓ ଗ୍ରାମବାସୀ କାବୁ କରି ତାଙ୍କୁ ଥାନାକୁ ଆଣିଥିଲେ। ପରେ ଥାନାରେ ସେ ଶ୍ରୀମୁଖଙ୍କୁ ଶ୍ୱାଶ ରୁଦ୍ଧ କରି ହତ୍ୟା କରି ପୋଖରୀରେ ଫିଙ୍ଗି ଦେଇଥିବା ପୋଲିସଠାରେ ସ୍ୱୀକାର କରିଥିଲେ ଓ ପିତୃହତ୍ୟାର ପ୍ରତିଶୋଧ ନେଇଛି ବୋଲି କହିଥିଲେ।

■ ରାଫେଲ ଯୁଦ୍ଧ ବିମାନ କିଣା ଦୁର୍ନୀତି ବିରୋଧରେ କଂଗ୍ରେସର ପ୍ରତିବାଦ

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ବଲାଙ୍ଗୀର ଅଫିସ, ୭।୯

ଦେଶର ସବୁଠାରୁ ବଡ ପ୍ରତିରକ୍ଷା ଦୁର୍ନୀତି ହେଉଛି ରାଫେଲ ଯୁଦ୍ଧ ବିମାନ କିଣା ଦୁର୍ନୀତି। ଏହି ଦୁର୍ନୀତି କେନ୍ଦ୍ର ନେତୃତ୍ୱାଧୀନ ମୋଦି ସରକାରଙ୍କ ଅସଲ ମୁଖା ଖୋଲି ଦେଇଛି । ନିଜ ମୁହଁକୁ ଲୁଚାଇବାକୁ ଯାଇ ମୋଦି ରାଫେଲ ଚୁକ୍ତିର ଅସଲ ତଥ୍ୟ ଦେଶବାସୀଙ୍କ ସମ୍ମୁଖରେ ଥୋଉ ନାହାନ୍ତି । ସଂସଦ ଭିତରେ ଏମ୍‌ପି ରାହୁଲ ଗାନ୍ଧୀ ରାଫେଲ ଦୁର୍ନୀତିକୁ ନେଇ ଯାହା ପ୍ରଶ୍ନ କଲେ ମଧ୍ୟ ସରକାର କିଛି ବି ଉତ୍ତର ଦେଉ ନାହାନ୍ତି। ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବା ପରେ ନିଜକୁ ଦେଶର ପ୍ରଧାନସେବକ ଓ ଚୌକିଦାର କରୁଥିବା ମୋଦି ଏବେ ରାଫେଲ ଦୁର୍ନୀତିର ଭାଗୀଦାର ହୋଇଯାଇଛନ୍ତି ବୋଲି ଏଆଇସିସି ସମ୍ପାଦକ ଶେଖ୍ ମସ୍ତାନ ୱାଲି ଶୁକ୍ରବାର ବଲାଙ୍ଗୀରଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ କହିଛନ୍ତି। ବଲାଙ୍ଗୀର ଜିଲା କଂଗ୍ରେସ କମିଟି ପକ୍ଷରୁ ରାଫେଲ ଦୁର୍ନୀତିକୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ଦିଲୀପ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏବଂ ଏଆଇସିସି ସଦସ୍ୟ ଯୁବନେତା ସମରେନ୍ଦ୍ର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ





ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାଫେଲ ଦୁର୍ନୀତିକୁ ନେଇ କଂଗ୍ରେସର ପ୍ରତିବାଦ ସଭା।

ପ୍ରତିବାଦ ସମାବେଶରେ ଏଆଇସିସି ସମ୍ପାଦକ ୱାଲି ଆହୁରି କହିଥିଲେ ଯେ, ଉପା ସରକାର ଅମଳରେ ଫ୍ରାନ୍ସର କମ୍ପାନୀ ସହ ହୋଇଥିବା ରାଜି ନାମା ଅନୁସାରେ ଗୋଟିଏ ରାଫେଲ ଯୁଦ୍ଧ ବିମାନର ମୂଲ୍ୟ ୫୨୬.୧୦ କୋଟି ଥିବାବେଳେ ଏବେ ଏହାକୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ୧୬୭୦.୭୦ କୋଟି ଟଙ୍କା ଦେଉଛି । ତେବେ ବିମାନ ପିଛା ଅଧିକ ୧୧୪୪.୬୦ କୋଟି ଟଙ୍କା କାହା ସ୍ୱାର୍ଥରେ କମ୍ପାନୀକୁ ଦିଆଗଲା ତାହା ତଦନ୍ତ ସାପେକ୍ଷ ବୋଲି ୱାଲି କହିଥିଲେ । ଏଆଇସିସି ସଦସ୍ୟ

■ 'ମୋଦି ଚୌକିଦାର ନୁହେଁ, ଦୁର୍ନୀତିର ଭାଗୀଦାର'

■ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ସମରେନ୍ଦ୍ର ମିଶ୍ର ତାଙ୍କ ବକ୍ତବ୍ୟରେ ରାଫେଲ ଯୁଦ୍ଧବିମାନ କିଣା ଦୁର୍ନୀତି ଓଡିଶା ବେକାର ଯୁବକଙ୍କ ପାଇଁ ମଧ୍ୟ କେନ୍ଦ୍ର ସରକାର ଏକ ଉପହାସ। ଉପା ସରକାର ଅମଳରେ ହୋଇଥିବା ରାଜିନାମା ହିସାବରେ ବିଦେଶୀ କମ୍ପାନୀଠୁ କେବଳ ୧୮ଟି ଯୁଦ୍ଧ ବିମାନ କିଣାଯାଇଥାନ୍ତା ଏବଂ ବାକି ୧୦୮ଟି ଯୁଦ୍ଧ ବିମାନ ପାଇଁ ଟେକ୍ନୋଲୋଜି ହସ୍ତାନ୍ତରୀକରଣ କରାଯାଇ ଓଡିଶାର ସୁନାବେଡାଠାରେ ଥିବା ହିନ୍ଦୁସ୍ଥାନ ଏରୋନେଟିକ୍ସଠାରେ ନିର୍ମାଣ କରାଯାଇଥାନ୍ତା । କିନ୍ତୁ ଏହାକୁ ମୋଦି ସରକାର ବନ୍ଦ କରି ଦେଇ ଓଡିଶାର ଯୁବକମାନଙ୍କ ସ୍ୱାର୍ଥ ସହ ଖେଳ ଖେଳିଛନ୍ତି ବୋଲି କହିଥିଲେ । ଏ ନେଇ ଓଡିଶା ରାଜ୍ୟ ସରକାର କିମ୍ବା ବିଜେଡି ଦଳର ଏମ୍‌ପିମାନେ ଏ ପର୍ଯ୍ୟନ୍ତ ମୁହଁ ନ ଖୋଲିବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ । ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା ତାଙ୍କ ବକ୍ତବ୍ୟରେ ଉପା ସରକାର ଅମଳରେ ହୋଇଥିବା ଏହି ରାଫେଲ କିଣା ରାଜିନାମାକୁ ଅଣଦେଖା କରି ଅନୀଲ ଅମ୍ବାନୀକୁ ଅହେତୁକ ଅନୁକମ୍ପା ଦେଖାଯାଇଛି ବୋଲି ସେ କହିଥିଲେ। ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ରାଫେଲ ଦୁର୍ନୀତି ଦେଶର ସର୍ବବୃହତ୍ ପ୍ରତିରକ୍ଷା ଦୁର୍ନୀତି ବୋଲି କହିଥିଲେ। ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଚାଷୀନେତା ସୁଧୀର ପରିଚ୍ଛା, ପିସିସି ସମ୍ପାଦକ ସୁଧାଂଶୁ ଦାଶ, ମୁକେଶ ଜୈନ, ବୀରେନ୍ଦ୍ର ବାଗ, ରାଜ୍ୟ ସୋସିଆଲ ମିଡିଆ ମୁଖ୍ୟ ଅଭିଶେଷ ମହାନନ୍ଦ, ପିସିସି ସମ୍ପାଦକ ହରଦୀପ ସିଂ, ମନମୋହନ ପୁଟେଲ, ସାନନ୍ଦ ମିଶ୍ର, ଜିଲା କଂଗ୍ରେସ ସଭାନେତ୍ରୀ ରେଣୁକା ପାତ୍ର, ଦେଓଗାଁ ବ୍ଲକ ଅଧ୍ୟକ୍ଷା ରୀନା ମେହେର, ପୁଇଁନ୍ତଲା ବ୍ଲକ କାର୍ଯ୍ୟକାରୀ ସଭାପତି ସାନନ୍ଦ ମିଶ୍ର, ଆଗଲପୁର ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ, ମନୀଷ ମିଶ୍ର, ବୁଲୁ ଦାନୀ, ସୁଦାମ ସାହୁ, ଅସୀମ ପଟ୍ଟନାୟକ, ସନ୍ତକ ବହିଦାର, ଅସିତ୍ ମିଶ୍ରଙ୍କ ସହ ବହୁ କଂଗ୍ରେସ ନେତା କର୍ମୀ ଉପସ୍ଥିତ ଥିଲେ । ଅପରାହ୍ନରେ ଏଆଇସିସି ସମ୍ପାଦକ ୱାଲି ଖବରଦାତା ସମ୍ମିଳନୀରେ ରାଫେଲ ଦୁର୍ନୀତି ସମ୍ପର୍କରେ ସୂଚନା ଦେଇଥିଲେ।



ଚିତ୍ତରଞ୍ଜନ ବନଗୁଲା

### ନୂତନ ବିଡିଓଙ୍କ ଯୋଗଦାନ

ସଇଁତଲା,୭।୯(ଡି.ଏନ.ଏ.)

ସଇଁତଲା ବ୍ଲକରେ ବୁଧବାର ନୂତନ ବିଡ଼ିଓ ଭାବରେ ଚିତ୍ତରଞ୍ଜନ ବନଗୁଲା ଯୋଗଦେଇଛନ୍ତି। ବନଗୁଲା ସ୍ଥାନୀୟ ବିଡ଼ିଓ ଦାୟିତ୍ୱରେ ଥିବା ଏବିଡ଼ିଓ ପ୍ରଦୀପ କୁମାର ପଟ୍ଟନାୟକଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ସେ କୋରାପୁଟ ନାରାୟଣ ପାଟଣା ତହସିଲରେ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ବନଗୁଲା ନିଜ ଦାୟିତ୍ୱ ସୁଚାରୁ ରୂପରେ ନିର୍ବାହ କରିବା ସହ ଅଞ୍ଚଳର ଉନ୍ନତି ପାଇଁ ସମସ୍ତଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି କହିଛନ୍ତି । କାର୍ଯ୍ୟାଳୟରେ କୌଣସି ପ୍ରକାର ବେଆଇନ କାର୍ଯ୍ୟକୁ ବରଦାସ୍ତ କରିବେ ନାହିଁ କିମ୍ବା ବ୍ଲକର କୌଣସି ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଆସିଲେ ଗୋଟିଏ ଦିନରେ ତଦନ୍ତ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଛାଇବେ ନାହିଁ ବୋଲି କହିଛନ୍ତି ।

ମରିନାହିଁ ମଣିଭଦ୍ରା

## ମହାନଦୀର ବରମୂଳରେ ପ୍ରକଳ୍ପ ପ୍ରସ୍ତାବ

ବଲାଙ୍ଗୀର ଅଫିସ, ୭।୯

ମଣିଭଦ୍ରାଠାରୁ ୧୪ କିମି ଉପରମୁଣ୍ଡକୁ ତଥା ଟିକରପଡା ଗଜ୍ ଡିସଚାର୍ଜ ସାଇଟ୍‌ର ତଳକୁ ବରମୂଳଠାରେ ମହାନଦୀରେ ଏକ ବନ୍ଧ ନିର୍ମାଣ ଯୋଜନା ରହିଥିବା ସୂଚନା ଅଧିକାର ଆଇନ୍ ତଥ୍ୟରୁ ଜଣାପଡିଛି । କେନ୍ଦ୍ର ଜଳସମ୍ପଦ ବିଭାଗ ପ୍ରଦାନ କରିଥିବା ମହାନଦୀ-ଗୋଦାବରୀ ନଦୀ ସଂଯୋଗୀକରଣ ଯୋଜନାରେ ଏହି ପ୍ରକଳ୍ପର ପ୍ରସ୍ତାବ ଦିଆଯାଇଥିବା ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା କହିଛନ୍ତି । ବରମୂଳଠାରେ ପ୍ରସ୍ତାବିତ ଏହି ବନ୍ଧର ଏଫଆରଏଲ୍ ୮୦ମିଟର ରହିବ ବୋଲି ପ୍ରସ୍ତାବ ରହିଥିବାବେଳେ ବନ୍ଧରୁ ୪୦୪୬ ମିଲିଅନ୍ କ୍ୟୁବିକ୍ ମିଟର ଜଳ କେନାଲ ଯୋଗେ ଗୋଦାବରୀ ନଦୀକୁ ସ୍ଥାନାନ୍ତରିତ କରାଯିବ । ଏହି ସଂଯୋଗୀକରଣ କେନାଲର ଲମ୍ବ ୮୪୨କିଲୋମିଟର ହେବ। ଏହି କେନାଲ ଆନ୍ଧ୍ରପ୍ରଦେଶସ୍ଥିତ ଡୋଲାଇଶ୍ୱରମ୍‌ସ୍ଥିତ ବନ୍ଧ ତଥା ପୋଲାଭରମ୍ ପ୍ରକଳ୍ପ ସହିତ

**ମିଳିଲା ସୂଚନା ଅଧିକାର ଆଇନ ତଥ୍ୟ**

ସଂଯୋଗ ହେବ । ମହାନଦୀର ୬ଟି ଶାଖା ନଦୀ ଅଙ୍ଗ, ତେଲ, ଉଦନ୍ତୀ, ଉତେଇ-ରାହୁଲ, ଖଡଙ୍ଗ ଏବଂ ସାଲ୍‌କୀ ନଦୀରେ ୬ଟି ବନ୍ଧ ନିର୍ମାଣ ହେବ । ବରମୂଳ ବନ୍ଧ ପାଇଁ କେବଳ ୧୩,୭୬୮ ହେକ୍ଟର ଜମି ଜଳଭଣ୍ଡାରରେ ବୁଡିବ ବୋଲି କୁହାଯାଇଥିବାବେଳେ ଶାଖା ନଦୀରେ ପ୍ରସ୍ତାବିତ ୬ଟି ପ୍ରକଳ୍ପ ପାଇଁ ୧୦,୨୨୨ ହେକ୍ଟର ଜମି ବୁଡିବ ଓ ସମୁଦାୟ ୨୩,୯୯୦ ହେକ୍ଟର ଜମି ଜଳପ୍ଲାବିତ ହେବ ବୋଲି ରିପୋର୍ଟରେ କୁହାଯାଇଛି । ଏହି ପ୍ରସ୍ତାବର ଅଂଶବିଶେଷ ପୋଲାଭରମ ପ୍ରକଳ୍ପକୁ ଓଡିଶା ସରକାର ବହୁ ଚେଷ୍ଟା ସତ୍ତ୍ୱେ ବନ୍ଦ କରିପାରିନାହାନ୍ତି ବୋଲି ସୂଚନା ଅଧିକାର କର୍ମୀ ପଣ୍ଡା କହିଛନ୍ତି। ଉଲେଖଯୋଗ୍ୟ ଯେ, ମଣିଭଦ୍ରା ପ୍ରକଳ୍ପ ବିରୋଧରେ ୯୦ ଦଶକରେ ସମଗ୍ର ପଶ୍ଚିମ ଓଡିଶାରେ ବିରାଟ ଜନଆନ୍ଦୋଳନ ମୁଣ୍ଡ ଟେକିଥିଲା।

### ମୁଁ ହିରୋ, ମୁଁ ଓଡିଶା

ଲୋଇସିଂହା,୭।୯(ଡି.ଏନ.ଏ)

ଲୋଇସିଂହା କଲେଜରେ ବିଜୁ ଯୁବବାହିନୀ ତରଫରୁ ଶୁକ୍ରବାର ମୁଁ ହିରୋ, ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରୋଜ କୁମାର ମହାକୁରଙ୍କ ସଂଯୋଜନାରେ ଆୟୋଜିତ ସଭାରେ କାର୍ଯ୍ୟକ୍ରମର ଜିଲା ସଂଯୋଜକ ରାଜେନ୍ଦ୍ର ଝାଙ୍କର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏଥିରେ ବ୍ଲକ ଅଧ୍ୟକ୍ଷା କାନ୍ତି ସେଠ, ବିଡିଓ ରାମଚନ୍ଦ୍ର ଖାଡିଆ, ଯୁବନେତା ନିହାର ରଞ୍ଜନ ବେହେରା, ଯୁକ୍ତ୩ ଅଧ୍ୟକ୍ଷ ବୀରବର ତ୍ରିପାଠୀ, ଯୁକ୍ତ ଦୁଇ ଅଧ୍ୟକ୍ଷ ଗୋବିନ୍ଦ ସାହୁ ପୋଲିସ ଏସଆଇ ଆର୍ତ୍ତତ୍ରାଣସାହୁ ପ୍ରମୁଖମଞ୍ଚାସୀନ ହୋଇଥିଲେ। ମୁଁହିରୋ, ମୁଁ ଓଡିଶା ଉପରେ ଏକ ସଚେତନତା ନାଟକ ପରିବେଷଣ କରାଯାଇଥିଲା । ଶ୍ରେଷ୍ଠ କବାଡି ଖେଳାଳି ଭାବରେ ଶିବଲୁ କଦମ, ସାମାଜିକ କର୍ମୀ ଅଚ୍ୟୁତ ବରର୍ତ୍ତି, ସରୋଜ ମହାକୁର, ରାମଚନ୍ଦ୍ର ବିଶ୍ୱାଳ, ନିସର ଅହମ୍ମଦ ନିସାରଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ନୃତ୍ୟରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ଅଧିକାରୀ ବଂଶୀଧର ମେହେରଙ୍କ ସମେତ ଯୁବବାହନୀ ଓ କଲେଜ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## କେଭି କଲେଜ ବ୍ଲକ ଗ୍ରାଣ୍ଟ କର୍ମଚାରୀଙ୍କ ଆନ୍ଦୋଳନ



କଲେଜରେ ବ୍ଲକ ଗ୍ରାଣ୍ଟ ଅଧ୍ୟାପକମାନଙ୍କ ବିକ୍ଷୋଭ।

କଣ୍ଟାବାଞ୍ଜି,୭।୯(ଡି.ଏନ.ଏ.)

ବ୍ଲକ ଗ୍ରାଣ୍ଟ ଶିକ୍ଷକ-ଅଧ୍ୟାପକ ମିଳିତ ମଞ୍ଚର ଡାକରା କ୍ରମେ କେଭି କଲେଜର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ତାଲା ବନ୍ଦ ଆନ୍ଦୋଳନ କରିଛନ୍ତି। ଶୁକ୍ରବାର କଲେଜର ମୁଖ୍ୟ ଫାଟକକୁ ତାଲା ପକାଇ ବନ୍ଦ କରିଛନ୍ତି । ଫଳରେ ଶିକ୍ଷାଦାନରେ ବ୍ୟାଘାତ ହୋଇଛି । କଲେଜର ଅଧ୍ୟୟନ ଛାତ୍ରୀଛାତ୍ର ଏହାକୁ ସମର୍ଥନ କରି ଶିକ୍ଷାଦାନ ବର୍ଜନ କରିଥିଲେ । ବ୍ଲକ ଗ୍ରାଣ୍ଟ ଉଚ୍ଛେଦ ସହ ୧୯୯୪ ଅନୁଦାନ ନୀତି ଲାଗୁ କରିବା ଦାବିରେ ଦୀର୍ଘ ଦିନରୁ ଏହି ଆନ୍ଦୋଳନ ଜାରି ରହିଛି । ସରକାରଙ୍କ ତରଫରୁ ଏହାର କୌଣସି ସମାଧାନର ପନ୍ଥା ବାହାର କରି ନ ଥିବାରୁ ଏହି ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି କଲେଜରେ ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନ ହେବା ଦ୍ୱାରା ବିଶ୍ୱ ବିଦ୍ୟାଳୟସ୍ତରୀୟ ୪ର୍ଥ ସେମିଷ୍ଟାର ପରୀକ୍ଷା ଏବଂ ଦ୍ୱୀତିୟ ସେମଷ୍ଟାର ଛାତ୍ରୀଛାତ୍ରଙ୍କ ଫର୍ମ ପୂରଣ ଶୁକ୍ରବାର ଦିନ ଠାରୁ ଆରମ୍ଭ ହେବାକୁ ଥିବାରୁ କଲେଜର ଅଧ୍ୟକ୍ଷ ସତ୍ୟବ୍ରତ ମିଶ୍ରଙ୍କ ଅନୁରୋଧ କ୍ରମେ କଣ୍ଟାବାଞ୍ଜିରେ ସ୍ଥଗିତ ରଖାଯାଇଛି । ଏହି ଆନ୍ଦୋଳନରେ ବ୍ଲକଗ୍ରାଣ୍ଟ ଅନୁଦାନ ପ୍ରାପ୍ତ ଅଧ୍ୟାପକ ରାଜେଶ କୁମାର ମହାନ୍ତି, ଯଶୋବନ୍ତ ମିଶ୍ର, କରୁଣାକର ନାୟକ, ଅଧ୍ୟାପିକା ପ୍ରଭାସିନି ରାଉତରାୟ, ଦିପାଳି ଶର୍ମା, ପିଇଟି ଧନଞ୍ଜୟ ପ୍ରଧାନ, କର୍ମଚାରୀ ବାଞ୍ଛାନିଧି ସେଠ, ଅଙ୍ଗଦ ସାଣ୍ଡ, ଉଦ୍ଧବ ସାଣ୍ଡଙ୍କ ସହ ଅନ୍ୟମାନେ ସାମିଲ ଥିଲେ ।

## ରାଜେନ୍ଦ୍ର କଲେଜରେ 'ମୁଁ ହିରୋ, ମୁଁ ଓଡ଼ିଶା' କାର୍ଯ୍ୟକ୍ରମ

ବଲାଙ୍ଗୀର ଅଫିସ, ୭।୯

ବଲାଙ୍ଗୀର ବିଜୁ ଯୁବବାହିନୀ ଆନୁକୂଲ୍ୟରେ ଜିଲା ସଂଯୋଜକ ରାଜେନ୍ଦ୍ର ଝାଙ୍କରଙ୍କ ସଂଯୋଜନାରେ ବଲାଙ୍ଗୀର ରାଜେନ୍ଦ୍ର ସ୍ୱୟଂଶାସିତ କଲେଜରେ ଶୁକ୍ରବାର ମୁଁ ହିରୋ, ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷା ସନ୍ତୋଷିନୀ ବେହେରା, ସମ୍ମାନିତ ଅତିଥି ଭାବେ ସଦର ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ, ରାଜେନ୍ଦ୍ର ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାପାତ୍ର, ସଦର ବ୍ଲକ ପଞ୍ଚାୟତ ଅଫିସର ଓ ଅନ୍ୟମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସହସ୍ରାଧିକ ଛାତ୍ର, ୨ଶହ ବିଜୁ ବାହାନୀ ସଦସ୍ୟସଦସ୍ୟା ଯୋଗଦେଇଥିଲେ। ରାଜେନ୍ଦ୍ର କଲେଜ ଛାତ୍ର ସଂସଦ ସଭାପତି ସୁମନ ନନ୍ଦ, ଜିଲା ଛାତ୍ର ବିଜେଡି ସଭାପତି ଗୁଞ୍ଜ ଖାନ୍, ଥବୀର କାଲସାଏ, ବଂଶୀଧର ମେହେର, ପ୍ରଶାନ୍ତ ପଣ୍ଡା ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ପ୍ରକାଶ ବଢେଇ, ପ୍ରମୋଦ ସେଠ, ଅଭିମନ୍ୟୁ ବରର୍ତ୍ତି, ରହିମ ନାଗ, ରିଶ୍ମା ଦଳବେହେରା ଏବଂ ବିକାଶ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା । ଅର୍ନ୍ତନିହିତ ଶକ୍ତି ଓ ପ୍ରତିଭାର ଅନ୍ୱେଷଣରେ ମୁଁ ହିରୋ, ମୁଁ ଓଡିଶା କାର୍ଯ୍ୟକ୍ରମ ଜାରି ରହିଥିବା ସୂଚନା ଦିଆଯାଇଥିଲା ।



ରାଜେନ୍ଦ୍ର କଲେଜରେ ମୁଁ ହିରୋ, ମୁଁ ଓଡିଶା କାର୍ଯ୍ୟକ୍ରମ।

### ସହକାରୀ ଶିକ୍ଷକଙ୍କ ପରଲୋକ

**ପୁଇଁତଲା,୭।୯(ଡି.ଏନ୍.ଏ.):** ପୁଇଁତଲା ବ୍ଲକ ବନ୍ଧପଡ଼ା ବ୍ଲକ ମୁଣ୍ଡାପଡ଼ା ସରକାରୀ ସ୍କୁଲର ସହକାରୀ ଶିକ୍ଷକ ଅମରସିଂ ନନ୍ଦ(୪୭)ଙ୍କ ଗୁରୁବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ କାମଳ ଓ କିଡ୍‌ନୀ ରୋଗରେ ପୀଡିତ ଥିଲେ। ତାଙ୍କ ମୃତ୍ୟୁରେ ବ୍ଲକ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ବାଗ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ତେଲେନପାଲିରେ ଭାଜପାର ସାଂଗଠନିକ ବୈଠକ

ଖପ୍ରାଖୋଲ,୭।୯(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ତେଲେନପାଲି କମ୍ୟୁନିଟି ସେଣ୍ଟରଠାରେ ଶୁକ୍ରବାର ଭାଜପାର ପଞ୍ଚାୟତସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଶଶି ପୁଜାରୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପରିଷଦ ସଭ୍ୟ ବିପ୍ର ବିଶି, ସମ୍ମାନିତ ଅତିଥି ଭାବେ ପାଟଣାଗଡ ବିଧାନସଭା କ୍ଷେତ୍ର ପ୍ରଭାରୀ ପ୍ରଫୁଲ୍ଲ କୁମାର ସାହୁ, ବିସ୍ତାରକ ପିଣ୍ଟୁ ମେହେର ପ୍ରମୁଖ ଯୋଗଦେଇ ସଂଗଠନ ମଜଭୁତ ପାଇଁ ବୁଥ୍‌ସ୍ତରରୁ ଘରକୁ ଘର ଯାଇ ମୋଦି ସରକାରଙ୍କ ଲୋକାଭିମୁଖି ଯୋଜନା ସମ୍ପର୍କରେ କର୍ମିମାନଙ୍କୁ ଅବଗତ କରିବାକୁ କହିଥିଲେ। ଏହି ଅବସରରେ ପଞ୍ଚାୟତସ୍ତରୀୟ ନୁତନ କମିଟି ଗଠନ କରାଯାଇଥିଲା। ସଭାପତି ରୂପେ ସନ୍ତୋଷ ଛତର, ଉପସଭାପତି ପୂର୍ଣ୍ଣଚନ୍ଦ୍ର ଭୂଏ, ସମ୍ପାଦକ ହରେକୃଷ୍ଣ ବେହେରା, ସହ ସମ୍ପାଦକ କେଶବ ସେଠ, କୋଷାଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ମେହେର ପ୍ରମୁଖ ମନୋନିତ ହୋଇଥିଲେ। ସେହିପରି ଗାଁ ଗାଁରେ ବୁଥ କମିଟି, ଉପଦେଷ୍ଟା କମିଟି ମନୋନିତ କରାଯାଇଥିଲା। ବୈଠକରେ ବରିଷ୍ଠ ସଦସ୍ୟ ନକୁଲ ବେହେରା, ଟିକେଶ୍ୱର ଧରୁଆ, ନିମାଇ ନାଗ, ମହାଦେବ ଭାଟି, କଲାଚରନ ମାଝି, କୈଳାଶ ବିଶି, ଅମୃତ ପୁଞ୍ଜି, ପ୍ରମୁଖ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ମନ୍‌ବଲ୍ ମଜ୍‌ବୁତ୍ ଥିଲେ ସବୁ ସମ୍ଭବ୍: ଚୈତନ୍ୟ

ଲୋଇସିଂହା,୭।୯(ଡି.ଏନ.ଏ)

ଜନ୍ମୁ ପୋଲିଓରେ ପୀଡିତ୍। ଲୁକ୍‌କର ହିସାବେ ସେ ଅକ୍ଷମ। ହେଲେ ସେ ନିଜ୍‌କେ କେଭେ ଅକ୍ଷମ ନାଇଁ ଭାବି। ମଜ୍‌ବୁତ୍ ମନ୍‌ବଲ ଆଘେ ହାର୍ ମାନିଛେ ତାକର ଅକ୍ଷମ୍‌ତା। ପାଠ୍‌ପଢ଼ି ସେ ଗ୍ରାଜୁଏଟ୍ ହେଇ ଏହେଦେ କମ୍ପ୍ୟୁଟରରେ ପିଜିଡିସିଏ କରୁଛନ୍। କମ୍ପ୍ୟୁଟର କୋର୍ସ ସାଏଲା ଉତାରୁ ନିଜର ଦମ୍‌ରେ ଠିଆ ହେଇ ମା'ବାପ୍‌କର ମୁହେଁ ହଁସ୍ ଫୁଟାବାକେ ସେ ଚିନ୍‌ତା କରିଛନ୍। ସେ ହେଉଛନ୍ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ୍ ନଅଗାଁ(ଖ) ଗାଁର ଚୈତନ୍ୟ କୁଅଁର(୨୫)।

ବାପ୍ ମକରଧ୍ୱଜ କୁଅଁାର ଆର୍ ମା' ଅଗସ୍ତି କୁଅଁାରକଁର ୩ ଛୁଆପିଲା ଭିତ୍‌ରୁ ଚୈତନ୍ୟ ହେଉଛନ୍ ସମ୍‌କିରିନୁ ବଡ଼। ମକରଧ୍ୱଜ ଝନେ ନିହାତି ଗରିବ୍ ଲୋକ୍। ଜମିବାଡି କିଛି ନାଇଁ ମୁଲ୍‌ହୁ ସୁଖିବାସୀଟା। ସେ ଉନିଆ ଲୁକ୍‌କର କବାର କରି ଯାହା ପାଏସନ୍ ସେଥିରେ ତାକର ୫ ପରାଣୀ କୁଟୁମ୍ ଚଲ୍‌ସନ୍। ଘରେ ସବୁବେଲେ ଅଭାବ୍ ଅନଟନ୍ ଲାଗି ରହିଥିଲେ ବି ଛୁଆକର ପାଠ୍‌ପଢ଼ାରେ ଆଗ୍‌ରହ ଦେଖି କଷ୍‌ଟେମଷ୍‌ଟେ ୩ ଛୁଆକୁ ପାଠ୍ ପଢ଼ଉଛନ୍। ଚୈତନ୍ୟ ଗାଁରେ ପ୍ରାଥମିକ ଶିକ୍ଷାନୁ ହାଇସ୍କୁଲ୍ ତକ୍ ପଢ଼ଲା ଉତାରୁ ୨୦୧୦ରେ ମ୍ୟାଟ୍ରିକ୍ ପାସ୍‌କଲେ। ପଛେ ଲୋଇସିଂହାରେ ଯୁକ୍ତ ୨ ଆର୍ ଯୁକ୍ତ ୩ ପଢ଼ି ପାସ୍ କଲେ। ଲୋଇସିଂହାରେ ଥିବାର ନାଇସେଟ କମ୍ପ୍ୟୁଟର ଇନ୍‌ଷ୍ଟିଚ୍ୟୁଟ୍‌ରେ ଡିସିଏ ସାଏଲା ଉତାରୁ ପିଜିଡିସିଏ କୋର୍ସ କରୁଛନ୍। ଇତାର ବାହାରେ ରେଲୱେ ପରୀକ୍ଷା ଲାଗି ପଢ଼ାପଢ଼ି ବି କରୁଥିବାର ସେ କହିଛନ୍। ସରକାରକଁର ତର୍‌ଫୁ ମିଲିଥିବାର ତିନ୍‌ଚକିଆ ସାଇକେଲରେ ଫିଦିନ୍ ଏକ୍‌ଲା ପଢ଼ାପଢ଼ି ଲାଗି ଲୋଇସିଂହାକେ ୫ କି.ମି. ଯିବାର ଆଏବାର କରୁଛନ୍। ଇଥିର୍‌ଲାଗି ସେ କେଭେ କାହାର ସାହାଯ୍ ନାଇଁ ନେବାର। କ୍ଲାସ ଯିବାର ଲାଗି ତହାକୁ ଗୁଡୁଡିଖାଲ ରାସ୍‌ତା ହେଇ ଅଧିକା ବାଟ୍ କିଁଦିର୍‌ବାକେ ପଡୁଛେ। ଯେନ୍‌ଥିର୍‌ଲାଗି ବହୁତ୍ ଖରାପ୍ ଥିବାର ବୁର୍ଡା ରାସ୍‌ତାରେ ଗଲା ଆଏଲା ବେଲେ ତାହାକୁ ବହୁତ୍ ଭିଡ୍ ପଡୁଥିବାର ସେ କହିଛନ୍। ପାଠ୍‌ପଢ଼ାର ଲାଗି ସବୁ ପାସ୍‌ରି ଦେବାକେ ହେଉଛେ ବଲି ସେ କହିଛନ୍। ସେନ୍‌ତା ସାନ୍‌ଭାଇ ଏଭେ ଆର୍ମୀ ପରୀକ୍ଷାରେ ପାସ୍ କରି ପରିବାର ଲାଗି ଖୁସି ଆନିଦେଇଛେ। କମ୍ପ୍ୟୁଟର କ୍ଲାସ ସାଏଲା ଉତାରୁ ନିଜର ଦମ୍‌ରେ ଠିଆ ହେବାର ଚେଷ୍‌ଟା କର୍‌ମି ଆର୍ ମା'ବାପ୍‌କର ମୁହେଁ ହଁସ୍ ଫୁଟାମି ବଲି ସେ ମଜ୍‌ବୁତ୍ ମନ୍‌ବଲ୍ ନେଇ କହିଛନ୍। ତାଁକର ଦୁଖ୍‌ବଏଲେ ତାକର ଲେଖେନ୍ ଦିବ୍ୟାଙ୍ଗ ଭାଇମାନେ ୫ଶହ ଟଁକା ଭତା ପାଉଛନ୍, ହେଲେ ସେ ଫଁନ୍‌ଟେଟ୍‌ରେ ଦର୍‌କାରୀ କାଗଜ୍‌ପତର ଦେଲା ଉତାରୁ ବି ୩ଶହ ଟଁକା ଭତା ପାଉଛନ୍ ବଲି ସେ ମନ୍‌ଦୁଖ୍ କରି କହିଥିଲେ। ଏନ୍‌ତା ପିଲାକୁ ପର୍‌ଶାସନ୍ ପୋର୍‌ଛାହନ୍ ଦେବାର ଜାଗାରେ ନିରୁଛାହିତ୍ କର୍‌ବାକେ ନେଇ ସାଧାରନ୍‌ରେ ଅସନ୍‌ତୋଷ୍ ପର୍‌କାଶ ପାଉଛେ।

### ହାରମାନିଛେ ଅକ୍ଷମତା



ଚୈତନ୍ୟ ତାକର ତିନ୍‌ଚକିଆ ସାଇକେଲରେ କ୍ଲାସ୍ ଯାଉଛନ୍।

ଧରିତ୍ରୀ
DHARITRI

## ଲକ୍ଷେକୁ କୋଟିଏ ଟଙ୍କା କରିଦେବା ନାଁରେ ଠକେଇ

୧ ଲକ୍ଷ ଟଙ୍କା ଦେଲେ ଯାଦୁ କରି ୧କୋଟି କରି ଦେବା ନାଁରେ ଠକେଇ ଅଭିଯୋଗରେ ନୂଆପଡା ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ।



ସମ୍ବଲପୁର, ଶନିବାର, ୮ ସେପ୍ଟେମ୍ବର, ୨୦୧୮

## ସଂକ୍ଷେପରେ



### ୨୮ ହିତାଧିକାରୀଙ୍କୁ ନୂତନ ଭତ୍ତା ପ୍ରଦାନ

ଜୁନାଗଡ,୭।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦୁନ୍ଦେଲମାଲ ପଞ୍ଚାୟତରେ ଶୁକ୍ରବାର ନୂତନ ଭର୍ତ୍ତା ବଣ୍ଟନ କରାଯାଇଛି। ଏଥିରେ ପଞ୍ଚାୟତର ୨୮ଜଣ ବୃଦ୍ଧାବୃଦ୍ଧ, ବିଧବା ହିତାଧିକାରୀଙ୍କୁ ନୂତନ ଭତ୍ତା ବଣ୍ଟନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନାଗଡ ବ୍ଲକ ଅଧକ୍ଷା ନୂର୍ଯ୍ୟ ମାଝି, ଭାରପ୍ରାପ୍ତ ବିଏସଏସଓ ସୁମନ୍ତ ମାଝି, ସ୍ଥାନୀୟ ସରପଞ୍ଚ ତ୍ରିଭୁବନ ପଣ୍ଡା, ଜିଆରଏସ ଦିବ୍ୟ ରଞ୍ଜନ ବେହେରାଙ୍କ ସମେତ ସମସ୍ତ ୱାର୍ଡ ସଦସ୍ୟ ଉପସ୍ଥିତ ରହିଥିଲେ।

### ସ୍ୱଚ୍ଛତା ସଚେତନତା ଅଭିଯାନ

ପଲମ,୭।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ସାନ୍ତପୁର ଗ୍ରାମରେ ସ୍ୱଚ୍ଛତା ସଚେତନତା ଅଭିଯାନ ଏବଂ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାନ୍ତପୁର ଗ୍ରାମସ୍ଥିତ ରାଧାକୃଷ୍ଣ ନୋଡାଲ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର, ଗ୍ରାମବାସୀ, ସ୍କୁଲ ଛାତ୍ରୀଛାତ୍ର, ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ନେଇ ଏକ ସପ୍ତାହ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ସ୍ୱଚ୍ଛତା କାର୍ଯ୍ୟକ୍ରମ ଓ ଚାରାରୋପଣ ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଛି । ଗତ ୫ ତାରିଖରେ ରାଧାକୃଷ୍ଣ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସର, ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ ଏବଂ ହାଇସ୍କୁଲ ରାସ୍ତା ଉଭୟ ପାର୍ଶ୍ୱରେ ସଫେଇ ସହ ଅନେକ ପ୍ରକାର ଚାରାରୋପଣ କରାଯାଇଥିଲା । ଏହି କାର୍ଯ୍ୟକୁ ସାନ୍ତପୁର ଗ୍ରାମସ୍ଥିତ ରାଧାକୃଷ୍ଣ ନୋଡାଲ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଙ୍ଗଠନ ସଭାପତି ଅଶୋକ କୁମାର ରାଉତ, ସରପଞ୍ଚ ଟିକେଧର ସାହୁ, ସମିତି ସଭ୍ୟ ଗୋବିନ୍ଦ ତାଣ୍ଡି, ପ୍ରଧାନ ଶିକ୍ଷକଙ୍କ ନେତୃତ୍ୱରେ ସାନ୍ତପୁର ଓ ଆଖପାଖ ଗ୍ରାମବାସୀ, ଅଭିଭାବକ, ଛାତ୍ରୀଛାତ୍ର ଏବଂ ଶିକ୍ଷକଶିକ୍ଷୟିତ୍ରୀମାନେ ଯୋଗଦେଇ ସ୍ୱଚ୍ଛତା ନେଇ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ ।

ଶ୍ରମିକଙ୍କ ମଜୁରି ବକେୟା ମାମଲା

# ବ୍ଲକ କର୍ମଚାରୀ ଦଣ୍ଡିତ

**ଅମ୍ବୁଡ୍ସମ୍ୟାନଙ୍କ ଅଦାଲତ**
- ମାମଲାର ବର୍ଷକ ପରେ ଶୁଣାଣୀର ନିର୍ଦ୍ଦେଶ
- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ବ୍ଲକ ପ୍ରଶାସନର ବେଖାତିର

ନୂଆପଡା ଅଫିସ,୭।୯

ଶ୍ରମିକମାନେ କାମ କରିବାର ଦୁଇ ବର୍ଷ ପରେ ମଧ୍ୟ ମଜୁରି ନ ମିଳିବା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରି ନୂଆପଡା ଅମ୍ବୁଡ୍ସମ୍ୟାନଙ୍କ ଅଦାଲତ ସମ୍ପୃକ୍ତ ଗ୍ରାମପଞ୍ଚାୟତ ତତକାଳୀନ ସରପଞ୍ଚ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଯନ୍ତ୍ରୀଙ୍କୁ ଅର୍ଥ ଦଣ୍ଡରେ ଦଣ୍ଡିତ କରିଥିବାବେଳେ ଏବର ସରପଞ୍ଚ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ଯନ୍ତ୍ରୀଙ୍କୁ ଅମ୍ବୁଡ୍ସମ୍ୟାନଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ମାମଲାରେ ଦଣ୍ଡିତ କରାଯାଇଛି। ଅନ୍ୟପକ୍ଷେ ଶ୍ରମିକମାନଙ୍କୁ ଆଗାମୀ ମାସକ ମଧ୍ୟରେ ସମସ୍ତ ପେମେଣ୍ଟ ପ୍ରଦାନ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ବିବରଣୀମତେ ୨୦୧୩-୧୪ବର୍ଷରେ ନୂଆପଡା ବ୍ଲକ କୁଲିହାବନ୍ଧା ଗ୍ରାମପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସରେ କୁଲିହାବନ୍ଧାରୁ ସେନଭଟା ରାସ୍ତା ଉନ୍ନତିକରଣ ବାବଦକୁ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କାମ ହୋଇଥିଲା । ୨ ବର୍ଷ ବିତିଯାଇଥିଲେ ମଧ୍ୟ ଏଥିରେ କାମ କରିଥିବା ୬୫ ଜଣ ଶ୍ରମିକଙ୍କ ପେମେଣ୍ଟ ବାକି ଥିବା ନେଇ ଶ୍ରମିକମାନେ ବାରମ୍ବାର ବ୍ଲକରୁ ଜିଲା କାର୍ଯ୍ୟାଳୟକୁ ଦୌଡି ନୟାନ୍ତ ହୋଇଥିଲେ । ଗତବର୍ଷ ଅକ୍ଟୋବରରେ ଶ୍ରମିକମାନେ ସିଧା ଅମ୍ବୁଡ୍ସମ୍ୟାନଙ୍କୁ ଲିଖିତ ଭାବେ ଜଣାଇଥିଲେ । ଏହାକୁ ଭିତ୍ତି କରି ଅମ୍ବୁଡ୍ସମ୍ୟାନ ଆର.ବିଜୟରାଜ ତଦନ୍ତ ଆରମ୍ଭ କରିଥିଲେ । ଏଥିରେ ୫ଲକ୍ଷ ଟଙ୍କା ମଧ୍ୟରୁ ୪ଲକ୍ଷ ୫୩ ହଜାର ୯୬ ଟଙ୍କା ପେମେଣ୍ଟ ହୋଇଥିବାବେଳେ ବାକି ଟଙ୍କା ମିଳି ନ ଥିଲା । ଏହାସହ ଏମଜିଏନଆରଇଜିଏସ ଆକ୍ଟ ମୁତାବକ କୌଣସି ନିୟମକୁ ଠିକ ଭାବେ ପାଳନ କରାଯାଇ ନ ଥିବା ଶ୍ରମିକମାନେ ପ୍ରକାଶ କରିଥିଲେ । ଏହି ବାବଦକୁ ଆହୁରି ୬୯ ହଜାର ୩୦୭ ଟଙ୍କା ବାକି ରହିଥିବା ଖୋଦ ବିଡିଓ ଆମ୍ବୁଡ୍ସମ୍ୟାନଙ୍କୁ ରିପୋର୍ଟରେ ଦର୍ଶାଇଥିଲେ । ଏହା ଜଣାପଡିବା ପରେ ଏବର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଯନ୍ତ୍ରୀ ଏବଂ ସରପଞ୍ଚଙ୍କୁ ପେମେଣ୍ଟ ପ୍ରଦାନ କରି ସମାଧାନ କରିବାକୁ ଆମ୍ବୁଡ୍ସମ୍ୟାନ ନିର୍ଦ୍ଦେଶ କରିଥିଲେ । ହେଲେ ତାହା କାର୍ଯ୍ୟକାରୀ ହେଲା ନାହିଁ । ଅନ୍ୟପକ୍ଷେ ପଞ୍ଚାୟତ ତରଫରୁ କୌଣସି ପ୍ରକାର କାଗଜାତ ଦାଖଲ କରାଯାଇ ନ ଥିଲା । ତେବେ ଏସବୁ ତଥ୍ୟର ସବିଶେଷ ଶୁଣାଣି କରି ସମସ୍ତ ଶ୍ରମିକମାନଙ୍କ ପାରିଶ୍ରମିକ ବାବଦକୁ ୬୯ ହଜାର ୩୦୭ ଟଙ୍କା ବକେୟା ଥିବାବେଳେ ସୁଧ ସହ ମୋଟ ୮୩ ହଜାର ୬୫ ଟଙ୍କା ୪୧ ପଇସା ଦେବାକୁ କୋର୍ଟ ନିର୍ଦ୍ଦେଶ କରିଛନ୍ତି । ଏହିସବୁ ସମ୍ପୃକ୍ତ ଶ୍ରମିକମାନଙ୍କୁ ମାସକ ମଧ୍ୟରେ ପ୍ରଦାନ କରିବାକୁ ବିଡିଓ ସୁନୀଲ କୁମାର କେର୍କେଟାଙ୍କୁ ନିର୍ଦ୍ଦେଶ ହୋଇଛି । ଏଥିପାଇଁ ଦାୟି ରହିଥିବା ପୂର୍ବତନ ସରପଞ୍ଚ ଚୈତନ ବରିହା, କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱଦେଶ ପଟ୍ଟନାୟକ, ଯନ୍ତ୍ରୀ ଗୌରି ସିଂ, ଗ୍ରାମ ରୋଜଗାର ସେବକ ଧନଞ୍ଜୟ ଗୌଡଙ୍କୁ ପ୍ରତ୍ୟେକେ ୫ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବାକୁ କୁହାଯାଇଛି । ଆମ୍ବୁଡ୍ସମ୍ୟାନଙ୍କ ନିର୍ଦ୍ଦେଶର ଅବମାନନା ପାଇଁ ବର୍ତ୍ତମାନର ସରପଞ୍ଚ ଜିରାବାଈ ଗୌଡ, କାର୍ଯ୍ୟ ନିର୍ବାହୀ ଅଧିକାରୀ ନରେଶ ସାହୁ ଏବଂ ଯନ୍ତ୍ରୀ ଦୀନବନ୍ଧୁ ଶବରଙ୍କୁ ପ୍ରତ୍ୟେକେ ହଜାରେ ଲେଖାଏଁ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଇଥିବା ପ୍ରକାଶ। ଅମ୍ବୁଡ୍ସମ୍ୟାନଙ୍କ ଅଦାଲତରେ ଏଭଳି ଶୁଣାଣିକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିବା ବେଳେ ଏମଜିଏନଆରଇଜିଏସ ଭଳି ଗୁରୁତ୍ୱ ପୂର୍ଣ୍ଣ ଯୋଜନାର ଅଭିଯୋଗର ବର୍ଷକ ପରେ ମିଳିଥିବା ବିଳମ୍ବିତ ନ୍ୟାୟକୁ ସମାଲୋଚନା ମଧ୍ୟ କରାଯାଇଛି । ଏ ବିଷୟରେ ଅମ୍ବୁଡ୍ସମ୍ୟାନ ଆର.ବିଜୟରାଜଙ୍କୁ ପଚାରିବାରେ ପ୍ରଶାସନ ତରଫରୁ ତଥ୍ୟ ପ୍ରଦାନରେ ବିଳମ୍ବ କରାଯାଇଥିବାରୁ ଶୁଣାଣିରେ ବିଳମ୍ବ ହୋଇଥିବା କହିଛନ୍ତି ।

ଲକ୍ଷେକୁ କୋଟିଏ ଟଙ୍କା କରିଦେବା ନାଁରେ ଠକେଇ

# ୨ ଅଭିଯୁକ୍ତଙ୍କୁ ଧରିଲା ପୋଲିସ

**ନୂଆପଡାରୁ ଛତିଶଗଡକୁ ଲମ୍ବିଥିଲା ଚେର**



ଗିରଫ କରାଯାଇଥିବା ଅଭିଯୁକ୍ତଙ୍କ ସହ ପୋଲିସ କର୍ମଚାରୀମାନେ ।

ନୂଆପଡା ଅଫିସ,୭।୯

୧ ଲକ୍ଷ ଟଙ୍କା ଦେଲେ ଯାଦୁକରି ୧କୋଟି କରି ଦେବା ନାଁରେ ଠକେଇ ଅଭିଯୋଗରେ ନୂଆପଡା ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ନୂଆପଡା ନିକଟସ୍ଥ ସିଲଦାରୁ ଜଣଙ୍କୁ ଏବଂ ଅନ୍ୟ ଜଣଙ୍କୁ ଛତିଶଗଡରୁ ପୋଲିସଠାବ କରିଥିବାରୁ ଏହାର ଚେର ନୂଆପଡାରୁ ଛତିଶଗଡକୁ ଲମ୍ବିଥିବା ଜଣାପଡିଛି । ଗିରଫ ୨ ଅଭିଯୁକ୍ତ ହେଲେ ଭୁବନ ପର୍ଡି (୬୫) ଏବଂ ରତିକାନ୍ତ ଶବର। ଛତିଶଗଡ ରାୟପୁର ଜିଲା ଖରୋଡା ଥାନା ଖଉଲି ଗାଁର ଗୌତମ ଚନ୍ଦ୍ରକାର (୨୮) ନାମକ ବ୍ୟକ୍ତିଙ୍କ ଗୋଡ ଆଜକୁ ଦୁଇ ବର୍ଷ ହେବ ଅଚଳ ହୋଇପଡିଥିଲା । ଏଥିପାଇଁ ସେଠିକାର ବୁଡେରି ଗାଁର ଭୁବନ ପର୍ଡି (୬୫) ନାମକ ବ୍ୟକ୍ତିଙ୍କୁ ଦେଖା କରିଥିଲେ । ସେ ଏହାକୁ ତୁରନ୍ତ ଠିକ କରିଦେବେ ବୋଲି କହିଥିଲେ। ଯୋଜନାନୁଯାୟୀ ଗୌତମଙ୍କୁ ନେଇ ଭୁବନ ଗତ ମଙ୍ଗଳବାର ସିଲଦାସ୍ଥିତ ରତିକାନ୍ତ ଶବରଙ୍କ ଘରକୁ ଆସିଥିଲେ । ଏଠାରେ ଚିକିତ୍ସା ପାଇଁ ପ୍ରକ୍ରିୟା ଚଳାଇବା ସହ ଲକ୍ଷେ ଟଙ୍କା ଦେଲେ ୧ କୋଟି ଟଙ୍କା ଦେବେ ବୋଲି କହିଥିଲେ । ସେହି ଅନୁଯାୟୀ ଗୌତମ ୫୦ ହଜାର ଟଙ୍କା ଦେଇଥିଲେ । ପରେ ପୁଣି ବାକି ୫୦ ହଜାର ଟଙ୍କା ଦେଲେ ଯାଇ କୋଟିଏ ଟଙ୍କା ହେବ ବୋଲି କହିବାରୁ ଗୌତମ ଟଙ୍କା ଆଣିବାକୁ ଘରକୁ ଯାଇଥିଲେ । ତାଙ୍କ ସମ୍ପର୍କୀୟମାନେ ଏହା ଠକେଇ ବୋଲି କହିବାରୁ ନିଜ ସହଯୋଗୀଙ୍କ ସହ ମିଶି ବୁଧବାର ନୂଆପଡା ଥାନାକୁ ଆସିଥିଲେ । ଏଠାରେ ପୋଲିସର ଯୋଜନାମୁତାବକ ବୁଧବାର ରାତିରେ ରତିକାନ୍ତଙ୍କ ଘରକୁ ଗୌତମ ଯାଇଥିଲେ । ପୂଜାପାଠ ଚାଲିଥିବା ସମୟରେ ପୋଲିସ ଚଢାଉ କରିଥିଲା । ଏଠାରୁ ତାଙ୍କୁ ଗିରଫ କରିଥିବା ବେଳେ ପରବର୍ତ୍ତି ସମୟରେ ଭୁବନଙ୍କୁ ଗିରଫ କରାଯାଇଛି । ଏ ନେଇ ପୋଲିସ ଦଫା ୪୨୦, ୩୪ରେ ଏକ ମାମଲା (ନଂ. ୧୨୩/୧୮) ରୁଜୁ କରି ଗୁରୁବାର ସନ୍ଧ୍ୟାରେ ନୂଆପଡା କୋର୍ଟକୁ ଚାଲାଣ କରାଯାଇଥିବା ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଯେ କୌଣସି ପ୍ରକାର ଠକେଇ ସମ୍ପର୍କରେ ଜନସାଧାରଣ କିଛି ସୁରାକ ପାଇଲେ ତୁରନ୍ତ ପୋଲିସକୁ ଯୋଗାଯୋଗ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି ।

# ମ. ରାମପୁର, ନର୍ଲାରେ ଜାତୀୟ ପୁଷ୍ଟି ସପ୍ତାହ ପାଳିତ

ଭବାନୀପାଟଣା,୭।୯(ଡି.ଏନ.ଏ.)

ପ୍ରତିବର୍ଷ ସେପ୍ଟେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ଜାତୀୟ ପୁଷ୍ଟି ସପ୍ତାହ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର କ୍ଷେତ୍ର ଜନ ସମ୍ପର୍କ ବ୍ୟୁରୋ କଳାହାଣ୍ଡି ପକ୍ଷରୁ ଗତ ଗୁରୁବାର ଓ ଶୁକ୍ରବାର ଜିଲାର ମଦନପୁର ରାମପୁର ଓ ନର୍ଲା ବ୍ଲକ୍‌ର ସଦର କାର୍ଯ୍ୟାଳୟଠାରେ ଜାତୀୟ ପୁଷ୍ଟି ସପ୍ତାହ ପାଳିତ ହୋଇଯାଇଛି । ସୁଷମ ଓ ପୁଷ୍ଟିଯୁକ୍ତ ଆହାର ଅଭ୍ୟାସ ଏବଂ ଅପପୁଷ୍ଟି ବିରୋଧରେ ଲଢେଇ ପାଇଁ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଗୁରୁବାର ମଦନପୁର ରାମପୁର ବ୍ଲକ୍ କାର୍ଯ୍ୟାଳୟଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ରୁମାନା ଜାଫ୍ରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । ଏଥିରେ ଅତିଥି ଭାବେ ମ.ରାମପୁରର ଶିଶୁବିକାଶ ପ୍ରକଳ୍ପ ଅଧିକାରୀ ଅର୍ଚ୍ଚନା କହଁର, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମନୋଜ ପାଣିଗ୍ରାହୀ, ଅଞ୍ଜଳି ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । ସେହିପରି ଶୁକ୍ରବାର ନର୍ଲା ବ୍ଲକ୍ କାର୍ଯ୍ୟାଳୟଠାରେ ମଧ୍ୟ ଜାତୀୟ ପୁଷ୍ଟି ସପ୍ତାହ ନର୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବ୍ୟାସଦେବ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । ଏଥିରେ ଅନ୍ୟତମ ଅତିଥି ଭାବେ ନର୍ଲା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଦୀପ୍ତି ମାର୍ଗାରେଟ କନ୍ଧପାଣି, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବିମଳ ଦୀପ, ଗୀତାଞ୍ଜଳୀ ସାହୁ, ବ୍ଲକ୍ ଶିକ୍ଷା ଅଧିକାରୀ ନିରୁପମା ଦୋରା ପ୍ରମୁଖ ଯୋଗଦେଇ ମହିଳାଙ୍କ ଗର୍ଭାବସ୍ଥାରୁ ଶିଶୁକୁ ଦୁଇବର୍ଷ ହେବା ପର୍ଯ୍ୟନ୍ତ ଏହି ହଜାରେ ଦିନରେ ଉତ୍ତମ ପୁଷ୍ଟି ଶିଶୁର ଉତ୍ତମ ସ୍ୱାସ୍ଥ୍ୟର ମୂଳଦୁଆ ପକାଇଥାଏ ବୋଲି ପ୍ରକାଶ କରିଥିଲେ । ଉଭୟ କାର୍ଯ୍ୟକ୍ରମରେ ଶତାଧିକ ମହିଳା ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ । ଏହି ଅବସରରେ ସେମାନଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ୨୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ମହିଳା ଗୋଷ୍ଠୀମାନଙ୍କ ଦ୍ୱାରା ବିଭିନ୍ନ ସୁଷମ ଖାଦ୍ୟର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଉଭୟ ବ୍ଲକ୍ କାର୍ଯ୍ୟକ୍ରମକୁ ଭାରତ ସରକାରଙ୍କ କ୍ଷେତ୍ର ଜନସମ୍ପର୍କ ବ୍ୟୁରୋ, କଳାହାଣ୍ଡିର ଅଧିକାରୀ ବିଷ୍ଣୁ ଚରଣ ସାହୁ ପରିଚାଳନା କରିଥିଲେ ।

### ସ୍ୱାସ୍ଥ୍ୟ ସମସ୍ୟା ପ୍ରତିକାର ଉପରେ ଗୁରୁତ୍ୱ

ବରଗଡ଼ ଅଫିସ୍,୭।୯

ବରଗଡ଼ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ଡି'ର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ପରିଷଦ ଅଧକ୍ଷା ମୁକ୍ତା ସାହୁ ଅଧକ୍ଷତା କରିଥିଲେ । ଜିଲା ପରିଷଦ ସଭ୍ୟ ଉମେଶ ଚନ୍ଦ୍ର ମେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଦୋରା ବୈଠକରେ ସୂଚନା ଦେଇ କହିଥିଲେ, ଜିଲାରେ ୧୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୪୭ ଉପ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ କରୁଛି । ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୨୦ ଡାକ୍ତର ପଦବୀ ଖାଲି ପଡ଼ିଥିବା ସେ ସୂଚନା ଦେଇଥିଲେ। ଜିଲାରେ ନିର୍ମାଣ ହୋଇଥିବା ସ୍ୱାସ୍ଥ୍ୟକେନ୍ଦ୍ର, କର୍ମଚାରୀଙ୍କ ବାସଗୃହରେ ଜଳଯୋଗାଣ, ବିଦ୍ୟୁତ୍‌କରଣ ଏବଂ ଦୀର୍ଘଦିନ ଧରି ଗୋଟିଏ ସ୍ଥାନରେ ଅବସ୍ଥାପିତ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯିବା ପାଇଁ ଜିଲା ପରିଷଦ ଉପାଧକ୍ଷ ମଦନ ଦୀପ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗାଁ କଲ୍ୟାଣ ପାଣ୍ଠିକୁ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ, ପୃଷ୍ଟି ଓ ପରିମଳ ପାଇଁ ୨୬ଲକ୍ଷ ୬୨ହଜାର ୫୦୦ ଟଙ୍କା ଜୁନ ମାସ ପର୍ଯ୍ୟନ୍ତ ପ୍ରଦାନ କରାଯାଇ ଥିବାବେଳେ ସେଥିରୁ ୧୩ଲକ୍ଷ ୮୭ହଜାର ୪୫୪ ଟଙ୍କା ଜୁଲାଇ ମାସ ସୁଦ୍ଧା ଖର୍ଚ୍ଚ ହୋଇଥିବା ସୂଚନା ଦିଆଯାଇଥିଲା।

# ହାତଧୁଆ ଦିବସ ପାଳନ

ରିଷିଡା/ମଦନପୁର,୭।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ଗତ ୧ ତାରିଖରୁ ପାଳନ କରାଯାଉଛି । ଏହି ଅବସରରେ ଶୁକ୍ରବାର ହାତଧୁଆ ଦିବସ ପାଳନ କରାଯାଇଛି । ଶିକ୍ଷକଶିକ୍ଷୟିତ୍ରୀମାନେ ଛାତ୍ରୀଛାତ୍ରଙ୍କୁ ହାତଧୂଆର ବିଭିନ୍ନ କୌଶଳ ଶିଖାଇଥିଲେ । ନିୟମିତ ଭାବେ ଖାଇବା ପୂର୍ବରୁ ହାତଧୋଇବା ନିଶ୍ଚିତ କରିବା ଲକ୍ଷ୍ୟରେ ଏହି ସ୍ୱଚ୍ଛତା ପକ୍ଷ ପାଳନ କରାଯାଉଛି । ସେହିପରି ମ. ରାମପୁର ବ୍ଲକ ମଦନପୁର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହାତଧୁଆ ଦିବସ ପାଳନ କରାଯାଇଛି ।



ମ. ରାମପୁର ବ୍ଲକ ଗୋଛାଡେଙ୍ଗେନ ପଞ୍ଚାୟତ ବେଲୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଗଣ ହାତଧୁଆର କୌଶଳ ପ୍ରଦର୍ଶନ କରୁଛନ୍ତି ।

# ମାଗଣାରେ ହେବ ରୁପାଲିଙ୍କ ଅସ୍ତ୍ରୋପଚାର

ଜୁନାଗଡ,୭।୯(ଡି.ଏନ.ଏ.)

**ଧରିତ୍ରୀର ପ୍ରଭାବ**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ପିଲିକିଆ ଗ୍ରାମ ହରେକୃଷ୍ଣ ଘିଙ୍କ ଦେଢ ବର୍ଷର ଝିଅ ରୁପାଲି ହୃଦରୋଗରେ ଶିକାର ହୋଇଛନ୍ତି । ଅର୍ଥାଭାବରୁ ଗତ ରବିବାର ଭୁବନେଶ୍ୱରସ୍ଥିତ ଏମ୍ସ ଡାକ୍ତରଖାନରେ ତାଙ୍କର ଅସ୍ତ୍ରୋପଚାର କରାଇ ନ ପାରି ପରିବାରବର୍ଗ ଘରକୁ ନେଇ ଆସିଥିଲେ। ଏହି ଘଟଣା ସମ୍ପର୍କରେ ଶୁକ୍ରବାର ଧରିତ୍ରୀର ଏକ ରିପୋର୍ଟ ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସମ୍ପୃକ୍ତା ଶିଶୁ କନ୍ୟାର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଆଗେଇ ଆସିଛି। ସ୍ୱାସ୍ଥ୍ୟ ବିଭାଗର ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସକେ) ଜରିଆରେ ରୁପାଲିଙ୍କ ମାଗଣା ଅସ୍ତ୍ରୋପଚାର କରାଯିବ ବୋଲି ବିଭାଗ ପକ୍ଷରୁ ଜଣାପଡିଛି। ଶୁକ୍ରବାର ଧରିତ୍ରୀରେ ଖବର ପ୍ରକାଶ ପରେ ଉକ୍ତ ଦିନ ଜୁନାଗଡ ମୋବାଇଲ ହେଲଥ୍ ଟିମ-୧ ରୁପାଲିଙ୍କ ଘରେ ପହଞ୍ଚିଥିଲେ। ଏଥିରେ ଡାକ୍ତର ପ୍ରଦ୍ୟୁମ୍ନ ଶତପଥୀ ଓ ଫାର୍ମାସିଷ୍ଟ ଶ୍ରୀନିବାସ ତ୍ରିପାଠୀ ରୁପାଲିଙ୍କ ସ୍ୱାସ୍ଥ୍ୟବସ୍ଥା ପରଖିଥିଲେ। ପରେ ଡାକ୍ତରୀ ଗାଡିରେ ରୁପାଲିଙ୍କୁ ଭବାନୀପାଟଣାସ୍ଥିତ ଜିଲା ଚିକିତ୍ସା କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଶିଶୁ ବିଶେଷଜ୍ଞ ରୁପାଲିଙ୍କ ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରିବା ପରେ କିଛି ଦିନର ଔଷଧ ଖାଇବାକୁ ଦେଇଛନ୍ତି। ଉକ୍ତ ଔଷଧ ସରିବା ପରେ ଖୁବଶୀଘ୍ର ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ରୁପାଲିଙ୍କ ଅସ୍ତ୍ରୋପଚାର କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡିଛି।

ଅବକାରୀ ଅଫିସକୁ ଯୋଗାଯୋଗ ବିଚ୍ଛିନ୍ନ

# ୫ବର୍ଷ ହେଲା ଲ୍ୟାଣ୍ଡଲାଇନ ଖରାପ

ନୂଆପଡା ଅଫିସ,୭।୯

**ଅଧିକାରୀଙ୍କ ମୋବାଇଲ ନମ୍ବର ମନା**

ଯେ କୌଣସି ଜାଗାରେ ବେଆଇନ ଭାବେ ମଦ ରନ୍ଧା, ବିକ୍ରି କିମ୍ବା ଚାଲାଣ ହେଉଥାଏ ସେ ବିଷୟରେ ସମ୍ପୃକ୍ତ ଅଧିକାରୀଙ୍କ କାର୍ଯ୍ୟାଳୟକୁ ତୁରନ୍ତ ଯୋଗାଯୋଗ କରନ୍ତୁ ବୋଲି ରାଜ୍ୟ ସରକାର ଆହ୍ୱାନ କରିଥାନ୍ତି । ଏଥି ପାଇଁ କାର୍ଯ୍ୟାଳୟରେ ଏକ ଟୋଲ ଫ୍ରି ନମ୍ବରଯୁକ୍ତ ଫୋନ ରହିବାର ମଧ୍ୟ ନିର୍ଦ୍ଦେଶନାମା ରହିଛି । ହେଲେ ନୂଆପଡା ଜିଲା ଅବକାରୀ ବିଭାଗ କାର୍ଯ୍ୟାଳୟରେ ଆଜକୁ ୪/୫ବର୍ଷ ହେବ ଲ୍ୟାଣ୍ଡ ଫୋନ ଅଚଳ ହୋଇଥିବା ବେଳେ ଅଧିକାରୀ ଜଣକ କାହାରିକୁ ନିଜ ମୋବାଇଲ ନମ୍ବର ଦେବାକୁ ମନା କରିଦେଇଛନ୍ତି । ଏଭଳି ସ୍ଥିତିରେ ନୂଆପଡା ଜିଲାରେ ମଦ ଧରପଗଡ କିପରି ହେଉଥିବା ତାହା ସହଜେ ଅନୁମେୟ । ପ୍ରକାଶ ଯେ, ନୂଆପଡା ଏକ ଉପାନ୍ତ ଜିଲା । ଏହା ଏକ ଆଦିବାସୀ ଅଧ୍ୟୁଷିତ ଜିଲା ସାଙ୍ଗକୁ ଏଠିକାର ଅର୍ଦ୍ଧାଧିକ ଅଞ୍ଚଳ ପାହାଡ ପର୍ବତରେ ଘେରି ରହିଛି । ବହୁ ଉପାନ୍ତ ଅଞ୍ଚଳରେ ଲୋକେ ରନ୍ଧା ମଦ ପିଇ ମୃତ୍ୟୁକୁ ଆଦରି ନେଉଥିବା ବେଳେ ବେଆଇନ ଭାବେ ଜିଲାରେ ହଜାର ହଜାର ବେଆଇନ ମଦ କୋଠି ଚାଲିଛି । ବିଭାଗ କେବଳ ନାଁକୁ ମାତ୍ର ନିଜ ଉପରୁ ଦୋଷ ଖସାଇବାକୁ ଗୋଟିଏ ଦ୍ୱିଟା ମାମଲା ରୁଜୁ କରି ନିଜର କର୍ତବ୍ୟ ସାରି ଦେଉଛନ୍ତି । ଏହା ଉପରେ ବହୁ ଲୋକ କାର୍ଯ୍ୟାଳୟକୁ ସୂଚନା ଦେବାକୁ ଆସୁଥିଲେ ହେଁ କେବେ ଅଧିକାରୀଙ୍କୁ ଭେଟି ନ ପାରି ନିରଶ ହୋଇ ଫେରିଯାଉଥିବା ଅଭିଯୋଗ କରିଛନ୍ତି । ଏପରିକି ଅଧିକାରୀଙ୍କ ଫୋନ ନମ୍ବର ଲୋକେ ମାଗିଲେ କେହି ଦେଉନାହାନ୍ତି । ଏଭଳି ସ୍ଥିତିରେ ଲୋକେ ଆଉ କାହାକୁ ଭରସା କରି ସୂଚନା ଦେବେ ।ଏ ବିଷୟରେ ଜିଲା ଅବକାରୀ ଅଧୀକ୍ଷକ ରାମ ନାରାୟଣ ସେଠଙ୍କୁ ଆମ ପ୍ରତିନିଧି ଭେଟିବାକୁ ଦୁଇ ତିନି ଦିନ ଲଗାତର ଯାଇ ଅପେକ୍ଷା କରିଥିଲେ । ଶେଷରେ ଭେଟିବାକୁ ପାଇଥିଲେ । ତାଙ୍କୁ ଏ ସମ୍ପର୍କରେ ପଚାରିବାରୁ ମୋର ବ୍ୟକ୍ତିଗତ ଫୋନ ନମ୍ବର ଅଛି । ଏହା କାହାରିକୁ ଦିଏ ନାହିଁ । ଏହି ନମ୍ବର ଅଫିସର କୌଣସି କର୍ମଚାରୀଙ୍କୁ ମଧ୍ୟ ଜଣାନାହିଁ ବୋଲି ସିଧା କହିଥିଲେ । ତାଙ୍କ ନିକଟରେ ଥୋଇଥିବା ଟେଲି ଫୋନ ବିଷୟରେ ପଚାରିବାରେ ଏହା ଆଜକୁ ବହୁ ବର୍ଷ ଧରି ବନ୍ଦ ହୋଇ ପଡିଛି । ଏହାକୁ ଟେଲିକମ ବିଭାଗ ଠିକ କରୁନାହିଁ ବୋଲି କହିଥିଲେ । ଜିଲାରେ ଟାର୍ଗେଟ ମୁତାବକ ଅବକାରୀ କର ଆଦାୟ ହେଉଛି । କେଶ ମଧ୍ୟ ରୁଜୁ ହେଉଛି । କୌଣସି ଅସୁବିଧା ହେଉନାହିଁ ବୋଲି କହିଥିଲେ । ହେଲେ ଅଫିସ ତରଫରୁ ଜନସମ୍ପର୍କଙ୍କୁ ଯଦି ଗୁରୁତ୍ୱ ଦିଆଯାଏ ତେବେ ନିହାତି ଭାବେ ଜିଲା ପାଇଁ ଏହା ଶୁଭଙ୍କର ହେବେ ବୋଲି ମତ ପ୍ରକାଶ ପାଇଛି । ଏହା ଉପରେ ଜିଲା କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।



ଜିଲା ଅବକାରୀ ଅଧୀକ୍ଷକଙ୍କ ନିକଟରେ ଅଚଳ ହୋଇ ପଡିଥିବା ଟେଲିଫୋନ ।

ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନା ବାଟବଣା

# ୨ ବର୍ଷ ପରେ ବି ଶ୍ରମିକଙ୍କୁ ମିଳିନି ପାଉଣା

ଜୁନାଗଡ,୭।୯(ଡି.ଏନ.ଏ.)

ଶ୍ରମିକମାନଙ୍କୁ ବର୍ଷକୁ ଶହେ ଦିନର କାମ ଯୋଗାଇବା ପାଇଁ କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) କାର୍ଯ୍ୟକାରୀ କରିଛନ୍ତି। ଏପରିକି କାମ କରିବା ୧୫ ଦିନ ମଧ୍ୟରେ ଶ୍ରମିକଙ୍କୁ ପାଉଣା ଦେବା ମଧ୍ୟ ନିୟମ ରହିଛି। ହେଲେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏଠାରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ କରି ୨ ବର୍ଷ ପରେ ବି ଶ୍ରମିକଙ୍କୁ ପାଉଣା ମିଳି ନ ଥିବା ଅଭିଯୋଗ ହେଉଛି। ବ୍ଲକର ଚିଚୈଗୁଡା ପଞ୍ଚାୟତରେ ଏପରି ଅଭିଯୋଗ ଆସିଛି। ଏହି ପଞ୍ଚାୟତର ଯମୁନାବାହାଲ(କ) ନୂଆବନ୍ଧଠାରେ ମାଟି ଖୋଲିବା ପାଇଁ ଗତ ୨୦୧୬-୧୭ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଯମୁନାବାହାଲ(କ) ଓ ନୂଆଗୁଡା ଗ୍ରାମର ପ୍ରାୟ ୪୦ ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ସମ୍ପୃକ୍ତ ଶ୍ରମିକମାନେ ପ୍ରାୟ ୫ ସପ୍ତାହ ଧରି ସେଠାରେ ମାଟି ଖୋଳା କାମରେ ନିୟୋଜିତ ଥିଲେ। ତାଙ୍କର ପାରିଶ୍ରମିକ ବାବଦ ଟଙ୍କା ଜଣେ ଲେଖାଏଁ ହିସାବରେ ପ୍ରାୟ ୭ ହଜାର ଊର୍ଦ୍ଧ୍ୱ ଟଙ୍କା ହେବାକୁ ଥିବାବେଳେ କେବଳ ୨ଟି ବିଲର ମାତ୍ର ୨ ହଜାର ଟଙ୍କା ସେମାନଙ୍କୁ ମିଳିଛି। ଅବଶିଷ୍ଟ ଟଙ୍କା ଏଯାଏ ମିଳିନାହିଁ।



ଜବ୍‌କାର୍ଡ ସହ କାମ କରି ପାଉଣା ପାଇ ନ ଥିବା ଶ୍ରମିକମାନେ ।

ଇତିମଧ୍ୟରେ ୨ବର୍ଷ ବିତିଯାଇଥିଲେ ମଧ୍ୟ ଶ୍ରମିକଙ୍କୁ ତାଙ୍କ ପ୍ରାପ୍ୟ ମିଳିନାହିଁ। ଏହାକୁ ସେମାନଙ୍କ ମଧ୍ୟରେ ଏବେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ଅବଶିଷ୍ଟ ଟଙ୍କା ପାଇଁ ଉକ୍ତ ଶ୍ରମିକମାନେ ଜୁନାଗଡ ବିଡିଓ, କଳାହାଣ୍ଡି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପ୍ରତିଶ୍ରୁତି ଛଡା ଅନ୍ୟ କିଛି ମିଳିନାହିଁ । ଏହି ଶ୍ରମିକମାନେ ଅତ୍ୟନ୍ତ ଗରୀବ ଶ୍ରେଣୀର ହୋଇଥିବା ବେଳେ କାମ କରି ଯାହା କିଛି ଅର୍ଥ ଆଣିଲେ ସେଥିରେ ସେମାନେ ନିଜ ଗୁଜୁରାଣ ମେଣ୍ଟାଇଥାନ୍ତି। ଆଗକୁ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଆସୁଥିବାରୁ ପାଖରେ ଟଙ୍କା ନ ଥିବାରୁ ଏହି ଗଣପର୍ବ କିଭଳି ପାଳନ କରିବୁ ବୋଲି ସେମାନେ କ୍ଷୋଭରେ ସହ କହନ୍ତି। ଯମୁନାବାହାଲ(କ) ଗ୍ରାମର ପଦ୍ମଲୋଚନ ଦଣ୍ଡସେନା, ହୀରା ଦଣ୍ଡସେନା, ଶ୍ୟାମ ଲହଜଲ, ଖୀର ଲହଜଲ, ଅଜୟ ଲହଜଲ, ଜନ୍ମେଜୟ ଲହଜଲ, ତାରାଚନ ଭୋଇ, ସାବେ ଦଣ୍ଡସେନା, ସ୍ୱର୍ଣ୍ଣଲତା ଭୋଇ, ମହୁରୀ ଭୋଇ, ସପୁରୀ ଭୋଇ, ରଜନୀ ମାଝି, ପଦ୍ମଲୋଚନ ମାଝି, ଉର୍ମିଳା ମାଝି, ପୂର୍ଣ୍ଣମୀ ମାଝି, ପୁଷ୍ପ ଦଣ୍ଡସେନା, ସୁରେଶ ମାଝି, ପରମାନନ୍ଦ ଦଣ୍ଡସେନା, ଜୟନ୍ତ ଦଣ୍ଡସେନା, ବୃଷଭ ଦଣ୍ଡସେନା ରହିଛନ୍ତି । ସେହିପରି ନୂଆଗୁଡା ଗ୍ରାମର ସୁଧୀର ସୁନାନୀ, ସୁଶିଲ ସୁନାନୀ, ସୁମିତ୍ରା ନିଆଲ, ଅଭିରାମ ସୁନାନୀ, ଗୁରୁବାରୀ ସୁନାନୀ, ନୀର ସୁନାନୀ, ଲଛମନ ନିଆଲ, ଟିକେରାମ ନିଆଲ ପ୍ରମୁଖ ଶ୍ରମିକ କାମ କରିଛନ୍ତି। ଏ ନେଇ ସ୍ଥାନୀୟ ଜିଆରଏସ ସୁଶାନ୍ତ କୁମାର ମେହେରଙ୍କୁ ପଚାରିବାରୁ ସେତେବେଳେ ଥିବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀ ବଦଳି ହୋଇଯିବାରୁ ଏପରି ହୋଇଛି ବୋଲି କହିଥିଲେ। ଜୁନାଗଡ ବିଡିଓ ପରମବ୍ରହ୍ମ ଯୋଷୀଙ୍କୁ ପଚାରିବାରୁ ଅକ୍ଟୋବରରୁ ନଭେମ୍ବର ମଧ୍ୟରେ ସେମାନେ ତାଙ୍କ ପ୍ରାପ୍ୟ ପାଇ ପାରିବେ ବୋଲି କହିଥିଲେ।

**ଜୁନାଗଡ ବ୍ଲକ**

## ସଂକ୍ଷେପରେ

### ଜିଲା ଫୁଟବଲ ଲିଗ୍
## ଆଦର୍ଶ କ୍ଲବ, ଏଲ୍.ଏନ୍ କଲେଜ ବିଜୟୀ

ଝାରସୁଗୁଡ଼ା ଅଫିସ,୭।୯
ଝାରସୁଗୁଡ଼ା ଓଏସ୍ଏପି ପଡ଼ିଆରେ ଚାଲିଥିବା ଜିଲା ଫୁଟବଲ ଲିଗ୍‌ରେ ଶୁକ୍ରବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ ଆଦର୍ଶ କ୍ଲବ ଏବଂ ଉତ୍କଳ ଆଥଲେଟିକ କ୍ଲବ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚକୁ ୪-୨ ଗୋଲରେ ଆଦର୍ଶ କ୍ଲବ ଜିତି ନେଇଛି। ଦ୍ୱିତୀୟ ମ୍ୟାଚ୍ ଡିପାପଡ଼ା ଓ ଏଲ୍.ଏନ୍ କଲେଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଲ୍.ଏନ୍ କଲେଜ ୧-୦ ଗୋଲରେ ବିଜୟୀ ହୋଇଛି। ସୁଜିତ କୁଜୁର, ଅଜିତ କୁଜୁର, ଅମିରା ପ୍ରଧାନ, ସଞ୍ଜୟ ରାୟ, ରାଜେଶ୍ୱର ରାଓ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଡାସନ ଗୋଡେନ୍ ମ୍ୟାଚ କମିଶନ ଦାୟିତ୍ୱ ନିର୍ବାହ କରିଥିଲେ।

## ହୋଟେଲ କର୍ମଚାରୀଙ୍କ ଆତ୍ମହତ୍ୟା

ଝାରସୁଗୁଡ଼ା ଅଫିସ,୭।୯- ସ୍ଥାନୀୟ ଏକ ହୋଟେଲର କର୍ମଚାରୀ ଶୁକ୍ରବାର ଆତ୍ମହତ୍ୟା କରିଛନ୍ତି। ମୃତ କର୍ମଚାରୀ ଜଣକ ହେଲେ ପଶ୍ଚିମବଙ୍ଗର ଚିନ୍ମୟ ସିଂ ମହାପାତ୍ର (୨୫)। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଏ ବାବଦରେ ପରିବାର ଲୋକଙ୍କୁ ସୂଚନା ଦିଆଯାଇଛି। ସେମାନେ ପହଞ୍ଚିଲେ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଯିବ। ପଶ୍ଚିମବଙ୍ଗ ବାଙ୍କୁରା ଜିଲା ପରସଲାର ଚିନ୍ମୟ କିଛିଦିନ ପୂର୍ବରୁ ଝାରସୁଗୁଡ଼ା ମଙ୍ଗଳବଜାରସ୍ଥିତ ଲିଙ୍ଗରାଜ ହୋଟେଲରେ କାମ କରିବାକୁ ଆସିଥିଲେ। ଶୁକ୍ରବାର ସକାଳେ ସେ ରହୁଥିବା ରୁମ୍‌ରେ ଆତ୍ମହତ୍ୟା କରିଥିବା ପୋଲିସକୁ ସୂଚନା ଦିଆଯାଇଥିଲା। ଟାଉନଥାନା ପୋଲିସ ପହଞ୍ଚି ରୁମ୍ ସିଲ୍ କରିଛି।

### ସୂଚନା ଅଧିକାର ଆଇନ ଫେଲ୍
## ୪ମାସ ପରେ ବି ମିଳୁନି ସୂଚନା

ଖଡିଆଳ,୭।୯(ଡି.ଏନ.ଏ.)
ସୂଚନା ଅଧିକାର ଆଇନ ବଳରେ ସୂଚନା ମାଗିବାର ୧ ମାସ ମଧ୍ୟରେ ତଥ୍ୟ ଦେବା କଥା ହୋଇଛି । ନୂଆପଡା ଜିଲା ଖଡିଆଳ ବ୍ଲକ ନେହେନା ପଞ୍ଚାୟତରେ ଏହି ଆଇନରେ ତଥ୍ୟ ମିଳୁ ନ ଥିବାରୁ ଏହାର ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁସାରେ ଖଡିଆଳ ବ୍ଲକ ନେହେନା ପଞ୍ଚାୟତରେ ଗତ ୨୦୧୬ରୁ ୨୦୧୭ ମଧ୍ୟରେ ପଞ୍ଚାୟତର ଉନ୍ନୟନ ପାଇଁ ଆସିଥିବା ଲକ୍ଷ ଲକ୍ଷ ଟଙ୍କା କାମ ନ କରି କାର୍ଯ୍ୟ ନିର୍ବାହୀ ଅଧିକାରୀଠାରୁ ଆରମ୍ଭ କରି ବ୍ଲକ ବିଭାଗୀୟ ଅଧିକାରୀମାନେ ସଲାସୁତୁରା କରି ଆତ୍ମସାତ କରିଥିବା ନେଇ ଅଭିଯୋଗ ହୋଇଆସୁଥିଲା । ଉକ୍ତ ବିଷୟରେ ସର୍ବଶେଷ ବିବରଣୀ ଜାଣିବା ପାଇଁ ଗତ ୨୬।୪।୨୦୧୮ରେ ବ୍ଲକ କାର୍ଯ୍ୟାଳୟରେ ନେହେନା ଗାଁର ସନ୍ତୋଷ ଦଣ୍ଡସେନା ନାମକ ଯୁବକ ସୂଚନା ଅଧିକାର ଆଇନ ୨୦୦୫ ବଳରେ ତଥ୍ୟ ମାଗିଥିଲେ । ସୂଚନା ମାଗିବାର ଇତି ମଧ୍ୟରେ ୪ ମାସରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ହେଁ ଏ ପର୍ଯ୍ୟନ୍ତ କୌଣସି ତଥ୍ୟ ମିଳୁ ନ ଥିବା ଅଭିଯୋଗ ହୋଇଛି । କେବଳ ସେତିକି ନୁହେଁ ସୂଚନା ଆଣିବା ପାଇଁ ଗଲେ ବ୍ଲକ ସୂଚନା ଅଧିକାରୀ ପଞ୍ଚାୟତ ପକ୍ଷରୁ ସୂଚନା ଦେବା ପାଇଁ କୁହାଯାଇଛି । ପଞ୍ଚାୟତ ପକ୍ଷରୁ ଦେଉ ନ ଥିବାରୁ ସୂଚନା ପ୍ରଦାନ କରାଯାଇପାରୁ ନାହିଁ କହୁଥିବା ଅଭିଯୋଗ ହୋଇଛି । ଏ ନେଇ ସୂଚନା ଅଧିକାରୀଙ୍କୁ ମତାମତ ନେବା ପାଇଁ ଯୋଗାଯୋଗ କରିଥିଲେ ହେଁ ସମ୍ଭବ ହୋଇ ନ ଥିଲା । ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସନାତନ ପଣ୍ଡାଙ୍କୁ ପଚାରିବାରୁ ୪ମାସ ହେଲା ସୂଚନା ଦେବାରେ ବିଳମ୍ବ ହୋଇଥିବା ଅଭିଯୋଗକୁ ଖଣ୍ଡନ କରିବା ସହ ଗତ ୮ ଦିନ ହେଲା ମୁଁ ଅବଗତ ଅଛି । ଯେଉଁ ଅଭିଯୋଗ କରାଯାଉଛି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ ଅଯଥା ବ୍ଲାକ ମେଲ୍ଲିଂ କରାଯାଉଛି ବୋଲି ପ୍ରକାଶ କରିଥିଲେ।

### କେନ୍ଦ୍ରମନ୍ତ୍ରୀଙ୍କ ବନ୍ଧବାହାଲ ଗସ୍ତ, ହସ୍ପିଟାଲ କୋଠା ପରିଦର୍ଶନ
# ୨୨ରେ ପ୍ରଧାନମନ୍ତ୍ରୀ କରିବେ ଉଦ୍‌ଘାଟନ

ଲଖନପୁର,୭।୯(ଡି.ଏନ୍.ଏ.)

ମହାନଦୀ କୋଲ୍ ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ପକ୍ଷରୁ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନ୍ଧବାହାଲଠାରେ ନିର୍ମିତ ଶହେ ଶଯ୍ୟା ବିଶିଷ୍ଟ ହସ୍ପିଟାଲ କୋଠା ନିର୍ମାଣ କାମ ଇତିମଧ୍ୟରେ ସମ୍ପୂର୍ଣ୍ଣ ହୋଇଛି। ଏହି ହସ୍ପିଟାଲକୁ ଆସନ୍ତା ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। କେନ୍ଦ୍ର ଆଦିବାସୀ କଲ୍ୟାଣମନ୍ତ୍ରୀ ଜୁଏଲ ଓରାମ ଶୁକ୍ରବାର ଅପରାହ୍ନ ସାଢ଼େ ୨ଟାରେ ବନ୍ଧବାହାଲରେ ପହଞ୍ଚି ହସ୍ପିଟାଲ କୋଠା ପରିଦର୍ଶନ କରିଥିଲେ। ଏନେଇ ଏମ୍‌ସିଏଲ୍ ଅଧିକାରଙ୍କ ସହ ଓରାମ ଆଲୋଚନା କରିଥିଲେ। ପରେ କମ୍ପାନୀ ଅତିଥି ଭବନ ତ୍ରିବେଣୀରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ମନ୍ତ୍ରୀଙ୍କ ଆଲୋଚନା ହୋଇଥିଲା। ଏଥିରେ ଓରାମଙ୍କ ସମେତ ବିଧାୟିକା ରାଧାରାଣୀ ପଣ୍ଡା, ଜିଲା ପରିଷଦ ସଦସ୍ୟ ସାମଲ ନାଏକ, ବିଶ୍ୱନାଥ ଭୋଇ, ପ୍ରଶାନ୍ତ ତ୍ରିପାଠୀ, ନୀଳାଞ୍ଚଳ ସା, ଆଲୋକ ସାହୁ, ସନ୍ତୋଷ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ସିଏଲ୍ ପକ୍ଷରୁ ଡାଇରେକ୍ଟର୍ ଟେକ୍‌ନିକାଲ୍ (ଡିଟି) ଓ.ପି. ସିଂହ, ଲଖନପୁର କ୍ଷେତ୍ର ଜିଏମ୍ ରାଜେନ୍ଦ୍ର ପ୍ରସାଦ ଗୁପ୍ତା, ବସୁନ୍ଧରା ଜିଏମ୍ ନିରଜ କଲା, ସିଏମ୍‌ଏସ୍ ଡି.କେ. ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ନବନିର୍ମିତ ହସ୍ପିଟାଲକୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ନାମରେ ନାମିତ କରିବା ପାଇଁ ସ୍ଥାନୀୟ ବାଜପେୟୀ ସ୍ମୃତି କମିଟି ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ହସ୍ପିଟାଲରେ ସ୍ଥାନୀୟ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଲୋକଙ୍କ ସମେତ ଆଖପାଖ ଅଞ୍ଚଳର ଲୋକଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେବା ପାଇଁ ଏଥିରେ ଉଲ୍ଲେଖ ରହିଛି। ଏନେଇ ସ୍ଥାନୀୟ ଲୋକେ ସ୍ୱତନ୍ତ୍ର ଭାବେ କେନ୍ଦ୍ରମନ୍ତ୍ରୀ ଓରାମଙ୍କୁ ଭେଟି ଦାବି ଜଣାଇଛନ୍ତି।


ସ୍ମୃତି କମିଟି ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ଝାରସୁଗୁଡ଼ା ଅଫିସ,୭।୯

ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ସମ୍ବଲପୁର ମୁକ୍ତି ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସଂଗ୍ରାମୀ କରୁଣାକର ସିଂ ନାଏକ, ଖଗ ନାଏକ, କହ୍ନେଇ ନାଏକଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସମ୍ମିଳିତ ଅଦିବାସୀ ସମାଜ ପକ୍ଷରୁ ଦାବି କରାଯାଇଛି। ଏନେଇ ଶୁକ୍ରବାର ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ବ୍ରିଟିଶ ଶାସନରୁ ଏହି ଅଞ୍ଚଳକୁ ମୁକ୍ତ କରିବା ପାଇଁ ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ କୋଲାବିରା ଜମିଦାର କରୁଣାକର ସିଂ ନାଏକ ଏବଂ ଅନ୍ୟମାନେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ଗାଁ ମାଟିର ସୁରକ୍ଷା ପାଇଁ ବଣ ଜଙ୍ଗଲରେ ଆଶ୍ରୟ ନେଇ ବ୍ରିଟିଶରଙ୍କ ବିରୋଧରେ ସଂଗ୍ରାମ ଜାରି ରଖିଥିଲେ। ସେଥିପାଇଁ କୋଲାବିରା ଗଡ଼ ଅଗ୍ନିତୀର୍ଥ ଭାବରେ ଇତିହାସ ପୃଷ୍ଠାକୁ ଗୌରବାନ୍ୱିତ କରିଛି। ଏହି ସଂଗ୍ରାମୀଙ୍କୁ ସ୍ମରଣ କରିବା ପାଇଁ ସେମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଆଦିବାସୀ ସମାଜ ସଭାପତି ବୁନ୍ଦେ ଧୁରୁଆ, ସମ୍ପାଦକ ପ୍ରଭାକର ଓରାମ ପ୍ରମୁଖ ଦାବି କରିଛନ୍ତି।

## ପରୀ-୨: ୮ ଶିଶୁ ଶ୍ରମିକ ଉଦ୍ଧାର

ଝାରସୁଗୁଡ଼ା ଅଫିସ/ ବେଲପାହାଡ଼, (ଡି.ଏନ୍.ଏ.) ୭।୯

ଅପରେଶନ 'ପରୀ-୨' ଅଧୀନରେ ଶୁକ୍ରବାର ବେଲପାହାଡ଼ ପୌରାଞ୍ଚଳର ବିଭିନ୍ନ ସ୍ଥାନରୁ ୮ ଜଣ ଶିଶୁଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଜୋତା ଦୋକାନ, ଗାଡ଼ି ସର୍ଭିସିଂ ସେଣ୍ଟର, ପରିବା ଦୋକାନ, ଗ୍ୟାରେଜ, ହୋଟେଲ, ସାଇକେଲ ମାର୍ଟରୁ ଏହି ଶିଶୁମାନଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ଶିଶୁଶ୍ରମିକଙ୍କ ମଧ୍ୟରୁ ୪ ଜଣଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିବା ବେଳେ ଅନ୍ୟ ୪ ଜଣଙ୍କୁ ଓପନ ଶେଲଟରକୁ ପଠାଯାଇଥିବା ଚାଇଲ୍ଡ ଲାଇନ ସଂଯୋଜକ ଆଶିଷ ପଣ୍ଡା କହିଛନ୍ତି। ଶିଶୁ ଶ୍ରମିକ ନିୟୋଜିତ କରିଥିବା ବ୍ୟବସାୟୀଙ୍କ ବିରୋଧରେ ଶ୍ରମ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଉଦ୍ଧାରକରୀ ଦଳରେ ପୋଲିସ, ଚାଇଲ୍ଡ ଲାଇନ, ଶିଶୁସୁରକ୍ଷା ୟୁନିଟ, ଶିଶୁ କଲ୍ୟାଣ କମିଟି, ଶ୍ରମ ବିଭାଗ ଅଧିକାରୀ ସାମିଲ ଥିଲେ।

## ଝାରସୁଗୁଡ଼ା ବିମାନବନ୍ଦରରେ ଏସ୍‌ପିଜିର ସୁରକ୍ଷା ତଦାରଖ

ଝାରସୁଗୁଡ଼ା ଅଫିସ,୭।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଝାରସୁଗୁଡ଼ା ଗସ୍ତକୁ ନେଇ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ସ୍ୱତନ୍ତ୍ର ନିରାପତ୍ତା ବାହିନୀ (ଏସ୍‌ପିଜି)ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୋଦିଙ୍କ କାର୍ଯ୍ୟକ୍ରମ ନିର୍ବାହ ହେବ। ଏହାର ତର୍ଜମା ଏବଂ ସମୀକ୍ଷା ପାଇଁ ଏସ୍‌ପିଜି ଆଇଜି ମୁନ୍ନାପ୍ରସାଦ ଗୁପ୍ତା ଶୁକ୍ରବାର ଏଠାକୁ ଆସିଥିଲେ। ତାଙ୍କ ସହ ଉତ୍ତରାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ, ଝାରସୁଗୁଡ଼ା ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି ଏବଂ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ବିମାନବନ୍ଦରର ପରବର୍ତ୍ତୀ ସୁରକ୍ଷା ବ୍ୟବସ୍ଥା ନେଇ ଆଲୋଚନା କରିଥିଲେ। ବିମାନବନ୍ଦରରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରେ ଅମଲିପାଲିରେ ହେବାକୁ ଥିବା ସାଧାରଣ ସଭାସ୍ଥଳର ସୁରକ୍ଷା ଦାୟିତ୍ୱ ମଧ୍ୟ ଏସ୍‌ପିଜି ହାତରେ ନ୍ୟସ୍ତ ରହିଛି। ଅଧିକାରୀମାନେ ସେଠାକୁ ଯାଇ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ। ଓଡ଼ିଶା ପୋଲିସ ଏହି ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥାରେ ଭାଗିଦାର ହେବ ବୋଲି ଜଣାପଡ଼ିଛି।



ସୁରକ୍ଷା ତର୍ଜମା କରୁଛନ୍ତି ପୋଲିସ ଅଧିକାରୀ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR 7682826300 7682826301
BRAHAMPUR 7682826307 7377730723

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

SMS JOB
ବେଟିବଚାଓ ବେଟିପଢାଓ ଯୋଜନାରେ ପୁଅଝିଅ, ଗୃହିଣୀ, ଘରେବସି Part time, full time SMS କାମ କରି ମାସକୁ ଟଙ୍କା 15,000/- ରୁ 30,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ନାମ ଓ ଠିକଣା SMS କରନ୍ତୁ ।
Laptop, Mobile FREE
09135937168
07258995324

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ । ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
ADARSH FINANCE
Ram Nagar, Narnel, Haryana
7310635473
7310568831

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188
8556894339

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ ଦେଇ ମାତ୍ର ତିନ ଦିନରେ ଶିକ୍ଷା ଋଣ, ବ୍ୟବସାୟ ଋଣ ଏବଂ ସୁନା ଋଣ ନେବାର ସୁଯୋଗ ଲାଭ କରନ୍ତୁ । ଆକର୍ଷଣୀୟ ସୁଧ ।
ଯୋଗାଯୋଗ 9874247647
Plot No: 86, Sarkar Street, Kolkata

Shree Ganesh Finance Ltd.
ଋଣ ଧମାକା
ବେରୋଜଗାରଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। ମହିଳାଙ୍କ ପାଇଁ ବିଶେଷ ରିହାତି। ସବୁ ଋଣ (100000-9500000) ପର୍ଯ୍ୟନ୍ତ ପାଆନ୍ତୁ ଘରେ ବସି।
Durga Nagar, Ward 36, Ferozpur
09085463427

GRAMIN FINANCE 1962 ଠାରୁ ଆପଣଙ୍କ ସେବାରେ
ସରକାରୀ ଯୋଜନା ଦ୍ୱାରା ପର୍ସନାଲ, ଏଜୁକେଶନ, ପ୍ରପର୍ଟି ଋଣ ନିଅନ୍ତୁ 48 ଘଣ୍ଟାରେ।
ନୋ ଫାଇଲ୍ ଚାର୍ଜ ନୋ ଗ୍ୟାରେଣ୍ଟର Only Bank Fees ଋଣ ପାସ୍ ହେଲା ପରେ
ମହିଳା ଓ Govt. Jobଧାରୀଙ୍କ ପାଇଁ ବିଶେଷ ସବ୍‌ସିଡି
AT: TARAN, PO: TAARAN, PUNJAB - 143401
Website: www.graminfinance.com
Miss Call Alerts: 18001007280

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

ଧନଲକ୍ଷ୍ମୀ ଫାଇନାନ୍ସ (Govt. Regd.)
Vill: Asthawan, Dist.- Nalanda, Bihar-803107
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଆଧାରକାର୍ଡ, ରାଶନ କାର୍ଡ, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ପାଆନ୍ତୁ ୨୪ ଘଣ୍ଟାରେ । ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ ୧ ଲକ୍ଷରୁ ୫ କୋଟି ପର୍ଯ୍ୟନ୍ତ ଋଣ ସରକାରୀ ବ୍ୟାଙ୍କଗୁଡ଼ିକ ଦ୍ୱାରା।
Call Now: 07078315986

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର। ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580 95578-79781

9911436726, 9540938429


JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
7455967551
9068296909

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527 +91 8126673652
ଠକମାନଙ୍କ ପ୍ରତି ସାବଧାନ

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ଲେଖନୀ ଓ ତରବାରୀ ଉଭୟ ଶକ୍ତିଶାଳୀ, କିନ୍ତୁ ଲେଖନୀର ହିଁ ଜୟ ହୁଏ।

- ନେପୋଲିୟନ୍



## ସଂକ୍ଷେପରେ

### ଅଭିଯୋଗ ପରେ ମରାମତି ହେଲା ପାଇପ

**ରାଉରକେଲା ଅଫିସ, ୭।୯-** ମଧୁସୂଦନପାଲି ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ବାସ କରୁଥିବା ୩୦ ପରିବାର ଦୂଷିତ ପାଇପ୍ ଜଳ ପିଉଥିବା ନେଇ ଅଭିଯୋଗ ପରେ ଶୁକ୍ରବାର ଫଟା ପାଇପ୍ ମରାମତି କରାଯାଇଛି। ପୂର୍ବରୁ ଯୋଗାଇ ଦିଆଯାଉଥିବା ପାଣିରେ ଆବର୍ଜନା, ପୋକଜୋକ ମିଶି ରହୁଥିଲା। ଏନେଇ ଗତ ୫ବର୍ଷ ହେବ ସମ୍ପୃକ୍ତ ଅଞ୍ଚଳବାସୀ ଉପରିସ୍ଥ ଅଧିକାରୀଙ୍କୁ ଗୁହାରି କରିଆସୁଥିଲେ। ଗତ ଜୁନରେ ଏହି ଦୂଷିତ ଜଳ ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ଭୁବନେଶ୍ୱରସ୍ଥିତ ରାଜ୍ୟ ଲାବୋରେଟୋରୀକୁ ପଠାଯାଇଥିଲା। ତେବେ ଏହାର ରିପୋର୍ଟ ଆସିଲା ନା ନାହିଁ ବସ୍ତିବାସିନ୍ଦା ଜାଣି ନ ଥିବା କହିଛନ୍ତି। ତେବେ ସମସ୍ୟା ସମାଧାନ ନେଇ ଅସନ୍ତୁଷ୍ଟ ବସ୍ତିବାସିନ୍ଦା ସାମାଜିକ କର୍ମୀ ମୀନତୀ ଦେବତାଙ୍କ ସହାୟତା ନେବା ପରେ ଫଟା ପାଇପ୍ ମରାମତି କାମ ଆରମ୍ଭ କରାଯାଇଛି। ଏହାକୁ ଦେବତା ସ୍ୱାଗତ କରିଛନ୍ତି।

### ଖୋଲା ପଡ଼ିଛି ବିପଦପୂର୍ଣ୍ଣ ନାଳ

**ରାଉରକେଲା ଅଫିସ,୭।୯-** ସେକ୍ଟର-୨୨ ସି/୩୦୪ କ୍ୱାର୍ଟର୍ସ ସମ୍ମୁଖରେ ୪ଫୁଟ ଗଭୀର ଭୂତଳ ଗର୍ତ୍ତ ଖୋଲା ପଡ଼ିଛି। ମରାମତି ଆଳରେ ଗତ କିଛିଦିନ ହେବ ଏହା ଉପରୁ ଭଙ୍ଗା ସିମେଣ୍ଟ ସ୍ଲାବ ହଟାଯାଇଥିଲା। ତେବେ ନୂଆ ସ୍ଲାବ ପକା ନ ଯାଇ ଏହାକୁ ଖୋଲାରେ ଛାଡ଼ି ଦିଆଯାଇଥିବା ଦେଖାଯାଇଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ ଅନ୍ଧାରରେ ଦ୍ରୁତ ଗତିରେ ଯାତାୟାତ କରୁଥିବା ବାଇକ୍ ଚାଳକ, ବୁଲା ଗାଈ, ମଇଁଷିଙ୍କ ପାଇଁ ଏହା ବିପଦର କାରଣ ପାଲଟିଛି। ଏହାକୁ ଶୀଘ୍ର ମରାମତି କରିବାକୁ ଦାବି କରାଯାଇଛି।

### ଗଣେଶ ପୂଜା କମିଟି କର୍ମକର୍ତ୍ତା ନିର୍ବାଚନ

**ରାଉରକେଲା ଅଫିସ,୭।୯-** ପ୍ରତିବର୍ଷ ପରି ଚଳିତବର୍ଷ ଫର୍ଟିଲାଇଜର ଟାଉନଶିପ ଟିପ୍ ଟାଇପ୍ ମାର୍କେଟ ଗଣେଶ ପୂଜା ଉତ୍ସବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଣିକ ସଂଘ ସଭାପତି ସୂର୍ଯ୍ୟମଣି ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ପୂଜାର ରୁପରେଖ ଓ ଆର୍ଥିକ ଅଟକଳ ନେଇ ଆଲୋଚନା କରଯାଇଥିଲା। ଏହି ଅବସରରେ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ରୂପେ ଗୌତମ ସାହୁ, ଉପସଭାପତି ଅମିତ ସିଂ, ହେମନ୍ତ ବେହେରା, କାର୍ଯ୍ୟକାରୀ ସଭାପତି ସୁମନ ମଲ୍ଲିକ, ସମ୍ପାଦକ ସୁନୀଲ ଗୁପ୍ତା, ଯୁଗ୍ମ ସମ୍ପାଦକ ନିରଞ୍ଜନ ବେହେରା, କୋଷାଧକ୍ଷ, ମାନସ ସାହୁ, ବାବୁନି ମହାନ୍ତି ଓ ସାଂସ୍କୃତିକ ସମ୍ପାଦକ ଭାବେ ବିଜେଶ ବେହେରା ଓ ବଳିଆ ଜେନାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

## ଜନଜାତି କମିଶନ ଉପାଧକ୍ଷାଙ୍କ ରାଉରକେଲା ଗସ୍ତ

# ବିସ୍ଥାପିତଙ୍କୁ ବାଣ୍ଟିଲେ ଜମି ପଟ୍ଟା

**ରାଉରକେଲା ଅଫିସ, ୭।୯**

ଜାତୀୟ ଜନଜାତି ଆୟୋଗ ଉପାଧକ୍ଷା ଅନସୂୟା ଉକେ ଶୁକ୍ରବାର ରାଉରକେଲା ଗସ୍ତରେ ଆସି ଆର୍‌ଏସ୍‌ପି ଦ୍ୱାରା ବିସ୍ଥାପିତ ଆଦିବାସୀଙ୍କ ସମସ୍ୟା ସମାଧାନ ନେଇ ସମୀକ୍ଷା କରିଛନ୍ତି। ପୂର୍ବରୁ ସେ ଉଦିତନଗର ଆଇଟିଡିଏ ହଲରେ ବିସ୍ଥାପିତଙ୍କୁ ନେଇ ଆୟୋଜିତ ଆଲୋଚନା ସଭାରେ ଯୋଗଦେଇଥିଲେ। ଏଥିରେ ଜାତୀୟ ଜନଜାତି ଆୟୋଗ ନିର୍ଦ୍ଦେଶକ ରାଜେଶ୍ୱର କୁମାର, ସେକ୍ରେଟାରି ରାଘବ ଚନ୍ଦ୍ର, ସୁନ୍ଦରଗଡ଼ ଜିଲାପାଳ ସୁରେନ୍ଦ୍ର କୁମାର ମୀନା, କମିଶନଙ୍କ ଆଞ୍ଚଳିକ ସହକାରୀ ନିର୍ଦ୍ଦେଶକ (ଭୁବନେଶ୍ୱର) ଅଶୋକ ବର୍ଦ୍ଧନ, ରାଉରକେଲା ଅତିରିକ୍ତ ଜିଲାପାଳ ମୋନିଷା ବାନାର୍ଜୀ, ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ର ଓ ତହସିଲଦାର ବିଶ୍ୱରଞ୍ଜନ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ବାନାର୍ଜୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଶନ ଉପାଧକ୍ଷା ଉକେ କହିଲେ, ଦେଶର ଜନଜାତିଙ୍କ ସମସ୍ୟା ନେଇ ଆୟୋଗ ଯତ୍ନଶୀଳ ରହିଛି। ଅଗ୍ରାଧିକାର ଭିତ୍ତିରେ କିପରି ଅଭିଯୋଗଗୁଡ଼ିକର ସମାଧାନ କରାଯାଇ ପାରିବ ସେ ନେଇ ପଦକ୍ଷେପ ନିଆଯାଉଛି। ଦୀର୍ଘ ୬୦ ଦଶକରୁ ଊର୍ଦ୍ଧ୍ୱ ହେଲାଣି ଆର୍‌ଏସ୍‌ପି ବିସ୍ଥାପିତଙ୍କୁ ନ୍ୟାୟ ମିଳିପାରି ନାହିଁ। ଆଜି ଦିନରେ ୨ ହଜାର ୩ଶହ ୨୮ଜଣ ବିସ୍ଥାପିତଙ୍କୁ ଜମିପଟ୍ଟା ପ୍ରଦାନ ନେଇ ଯେଉଁ ପଦକ୍ଷେପ ନିଆଯାଇଛି ତାହା ଏକ ଐତିହାସିକ ମୁହୂର୍ତ୍ତ ବୋଲି କମିଶନ ଉପାଧକ୍ଷା ଉକେ କହିଥିଲେ। ତେବେ ପ୍ରଦାନ କରାଯାଉଥିବା ପଟ୍ଟାରେ ନିର୍ଦ୍ଦିଷ୍ଟ ଭାବେ ଜାତି ଉଲ୍ଲେଖ କରିବାକୁ ସେ ପରାମର୍ଶ ଦେଇଥିଲେ। ବହୁ ସଂଘର୍ଷ ପରେ କର୍ତ୍ତୃପକ୍ଷ ଯେଉଁ ପଦକ୍ଷେପ ନେଇଛନ୍ତି ତାକୁ ସେ ସ୍ୱାଗତ କରି କହିଥିଲେ, ଏ ଦିଗରେ ନିଷ୍ଠାର ସହ କାର୍ଯ୍ୟ କଲେ ସମସ୍ୟାର ତ୍ୱରିତ ସମାଧନ ହୋଇପାରିବ। ଆର୍‌ଏସ୍‌ପି ଦ୍ୱାରା ୨୦ହଜାର ଏକର ଜମି ଅଧିଗ୍ରହୀତ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ୫ହଜାର ଏକର ଫେରସ୍ତ କରାଯାଇଛି। ତେବେ ବାସ୍ତବରେ ବାସଚ୍ୟୁତମାନେ ଫେରସ୍ତ ଜମି ପାଇଛନ୍ତି ନା ନାହିଁ ସେ ଦିଗରେ ଦୃଷ୍ଟି ଦିଆଯିବା ଆବଶ୍ୟକ। ସେହିଭଳି ବିସ୍ଥାପିତଙ୍କ ଦାବି ଅନୁସାରେ ମାତ୍ର ୭ଶହ ଲୋକଙ୍କୁ ନିଯୁକ୍ତି ମିଳିଥିବାବେଳେ ଆଜି ବି ଅନେକ ଆଶାୟୀ ନ୍ୟାୟ ପାଇପାରି ନାହାନ୍ତି। ବିସ୍ଥାପିତଙ୍କ ନାଁରେ ନକଲି ପ୍ରମାଣପତ୍ର ଯୋଗାଡ଼ କରି ଆର୍‌ଏସ୍‌ପିରେ ଚାକିରି କରିଥିବା ଯୁବକଙ୍କୁ ଚିହ୍ନଟ କରି ବହିଷ୍କାର କରିବା ସପକ୍ଷରେ କମିଶନ ଉପାଧକ୍ଷା ମତ ଦେଇଥିଲେ। ଆହୁରି ୫ଶହ ବିସ୍ଥାପିତଙ୍କ ଖୋଜଖବର ନ ଥିବାବେଳେ ଏମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇ ନ୍ୟାୟ ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସେ ସାରନା ଜମି ବିବାଦ ପ୍ରସଙ୍ଗ ଉଠାଇ ଅଗ୍ରାଧିକାର ଭିତ୍ତିରେ ଏହାର ସମାଧାନ କରିବାକୁ ଜିଲା ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଜନଜାତିଙ୍କ ପାଇଁ ଆୟୋଗ ଯେଉଁ ସକାରାତ୍ମକ ପଦକ୍ଷେପ ନେଉଛି, ସେ ସମ୍ପର୍କରେ ସମସ୍ତେ ଅବଗତ ହେବା ଉପରେ ଉପାଧକ୍ଷା ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି ଅବସରରେ ଉକେ ବିଶ୍ରା ଓ ଲାଠିକଟା ବ୍ଲକର ଶତାଧିକ ବିସ୍ଥାପିତଙ୍କୁ ଜମି ପଟ୍ଟା ବଣ୍ଟନ କରିଥିଲେ। ପରେ ଅତିରିକ୍ତ ଜିଲାପାଳ ବାନାର୍ଜୀଙ୍କ ସମ୍ମିଳନୀ କକ୍ଷରେ ଆୟିଜୋତ ସମୀକ୍ଷା ବୈଠକରେ ଯୋଗଦେଇ ବାସଚ୍ୟୁତଙ୍କ ସମସ୍ୟା ପଚାରି ବୁଝିଥିଲେ।



ଆଇଟିଡିଏ ହଲ୍‌ରେ ଆୟୋଜିତ ଆଲୋଚନା ସଭାରେ ମଞ୍ଚାସୀନ ଜାତୀୟ ଜନଜାତି କମିଶନ ଉପାଧକ୍ଷାଙ୍କ ସହ ଅନ୍ୟ ଅଧିକାରୀ।

## ଓସିଏଲ ପକ୍ଷରୁ ୪୬ ଛାତ୍ରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ

**ରାଜଗାଙ୍ଗପୁର, ୭।୯ (ଡି.ଏନ୍.ଏ.)**

ରାଜଗାଙ୍ଗପୁରଠାରେ ଥିବା ଓସିଏଲ ଇଣ୍ଡିଆ ଲିମିଟେଡ, ଡାଲମିଆ ସିମେଣ୍ଟ ଭାରତ ଗ୍ରୁପ ତରଫରୁ ତଥା ରାଜଗାଙ୍ଗପୁରର ଲାଞ୍ଜିବେର୍ଣ୍ଣା ଖଣି ପାର୍ଶ୍ୱବର୍ତ୍ତି ଗ୍ରାମ ଗୁଡିକରେ ଉନ୍ନତି ପାଇଁ ସିଏସଆର ବିଭାଗ ପକ୍ଷରୁ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣର ସହଭାଗିତାରେ ରାଜଗାଙ୍ଗପୁର ଦକ୍ଷତା ସେଣ୍ଟରଠାରେ ବୁଧବାର ଗୁରୁ ଦିବସ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ୪୬ ଜଣ କୃତୀ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ ସହ ବାଙ୍ଗାଲୋର ସ୍ଥିତ ଏକ୍ସପୋର୍ଟ ପ୍ରାଇଭେଟ ଲିମିଟେଡ କମ୍ପାନୀରେ ନିଯୁକ୍ତିପତ୍ର ଓସିଏଲ କମ୍ପାନୀ ଇଡି ସୁନୀଲ କୁମାର ଗୁପ୍ତା ଓ ସଙ୍ଗମ ମହିଳା ମଣ୍ଡଳର ସଭାନେତ୍ରୀ ସୁନୀତା ଗୁପ୍ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଉକ୍ତ ସଭାରେ ସିଏସଆର ବିଭାଗର ଆଞ୍ଚଳିକ ମୁଖ୍ୟ ତଥା ସିନିୟର ଜିଏମ ଡ. ନୀଲାଦ୍ରୀ ପାଢ଼ୀଙ୍କ ସହ ଦୀପକ ସେନାପତି, ଶିବନାରାୟଣ ପରିଜା ଓ ଶ୍ୟାମ ସୁଆର ଉପସ୍ଥିତ ଥିଲେ। ଏଥି ସହ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅଞ୍ଚଳରେ ସିଏସଆର ବିଭାଗ ଦ୍ୱାରା ଅଞ୍ଚଳର ଯୁବତୀଯୁବକଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଓ ଦକ୍ଷତା ବୃଦ୍ଧି ପରେ ତାଙ୍କୁ ନିଯୁକ୍ତି ପ୍ରଦାନ କାର୍ଯ୍ୟକ୍ରମକୁ ଅଞ୍ଚଳବାସୀ ତଥା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରଶଂସା କରାଯାଇଛି।



ଦୁର୍ଘଟଣା ପରେ କୁମ୍ଭାରପଡ଼ାଠାରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

## ବସ୍ ଧକ୍କାରେ ୨ଛାତ୍ର, ମା' ଗୁରୁତର

# ବସ୍ ଭଙ୍ଗାରୁଜା, ଟାୟାର ଜାଳି ରାସ୍ତା ଅବରୋଧ

**ରାଉରକେଲା ଅଫିସ, ୭।୯**

ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ କୋଇଲା ଗେଟ୍ କୁମ୍ଭାରପଡ଼ା ନିକଟରେ ଶୁକ୍ରବାର ପୂର୍ବାହ୍ନରେ ରାସ୍ତା ପାର୍ଶ୍ୱରେ ବିଦ୍ୟାଳୟ ଯିବାକୁ ଅପେକ୍ଷା କରିଥିବା ଦୁଇ ଛାତ୍ର ଓ ତାଙ୍କ ମା'ଙ୍କ ଉପରେ ଏକ ବସ୍ ଭାରସାମ୍ୟ ହରାଇ ମାଡ଼ିଯିବାରୁ ତିନିଜଣଯାକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ପୂଜା ଦେବୀ, ତାଙ୍କ ବଡ଼ ପୁଅ ଆର୍ଯ୍ୟନ ପ୍ରଜାପତି (୬) ଓ ସାନ ପୁଅ ଅନୁରାଗ ପ୍ରଜାପତି (୫)। ଆର୍ଯ୍ୟନ୍ ଆଇଜିଏଚ୍ ଆଇସିୟୁରେ ଭର୍ତ୍ତି ହୋଇଥିବାବେଳେ ପୂଜା ଓ ଅନୁରାଗ ମଧ ସେଠାରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଆର୍ଯ୍ୟନଙ୍କ ହାତ ଓ ଗୋଡ଼ରେ ଗୁରୁତର ଆଘାତ ଲାଗିଛି। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ବସ୍ ଭଙ୍ଗାରୁଜା କରିବା ସହ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେଠାରେ ଉତ୍ତେଜନା ଲାଗି ରହିଥିଲା। ରାଉରକେଲା ଏସ୍‌ପିଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

# ମହିଳାଙ୍କୁ ଆକ୍ରମଣ, ମାମଲା ରୁଜୁ

**ବଡ଼ଗାଁ, ୭।୯ (ଡି.ଏନ୍.ଏ.)**

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ରେଙ୍ଗାଲମାଲ ଗ୍ରାମର ୨ମହିଳାଙ୍କ ମଧ୍ୟରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ମାଡପିଟ ଘଟଣାର ଅଭିଯୋଗ କ୍ରମେ ପୋଲିସ ଉଭୟ ପକ୍ଷଙ୍କ ନାମରେ ମାମଲା ରୁଜୁ କରିଛି। ଭାରତୀ ବେହେରାଙ୍କ ସ୍ୱାମୀ ଲଳିନ୍ଦ୍ର ବେହେରା ତାଙ୍କ ଗାଈ ବଳଦଙ୍କୁ ଗାଁ ଦାଣ୍ଡରେ ତଡିନେଲା ବେଳେ ତାଙ୍କ ବଡ ଭାଇ ବିରଞ୍ଚି ବେହେରା ଓ ଭାଉଜ ପୂର୍ଣ୍ଣିମା ତାଙ୍କ ବିଲରେ ଗାଈ ପୁରାଇଥିବା ଅଭିଯୋଗ କରି ଗାଳିଗୁଲଜ କରିଥିଲେ। ତହିଁ ଆର ଦିନ ସକାଳ ୮ଟାରେ ଲଳିନ୍ଦ୍ରଙ୍କୁ ରାସ୍ତାରେ ଅଟକାଇ ବିରଞ୍ଚି ମାଡ ମାରିଥିଲେ। ଏନେଇ ଥାନାରେ ଅଭିଯୋଗକ୍ରମେ କେସ ନଂ. ୭୮ରେ ବିରଞ୍ଚି ଏବଂ ପୂର୍ଣ୍ଣିମାଙ୍କ ନାଁରେ ମାମଲା ରୁଜୁ ହୋଇଥିଲା ବେଳେ ବିରଞ୍ଚି ବେହେରା ମଧ ତାଙ୍କୁ ମାଡ ମାରିଥିବା ଅଭିଯୋଗକ୍ରମେ ଥାନା କେସ ନଂ. ୭୯ରେ ଲଳିନ୍ଦ୍ର ଓ ଭାରତୀଙ୍କ ନାମରେ ମାମଲା ରୁଜୁ ହୋଇଛି।

# ବିଜୁ ଯୁବ ବାହିନୀ ପକ୍ଷରୁ ରକ୍ତଦାନ

**ରାଉରକେଲା ଅଫିସ, ୭।୯**

ମହାନଗର ଅନ୍ତର୍ଗତ ୱାର୍ଡ ନଂ-୧୮ ମାଲଗୋଦାମ ବସ୍ତିରେ ଶୁକ୍ରବାର ବିଜୁ ଯୁବ ବାହିନୀ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ସଭାପତି ଦୁର୍ଗା ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ମୁଖ୍ୟଅତିଥି ରୂପେ ସାମାଜିକ କର୍ମୀ ମିନତୀ ଦେବତା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ନିଜ ବକ୍ତବ୍ୟରେ କହିଲେ, ରକ୍ତଦାନ ଭଳି ପୁଣ୍ୟ କାମରେ ଯୁବକମାନେ ଆଗ୍ରହୀ ହେବା ଆବଶ୍ୟକ। ବିଶେଷକରି ବସ୍ତି ଅଞ୍ଚଳରେ ରକ୍ତଦାନ ପ୍ରତି ଆଗ୍ରହ ସୃଷ୍ଟି କରାଯିବା ଉପରେ ଦେବତା ଗୁରୁତ୍ୱାରୋପ କରିଥିଲେ। ରାଉରକେଲା ସରକାରୀ ଡାକ୍ତରଖାନା ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ୧୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ନୂତନ ଦୀପ, ଜୟନ୍ତୀ ଦାସ, ମୁନା ସିଂ, ଅର୍ଚ୍ଚନା ସିଂ, ଜିତେନ୍ଦ୍ର ସାହା ଓ ଯୁବ ବାହନୀର କାର୍ଯ୍ୟକର୍ତ୍ତା ଅଭିଷେକ ମିଶ୍ର, ବିକ୍ରମ ନାୟକ, ପାର୍ଥସାରଥୀ ସାହୁ, ତୃପ୍ତିସୋନମ ଟପ୍ପୋ, ଜଗଦୀଶ ପାଲ, ପ୍ରତିମା ସୋରେନ, ଗୌରବ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ସୈନିକଙ୍କ କଳା ପତାକା ପ୍ରଦର୍ଶନ ୫ମ ଦିନରେ

# ଆମକୁ ଆର୍‌ଏସ୍‌ପିରେ ନିଯୁକ୍ତି ଦିଅ

**ରାଉରକେଲା ଅଫିସ,୭।୯**

ରାଉରକେଲା ଇସ୍ପାତ କାରଖାନାରେ ନିଯୁକ୍ତ ନେଇ ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ପକ୍ଷରୁ ବିର୍ସା ଛକରେ ବିକ୍ଷୋଭ ଓ କଳା ପତାକା ପ୍ରଦର୍ଶନ ଶୁକ୍ରବାର ୫ମ ଦିନରେ ପହଞ୍ଚିଛି। ୨୦ ବର୍ଷ ପୂର୍ବେ ମାତ୍ର ୩ଜଣ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ଆର୍‌ଏସ୍‌ପିରେ ନିଯୁକ୍ତି ମିଳିଥିଲା। ତା' ପରଠାରୁ କର୍ତ୍ତୃପକ୍ଷ ଆଉ କାହାର ନିଯୁକ୍ତି ନେଇ ଆଗ୍ରହ ପ୍ରକାଶ କରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏମାନଙ୍କ ବୈଷୟିକ ପ୍ରମାଣପତ୍ରକୁ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ବିଚାରକୁ ନେବା ଦୂର କଥା ଏହାକୁ ଗ୍ରହଣ ସୁଦ୍ଧା କରୁନାହାନ୍ତି। ଯବାନମାନଙ୍କ ପାଇଁ ଉଦ୍ଦିଷ୍ଟ ୧୪. ୫ ପ୍ରତିଶତ କୋଟା ବଳରେ ସ୍ୱତନ୍ତ୍ର ନିଯୁକ୍ତି ଦାବି ନେଇ ସଂଘ ପକ୍ଷରୁ ଏଭଳି ବିକ୍ଷୋଭ ଓ କଳା ପତାକା ପ୍ରଦର୍ଶନ ଜାରି ରହିଛି। ଏଥିରେ ମେଜର ଡା. ଅକ୍ଷୟ ସାମଲ, ସଂଗଠନର ସାଧାରଣ ସମ୍ପାଦକ ଇଂ. ନିର୍ମଳ ଦାସ, ଡି.ଏନ୍. ପଣ୍ଡା, କେ.କେ. ମହାପାତ୍ର, ଜି.ସି. ପଟ୍ଟନାୟକ, ସରୋଜ ପରିଡ଼ା, ସୁବେଦାର ମେଜର ସାହିନୀ, ପି.କେ. ପଟ୍ଟନାୟକ, ଏସ୍. ମହନ୍ତ, ପି. ସାମଲ, ରାଫେଲ ଲାକ୍ରା, ପି.କେ. ଲେଙ୍କା, ଜୟନ୍ତ କୁମାର, ବି.ଡି. ବଳ, ପ୍ରଭାତ ଜେନା, ପ୍ରଶାନ୍ତ ପାଣିଗ୍ରାହୀ, ବିନୋଦ ପଡ଼ିଆରୀ, ବି. ବଳ ଓ ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ଆର୍‌ଏସ୍‌ପିରେ ନିଯୁକ୍ତି ଦାବିରେ ବିର୍ସା ଛକରେ ଅବସରପ୍ରାପ୍ତ ସେନା କର୍ମଚାରୀ କଳା ପତାକା ପ୍ରଦର୍ଶନ କରୁଛନ୍ତି।

# ୪ର୍ଥ ପୂର୍ବାଞ୍ଚଳ ଏସ୍‌ଓଏସ୍ ଶିଶୁ ଗ୍ରାମ କ୍ରୀଡ଼ା

**ରାଉରକେଲା ଅଫିସ, ୭।୯**

ସେକ୍ଟର-୬ ଇସ୍ପାତ ଷ୍ଟାଡିୟମରେ ୪ର୍ଥ ପୂର୍ବାଞ୍ଚଳସ୍ତରୀୟ ଏସ୍‌ଓଏସ୍ ଶିଶୁ ଗ୍ରାମ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଉଦ୍‌ଘାଟିତ ହୋଇଛି। ଏଥିରେ ଅତିରିକ୍ତ ଏସ୍‌ପି ସୁରେଶ ପାଠୀ ମୁଖ୍ୟଅତିଥି, ଅର୍ଜୁନ ପୁରସ୍କାରପ୍ରାପ୍ତ ଖେଳାଳି ମୀନତୀ ମହାପାତ୍ର ଓ ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ବସନ୍ତ ମଲ୍ଲିକ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଏସ୍‌ଓଏସ୍ ଶିଶୁ ଗ୍ରାମ ନିର୍ଦ୍ଦେଶକ ତପନ ସୁନାଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରତିଯୋଗୀଙ୍କ ପକ୍ଷରୁ ଚିତ୍ତାକର୍ଷକ ପରେଡ୍ ପ୍ରଦର୍ଶନ କରାଯାଇଥିଲା। କ୍ରୀଡ଼ା ମଶାଲ ପଡ଼ିଆ ପରିକ୍ରମା ପରେ ଏହାକୁ ସ୍ଥାପନ କରାଯାଇ ଖେଳ ଆରମ୍ଭ କରାଯାଇଥିଲା। ଏଥିରେ ଏସ୍‌ଓଏସ୍ ଭାରତୀୟ ଶିଶୁ ଗ୍ରାମ ପୂର୍ବାଞ୍ଚଳ ଶାଖାର ୭ଟି ୟୁନିଟ ଭାଗ ନେଇଛନ୍ତି। ଶିଶୁ ଗ୍ରାମ ରାଉରକେଲା, ଭୁବନେଶ୍ୱର, ବେଗୁସରାୟ, କୋଲକାତା, ଗୌହାଟି, ହୋଜାଇ ଓ ଶିଲଂ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଏହି ଦୁଇଦିନିଆ ପ୍ରତିଯୋଗିତାରେ ରିଲେ ରେସ୍, ବାଳକ ଯୁଗ୍ମ ବ୍ୟାଡମିଣ୍ଟନ, ବାଳିକା ଯୁଗ୍ମ ବ୍ୟାଡମିଣ୍ଟନ, ବାଳିକା ଓ ବାଳକ ଭଲିବଲ ଆଦି ଖେଳ ଅନୁଷ୍ଠିତ ହେବ। ସଫଳ ପ୍ରତିଯୋଗୀ ଆସନ୍ତା ନଭେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ତରଙ୍ଗ ପ୍ରତିଯୋଗିତାରେ ଭାଗନେବେ। ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ଜେ. ମହନ୍ତ, ଜି. ସିଂ, ଭଲିବଲ ରେଫରି ନିରଞ୍ଜନ ନାୟକ, ଆନ୍ନା କେରକେଟା, କ୍ରୀଡ଼ା ସଂଗଠକ ଡି. ମହାନ୍ତି, ରାହୁଲ ଗୋଚ୍ଛାୟତ ଓ ଆଦିତ୍ୟ ତିୱାରୀ ପ୍ରମୁଖ ପରିଚାଳନା କରିଥିଲେ। ଶନିବାର ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ବିଶ୍ୱର ୧୩୫ଟି ଦେଶରେ ଏସ୍‌ଓଏସ୍ ଶିଶୁ ଗ୍ରାମ ସମାଜର ଅବହେଳିତ ଓ ମାତୃପିତୃହରା ପିଲାଙ୍କୁ ପାରିବାରିକ ସ୍ନେହଶ୍ରଦ୍ଧା ପ୍ରଦାନ କରି ଲାଳନପାଳନ କରୁଛି।




ଏସ୍‌ଓଏସ୍ ଶିଶୁଗ୍ରାମ ପକ୍ଷରୁ ସେକ୍ଟର-୬ ଇସ୍ପାତ ଷ୍ଟାଡିୟମରେ ଅନୁଷ୍ଠିତ ୪ର୍ଥ ପୂର୍ବାଞ୍ଚଳ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ପରେଡ୍ ପ୍ରଦର୍ଶନ କରାଯାଉଛି।

## ଚାକରାଣୀ ଭାବେ ନିୟୋଜିତ ନାବାଳିକା ଉଦ୍ଧାର ଘଟଣା

# ଏତଲା ଦେଲେ ଜିଲା ଶିଶୁ ସୁରକ୍ଷା ଅଧିକାରୀ

**ରାଉରକେଲା ଅଫିସ,୭।୯**

**ହରଡ଼ଘଣାରେ ଶିକ୍ଷୟିତ୍ରୀ**
- ପୋଲିସ ନେଇପାରେ କାର୍ଯ୍ୟାନୁଷ୍ଠାନ
- ମଧସ୍ଥ ବିରୋଧରେ ବି ହେବ ଏତଲା

ସେକ୍ଟର-୪ରେ ରହୁଥିବା ଜଣେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଘରେ ଶିଶୁ ଶ୍ରମିକ ଭାବେ କାମ କରୁଥିବା ନାବାଳିକାଙ୍କୁ ରବିବାର ଉଦ୍ଧାର କରାଯାଇଥିଲା। ଜିଲା ଶିଶୁ ମଙ୍ଗଳ ସମିତି ଏନେଇ ଉପଯୁକ୍ତ ପଦକ୍ଷେପ ନ ନେବାରୁ ସୁନ୍ଦରଗଡ଼ ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା ଶୁକ୍ରବାର ସେକ୍ଟର-୩ ଥାନାରେ ଶିକ୍ଷୟିତ୍ରୀଙ୍କ ବିରୋଧରେ ଏତଲା ଦେଇଛନ୍ତି। ନାବାଳିକାଙ୍କ ବୟାନ ରେକର୍ଡ ଓ ଡାକ୍ତରୀ ପରୀକ୍ଷା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି। ଜେନା ଅଭିଯୋଗ କରିଛନ୍ତି ଯେ ସେକ୍ଟର-୪ ଡି/୫୨ ବାସିନ୍ଦା ତଥା ଏକ ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁଲତା ପଶାୟତ (ଜେନା) ସମ୍ପୃକ୍ତ ନାବାଳିକାଙ୍କୁ ଗତ ୩ ବର୍ଷ ଧରି ଚାକରାଣୀ ଭାବେ କାମ କରାଇବା ଶିଶୁ ସୁରକ୍ଷା ଆଇନର ବିରୁଦ୍ଧାଚରଣ କରୁଛି।

ପ୍ରଧାନ ଶିକ୍ଷୟିତ୍ରୀଙ୍କ ପରିବାର ନାବାଳିକାଙ୍କ ଅନ୍ୟ ଜଣେ ନାବାଳିକା ଭଉଣୀଙ୍କୁ ମଧ କଟକ ବାସଭବନରେ ରଖି ନିର୍ଯାତନା ଦେଉଥିଲେ। ଏମାନଙ୍କୁ ଶିକ୍ଷା ଅଧିକାରରୁ ବଞ୍ଚିତ କରିବା ସମ୍ପୂର୍ଣ୍ଣ ରୂପେ ବାଳ ସୁରକ୍ଷା ନିୟମର ଖୋଲା ଉଲ୍ଲଂଘନ। ଉଭୟଙ୍କୁ ବିଭିନ୍ନ ସମୟରେ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଥିଲା ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏଥିସହ ଉଦ୍ଧାର ନାବାଳିକାଙ୍କ ଅନ୍ୟ ଜଣେ ନାବାଳିକା ଭଉଣୀ (ବଡ଼)ଙ୍କୁ ଦିଲ୍ଲୀର କୌଣସି ସ୍ଥାନକୁ ପଠାଯାଇଛି। ଏଣୁ ପ୍ରଧାନ ଶିକ୍ଷୟିତ୍ରୀ ପଶାୟତ, ତାଙ୍କ ପୁଅ ଏବଂ ଘଟଣାରେ ସମ୍ପୃକ୍ତ ଅନ୍ୟ ପରିବାର ସଦସ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆବେଦନ କରିଛନ୍ତି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଜେନା। ଘଟଣାର ଦୀର୍ଘ ୬ ଦିନ ପରେ ଶିଶୁ ମଙ୍ଗଳ ସମିତିଙ୍କ ପଦକ୍ଷେପକୁ ଭରସି ନ ପାରି ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଅଭିଯୋଗ ନାବାଳିକାଙ୍କୁ ନ୍ୟାୟ ପ୍ରଦାନ କରିବ ବୋଲି ଆଶା ସଞ୍ଚାର ହୋଇଛି। ଗୁରୁଣ୍ଡିଆ ଅଞ୍ଚଳର ଏକ ଆଦିବାସୀ ପରିବାରର ଏହି ୩ ନାବାଳିକା ଭଉଣୀଙ୍କୁ ଚାକରାଣୀ ରୂପେ ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ହାତକୁ ଟେକି ଦେଇଥିବା ଦଲାଲଙ୍କ ବିରୋଧରେ ମଧ ଖୁବଶୀଘ୍ର ସମ୍ପୃକ୍ତ ଥାନାରେ ଏତଲା ଦିଆଯିବ ବୋଲି ସୂଚନା ମିଳିଛି। ଫଳରେ ଦୁଇ ନାବାଳିକା ଭଉଣୀଙ୍କୁ ନିଜ ଘରେ ଓ ଅନ୍ୟ ଜଣଙ୍କୁ ଦିଲ୍ଲୀରେ ଚାକରାଣୀ ସଜାଇ ନିର୍ଯାତନା ଦେଇଆସୁଥିବା ପ୍ରଧାନ ଶିକ୍ଷୟିତ୍ରୀ ଓ ଦଲାଲ ଏବେ ଆଇନ ଜାଲରେ ଫସିଛନ୍ତି। ଆଗକୁ କି କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାକୁ ଅପେକ୍ଷା ରହିଛି।

ସୂଚନାଯୋଗ୍ୟ, ଗତ ରବିବାର ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଘରୁ ଏହି ଜଣେ ୧୩ ବର୍ଷୀୟ ନାବାଳିକାଙ୍କୁ ଚାଇଲ୍ଡ ଲାଇନ ଉଦ୍ଧାର କରିଥିଲା। କଟକରୁ ନାବାଳିକାଙ୍କ ୧୦ ବର୍ଷୀୟ ଭଉଣୀଙ୍କୁ ମଧ ଉଦ୍ଧାର କରାଯାଇଥିଲା। ପରେ ଜିଲା ଶ୍ରମ ବିଭାଗ, ଶିଶୁ ମଙ୍ଗଳ ସମିତି ପକ୍ଷରୁ ତାଙ୍କୁ ପଚାରାଉଚୁରା କରାଯାଇଥିଲା। ଏ ନେଇ ମାମଲା କଟକରେ କରାଯିବ କହି ଘଟଣାକୁ ଚାପିଦେବାକୁ ଉଦ୍ୟମ କରାଯାଇଥିଲା। ଶେଷରେ ଶିଶୁ ସୁରକ୍ଷା ଅଧିକାରୀଙ୍କ ଅଭିଯୋଗ ପରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଘରୁ ଉଦ୍ଧାର ନାବାଳିକା ନ୍ୟାୟ ପାଇବେ ବୋଲି ଆଶା କରାଯାଉଛି।



ରାଗିବା ପୂର୍ବରୁ ହଠାତ୍ ସ୍ଥିର ହୋଇଯାଅ, ଆଉ କ୍ରୋଧର ସର୍ବଶେଷ ପରିଣାମ କଥା ଚିନ୍ତା କର।

- କନ୍‌ଫୁସିୟସ



## ସଂକ୍ଷେପରେ

### ଦାଦନ ଶ୍ରମିକଙ୍କ ମୃତଦେହ ଗାଁରେ ପହଞ୍ଚିଲା

**ରିକ୍ଷିଡା,୭।୯(ଡି.ଏନ.ଏ.)-** ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଆଉ ୮ଦିନ ଥିବା ବେଳେ କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତର କୁନ୍ଦେଇପାଲି ଗ୍ରାମର ବଦନ ନାଗ (୩୫)ଙ୍କ ଶବ ନିଜ ଗାଁରେ ଶୁକ୍ରବାର ପହଞ୍ଚିଛି । ମୃତଦେହ ପହଞ୍ଚିବା ପରେ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି । ଗୁଜରାଟର ରାଜକୋଟରେ ଜ୍ୱରରେ ଆକ୍ରାନ୍ତ ହୋଇ ଗତ ସୋମବାର ତାଙ୍କର ମୃତ୍ୟୁ ହୋଇଥିଲା । ସେଠାରେ ବଦନଙ୍କ ଜଣେ ସମ୍ପର୍କିୟ ଶବକୁ ଗାଁକୁ ନେବା ପାଇଁ ଜିଦ୍ କରିବାରୁ ଯେଉଁ କମ୍ପାନୀରେ କାମ କରୁଥିଲେ ସେହି କମ୍ପାନୀ କର୍ତ୍ତୃପକ୍ଷ ଆମ୍ବୁଲାନ୍ସରେ ଶବ ପଠାଇଥିଲେ । ବଦନଙ୍କ ସ୍ତ୍ରୀ ଓ ୩ ବର୍ଷର ସନ୍ତାନ ରହିଛି । ଗତ ୬ମାସ ତଳରେ କର୍ଲାମୁଣ୍ଡା ବ୍ଲକରେ ୩ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି ।

# ଲଗାଣ ବର୍ଷାରେ ବେହାଲ ସୁନ୍ଦରଗଡ଼

**ସୁନ୍ଦରଗଡ, ୭।୯ (ଡି.ଏନ୍.ଏ)**

**ସୁନ୍ଦରଗଡ଼ ଜିଲା**

- କୋଇଡା ବ୍ଲକରେ ସର୍ବାଧିକ ୧୩୭ମି.ମି.
- ଲେଫ୍ରିପଡା ବ୍ଲକରେ ସର୍ବନିମ୍ନ ୨୦ମି.ମି. ବର୍ଷା ରେକର୍ଡ଼
- ବ୍ରାହ୍ମଣୀ ଓ ଇବ୍ ନଦୀର ଜଳପତ୍ତନ ବୃଦ୍ଧି
- ବିଭିନ୍ନ ୱାର୍ଡରେ ବର୍ଷାଜଳ ନିଷ୍କାସନ ହୋଇପାରୁନି
- ବହୁ ଘରେ ବର୍ଷାଜଳ ପଶିଯାଇଥିଲା

ଗୁରୁବାର ରାତିରୁ ତୁହାକୁ ତୁହା ଲଗାଣ ବର୍ଷା ଲାଗିରହିବାରୁ ଶୁକ୍ରବାର ସୁନ୍ଦରଗଡ ଜିଲାରେ ଜନଜୀବନ ପ୍ରଭାବିତ ହୋଇପଡିଥିଲା । ଜିଲାର ବିଭିନ୍ନ ବ୍ଲକରେ ବର୍ଷା ଲାଗିରହିଥିବା ବେଳେ କୋଇଡା ବ୍ଲକରେ ସର୍ବାଧିକ ୧୩୭ମି.ମି. ବର୍ଷା ହୋଇଥିବା ବେଳେ ଲେଫ୍ରିପଡା ବ୍ଲକରେ ସର୍ବନିମ୍ନ ୨୦ମି.ମି. ରେକର୍ଡ ହୋଇଛି । ଲାଠିକଟା ବ୍ଲକରେ ୯୮, କୁତ୍ରା ବ୍ଲକରେ ୮୭.୨୦, ରାଜଗାଙ୍ଗପୁର ବ୍ଲକରେ ୭୩.୧୬, ବଡଗାଁ ବ୍ଲକରେ ୭୩,୦୮, ବିଶ୍ରା ବ୍ଲକରେ ୭୨.୨, ସୁନ୍ଦରଗଡ ସଦର ବ୍ଲକରେ ୬୦.୨୦, କୁଆଁରମୁଣ୍ଡା ବ୍ଲକରେ ୫୫, ଲହୁଣୀପଡା ବ୍ଲକରେ ୫୪.୨ମିମି ବର୍ଷା ହୋଇଛି । ସେହିପରି ଗୁରୁଣ୍ଡିଆ ବ୍ଲକରେ ୫୪, ନୂଆଗାଁ ବ୍ଲକରେ ୫୧.୩୦, ହେମଗିର ବ୍ଲକରେ ୪୬, ବାଲିଶଙ୍କରାରେ ୪୫.୪, ବଣେଇଁ ବ୍ଲକରେ ୪୨.୫, ସବଡେଗା ବ୍ଲକରେ ୩୦ ଓ ଟାଙ୍ଗରପାଲି ବ୍ଲକରେ ୨୪.୬୦ ମି.ମି ବର୍ଷା ହୋଇଛି । ବର୍ଷା ଯୋଗୁ ଜିଲାର ବ୍ରାହ୍ମଣୀ ଓ ଇବ୍ ନଦୀ ସମେତ ଅନ୍ୟାନ୍ୟ ଛୋଟବଡ ନଦୀନାଳ ଗୁଡିକରେ ବନ୍ୟାଜଳ ଆସିଛି ।

ସକାଳ ୯ଟା ସୁଦ୍ଧା ବ୍ରାହ୍ମଣୀ ନଦୀର ପାନପୋଷ ଠାରେ ବିପଦ ସଙ୍କେତସ୍ତର ୧୭୮ .୪୨୦ମିଟର ଥିବା ବେଳେ ଜଳସ୍ତର ୧୭୪ .୫୫୦ ମିଟର ଦେଇ ଜଳସ୍ତର ପ୍ରବାହିତ ହେଉଥିଲା । ସେହିପରି ଇବ୍ ନଦୀର ବିପଦ ସଙ୍କେତ ୨୨୨.୯୦ମିଟର ଥିବା ବେଳେ ସକାଳ ୧୧ଟା ସୁଦ୍ଧା ଏହି ନଦୀର ଜଳସ୍ତର ୨୧୮.୨୦ ମିଟରେ ପ୍ରବାହିତ ହେଉଥିଲା । ବଣାଇ ଉପଖଣ୍ଡର କୋଇଡା – ଧୁବଲାବେଡା ରାସ୍ତାରେ ଥିବା ଏକ କଲଭର୍ଟ ପୋଲ ଗତରାତିରେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଛି । ଫଳରେ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଏତଦ୍ ବ୍ୟତୀତ ରୁଗୁଡା ଗ୍ରାମ ପଞ୍ଚାୟତର ଜାଙ୍ଗଳା ଗ୍ରାମର ବୀର ନାଏକଙ୍କ ଘର ଉପରେ ଏକ ଶୁଖିଲା ଗଛ ଉପୁଡିପଡି ଘର ଭାଙ୍ଗି ଯାଇଛି । ସୁନ୍ଦରଗଡ ସହରରେ ଲଗାଣ ବର୍ଷା ଯୋଗୁ ଜନଜୀବନ ବାଧାପ୍ରାପ୍ତ ହୋଇଛି । ସହରର ବିଭିନ୍ନ ୱାର୍ଡରେ ବର୍ଷାଜଳ ନିଷ୍କାସିତ ହୋଇ ନ ପାରିବାରୁ ବହୁ ଘରେ ବର୍ଷାଜଳ ପଶିଯାଇଥିଲା । ୱାଡ ନଂ. ୧୪ର ବିଜୟା ଟକିଜ ପଛପାଖ ଅଞ୍ଚଳରେ ବର୍ଷାଜଳ ରାସ୍ତା ଉପରେ ଲହଡି ମାରିବା ସହ ଘର ଭିତରେ ପାଣି ପଶିଥିଲା । କାଉନସିଲର ହିମାଂଶୁ ଷଡଙ୍ଗୀ ଓ ଅନ୍ୟ କେତେକ ସ୍ୱେଚ୍ଛାସେବୀ ଯୁବକ ପହଞ୍ଚି ବର୍ଷା ଜଳ ନିଷ୍କାସନ ଦିଗରେ ପଦକ୍ଷେପ ନେଇଥିଲ । ବର୍ଷା ଯୋଗୁଁ ଜିଲାରେ ବିଭିନ୍ନ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ଗୁଡକରେ ଛୁଟି ଘୋଷଣା କରାଯାଇଥିଲା ।



ବନ କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର କରାଯାଇଥିବା ଅଜଗର ।

# ସ୍କୁଲ ପଛପଟୁ ଅଜଗର ଉଦ୍ଧାର

**ବଡ଼ଗାଁ, ୭।୯ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଧୂମାଗଡା ଗ୍ରାମ ସ୍ଥିତ ପ୍ରାଥମିକ ସ୍କୁଲ ପଛପଟରୁ ଏକ ଅଜଗର ସାପକୁ ବନବିଭାଗ କର୍ମଚାରୀ ଉଦ୍ଧାର କରିଛନ୍ତି । ପ୍ରାୟ ୧୦ଫୁଟ ଲମ୍ବର ଏହି ଅଜଗର ଗୋଟିଏ କୁକୁଡା ଗିଳି ସ୍କୁଲ ପଛପଟେ ପଡି ରହିଥିଲା । ଗ୍ରାମବାସୀ ଅଜଗର ସାପକୁ ଦେଖି ବଡ଼ଗାଁ ବନ କର୍ମଚାରୀଙ୍କୁ ଜଣାଇଥିଲେ । ଫରେଷ୍ଟର ବିନୋଦ କୁମାର ପଟ୍ଟନାୟକ, ଫରେଷ୍ଟ ଗାର୍ଡ ଜୟନାରାୟଣ ପ୍ରଧାନ ଓ ଅନ୍ୟ କର୍ମଚାରୀମାନେ ଅଜଗରକୁ ଧରି ଗରିଆମାଲ ଜଙ୍ଗଲରେ ଛାଡିଛନ୍ତି ।

# ରାଜ୍ୟ ରାଜପଥ ବିପର୍ଯ୍ୟସ୍ତ

**ବାଲିଶଙ୍କରା, ୭।୯ (ଡି.ଏନ.ଏ)**

**ବାଲିଶଙ୍କରା ବ୍ଲକ**

- ସ୍ଥାନୀୟ ଗ୍ରାମବାସୀଙ୍କ ମରାମତି ପାଇଁ ଦାବି
- କାର୍ଯ୍ୟ ନ ହେଲେ ରାସ୍ତାରୋକୋ ଚେତାବନୀ

କେନ୍ଦ୍ର ଓ ରାଜ୍ୟ ସରକାର କଂକ୍ରିଟ ପିଚୁ ରାସ୍ତା ପାଇଁ କୋଟି କୋଟି ଖର୍ଚ୍ଚ କରୁଛନ୍ତି । ହେଲେ ତାହା ବିପର୍ଯ୍ୟସ୍ତ ହେଉ ଥିଲେ ବି କେହି ଦୃଷ୍ଟି ଦେଉନାହାନ୍ତି । ଆଦିବାସୀ ବହୁଳ ଉପାନ୍ତ ଅଞ୍ଚଳରେ ରାସ୍ତା ନିର୍ମାଣ ହୋଇଛି ସତ ହେଲେ ତା'ର ରକ୍ଷଣାବେକ୍ଷଣର ଅଭାବ ରହିଛି । ଦାୟିତ୍ୱରେ ଥିବା ଅଧିକାରୀଙ୍କ ମନମୁଖି କାର୍ଯ୍ୟ, କର୍ତ୍ତବ୍ୟରେ ଅବହେଳା ଯୋଗୁ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ପଦକ୍ଷେପ ନେଉ ନ ଥିବାର ସ୍ଥାନୀୟ ଗ୍ରାମବାସୀ ଓ ଯିବା ଆସିବା କରୁଥିବା ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏପରି ପ୍ରତିଦିନ ହଜାର ହଜାର ଦୁଇ ଚକିଆଠାରୁ ୧୮ ଚକିଆ ଗାଡି ପର୍ଯ୍ୟନ୍ତ ଯିବା ଆସିବା କରୁଛି । ଏହି ଖାଲଖମା ପୂର୍ଣ୍ଣ ରାସ୍ତା ଦେଖିବାକୁ ମିଳିଛି ବାଲିଶଙ୍କରା ବ୍ଲକର ଡାକ୍ତରଖାନା ପଡାରେ । ଏହି ରାସ୍ତା ୩୦ନଂ. ରାଜ୍ୟ ରାଜପଥ ତଳସରାଠାରୁ ଓଡିଶା ରାଜ୍ୟର ସୀମାନ୍ତ ବାଲିଶଙ୍କରା ତେଲିଯୋର ଦେଇ ଛତିଶଗଡ ରାଜ୍ୟକୁ ସଂଯୋଗ କରିଛି । ଏଥିପାଇଁ ଛତିଶଗଡ ରାଜ୍ୟରୁ ହଜାର ହଜାର ଯାନବାହାନ ଓଡିଶା ଆସୁଛି । ରକ୍ଷଣା ବେକ୍ଷଣାର ଅଭାବ ଯୋଗୁ ରାସ୍ତା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି । ଏ ବିଷୟରେ ସ୍ଥାନୀୟ ଗ୍ରାମବାସୀ, ଡାକ୍ତରଖାନା ପଡାବାସୀ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଛନ୍ତି । ମରାମତି ସକାଶେ ପଦକ୍ଷେପ ନେବା ପାଇଁ ଜଣାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନେଉ ନ ଥିବାରୁ ଗ୍ରାମବାସୀଙ୍କ ମନରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏହି ରାସ୍ତାକୁ ତୁରନ୍ତ ମରାମତି ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀଙ୍କ ଦାବି କରିଛନ୍ତି । କାର୍ଯ୍ୟ ନ ହେଲେ ରାସ୍ତାରୋକୋ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି ।



ବାଲିଶଙ୍କରା ଦେଇ ଯାଇଥିବା ରାଜ୍ୟ ରାଜପଥ ଶୋଚନୀୟ ହୋଇପଡ଼ିଛି ।

### ଅବକାରୀ ଚଢ଼ାଉ
## ୧୫ ଲିଟର ଦେଶୀମଦ ଜବତ, ୪ ଗିରଫ

**ଲାଞ୍ଜିଗଡ,୭।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ପ୍ରତାପପୁର ଗାଁରେ ଗତ ୫ ଦିନ ମଧ୍ୟରେ ବିଷାକ୍ତ ମଦ ପିଇ ୩ ଜଣଙ୍କ ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ ହେବା ପରେ ଶୁକ୍ରବାର ଜିଲା ଅବକାରୀ ବିଭାଗ ପକ୍ଷରୁ ଗାଁରେ ଅତର୍କିତ ଚଢାଉ କରାଯାଇଛି । ଗାଁ ନିକଟସ୍ଥ ନାଳରେ ମଦ ରାନ୍ଧୁଥିବା ବେଳେ କାନ୍ଦ୍ରା ହରିଜନ, ଚକ୍ର ମାଝି, ରଞ୍ଜିତ ମାଝି, ଧର୍ମେନ୍ଦ୍ର ମାଝିଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୧୫ ଲିଟର ଦେଶୀ ମଦ ଜବତ କରାଯାଇଛି । ଜିଲା ଅବକାରୀ ଅଧୀକ୍ଷକ ବିଶ୍ୱନାଥ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଇନ୍ସପେକ୍ଟର ସଂଘମିତ୍ରା ପ୍ରଧାନ, କେସିଙ୍ଗା ଓ ଲାଞ୍ଜିଗଡ ଅଞ୍ଚଳ ଦାୟିତ୍ୱରେ ଥିବା ଅବକାରୀ ସବଇନ୍ସପେକ୍ଟର ହୀରାବତୀ ଥାଟି, ସଦର ବ୍ଲକ ମୋବାଇଲ ସ୍କ୍ୱାଡ ଦାୟିତ୍ୱରେ ଥିବା ଅବକାରୀ ସବଇନ୍ସପେକ୍ଟର ଦିଲୀପ ରଥ, ଏଏସ୍ଆଇ ସୁମିତ୍ରା ବିଶି, ମାନସ ମୁଣ୍ଡାଙ୍କ ସହିତ କନ୍‌ଷ୍ଟେବଲ୍ ବଳଭଦ୍ର ପାତ୍ର, ଚୈତନ୍ୟ ମହାପାତ୍ରଙ୍କ ନେତୃତ୍ୱରେ ଏକ ଅବକାରୀ ଆରକ୍ଷୀ ଦଳ ଗାଁରେ ଚଢାଉ କରିଥିଲେ । ଏହି ଚଢାଉରେ ଲାଞ୍ଜିଗଡ ଏସ୍ଆଇ ବ୍ରଜ କିଶୋର ଦୁରିଆ, ଏଏସ୍ଆଇ ପରମେଶ୍ୱର ନାଗଙ୍କ ସମେତ ଆଇଆର୍‌ବି ଓ ପୋଲିସ ଦଳ ସାମିଲ ଥିଲେ ।

## ଫଟୋରେ ଖବର



ଅବସରପ୍ରାପ୍ତ ସେନା କର୍ମଚାରୀ ମହେଶ୍ୱର ଦାସଙ୍କ ନିଆରା ନିଶା: ସଂଗ୍ରହ କରିଥିବା ବିଭିନ୍ନ ଦେଶର ୧୫ ହଜାର ମୁଦ୍ରା ଓ ୧୦ ହଜାର ଡାକଟିକଟକୁ ସେ ପ୍ରଦର୍ଶନ କରୁଛନ୍ତି ।



ମୋମୋ ଚ୍ୟାଲେଞ୍ଜ ଗେମ୍ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ରଙ୍କ ଅଧକ୍ଷତାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଅଧକ୍ଷ ଓ ପ୍ରଧାନଶିକ୍ଷକଙ୍କୁ ନେଇ ଶୁକ୍ରବାର ବୈଠକ ଚାଲିଛି ।

# ଲଗାଣ ବର୍ଷାରେ ଭୁଶୁଡ଼ିଲା ପୋଲ

**ଟେନ୍‌ସା, ୭।୯ (ଡି.ଏନ.ଏ)**

**ଯୋଗାଯୋଗ ସମ୍ପୂର୍ଣ୍ଣ ବନ୍ଦ**

ସୁନ୍ଦରଗଡ ଜିଲାର କୋଇଡା–ଧୁବଲୋବେଡା ରାସ୍ତାରେ ଥିବା ଏକ ପୋଲ ଗୁରୁବାର ରାତିରେ ସମ୍ପୂର୍ଣ୍ଣ ଭାବେ ଭୁଶୁଡି ଯାଇଛି । ଲଗାଣ ବର୍ଷା ହେବା ଫଳରେ ଏହା ହୋଇଥିବା ଜଣାପଡିଛି । ଏହି ରାସ୍ତା ଦେଇ ସ୍କୁଲ, ବସ୍ ତଥା ଅନ୍ୟାନ୍ୟ ଗାଡି ମୋଟର ସବୁବେଳେ ପ୍ରାୟ ଯିବା ଆସିବା କରିଥାଏ । ଏମିତିକି କୋଇଡା ଅଞ୍ଚଳର ରାସ୍ତାଘାଟର ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ଏ ପୋଲ ଭାଙ୍ଗିଯିବା ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରଶାସନ ତରଫରୁ ତୁରନ୍ତ ପଦକ୍ଷେପ ନେବାକୁ କୋଇଡା ଜନସାଧାରଣ ଦାବି କରିଥିବାବେଳେ ସୁନ୍ଦରଗଡ ଜିଲାପାଳ ଗୋଟିଏ ଦିନ ବିଦ୍ୟାଳୟ ଛୁଟି ଘୋଷଣା କରିଥିଲେ ।



ପୋଲ ସମ୍ପୂର୍ଣ୍ଣ ଭାବେ ଭୁଶୁଡି ଯାଇଛି ।

### ଭାରତୀୟ ମହିଳା ହକି ଦଳର ୩ ଖେଳାଳି ଗାଁରେ ପହଞ୍ଚିଲେ
# ରାଜଗାଙ୍ଗପୁରରେ ସ୍ୱାଗତ ସମ୍ବର୍ଦ୍ଧନା

**ରାଜଗାଙ୍ଗପୁର, ୭।୯ (ଡି.ଏନ.ଏ)**

ନିକଟରେ ସମାପ୍ତ ଏସିଆଡରେ ଦେଶ ପାଇଁ ରୌପ୍ୟ ପଦକ ଜିତିଥିବା ଭାରତୀୟ ମହିଳା ହକି ଦଳର ୩ ଖେଳାଳି ଗାଁରେ ପହଞ୍ଚିଛନ୍ତି । ସେମାନଙ୍କୁ ଗାଁ ପହଞ୍ଚିବା ପୂର୍ବରୁ ନିଜ ସହର ରାଜଗାଙ୍ଗପୁରରେ ଗୁରୁବାର ସନ୍ଧ୍ୟାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ୩ ଖେଳାଳି ହେଲେ ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଅଞ୍ଚଳର ସୁନୀତା ଲାକ୍ରା, ନମିତା ଟପ୍ପୋ ଓ ଲିଲିମା ମିଞ୍ଜ । ସୁନିତାଙ୍କ ଘର ରାଜଗାଙ୍ଗପୁର ବ୍ଲକର କେଶରାମାଲ ଫାର୍ସାଢ଼ିପା, ନମିତାଙ୍କ ଘର ରାଜଗାଙ୍ଗପୁର ସହରକୁ ଲାଗି ରହିଥିବା ଜଉରୁମାଲ ଗ୍ରାମରେ ଓ ଲିଲିମାଙ୍କ ଘର ରାଜଗାଙ୍ଗପୁର ବ୍ଲକର ଲାଞ୍ଜିବେର୍ଣ୍ଣା ତାନାଟୋଲି ଗ୍ରାମରେ । ଏସିଆଡରେ ଭାଗ ନେଇ ମହିଳା ହକିରେ ରୌପ୍ୟ ପଦକ ଜିତିବା ପରେ ଜାକର୍ତାରୁ ନୂଆଦିଲ୍ଲୀ ପହଞ୍ଚିଥିଲେ । ପରେ ନୂଆଦିଲ୍ଲୀରୁ ରାଞ୍ଚି ଆସିଥିଲେ । ସେଠାରୁ ଟ୍ରେନ ଯୋଗେ ରାଉରକେଲା ଆସିବା ପରେ ଗୁରୁବାର ସନ୍ଧ୍ୟା ସମୟରେ ନିଜ ବାସ ସ୍ଥାନ ରାଜଗାଙ୍ଗପୁରକୁ ଆସିଥିଲେ । ହକି ତାରକାମାନେ ରାଜଗାଙ୍ଗପୁର ଫେରୁଥିବା ଖବର ପ୍ରଚାର ହେବା ପରେ ସମଗ୍ର ରାଜଗାଙ୍ଗପୁର ଚଳଚଞ୍ଚଳ ହୋଇଉଠିଥିଲା । ଦେଶ, ବିଦେଶରେ ରାଜଗାଙ୍ଗପୁରକୁ ପରିଚିତ କରାଇଥିବା ତଥା ରାଜଗାଙ୍ଗପୁର ପାଇଁ ଗୌରବ ଆଣି ଦେଇଥିବା ଏହି ତିନି ସୁପୁତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ପାଇଁ ଶହ ଶହ ରାଜଗାଙ୍ଗପୁରବାସୀ ସହର ପ୍ରବେଶ ପଥ ରାଣୀବନ୍ଧଠାରେ ଏକତ୍ରିତ ହୋଇଥିଲେ । ଏହି ତିନି ତାରକାଙ୍କୁ ଶୋଭାଯାତ୍ରାରେ ରାଜଗାଙ୍ଗପୁର ସହରକୁ ପାଛୋଟି ଆଣିଥିଲେ । ସହରରେ ଥିବା ବିଜୁ କଲ୍ୟାଣ ମଣ୍ଡପଠାରେ ତାଙ୍କ ଫୁଲଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସନ୍ଧ୍ୟାରେ ପ୍ରବଳ ବର୍ଷା ହେଉଥିଲେ ମଧ ଲୋକେ ବର୍ଷାରେ ଭିଜି ଏହି ଶୋଭାଯାତ୍ରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା । ରାଜଗାଙ୍ଗପୁର ବିଡିଓ ତଥା ତହସିଲଦାର ଦାୟୀତ୍ୱରେ ଥିବା ଖଗେଶ୍ୱର ପାତ୍ର, ପୌରଉପାଧ୍ୟକ୍ଷ ଅଶୋକ ଦାଶ, ଆଶିଷ ଶତପଥି, ବିଜୁ ଛାତ୍ର ଜନତା ଦଳର ସଭାପତି ବିଶ୍ୱ ପ୍ରକାଶ ବେହେରା, ସୁନ୍ଦରଗଡ଼ ଜିଲା ଗ୍ରାମାଞ୍ଚଳ ଖବରଦାତା ସଂଘର ରାମପ୍ରବେଶ ଚୌଧୁରୀ, ପ୍ରଫୁଲ୍ଲ ସାହୁ, ସୁବାଷ ବେହେରା, ରମେଶ କେଶରୀ ସମେତ ଜିଲା ସଭାପତି ପଙ୍କଜ କୁମାର ସାହୁ ତଥା ରାଜଗାଙ୍ଗପୁର ସହରର ବହୁ ବ୍ୟକ୍ତି, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ବିଜେତା ଖେଳାଳିଙ୍କୁ ଫୁଲତୋଡା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।



ମହିଳା ହକି ଦଳର ୩ ଖେଳାଳିଙ୍କୁ ରାଜଗାଙ୍ଗପୁରରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି ।

# କେସିଙ୍ଗା ବ୍ଲକରେ ୩ୟ ବନ୍ୟା, ତେଲ ନଦୀ ଜଳସ୍ତର ବୃଦ୍ଧି





ତେଲ ନଦୀରେ ଜଳସ୍ତର ବୃଦ୍ଧି ପାଇଛି (ବାମ) । ଗ୍ରାମର ଦୋସୁଣି ଚେକଡ୍ୟାମ ବନ୍ୟାରେ ଭାଙ୍ଗିଯାଇଛି (ମଝି) । ବର୍ଷାରେ ଭାଙ୍ଗିପଡ଼ିଥିବା ଘର ।

**କେସିଙ୍ଗା,୭।୯(ଡି.ଏନ.ଏ.)**

- ଜନଜୀବନ ଅସ୍ତବ୍ୟସ୍ତ
- ରାସ୍ତାଘାଟ ବିଚ୍ଛିନ୍ନ
- ବହୁ ଘର ଭାଙ୍ଗିଯାଇଛି

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ଗତ ୩ ଦିନ ଧରି ପ୍ରବଳ ବର୍ଷା ହୋଇଛି । ନିକଟସ୍ଥ ତେଲ ନଦୀର ଜଳସ୍ତର ବୃଦ୍ଧି ପାଇଛି । ଫଳରେ ବ୍ଲକରେ ୩ୟ ଥର ପାଇଁ ବନ୍ୟା ଆସିଛି । ଏଥିଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ସାଙ୍ଗକୁ ରାସ୍ତାଘାଟ ବିଚ୍ଛିନ୍ନ ହୋଇ ବ୍ୟାପକ ଘର ଭାଙ୍ଗି ଯାଇଛି । ଚାଷ କ୍ଷେତରେ ପାଣି ବୁଡ଼ି ରହି ଧାନ ଚାଷ, କପା ଚାଷ ନଷ୍ଟ ହେବାରେ ଲାଗିଛି । ଗତ ଅଗଷ୍ଟରେ ୧୩ରୁ ୧୫ ତାରିଖ ଓ ୨୫ରୁ ୨୭ ତାରିଖ ଏବଂ ସେପ୍ଟେମ୍ବର ୫ ରୁ ୭ ତାରିଖ ଯାଏଁ ଲଗାଣ ବର୍ଷାରେ ବହୁ ଲୋକଙ୍କ ଘର ଦ୍ୱାର ଭାଙ୍ଗିଯାଇଛି । ରାଜସ୍ୱ ବିଭାଗ ଓ କୃଷି ବିଭାଗ ପକ୍ଷରୁ ଚାଷୀଙ୍କ କ୍ଷୟକ୍ଷତିର ଆକଳନ ସର୍ଭେ ରିପୋର୍ଟ ସମ୍ପୂର୍ଣ୍ଣ ହୋଇପାରୁନାହିଁ । ଚାଷୀ ମୁଣ୍ଡରେ ହାତ ଦେଇ ଚିନ୍ତାରେ ପଡ଼ି ଯାଇଛି ।

ଆସନ୍ତା ୧୩ ତାରିଖରେ ଗଣେଶ ପୂଜା ପରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ପର୍ବ ଫିକା ପଡିବାର ବହୁ ସମ୍ଭାବନା ରହିଛି । ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବାରୁ ସମଗ୍ର କେସିଙ୍ଗା ଅଞ୍ଚଳର ୧୦୨ଟି ଗ୍ରାମରେ ଧାନ, କପା, ହରଡ, ଚିନାବାଦାମ, କଦଳୀ, ମକା ଚାଷ ବହୁ ପରିମାଣରେ କ୍ଷତି ହୋଇଛି । ଗତ ଜୁନ ମାସରେ ୭୮.୬ ମି.ମି. ବର୍ଷା ହୋଇଛି । ସେହିପରି ଜୁଲାଇରେ ୫୨୮.୬, ଅଗଷ୍ଟରେ ୬୨୧.୨ ମି.ମି. ବର୍ଷା ହୋଇଛି । ସେପ୍ଟେମ୍ବର ୫ରୁ ୭ ତାରିଖ ୩ ଦିନ ଭିତରେ ୯୩.୨ ମି.ମି. ବର୍ଷା ହୋଇଥିବା କେସିଙ୍ଗା କେନ୍ଦ୍ରୀୟ ପାଣିପାଗ କାର୍ଯ୍ୟାଳୟରୁ ପ୍ରକାଶିତ ହୋଇଛି । ସମଗ୍ର କେସିଙ୍ଗା ବ୍ଲକର ୨୬ଟି ଗ୍ରାମପଞ୍ଚାୟତରେ ଶହ ଶହ ହେକ୍ଟର ଜମିରେ ପାଣି ବୁଡି ରହିଛି । ଝିପିଝିପି ବର୍ଷା ଲାଗି ରହିଥିବାରୁ ଗ୍ରାମାଞ୍ଚଳର ଲୋକେ ନିକଟସ୍ଥ କେସିଙ୍ଗା, ଭବାନୀପାଟଣା ସହରକୁ ଯାଇ ପାରୁନାହାନ୍ତି । ଗର୍ଭବତୀ, ପ୍ରସୂତୀ ଓ ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ଘୋର ସମସ୍ୟା ଦେଖା ଦେଉଛି । କେସିଙ୍ଗା ବ୍ଲକ ପଥର୍ଲା ଗ୍ରାମପଞ୍ଚାୟତ, କୁଣ୍ଡାବନ୍ଧ ଗ୍ରାମପଞ୍ଚାୟତ ଗୁର୍ଜିମୁଣ୍ଡା, ଛେନାଗାଁ, ଗୌଡତୁଲା, ଅମାଠ, ତୁର୍ଲାଖମନ, ତୁଣ୍ଡଲା ଗ୍ରାମପଞ୍ଚାୟତ ବେଲଖଣ୍ଡି ବିଭିନ୍ନ ଗ୍ରାମରେ ଜଳସ୍ତର ବୃଦ୍ଧି ସାଙ୍ଗକୁ ପାଣି ଘେରରେ ବହୁ ଗ୍ରାମର ଧାନ ଚାଷ ବୁଡି ରହିଛି । ଏ ନେଇ କେସିଙ୍ଗା ବ୍ଲକ ଅତିରିକ୍ତ ତହସିଲଦାର ରବିନ୍ଦ୍ର କୁମାର ରାଉତଙ୍କୁ ପଚାରିବାରୁ ବାରମ୍ବାର ବନ୍ୟା ହେଉଥିବାରୁ ଲୋକଙ୍କ ବ୍ୟାପକ କ୍ଷୟକ୍ଷତି ଘଟୁଛି । ସମ୍ପୂର୍ଣ୍ଣ ଭାବେ ସର୍ଭେ ସରିଲେ ଚାଷୀଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ ଆଡିବନ୍ଧ ତିଆରି ଯୋଜନାରେ କେସିଙ୍ଗା ବ୍ଲକର ୧୦ଟି ଆଡିବନ୍ଧ ବ୍ୟାପକ କ୍ଷୟକ୍ଷତି ହୋଇଛି ।

## ସଂକ୍ଷେପରେ



### ପାଇଖାନା ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ

କର୍ଲାମୁଣ୍ଡା,୭।୯(ଡି.ଏନ.ଏ.) କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ସମସ୍ତ ଗାଁକୁ ଅକ୍ଟୋବର ୨ ସୁଦ୍ଧା ଖୋଲାଶୌଚ ମୁକ୍ତ କରାଯିବାର ଲକ୍ଷ୍ୟ ରଖାଯାଇଛି । ଏହି ପରିପ୍ରେକ୍ଷୀରେ ବ୍ଲକ ପ୍ରଶାସନ ପକ୍ଷରୁ ସରପଞ୍ଚମାନଙ୍କ ନେତୃତ୍ୱରେ ବ୍ୟକ୍ତିଗତ ପାଇଖାନା ନିର୍ମାଣ ସକାଶେ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଯୋର ସୋରରେ ଆରମ୍ଭ ହୋଇଯାଇଛି। ଏହି ଅବସରରେ ଶୁକ୍ରବାର ରିଞ୍ଚା ପଞ୍ଚାୟତ କାର୍ଯ୍ୟାଳୟଠାରେ ସ୍ଥାନୀୟ ସରପଞ୍ଚ ଭୋଜବନ୍ତି ସାହୁ ଓ ସମିତି ସଭ୍ୟା ଶୁଭଦ୍ରା ମାଝି ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଯୁବ ବାହିନୀ ପଞ୍ଚାୟତ ସଂଯୋଜକ ପୃଥ୍ୱିରାଜ ସାହୁ ଓ ଅନ୍ୟ ସଭ୍ୟମାନେ ଯୋଗଦେଇଥିଲେ।



### ପ୍ରତାପପୁର ଗାଁରେ ଅବକାରୀ ଚଢାଉ
### ୧୫ ଲିଟର ଦେଶୀମଦ ଜବତ, ୪ ଗିରଫ

ଲାଞ୍ଜିଗଡ,୭।୯(ଡି.ଏନ.ଏ.) କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ପ୍ରତାପପୁର ଗାଁରେ ଗତ ୫ ଦିନ ମଧ୍ୟରେ ବିଷାକ୍ତ ମଦ ପିଇ ୩ ଜଣଙ୍କ ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ ହେବା ପରେ ଶୁକ୍ରବାର ଜିଲା ଅବକାରୀ ବିଭାଗ ପକ୍ଷରୁ ଗାଁରେ ଅତର୍କିତ ଚଢାଉ କରାଯାଇଛି । ଗାଁ ନିକଟସ୍ଥ ନାଳରେ ମଦ ରାନ୍ଧୁଥିବା ବେଳେ କାନ୍ଦ୍ରା ହରିଜନ, ଚକ୍ର ମାଝି, ରଞ୍ଜିତ ମାଝି, ଧର୍ମେନ୍ଦ୍ର ମାଝିଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୧୫ ଲିଟର ଦେଶୀ ମଦ ଜବତ କରାଯାଇଛି । ଜିଲା ଅବକାରୀ ଅଧୀକ୍ଷକ ବିଶ୍ୱନାଥ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଇନ୍ସପେକ୍ଟର ସଂଘମିତ୍ରା ପ୍ରଧାନ, କେସିଙ୍ଗା ଓ ଲାଞ୍ଜିଗଡ ଅଞ୍ଚଳ ଦାୟିତ୍ୱରେ ଥିବା ଅବକାରୀ ସବଇନ୍ସପେକ୍ଟର ହୀରାବତୀ ଥାଟି, ସଦର ବ୍ଲକ ମୋବାଇଲ ସ୍କ୍ୱାଡ ଦାୟିତ୍ୱରେ ଥିବା ଅବକାରୀ ସବଇନ୍ସପେକ୍ଟର ଦିଲୀପ ରଥ, ଏଏସ୍ଆଇ ସୁମିତ୍ରା ବିଶି, ମାନସ ମୁଣ୍ଡାଙ୍କ ସହିତ କନ୍ଷ୍ଟେବଲ୍ ବଳଭଦ୍ର ପାତ୍ର, ଚୈତନ୍ୟ ମହାପାତ୍ରଙ୍କ ନେତୃତ୍ୱରେ ଏକ ଅବକାରୀ ଆରକ୍ଷୀ ଦଳ ଗାଁରେ ଚଢାଉ କରିଥିଲେ । ଏହି ଚଢାଉରେ ଲାଞ୍ଜିଗଡ ଏସ୍ଆଇ ବ୍ରଜ କିଶୋର ଦୁରିଆ, ଏଏସ୍ଆଇ ପରମେଶ୍ୱର ନାଗଙ୍କ ସମେତ ଆଇଆର୍‌ବି ଓ ପୋଲିସ ଦଳ ସାମିଲ ଥିଲେ ।

# ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାତୀୟ ଚକ୍ଷୁଦାନ ପକ୍ଷ ପାଳିତ

**ଭବାନୀପାଟଣା,୭।୯(ଡି.ଏନ.ଏ.)**

ସ୍ୱାସ୍ଥ୍ୟ ବିଭାଗର ରଷ୍ଟ୍ରୀୟ ଦୃଷ୍ଟିହୀନତା ନିୟନ୍ତ୍ରଣ କାର୍ଯ୍ୟକ୍ରମ ପକ୍ଷରୁ କଳାହାଣ୍ଡି ଜିଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ଜାତୀୟ ଚକ୍ଷୁଦାନ ପକ୍ଷ ଗତ ୨୫ ତାରିଖରୁ ଜିଲାର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଯାଇଛି। ଶନିବାର ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ । ଏହି ପକ୍ଷ ପାଳନ ଅବସରରେ କଳାହାଣ୍ଡି ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଗୁରୁବାର ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାଷ୍ଟ୍ରୀୟ ଦୃଷ୍ଟିହୀନତା ନିୟନ୍ତ୍ରଣ କାର୍ଯ୍ୟକ୍ରମ କଳାହାଣ୍ଡି ଦ୍ୱାରା ପୂର୍ବାହ୍ନରେ ସ୍ଥାନୀୟ ସରକାରୀ ଏଏନ୍‌ଏମ୍ ଟ୍ରେନିଙ୍ଗ ସେଣ୍ଟର ଭବାନୀପାଟଣା, ଜିଏନ୍‌ଏମ୍ ଟ୍ରେନିଙ୍ଗ ସେଣ୍ଟର କାମଠଣା, ସାରଳା ଜିଏନ୍‌ଏମ୍ ଟ୍ରେନିଙ୍ଗ ସେଣ୍ଟର ଛାତ୍ରୀମାନଙ୍କ ସହ ଜିଲା ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତା, ସ୍ୱାସ୍ଥ୍ୟ ପ୍ରଶାସନ ଅଧିକାରୀ ଓ କର୍ମଚାରୀମାନଙ୍କ ଦ୍ୱାରା ଚକ୍ଷୁଦାନ ସମ୍ପର୍କିତ ଏକ ସଚେତନତା ଶୋଭାଯାତ୍ରା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ଥିବା ସଭାଗୃହରେ ପହଞ୍ଚିଥିଲା । ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସରୋଜ କୁମାର ତିଆଡିଙ୍କ ଅଧ୍ୟକ୍ଷତାରେ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଅଶୋକ କୁମାର ଦାଶ, ରଷ୍ଟ୍ରୀୟ ଦୃଷ୍ଟିହୀନତା କାର୍ଯ୍ୟକ୍ରମ ପରିଚାଳକ ଡା. ନିବେଦିତା ସାହୁ, ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡା. ଲାଲିଶ୍ରୀ ଭୁକ୍ତା, ଚକ୍ଷୁସହାୟକ ଲଳିତ କୁମାର ପଟ୍ଟନାୟକ, ସହକାରୀ ଆଶା ମ୍ୟାନେଜର ଅକ୍ଷୟ କୁମାର ରଣା, ଡି.ଏମ୍.ଆର୍.ସି.ଏଚ୍. ଭବାନୀଶଙ୍କର ସାହୁ, ଜିଲା ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଖଗେନ୍ଦ୍ର ମାଝି, ବିଭାଗୀୟ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ, ଏଏନ୍‌ଏମ୍‌ଟିସି, ଜିଏନ୍‌ଏମ୍‌ଟିସିର ଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଓ ବରିଷ୍ଠ ନାଗରୀକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଚକ୍ଷୁଦାନ ସମ୍ପର୍କିତ ବକ୍ତୃତା ଓ ସ୍ଲୋଗାନ ଲିଖନ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଉପସ୍ଥିତ ଅତିଥିମାନେ ମୃତ୍ୟୁ ପରେ କିଭଳି ଚକ୍ଷୁଦାନ କରାଯାଏ ଓ ଏଥିପାଇଁ ଚକ୍ଷୁ ବ୍ୟାଙ୍କ କିପରି କାର୍ଯ୍ୟ କରେ ଏବଂ ଏଥିପାଇଁ ଥିବା ଆଇନ ସମ୍ପର୍କରେ ସୂଚନା ଦେଇଥିଲେ । ଏଭଳି ଏକ ମହତ କାର୍ଯ୍ୟରେ ସହଯୋଗ କରି ଆଜି ହିଁ ଆମ୍ଭେମାନେ ଆମ୍ଭର ମୃତ୍ୟୁ ପରେ ଚକ୍ଷୁଦାନ କରିବା ପାଇଁ ସମ୍ମତି ଦେବା ସମ୍ପର୍କରେ ବିଭିନ୍ନ ସୂଚନା ଦେଇଥିଲେ। ପରେ ଅତିଥିମାନେ ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ଶାଶ୍ୱତୀ ସ୍ୱୟଂପ୍ରଭା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କୁମାରୀ ଝରଣା ସାହୁ ଦ୍ୱିତୀୟ ଓ କୁମାରୀ ବର୍ଷା ମୌସୁମୀ ଦାଶ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନୁରୂପ ଭାବେ ସ୍ଲୋଗାନ ଲିଖନ ପ୍ରତିଯୋଗିତାରେ ବୃନ୍ଦାବନ ରଣା ପ୍ରଥମ, ସୋନାଲି ରାଉତ ଦ୍ୱିତୀୟ ଓ ସବର୍ଣ୍ଣ ଶାନ୍ତା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।



ଜାତୀୟ ଚକ୍ଷୁଦାନ ପକ୍ଷ ପାଳିତ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

### ସ୍ୱଚ୍ଛତା ପକ୍ଷ ପାଳନ
# ଡାକ୍ତରଖାନା ପରିସର ସଫା କଲେ କର୍ମଚାରୀ



ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀମାନେ ଡାକ୍ତରଖାନା ପରିସରରକୁ ସଫା କରୁଛନ୍ତି ।

**କର୍ଲାମୁଣ୍ଡା,୭।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁରୁବାର ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଡାକ୍ତରଖାନାର କର୍ମଚାରୀମାନେ ଡାକ୍ତରଖାନା ପରିସରକୁ ସଫା କରିବା ସହ ଜନସଚେତନତା ସୃଷ୍ଟି କରିଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ କିଶୋର ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ବ୍ଲକ ଏକାଷ୍ଟସ୍ ମେନେଜର (ବିଏଏମ) ବିଶ୍ୱ ଭୂଷଣ ପଧାନୀ, ବିଡିଏମ ଫକୀର ମୋହନ ପାଢୀ, ସ୍ୱାସ୍ଥ୍ୟକର୍ମୀ ବିମଳ ଚନ୍ଦ୍ର ପାଢୀ ଓ ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

### ଆଗକୁ ଗଣେଶପୂଜା
# ମୂର୍ତ୍ତି ନିର୍ମାଣରେ ନିମଗ୍ନ ମାଟି କାରିଗର

**ଭବାନୀପାଟଣା,୭।୯(ଡି.ଏନ.ଏ.)**

**ପ୍ଲାଷ୍ଟରଅଫ୍ ପ୍ୟାରିସର ମୂର୍ତ୍ତି ଚାହିଦା ଯୋଗୁ ସ୍ଥାନୀୟ କାରିଗର ନିରାଶ**



ଆଗକୁ ଗଣେଶ ପୂଜା ଆସୁଥିବାରୁ ଗାଁଠୁ ସହର ପର୍ଯ୍ୟନ୍ତ ସବୁଠି ଚଳଚଞ୍ଚଳ ହୋଇ ପଡିଛି । ଭବାନୀପାଟଣା ସହର ଅନେକ ସ୍ଥାନରେ କାରିଗରମାନେ ଗଣେଶ ମୂର୍ତ୍ତି ତିଆରିରେ ନିମଗ୍ନ ହେବା ସହ ବେଶ୍ ଦି ପଇସା ଆଶା ରଖିଛନ୍ତି । ହେଲେ ଚଳିତବର୍ଷ ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ କଳାହାଣ୍ଡି ଜିଲାର ଅନେକ ଚାଷଜମି ପ୍ରଭାବିତ ହେବା ସହ ଚାଷସବୁ ନଷ୍ଟ ହୋଇଯାଇଛି । ଜିଲାରେ ନୂଆଁଖାଇ ପୂର୍ବରୁ ଧାନ ମଧ୍ୟ ବାହାରିବା ଆଶଙ୍କା ଦେଖାଦେଉ ନ ଥିବା ବେଳେ ଚଳିତବର୍ଷ ନୂଆଖାଇ ଓ ଗଣେଶ ପୂଜାକୁ ନେଇ ବେଶ୍ ଉତ୍ସାହ ନ ଥିବା ଜଣାପଡିଛି । ଅନ୍ୟପଟେ ଗଣେଶ ପୂଜା ପାଇଁ ଗାଁଠୁ ସହର ପର୍ଯ୍ୟନ୍ତ ଅନେକ ଜାଗାରେ ଗଣେଶ ମୂର୍ତ୍ତି ତିଆରି କରାଯାଉଥିବା ଦେଖିବାକୁ ମିଳୁଛି । ହେଲେ ଚଳିତବର୍ଷ ଭବାନୀପାଟଣା ସହରର ମାଟି କାରିଗରମାନେ ମୁଣ୍ଡରେ ହାତଦେଇ ବସିଥିବା ବେଳେ ବାହାର ରାଜ୍ୟରୁ ଆସି ପିଯୁପିରେ ତିଆରି ବିଭିନ୍ନ ଆର୍କଶଣିୟ ମୂର୍ତ୍ତି ଯୋର୍‌ସୋର ବିକ୍ରି କରୁଥିବା ବେଳେ ଭବାନୀପାଟଣା ସହରର ମାଟି କାରିଗରମାନଙ୍କ ଚାହିଦା କମିବାରେ ଲାଗିଛି । ପୂର୍ବରୁ ମାଟି କାରୀଗରମାନେ ମୂର୍ତ୍ତି ପିଛା ୩୦୦ରୁ ୧୦ ହଜାର ପର୍ଯ୍ୟନ୍ତ ରୋଜଗାର କରୁଥିବା ବେଳେ ଚଳିତବର୍ଷ ଏଭଳି ଫେନସି ମୂର୍ତ୍ତି ଯୋଗୁ ମାଟି ମୂର୍ତ୍ତିର ଚାହିଦା କମିବାରେ ଲାଗିଛି । ଫଳରେ ମାଟିମୂର୍ତ୍ତି ପେଷାକୁ ନେଇ ନିଜ ପରିବାର ଗୁଜୁରାଣ ମେଣ୍ଟାଉଥିବା କାରିଗରମାନେ ଏହି ବୃତ୍ତି ପ୍ରତି ବିମୁଖ ହେବାରେ ଲାଗିଛନ୍ତି। ଗଣେଶ ପୂଜା ଦୁଇମାସ ଆଗରୁ ଏହି ମାଟିକାରିଗରମାନେ ମାଟି ସଂଗ୍ରହ କରିବା, ପାଳ, ବାଉଁଶ, ସୁତୁଳି, ଆଦି ସାମଗ୍ରୀ ଏକାଠି କରି ଦିନରାତି ପରିଶ୍ରମ କରିଥାନ୍ତି । ଗୋଟିଏ ମୂର୍ତ୍ତି ତିଆରି ପାଇଁ ୪ରୁ୫ ଦିନ ସମୟ ଲାଗୁଥିବା ବେଳେ ତାଙ୍କ ପାରିଶ୍ରମିକ ମଧ୍ୟ ମିଳୁ ନ ଥିବା ପ୍ରକାଶ କରିଛନ୍ତି ।

# ମାଟିର ଖେଲ୍‌ନା ତିଆରିବାରେ ବାଇ କୁମ୍ଭାର ସମାଜ

**ଭବାନୀପାଟଣା,୭।୯(ଡି.ଏନ.ଏ.)**



ଝନେ ମହିଲା ଜାତିର ଜାତିର କୁଁଢ଼ିକାଁଚି, ହାତୀଘୁଡା ବିକ୍‌ରି କରୁଛନ୍।

ଆଏବାର ରଏବାର ୯ ତାରିଖ୍ ଛୋଟ୍ ଛୋଟ୍ ପିଲାମାନ୍‌କର ଭିତ୍‌ରେ ଭାବ୍ ଦିଆନିଆ ଆର୍ ଫିଦିନିଆଁ ଜୀବନଯାପନ୍ ଶଇଲି ଶିଖିବାର ଉଦେଶ୍‌ରେ ପଶ୍ଚିମ ଓଡ଼ିଶାରେ ପାଲନ୍ ହେସି ପୁରା ଉଆଁସ ପରବ୍। କେନ୍ ରାଜା ରାଜୁଡା ଅମ୍‌ଲୁ ଚାଲି ଆସୁଛେ ଇ ପରବ୍। ସାନ୍ ସାନ୍ ଟୁକେଲମାନେ ଘର୍‌କରା ସାଜୋସାମାନ୍ ଯେନ୍‌ତା କି ମାଟିର କୁଁଢ଼ି, କାଁଚି ଧରି ଖେଲୁଥିଲି ବେଲେ ପିଲାମାନେ ଯୁଧିର ପର୍‌ତିକ୍ ହିସାବେ କାଠ୍ ଆର୍ ମାଏଟ୍ ତିଆରି ଘୁଡା, ହାତୀ ଧରି ରାସ୍‌ତାରେ ଘିଚ୍‌ସନ୍। ଉଛବ୍‌ଟା ଆଏବାର ରଏବାର ୯ ତାରିଖ୍‌ରେ ପଡୁଥିଲା ବେଲେ ଇ ସବୁ ସାମାନ୍ ତିଆରି ଆର୍ ବିକ୍‌ରିବଟାରେ ଲାଗିପଡ଼ିଛନ୍ ଭବାନୀପାଟଣା ଆର୍ ଆସର ପାସର ଅଂଚଲ୍‌ର କୁମ୍ଭାର ପରିବାରମାନେ। ବଛର୍‌କ ଥରେ ଇ ପରବ୍ ପାଲନ୍ ହେଉଥିଲା ବେଲେ ସବୁ ସମାଜର ଛୁଆମାନେ ଇ ପରବ୍ ମନାସନ୍। ଯେନ୍‌ଥିର୍‌ଲାଗି ବଡ଼ଭାରି ମାଟିର କୁଁଢ଼ି, କାଁଚି, ହାତୀ, ଘୁଡା ବିକ୍‌ରି ହେସି ଆର୍ କୁମ୍ଭାର ପରିବାରମାନେ ଇ ସମିଆରେ ଭଲ୍ ଦୁଇପଏସା ରୁଜ୍‌ଗାର କର୍‌ସନ୍। ସେନ୍‌ତା ଇ ପରବ୍‌ର ଐତିହାସିକ୍ ଗୁରୁତ୍ ବହନ୍ କରୁଛେ। ଟୁକେଲମାନେ ଖେଲୁଥିବାର 'କୁଁଢ଼ି କାଁଚି' ଖେଲ୍‌ରେ ସମାଜରେ ନାରୀର୍ ଭୂମିକା ଦେଖିବାକେ ମିଲୁଥିଲା ବେଲେ ପିଲାମାନେ ଖେଲୁଥିବାର ହାତୀ ଘୁଡାକେ ଯୁଧିର ପର୍‌ତିକ୍ ହିସାବେ ଦେଖାଯାଏସି। ସପ୍ତପୁରୀ ଅମାବାସ୍ୟା ଯେନ୍‌ଟା କି ପଶ୍ଚିମ ଓଡ଼ିଶାର ଦେଶୀ ଭାଷାଥି ପୁରା ଉଆଁସ ବଲି କହେସନ୍। ଇ ପରବ୍‌ଟା ଭବାନୀପାଟଣା ସମେତ୍ ଆସର ପାସର ସହର, ଗାଁ ଗଁଲି ଏନ୍‌ତା କି ଜିଲାର ସବୁଆଡେ ପାଲନ୍ କରାଯାଏସି। ପରବ୍ ଦିନର ଲାଗି ଟୁକେଲମାନେ ଖେଲୁଥିବାର କୁଁଢ଼ି କାଁଚି ଆଗ୍‌ରୁ ସଜ୍‌ବାଜ୍ କରି ରଖି ଥାଏସନ୍। ସାତ୍ ପର୍‌କାର ଚନାକେ ଛୋଟ୍ ଟାଁଘିରିରେ ଧରି ଗୁଟେ ଜାଗାରେ ଠୋଲ୍ ହେସନ୍। ଇଆଡେ

**ସକାଲ୍ ପାଏଲେ ପୁରା ଉଆଁସ୍, ଛୁଆକର ଗହଗହ କହେଲେ ନାଇଁସରେ**

ପିଲାମାନେ ନିଜର ନିଜର ହାତୀ ଘୁଡାକେ ଫୁଲ୍, ସେଁନ୍ଦୁରରେ ସଜେଇ ଟୁକେଲ୍‌ମାନେ ଖେଲୁଥିବାର ଜାଗାରେ ପୁହୁଁଚିସନ୍। ସେଠାନେ ହାତୀ ଘୁଡାକେ ପୂଜା କର୍‌ବାର ସଂଗେ ଟୁକେଲ୍‌ମାନେ ଆନିଥିବାର ଖାଏଦ୍ ସେମାନ୍‌କୁ ଦେସନ୍। ତା'ପରେ ପିଲାମାଲେ ଯେ ଯାହାର ହାତୀ ଘୁଡା ଧରି ରାସ୍‌ତାରେ ଘିଚ୍‌ସନ୍। ଇଠାନର ଆର ଗୁଟେ ନିଆରା ପରବ୍ ହେଲା ଲଙ୍କାପୁଡି ବରବ୍। ମାଏଟ୍ ତିଆରି ଟେରାକୋଟା ହନୁମାନର ଲେଁଜେ ନିଆଁ ଧରେଇ ସଂଜ୍‌ବେଲେ ଛୁଆମାନେ ରାସ୍‌ତାରେ ଘିଚ୍‌ସନ୍। ଯେନ୍‌ଟାକେ ଦେଖିବାର ଲାଗି ରାସ୍‌ତାର ଦୁଇଫାଲେ ଶହ ଶହ ଲୋକ୍ ଠୋଲ୍ ହେଇଥିସନ୍।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୮ ସେପ୍ଟେମ୍ବର, ୨୦୧୮

**ଲକ୍ଷେକୁ କୋଟିଏ ଟଙ୍କା କରିଦେବା ନାଁରେ ଠକେଇ**
୧ ଲକ୍ଷ ଟଙ୍କା ଦେଲେ ଯାଦୁ କରି ୧କୋଟି କରି ଦେବା ନାଁରେ ଠକେଇ ଅଭିଯୋଗରେ ନୂଆପଡା ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ।



## ସଂକ୍ଷେପରେ



### ୨୮ ହିତାଧିକାରୀଙ୍କୁ ନୂତନ ଭତ୍ତା ପ୍ରଦାନ

ଜୁନାଗଡ,୭।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦୁନ୍ଦେଲମାଲ ପଞ୍ଚାୟତରେ ଶୁକ୍ରବାର ନୂତନ ଭର୍ତ୍ତା ବଣ୍ଟନ କରାଯାଇଛି। ଏଥିରେ ପଞ୍ଚାୟତର ୨୮ଜଣ ବୃଦ୍ଧାବୃଦ୍ଧ, ବିଧବା ହିତାଧିକାରୀଙ୍କୁ ନୂତନ ଭତ୍ତା ବଣ୍ଟନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନାଗଡ ବ୍ଲକ ଅଧକ୍ଷା ନୂର୍ଯ୍ୟ ମାଝି, ଭାରପ୍ରାପ୍ତ ବିଏସଏସଓ ସୁମନ୍ତ ମାଝି, ସ୍ଥାନୀୟ ସରପଞ୍ଚ ତ୍ରିଭୁବନ ପଣ୍ଡା, ଜିଆରଏସ ଦିବ୍ୟ ରଞ୍ଜନ ବେହେରାଙ୍କ ସମେତ ସମସ୍ତ ୱାର୍ଡ ସଦସ୍ୟ ଉପସ୍ଥିତ ରହିଥିଲେ।

### ସ୍ୱଚ୍ଛତା ସଚେତନତା ଅଭିଯାନ

ପଲମ,୭।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ସାନ୍ତପୁର ଗ୍ରାମରେ ସ୍ୱଚ୍ଛତା ସଚେତନତା ଅଭିଯାନ ଏବଂ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାନ୍ତପୁର ଗ୍ରାମସ୍ଥିତ ରାଧାକୃଷ୍ଣ ନୋଡାଲ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର, ଗ୍ରାମବାସୀ, ସ୍କୁଲ ଛାତ୍ରୀଛାତ୍ର, ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ନେଇ ଏକ ସପ୍ତାହ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ସ୍ୱଚ୍ଛତା କାର୍ଯ୍ୟକ୍ରମ ଓ ଚାରାରୋପଣ ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଛି । ଗତ ୫ ତାରିଖରେ ରାଧାକୃଷ୍ଣ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସର, ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ ଏବଂ ହାଇସ୍କୁଲ ରାସ୍ତା ଉଭୟ ପାର୍ଶ୍ୱରେ ସଫେଇ ସହ ଅନେକ ପ୍ରକାର ଚାରାରୋପଣ କରାଯାଇଥିଲା । ଏହି କାର୍ଯ୍ୟକୁ ସାନ୍ତପୁର ଗ୍ରାମସ୍ଥିତ ରାଧାକୃଷ୍ଣ ନୋଡାଲ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଙ୍ଗଠନ ସଭାପତି ଅଶୋକ କୁମାର ରାଉତ, ସରପଞ୍ଚ ଟିକେଧର ସାହୁ, ସମିତି ସଭ୍ୟ ଗୋବିନ୍ଦ ତାଣ୍ଡି, ପ୍ରଧାନ ଶିକ୍ଷକଙ୍କ ନେତୃତ୍ୱରେ ସାନ୍ତପୁର ଓ ଆଖପାଖ ଗ୍ରାମବାସୀ, ଅଭିଭାବକ, ଛାତ୍ରୀଛାତ୍ର ଏବଂ ଶିକ୍ଷକଶିକ୍ଷୟିତ୍ରୀମାନେ ଯୋଗଦେଇ ସ୍ୱଚ୍ଛତା ନେଇ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ ।

ଶ୍ରମିକଙ୍କ ମଜୁରି ବକେୟା ମାମଲା

# ବ୍ଲକ କର୍ମଚାରୀ ଦଣ୍ଡିତ

**ଅମ୍ବୁଡ୍ସମ୍ୟାନଙ୍କ ଅଦାଲତ**
- ମାମଲାର ବର୍ଷକ ପରେ ଶୁଣାଣୀର ନିର୍ଦ୍ଦେଶ
- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ବ୍ଲକ ପ୍ରଶାସନର ବେଖାତିର

ନୂଆପଡା ଅଫିସ,୭।୯
ଶ୍ରମିକମାନେ କାମ କରିବାର ଦୁଇ ବର୍ଷ ପରେ ମଧ୍ୟ ମଜୁରି ନ ମିଳିବା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରି ନୂଆପଡା ଅମ୍ବୁଡ୍ସମ୍ୟାନଙ୍କ ଅଦାଲତ ସମ୍ପୃକ୍ତ ଗ୍ରାମପଞ୍ଚାୟତ ତତକାଳୀନ ସରପଞ୍ଚ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଯନ୍ତ୍ରୀଙ୍କୁ ଅର୍ଥ ଦଣ୍ଡରେ ଦଣ୍ଡିତ କରି ଥିବାବେଳେ ଏବର ସରପଞ୍ଚ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ଯନ୍ତ୍ରୀଙ୍କୁ ଅମ୍ବୁଡ୍ସମ୍ୟାନଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ମାମଲାରେ ଦଣ୍ଡିତ କରାଯାଇଛି। ଅନ୍ୟପକ୍ଷେ ଶ୍ରମିକମାନଙ୍କୁ ଆଗାମୀ ମାସକ ମଧ୍ୟରେ ସମସ୍ତ ପେମେଣ୍ଟ ପ୍ରଦାନ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ବିବରଣୀମତେ ୨୦୧୩-୧୪ବର୍ଷରେ ନୂଆପଡା ବ୍ଲକ କୁଲିହାବନ୍ଧା ଗ୍ରାମପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସରେ କୁଲିହାବନ୍ଧାରୁ ସେନଭଟା ରାସ୍ତା ଉନ୍ନତିକରଣ ବାବଦକୁ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କାମ ହୋଇଥିଲା । ୨ ବର୍ଷ ବିତିଯାଇଥିଲେ ମଧ୍ୟ ଏଥିରେ କାମ କରିଥିବା ୬୫ ଜଣ ଶ୍ରମିକଙ୍କ ପେମେଣ୍ଟ ବାକି ଥିବା ନେଇ ଶ୍ରମିକମାନେ ବାରମ୍ବାର ବ୍ଲକରୁ ଜିଲା କାର୍ଯ୍ୟାଳୟକୁ ଦୌଡି ନୟାନ୍ତ ହୋଇଥିଲେ । ଗତବର୍ଷ ଅକ୍ଟୋବରରେ ଶ୍ରମିକମାନେ ସିଧା ଅମ୍ବୁଡ୍ସମ୍ୟାନଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହାକୁ ଭିତ୍ତି କରି ଅମ୍ବୁଡ୍ସମ୍ୟାନ ଆର.ବିଜୟରାଜ ତଦନ୍ତ ଆରମ୍ଭ କରିଥିଲେ । ଏଥିରେ ୫ଲକ୍ଷ ଟଙ୍କା ମଧ୍ୟରୁ ୪ଲକ୍ଷ ୫୩ ହଜାର ୯୬ ଟଙ୍କା ପେମେଣ୍ଟ ହୋଇଥିବାବେଳେ ବାକିଟଙ୍କା ମିଳିନ ଥିଲା । ଏହାସହ ଏମଜିଏନଆରଇଜିଏସ ଆକ୍ଟ ମୁତାବକ କୌଣସି ନିୟମକୁ ଠିକ ଭାବେ ପାଳନ କରାଯାଇ ନ ଥିବା ଶ୍ରମିକମାନେ ପ୍ରକାଶ କରିଥିଲେ । ଏହି ବାବଦକୁ ଆହୁରି ୬୯ ହଜାର ୩୦୭ ଟଙ୍କା ବାକି ରହିଥିବା ଖୋଦ ବିଡିଓ ଆମ୍ବୁଡ୍ସମ୍ୟାନଙ୍କୁ ରିପୋର୍ଟରେ ଦର୍ଶାଇଥିଲେ । ଏହା ଜଣାପଡିବା ପରେ ଏବର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଯନ୍ତ୍ରୀ ଏବଂ ସରପଞ୍ଚଙ୍କୁ ପେମେଣ୍ଟ ପ୍ରଦାନ କରି ସମାଧାନ କରିବାକୁ ଆମ୍ବୁଡ୍ସମ୍ୟାନ ନିର୍ଦ୍ଦେଶ କରିଥିଲେ । ହେଲେ ତାହା କାର୍ଯ୍ୟକାରୀ ହେଲା ନାହିଁ । ଅନ୍ୟପକ୍ଷେ ପଞ୍ଚାୟତ ତରଫରୁ କୌଣସି ପ୍ରକାର କାଗଜାତ ଦାଖଲ କରାଯାଇ ନ ଥିଲା । ତେବେ ଏସବୁ ତଥ୍ୟର ସବିଶେଷ ଶୁଣାଣି କରି ସମସ୍ତ ଶ୍ରମିକମାନଙ୍କ ପାରିଶ୍ରମିକ ବାବଦକୁ ୬୯ ହଜାର ୩୦୭ ଟଙ୍କା ବକେୟା ଥିବାବେଳେ ସୁଧ ସହ ମୋଟ ୮୩ ହଜାର ୬୫ ଟଙ୍କା ୪୧ ପଇସା ଦେବାକୁ କୋର୍ଟ ନିର୍ଦ୍ଦେଶ କରିଛନ୍ତି । ଏହିସବୁ ସମ୍ପୃକ୍ତ ଶ୍ରମିକମାନଙ୍କୁ ମାସକ ମଧ୍ୟରେ ପ୍ରଦାନ କରିବାକୁ ବିଡିଓ ସୁନୀଲ କୁମାର କେର୍କେଟାଙ୍କୁ ନିର୍ଦ୍ଦେଶ ହୋଇଛି । ଏଥିପାଇଁ ଦାୟି ରହିଥିବା ପୂର୍ବତନ ସରପଞ୍ଚ ଚୈତନ ବରିହା, କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱଦେଶ ପଟ୍ଟନାୟକ, ଯନ୍ତ୍ରୀ ଗୌରି ସିଂ, ଗ୍ରାମ ରୋଜଗାର ସେବକ ଧନଞ୍ଜୟ ଗୌଡଙ୍କୁ ପ୍ରତ୍ୟେକେ ୫ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବାକୁ କୁହାଯାଇଛି । ଆମ୍ବୁଡ୍ସମ୍ୟାନଙ୍କ ନିର୍ଦ୍ଦେଶର ଅବମାନନା ପାଇଁ ବର୍ତ୍ତମାନର ସରପଞ୍ଚ ଜିରାବାଇ ଗୌଡ, କାର୍ଯ୍ୟ ନିର୍ବାହୀ ଅଧିକାରୀ ନରେଶ ସାହୁ ଏବଂ ଯନ୍ତ୍ରୀ ଦୀନବନ୍ଧୁ ଶବରଙ୍କୁ ପ୍ରତ୍ୟେକେ ହଜାରେ ଲେଖାଏଁ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଇଥିବା ପ୍ରକାଶ। ଅମ୍ବୁଡ୍ସମ୍ୟାନଙ୍କ ଅଦାଲତର ଏଭଳି ଶୁଣାଣିକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିବା ବେଳେ ଏମଜିଏନଆରଇଜିଏସ ଭଳି ଗୁରୁତ୍ୱ ପୂର୍ଣ୍ଣ ଯୋଜନାର ଅଭିଯୋଗର ବର୍ଷକ ପରେ ମିଳିଥିବା ବିଳମ୍ବିତ ନ୍ୟାୟକୁ ସମାଲୋଚନା ମଧ୍ୟ କରାଯାଇଛି । ଏ ବିଷୟରେ ଅମ୍ବୁଡ୍ସମ୍ୟାନ ଆର.ବିଜୟରାଜଙ୍କୁ ପଚାରିବାରେ ପ୍ରଶାସନ ତରଫରୁ ତଥ୍ୟ ପ୍ରଦାନରେ ବିଳମ୍ବ କରାଯାଇଥିବାରୁ ଶୁଣାଣିରେ ବିଳମ୍ବ ହୋଇଥିବା କହିଛନ୍ତି ।

ଲକ୍ଷେକୁ କୋଟିଏ ଟଙ୍କା କରିଦେବା ନାଁରେ ଠକେଇ

# ୨ ଅଭିଯୁକ୍ତଙ୍କୁ ଧରିଲା ପୋଲିସ

**ନୂଆପଡାରୁ ଛତିଶଗଡକୁ ଲମ୍ବିଥିଲା ଚେର**



ଗିରଫ କରାଯାଇଥିବା ଅଭିଯୁକ୍ତଙ୍କ ସହ ପୋଲିସ କର୍ମଚାରୀମାନେ ।

ନୂଆପଡା ଅଫିସ,୭।୯
୧ ଲକ୍ଷ ଟଙ୍କା ଦେଲେ ଯାଦୁକରି ୧କୋଟି କରି ଦେବା ନାଁରେ ଠକେଇ ଅଭିଯୋଗରେ ନୂଆପଡା ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ନୂଆପଡା ନିକଟସ୍ଥ ସିଲଦାରୁ ଜଣଙ୍କୁ ଏବଂ ଅନ୍ୟ ଜଣଙ୍କୁ ଛତିଶଗଡରୁ ପୋଲିସଠାବ କରିଥିବାରୁ ଏହାର ଚେର ନୂଆପଡାରୁ ଛତିଶଗଡକୁ ଲମ୍ବିଥିବା ଜଣାପଡିଛି । ଗିରଫ ୨ ଅଭିଯୁକ୍ତ ହେଲେ ଭୁବନ ପର୍ଡି (୬୫) ଏବଂ ରତିକାନ୍ତ ଶବର। ଛତିଶଗଡ ରାୟପୁର ଜିଲା ଖରୋଡା ଥାନା ଖଉଲି ଗାଁର ଗୌତମ ଚନ୍ଦ୍ରକାର (୨୮) ନାମକ ବ୍ୟକ୍ତିଙ୍କ ଗୋଡ ଆଜକୁ ଦୁଇ ବର୍ଷ ହେବ ଅଚଳ ହୋଇପଡିଥିଲା । ଏଥିପାଇଁ ସେଠିକାର ବୁଡେରି ଗାଁର ଭୁବନ ପର୍ଡି (୬୫) ନାମକ ବ୍ୟକ୍ତିଙ୍କୁ ଦେଖା କରିଥିଲେ । ସେ ଏହାକୁ ତୁରନ୍ତ ଠିକ କରିଦେବେ ବୋଲି କହିଥିଲେ। ଯୋଜନାନୁଯାୟୀ ଗୌତମଙ୍କୁ ନେଇ ଭୁବନ ଗତ ମଙ୍ଗଳବାର ସିଲଦାସ୍ଥିତ ରତିକାନ୍ତ ଶବରଙ୍କ ଘରକୁ ଆସିଥିଲେ । ଏଠାରେ ଚିକିତ୍ସା ପାଇଁ ପ୍ରକ୍ରିୟା ଚଳାଇବା ସହ ଲକ୍ଷେ ଟଙ୍କା ଦେଲେ ୧ କୋଟି ଟଙ୍କା ଦେବେ ବୋଲି କହିଥିଲେ । ସେହି ଅନୁଯାୟୀ ଗୌତମ ୫୦ ହଜାର ଟଙ୍କା ଦେଇଥିଲେ । ପରେ ପୁଣି ବାକି ୫୦ ହଜାର ଟଙ୍କା ଦେଲେ ଯାଇ କୋଟିଏ ଟଙ୍କା ହେବ ବୋଲି କହିବାରୁ ଗୌତମ ଟଙ୍କା ଆଣିବାକୁ ଘରକୁ ଯାଇଥିଲେ । ତାଙ୍କ ସମ୍ପର୍କୀୟମାନେ ଏହା ଠକେଇ ବୋଲି କହିବାରୁ ନିଜ ସହଯୋଗୀଙ୍କ ସହ ମିଶି ବୁଧବାର ନୂଆପଡା ଥାନାକୁ ଆସିଥିଲେ । ଏଠାରେ ପୋଲିସର ଯୋଜନାମୁତାବକ ବୁଧବାର ରାତିରେ ରତିକାନ୍ତଙ୍କ ଘରକୁ ଗୌତମ ଯାଇଥିଲେ । ପୂଜାପାଠ ଚାଲିଥିବା ସମୟରେ ପୋଲିସ ଚଢାଉ କରିଥିଲା । ଏଠାରୁ ତାଙ୍କୁ ଗିରଫ କରିଥିବା ବେଳେ ପରବର୍ତ୍ତି ସମୟରେ ଭୁବନଙ୍କୁ ଗିରଫ କରାଯାଇଛି । ଏ ନେଇ ପୋଲିସ ଦଫା ୪୨୦, ୩୪ରେ ଏକ ମାମଲା (ନଂ. ୧୨୩/୧୮) ରୁଜୁ କରି ଗୁରୁବାର ସନ୍ଧ୍ୟାରେ ନୂଆପଡା କୋର୍ଟକୁ ଚାଲାଣ କରାଯାଇଥିବା ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଯେ କୌଣସି ପ୍ରକାର ଠକେଇ ସମ୍ପର୍କରେ ଜନସାଧାରଣ କିଛି ସୁରାକ ପାଇଲେ ତୁରନ୍ତ ପୋଲିସକୁ ଯୋଗାଯୋଗ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି ।

# ମ. ରାମପୁର, ନର୍ଲାରେ ଜାତୀୟ ପୁଷ୍ଟି ସପ୍ତାହ ପାଳିତ

ଭବାନୀପାଟଣା,୭।୯(ଡି.ଏନ.ଏ.)
ପ୍ରତିବର୍ଷ ସେପ୍ଟେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ଜାତୀୟ ପୁଷ୍ଟି ସପ୍ତାହ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର କ୍ଷେତ୍ର ଜନ ସମ୍ପର୍କ ବ୍ୟୁରୋ କଳାହାଣ୍ଡି ପକ୍ଷରୁ ଗତ ଗୁରୁବାର ଓ ଶୁକ୍ରବାର ଜିଲାର ମଦନପୁର ରାମପୁର ଓ ନର୍ଲା ବ୍ଲକ୍‌ର ସଦର କାର୍ଯ୍ୟାଳୟଠାରେ ଜାତୀୟ ପୁଷ୍ଟି ସପ୍ତାହ ପାଳିତ ହୋଇଯାଇଛି । ସୁଷମ ଓ ପୁଷ୍ଟିଯୁକ୍ତ ଆହାର ଅଭ୍ୟାସ ଏବଂ ଅପପୁଷ୍ଟି ବିରୋଧରେ ଲଢେଇ ପାଇଁ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଗୁରୁବାର ମଦନପୁର ରାମପୁର ବ୍ଲକ୍ କାର୍ଯ୍ୟାଳୟଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ରୁମାନା ଜାଫ୍ରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । ଏଥିରେ ଅତିଥି ଭାବେ ମ.ରାମପୁରର ଶିଶୁବିକାଶ ପ୍ରକଳ୍ପ ଅଧିକାରୀ ଅର୍ଚ୍ଚନା କହଁର, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମନୋଜ ପାଣିଗ୍ରାହୀ, ଅଞ୍ଜଳି ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । ସେହିପରି ଶୁକ୍ରବାର ନର୍ଲା ବ୍ଲକ୍ କାର୍ଯ୍ୟାଳୟଠାରେ ମଧ୍ୟ ଜାତୀୟ ପୁଷ୍ଟି ସପ୍ତାହ ନର୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବ୍ୟାସଦେବ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । ଏଥିରେ ଅନ୍ୟତମ ଅତିଥି ଭାବେ ନର୍ଲା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଦୀପ୍ତି ମାର୍ଗାରେଟ କନ୍ଧପାଣି, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବିମଳ ଦୀପ, ଗୀତାଞ୍ଜଳୀ ସାହୁ, ବ୍ଲକ୍ ଶିକ୍ଷା ଅଧିକାରୀ ନିରୂପମା ଦୋରା ପ୍ରମୁଖ ଯୋଗଦେଇ ମହିଳାଙ୍କ ଗର୍ଭାବସ୍ଥାରୁ ଶିଶୁକୁ ଦୁଇବର୍ଷ ହେବା ପର୍ଯ୍ୟନ୍ତ ଏହି ହଜାରେ ଦିନରେ ଉତ୍ତମ ପୁଷ୍ଟି ଶିଶୁର ଉତ୍ତମ ସ୍ୱାସ୍ଥ୍ୟର ମୂଳଦୁଆ ପକାଇଥାଏ ବୋଲି ପ୍ରକାଶ କରିଥିଲେ । ଉଭୟ କାର୍ଯ୍ୟକ୍ରମରେ ଶତାଧିକ ମହିଳା ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ । ଏହି ଅବସରରେ ସେମାନଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ୨୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ମହିଳା ଗୋଷ୍ଠୀମାନଙ୍କ ଦ୍ୱାରା ବିଭିନ୍ନ ସୁଷମ ଖାଦ୍ୟର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଉଭୟ ବ୍ଲକ୍ କାର୍ଯ୍ୟକ୍ରମକୁ ଭାରତ ସରକାରଙ୍କ କ୍ଷେତ୍ର ଜନସମ୍ପର୍କ ବ୍ୟୁରୋ, କଳାହାଣ୍ଡିର ଅଧିକାରୀ ବିଷ୍ଣୁ ଚରଣ ସାହୁ ପରିଚାଳନା କରିଥିଲେ ।

## ସ୍ୱାସ୍ଥ୍ୟ ସମସ୍ୟା ପ୍ରତିକାର ଉପରେ ଗୁରୁତ୍ୱ

ବରଗଡ଼ ଅଫିସ୍,୭।୯
ବରଗଡ଼ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ଡି'ର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ପରିଷଦ ଅଧକ୍ଷା ମୁକ୍ତା ସାହୁ ଅଧକ୍ଷତା କରିଥିଲେ । ଜିଲା ପରିଷଦ ସଭ୍ୟ ଉମେଶ ଚନ୍ଦ୍ର ମେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଦୋରା ବୈଠକରେ ସୂଚନା ଦେଇ କହିଥିଲେ, ଜିଲାରେ ୧୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୪୭ ଉପ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ କରୁଛି । ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୨୦ ଡାକ୍ତର ପଦବୀ ଖାଲି ପଡ଼ିଥିବା ସେ ସୂଚନା ଦେଇଥିଲେ। ଜିଲାରେ ନିର୍ମାଣ ହୋଇଥିବା ସ୍ୱାସ୍ଥ୍ୟକେନ୍ଦ୍ର, କର୍ମଚାରୀଙ୍କ ବାସଗୃହରେ ଜଳଯୋଗାଣ, ବିଦ୍ୟୁତ୍‌କରଣ ଏବଂ ଦୀର୍ଘଦିନ ଧରି ଗୋଟିଏ ସ୍ଥାନରେ ଅବସ୍ଥାପିତ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯିବା ପାଇଁ ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗାଁ କଲ୍ୟାଣ ପାଣ୍ଠିକୁ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ, ପୃଷ୍ଟି ଓ ପରିମଳ ପାଇଁ ୨୬ଲକ୍ଷ ୬୨ହଜାର ୫୦୦ ଟଙ୍କା ଜୁନ ମାସ ପର୍ଯ୍ୟନ୍ତ ପ୍ରଦାନ କରାଯାଇ ଥିବାବେଳେ ସେଥିରୁ ୧୩ଲକ୍ଷ ୮୭ହଜାର ୪୫୪ ଟଙ୍କା ଜୁଲାଇ ମାସ ସୁଦ୍ଧା ଖର୍ଚ୍ଚ ହୋଇଥିବା ସୂଚନା ଦିଆଯାଇଥିଲା।

# ହାତଧୁଆ ଦିବସ ପାଳନ

ରିଷିଡା/ମଦନପୁର,୭।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ଗତ ୧ ତାରିଖରୁ ପାଳନ କରାଯାଉଛି । ଏହି ଅବସରରେ ଶୁକ୍ରବାର ହାତଧୁଆ ଦିବସ ପାଳନ କରାଯାଇଛି । ଶିକ୍ଷକଶିକ୍ଷୟିତ୍ରୀମାନେ ଛାତ୍ରୀଛାତ୍ରଙ୍କୁ ହାତଧୁଆର ବିଭିନ୍ନ କୌଶଳ ଶିଖାଇଥିଲେ । ନିୟମିତ ଭାବେ ଖାଇବା ପୂର୍ବରୁ ହାତଧୋଇବା ନିଶ୍ଚିତ କରିବା ଲକ୍ଷ୍ୟରେ ଏହି ସ୍ୱଚ୍ଛତା ପକ୍ଷ ପାଳନ କରାଯାଉଛି । ସେହିପରି ମ. ରାମପୁର ବ୍ଲକ ମଦନପୁର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହାତଧୁଆ ଦିବସ ପାଳନ କରାଯାଇଛି ।



ମ. ରାମପୁର ବ୍ଲକ ଗୋଛାଡେଙ୍ଗେନ ପଞ୍ଚାୟତ ବେଲୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଗଣ ହାତଧୁଆର କୌଶଳ ପ୍ରଦର୍ଶନ କରୁଛନ୍ତି ।

# ମାଗଣାରେ ହେବ ରୁପାଲିଙ୍କ ଅସ୍ତ୍ରୋପଚାର

**ଧରିତ୍ରୀର ପ୍ରଭାବ**

ଜୁନାଗଡ,୭।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ପିଲିକିଆ ଗ୍ରାମ ହରେକୃଷ୍ଣ ଘିଙ୍କ ଦେଢ ବର୍ଷର ଝିଅ ରୁପାଲି ହୃଦରୋଗରେ ଶିକାର ହୋଇଛନ୍ତି । ଅର୍ଥାଭାବରୁ ଗତ ରବିବାର ଭୁବନେଶ୍ୱରସ୍ଥିତ ଏମ୍ସ ଡାକ୍ତରଖାନରେ ତାଙ୍କର ଅସ୍ତ୍ରୋପଚାର କରାଇ ନ ପାରି ପରିବାରବର୍ଗ ଘରକୁ ନେଇ ଆସିଥିଲେ। ଏହି ଘଟଣା ସମ୍ପର୍କରେ ଶୁକ୍ରବାର ଧରିତ୍ରୀର ଏକ ରିପୋର୍ଟ ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସମ୍ପୃକ୍ତା ଶିଶୁ କନ୍ୟାର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଆଗେଇ ଆସିଛି। ସ୍ୱାସ୍ଥ୍ୟ ବିଭାଗର ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସକେ) ଜରିଆରେ ରୁପାଲିଙ୍କ ମାଗଣା ଅସ୍ତ୍ରୋପଚାର କରାଯିବ ବୋଲି ବିଭାଗ ପକ୍ଷରୁ ଜଣାପଡିଛି। ଶୁକ୍ରବାର ଧରିତ୍ରୀରେ ଖବର ପ୍ରକାଶ ପରେ ଉକ୍ତ ଦିନ ଜୁନାଗଡ ମୋବାଇଲ ହେଲଥ୍ ଟିମ୍-୧ ରୁପାଲିଙ୍କ ଘରେ ପହଞ୍ଚିଥିଲେ। ଏଥିରେ ଡାକ୍ତର ପ୍ରଦ୍ୟୁମ୍ନ ଶତପଥୀ ଓ ଫାମାସିଷ୍ଟ ଶ୍ରୀନିବାସ ତ୍ରିପାଠୀ ରୁପାଲିଙ୍କ ସ୍ୱାସ୍ଥ୍ୟବସ୍ଥା ପରଖିଥିଲେ। ପରେ ଡାକ୍ତରୀ ଗାଡିରେ ରୁପାଲିଙ୍କୁ ଭବାନୀପାଟଣାସ୍ଥିତ ଜିଲା ଚିକିତ୍ସା କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଶିଶୁ ବିଶେଷଜ୍ଞ ରୁପାଲିଙ୍କ ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରିବା ପରେ କିଛି ଦିନର ଔଷଧ ଖାଇବାକୁ ଦେଇଛନ୍ତି। ଉକ୍ତ ଔଷଧ ସରିବା ପରେ ଖୁବଶୀଘ୍ର ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ରୁପାଲିଙ୍କ ଅସ୍ତ୍ରୋପଚାର କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡିଛି।

ଅବକାରୀ ଅଫିସକୁ ଯୋଗାଯୋଗ ବିଚ୍ଛିନ୍ନ

# ୫ବର୍ଷ ହେଲା ଲ୍ୟାଣ୍ଡଲାଇନ ଖରାପ

**ଅଧିକାରୀଙ୍କ ମୋବାଇଲ ନମ୍ବର ମନା**

ନୂଆପଡା ଅଫିସ,୭।୯
ଯେ କୌଣସି ଜାଗାରେ ବେଆଇନ ଭାବେ ମଦ ରନ୍ଧା, ବିକ୍ରି କିମ୍ବା ଚାଲାଣ ହେଉଥାଏ ସେ ବିଷୟରେ ସମ୍ପୃକ୍ତ ଅଧିକାରୀଙ୍କ କାର୍ଯ୍ୟାଳୟକୁ ତୁରନ୍ତ ଯୋଗାଯୋଗ କରନ୍ତୁ ବୋଲି ରାଜ୍ୟ ସରକାର ଆହ୍ୱାନ କରିଥାନ୍ତି । ଏଥି ପାଇଁ କାର୍ଯ୍ୟାଳୟରେ ଏକ ଟୋଲ ଫ୍ରି ନମ୍ବରଯୁକ୍ତ ଫୋନ ରହିବାର ମଧ୍ୟ ନିର୍ଦ୍ଦେଶନାମା ରହିଛି । ହେଲେ ନୂଆପଡା ଜିଲା ଅବକାରୀ ବିଭାଗ କାର୍ଯ୍ୟାଳୟରେ ଆଜକୁ ୪/୫ବର୍ଷ ହେବ ଲ୍ୟାଣ୍ଡ ଫୋନ ଅଚଳ ହୋଇଥିବା ବେଳେ ଅଧିକାରୀ ଜଣକ କାହାରିକୁ ନିଜ ମୋବାଇଲ ନମ୍ବର ଦେବାକୁ ମନା କରିଦେଇଛନ୍ତି । ଏଭଳି ସ୍ଥିତିରେ ନୂଆପଡା ଜିଲାରେ ମଦ ଧରପଗଡ କିପରି ହେଉଥିବା ତାହା ସହଜେ ଅନୁମେୟ । ପ୍ରକାଶ ଯେ, ନୂଆପଡା ଏକ ଉପାନ୍ତ ଜିଲା । ଏହା ଏକ ଆଦିବାସୀ ଅଧ୍ୟୁଷିତ ଜିଲା ସାଙ୍ଗକୁ ଏଠିକାର ଅର୍ଦ୍ଧାଧିକ ଅଞ୍ଚଳ ପାହାଡ ପର୍ବତରେ ଘେରି ରହିଛି । ବହୁ ଉପାନ୍ତ ଅଞ୍ଚଳରେ ଲୋକେ ରନ୍ଧା ମଦ ପିଇ ମୃତ୍ୟୁକୁ ଆଦରି ନେଉଥିବା ବେଳେ ବେଆଇନ ଭାବେ ଜିଲାରେ ହଜାର ହଜାର ବେଆଇନ ମଦ କୋଠି ଚାଲିଛି । ବିଭାଗ କେବଳ ନାଁକୁ ମାତ୍ର ନିଜ ଉପରୁ ଦୋଷ ଖସାଇବାକୁ ଗୋଟିଏ ଦ୍ୱିଟା ମାମଲା ରୁଜୁ କରି ନିଜର କର୍ତ୍ତବ୍ୟ ସାରି ଦେଉଛନ୍ତି । ଏହା ଉପରେ ବହୁ ଲୋକ କାର୍ଯ୍ୟାଳୟକୁ ସୂଚନା ଦେବାକୁ ଆସୁଥିଲେ ହେଁ କେବେ ଅଧିକାରୀଙ୍କୁ ଭେଟି ନ ପାରି ନିରଶ ହୋଇ ଫେରିଯାଉଥିବା ଅଭିଯୋଗ କରିଛନ୍ତି । ଏପରିକି ଅଧିକାରୀଙ୍କ ଫୋନ ନମ୍ବର ଲୋକେ ମାଗିଲେ କେହି ଦେଉନାହାନ୍ତି । ଏଭଳି ସ୍ଥିତିରେ ଲୋକେ ଆଉ କାହାକୁ ଭରସା କରି ସୂଚନା ଦେବେ । ଏ ବିଷୟରେ ଜିଲା ଅବକାରୀ ଅଧୀକ୍ଷକ ରାମ ନାରାୟଣ ସେଠଙ୍କୁ ଆମ ପ୍ରତିନିଧି ଭେଟିବାକୁ ଦୁଇ ତିନି ଦିନ ଲଗାତର ଯାଇ ଅପେକ୍ଷା କରିଥିଲେ । ଶେଷରେ ଭେଟିବାକୁ ପାଇଥିଲେ । ତାଙ୍କୁ ଏ ସମ୍ପର୍କରେ ପଚାରିବାରୁ ମୋର ବ୍ୟକ୍ତିଗତ ଫୋନ ନମ୍ବର ଅଛି । ଏହା କାହାରିକୁ ଦିଏ ନାହିଁ । ଏହି ନମ୍ବର ଅଫିସର କୌଣସି କର୍ମଚାରୀଙ୍କୁ ମଧ୍ୟ ଜଣାନାହିଁ ବୋଲି ସିଧା କହିଥିଲେ । ତାଙ୍କ ନିକଟରେ ଥୋଇଥିବା ଟେଲି ଫୋନ ବିଷୟରେ ପଚାରିବାରେ ଏହା ଆଜକୁ ବହୁ ବର୍ଷ ଧରି ବନ୍ଦ ହୋଇ ପଡିଛି । ଏହାକୁ ଟେଲିକମ ବିଭାଗ ଠିକ କରୁନାହିଁ ବୋଲି କହିଥିଲେ । ଜିଲାରେ ଟାର୍ଗେଟ ମୁତାବକ ଅବକାରୀ କର ଆଦାୟ ହେଉଛି । କେଶ ମଧ୍ୟ ରୁଜୁ ହେଉଛି । କୌଣସି ଅସୁବିଧା ହେଉନାହିଁ ବୋଲି କହିଥିଲେ । ହେଲେ ଅଫିସ ତରଫରୁ ଜନସମ୍ପର୍କଙ୍କୁ ଯଦି ଗୁରୁତ୍ୱ ଦିଆଯାଏ ତେବେ ନିହାତି ଭାବେ ଜିଲା ପାଇଁ ଏହା ଶୁଭଙ୍କର ହେବେ ବୋଲି ମତ ପ୍ରକାଶ ପାଇଛି । ଏହା ଉପରେ ଜିଲା କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।



ଜିଲା ଅବକାରୀ ଅଧୀକ୍ଷକଙ୍କ ନିକଟରେ ଅଚଳ ହୋଇ ପଡିଥିବା ଟେଲିଫୋନ।

ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନା ବାଟବଣା

# ୨ ବର୍ଷ ପରେ ବି ଶ୍ରମିକଙ୍କୁ ମିଳିନି ପାଉଣା

ଜୁନାଗଡ,୭।୯(ଡି.ଏନ.ଏ.)
ଶ୍ରମିକମାନଙ୍କୁ ବର୍ଷକୁ ଶହେ ଦିନର କାମ ଯୋଗାଇବା ପାଇଁ କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) କାର୍ଯ୍ୟକାରୀ କରିଛନ୍ତି। ଏପରିକି କାମ କରିବା ୧୫ ଦିନ ମଧ୍ୟରେ ଶ୍ରମିକଙ୍କୁ ପାଉଣା ଦେବା ମଧ୍ୟ ନିୟମ ରହିଛି। ହେଲେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏଠାରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ କରି ୨ ବର୍ଷ ପରେ ବି ଶ୍ରମିକଙ୍କୁ ପାଉଣା ମିଳି ନ ଥିବା ଅଭିଯାଗ ହେଉଛି। ବ୍ଲକର ଚିଟୈଗୁଡା ପଞ୍ଚାୟତରେ ଏପରି ଅଭିଯୋଗ ଆସିଛି। ଏହି ପଞ୍ଚାୟତର ଯମୁନାବାହାଲ(କ) ନୁଆବନ୍ଧଠାରେ ମାଟି ଖୋଳିବା ପାଇଁ ଗତ ୨୦୧୬-୧୭ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଯମୁନାବାହାଲ(କ) ଓ ନୂଆଗୁଡା ଗ୍ରାମର ପ୍ରାୟ ୪୦ ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ସମ୍ପୃକ୍ତ ଶ୍ରମିକମାନେ ପ୍ରାୟ ୫ ସପ୍ତାହ ଧରି ସେଠାରେ ମାଟି ଖୋଳା କାମରେ ନିୟୋଜିତ ଥିଲେ। ତାଙ୍କର ପାରିଶ୍ରମିକ ବାବଦ ଟଙ୍କା ଜଣେ ଲେଖାଏଁ ହିସାବରେ ପ୍ରାୟ ୭ ହଜାର ଉର୍ଦ୍ଧ୍ୱ ଟଙ୍କା ହେବାକୁ ଥିବାବେଳେ କେବଳ ୨ଟି ବିଲର ମାତ୍ର ୨ ହଜାର ଟଙ୍କା ସେମାନଙ୍କୁ ମିଳିଛି। ଅବଶିଷ୍ଟ ଟଙ୍କା ଏଯାଏ ମିଳିନାହିଁ। ଇତିମଧ୍ୟରେ ୨ବର୍ଷ ବିତିଯାଇଥିଲେ ମଧ୍ୟ ଶ୍ରମିକଙ୍କୁ ତାଙ୍କ ପ୍ରାପ୍ୟ ମିଳିନାହିଁ। ଏହାକୁ ସେମାନଙ୍କ ମଧ୍ୟରେ ଏବେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ଅବଶିଷ୍ଟ ଟଙ୍କା ପାଇଁ ଉକ୍ତ ଶ୍ରମିକମାନେ ଜୁନାଗଡ ବିଡିଓ, କଳାହାଣ୍ଡି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପ୍ରତିଶ୍ରୁତି ଛଡା ଅନ୍ୟ କିଛି ମିଳିନାହିଁ । ଏହି ଶ୍ରମିକମାନେ ଅତ୍ୟନ୍ତ ଗରୀବ ଶ୍ରେଣୀର ହୋଇଥିବା ବେଳେ କାମ କରି ଯାହା କିଛି ଅର୍ଥ ଆଣିଲେ ସେଥିରେ ସେମାନେ ନିଜ ଗୁଜୁରାଣ ମେଣ୍ଟାଇଥାନ୍ତି। ଆଗକୁ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଆସୁଥିବାରୁ ପାଖରେ ଟଙ୍କା ନ ଥିବାରୁ ଏହି ଗଣପର୍ବ କିଭଳି ପାଳନ କରିବୁ ବୋଲି ସେମାନେ କ୍ଷୋଭରେ ସହ କହନ୍ତି। ଯମୁନାବାହାଲ(କ) ଗ୍ରାମର ପଦ୍ମଲୋଚନ ଦଣ୍ଡସେନା, ହୀରା ଦଣ୍ଡସେନା, ଶ୍ୟାମ ଲହଜଲ, ଖୀର ଲହଜଲ, ଅଜୟ ଲହଜଲ, ଜନ୍ମେଜୟ ଲହଜଲ, ତାରାଚନ ଭୋଇ, ସାବେ ଦଣ୍ଡସେନା, ସ୍ୱର୍ଣ୍ଣଲତା ଭୋଇ, ମହୁରୀ ଭୋଇ, ସପୁରୀ ଭୋଇ, ରଜନୀ ମାଝି, ପଦ୍ମଲୋଚନ ମାଝି, ଉର୍ମଳା ମାଝି, ପୂର୍ଣ୍ଣମୀ ମାଝି, ପୁଷ୍ପ ଦଣ୍ଡସେନା, ସୁରେଶ ମାଝି, ପରମାନନ୍ଦ ଦଣ୍ଡସେନା, ଜୟନ୍ତ ଦଣ୍ଡସେନା, ବୃଷଭ ଦଣ୍ଡସେନା ରହିଛନ୍ତି । ସେହିପରି ନୂଆଗୁଡା ଗ୍ରାମର ସୁଧୀର ସୁନାନୀ, ସୁଶିଲ ସୁନାନୀ, ସୁମିତ୍ରା ନିଆଲ, ଅଭିରାମ ସୁନାନୀ, ଗୁରୁବାରୀ ସୁନାନୀ, ନୀର ସୁନାନୀ, ଲଛମନ ନିଆଲ, ଟିକେରାମ ନିଆଲ ପ୍ରମୁଖ ଶ୍ରମିକ କାମ କରିଛନ୍ତି। ଏ ନେଇ ସ୍ଥାନୀୟ ଜିଆରଏସ ସୁଶାନ୍ତ କୁମାର ମେହେରଙ୍କୁ ପଚାରିବାରୁ ସେତେବେଳେ ଥିବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀ ବଦଳି ହୋଇଯିବାରୁ ଏପରି ହୋଇଛି ବୋଲି କହିଥିଲେ। ଜୁନାଗଡ ବିଡିଓ ପରମବ୍ରହ୍ମ ଯୋଷୀଙ୍କୁ ପଚାରିବାରୁ ଅକ୍ଟୋବରରୁ ନଭେମ୍ବର ମଧ୍ୟରେ ସେମାନେ ତାଙ୍କ ପ୍ରାପ୍ୟ ପାଇ ପାରିବେ ବୋଲି କହିଥିଲେ।

**ଜୁନାଗଡ ବ୍ଲକ**



ଜବ୍‌କାର୍ଡ ସହ କାମ କରି ପାଉଣା ପାଇ ନ ଥିବା ଶ୍ରମିକମାନେ ।